# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 29/2023 | Page 16 | ₹ 7.00

୪୯ଶ ଭାଗ ୨୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 214 | ମୂଲ୍ୟ ₹୭/-





**ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ**

ସ୍ୱିଡେନ୍‌ର ପୋଲଭଲ୍ଟର ଅର୍ମଣ୍ଡ ଡୁପ୍ଲାଣ୍ଟିସ ଗୋଲ୍ଡେନ୍ ସ୍ପାଇକ୍ ମିଟ୍‌ରେ ୬.୧୨ ମିଟର ଦୂରତା ହାସଲ କରି ବିଶ୍ୱରେକର୍ଡ କରିଛନ୍ତି।

୧୪

୧୩

**ଖୁସିରେ ଉଛୁଳୁଛନ୍ତି ପୂଜା ହେଗ୍‌ଡେ**

ସମାଜସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ଅଭିନୟ କରିବେ ପୂଜା ହେଗ୍‌ଡେ। ମନଲାଖି ଭୂମିକା ପାଇଥିବାରୁ ସେ ଖୁସିରେ ଉଛୁଳୁଛନ୍ତି।





ବାହୁଡ଼ାଯାତ୍ରା ଅବସରରେ ବୁଧବାର ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିରରୁ ୩ ରଥକୁ ଶ୍ରୀମନ୍ଦିର ସିଂହଦ୍ୱାର ଅଭିମୁଖେ ଟାଣିନେଉଛନ୍ତି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ବାହୁଡ଼ିଲେ ମହାବାହୁ

## ସନ୍ଧ୍ୟା ସୁଦ୍ଧା ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଲା ତିନିରଥ

**ପୁରୀ, ୨୮।୬(ଅଜିତ୍ ମହାନ୍ତି)**

ପବିତ୍ର ଆଷାଢ଼ ଶୁକ୍ଳ ଦଶମୀ ତିଥି ଅବସରରେ ବୁଧବାର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନିରଥ। ପୁଣି ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ନିର୍ଦ୍ଧାରିତ ସମୟର ୪ଘଣ୍ଟା ପୂର୍ବରୁ ନୀତିକାନ୍ତି ଓ ପହଣ୍ଡି ସହ ସଅଳ ରଥଟଣା ଯୋଗୁ ସନ୍ଧ୍ୟା ସୁଦ୍ଧା ତିନି ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଛି। ରଥରେ ବିଶ୍ୱନିୟନ୍ତାଙ୍କ ଦର୍ଶନ କରି ବିହ୍ୱଳିତ ଭକ୍ତପ୍ରାଣ କୃତାର୍ଥ ହୋଇଛି।

ବାହୁଡ଼ାଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ☞ପୃଷ୍ଠା–୨

# ଟାଟା ଅବହେଳା: ୩ ଜୀବନ ଗଲା

**ବାହୁଡ଼ାରେ ରଥଟଣା ବେଳେ ଅଘଟଣ**

## କେନ୍ଦୁଝରରେ ୨, କୋରାପୁଟରେ ଜଣଙ୍କ ମୃତ୍ୟୁ

**ବାହୁଡ଼ା ଯାତ୍ରାରେ ରଥଟଣାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରାଜ୍ୟର ୨ ପୃଥକ୍ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣ ଗୁରୁତର ଆହତ ହୋଇଛନ୍ତି। ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାରର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। କାରଣ କୌଣସି ପ୍ରକାର ଅଘଟଣକୁ ରୋକିବା ପାଇଁ ଗୁଣ୍ଡିଚା କିମ୍ବା ବାହୁଡ଼ା ଯାତ୍ରା ସମୟରେ ବିଦ୍ୟୁତ୍ କାଟ ଏବଂ ରାସ୍ତାରେ ଥିବା ତାର ହଟାଇବାର ନିୟମ ରହିଛି। କିନ୍ତୁ ଏହା କରାଯାଇ ନ ଥିବାରୁ କେନ୍ଦୁଝର ଜିଲାରେ ୨ଜଣ ଏବଂ କୋରାପୁଟରେ ଜଣଙ୍କ ଜୀବନ ଯାଇଛି।**

**କେନ୍ଦୁଝର/ଝୁମ୍ପୁରା/କୋରାପୁଟ/ ଜୟପୁର,୨୮।୬ (ନରେଶ ପଟ୍ଟନାୟକ, ଶଶିଭୂଷଣ ସାହୁ, ଅମିତାଭ ବେହେରା, ପବନ ପାଣିଗ୍ରାହୀ)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ କେନ୍ଦୁଆ ଗ୍ରାମ ପଡ଼ିଆରେ ବୁଧବାର ମଧ୍ୟାହ୍ନରେ ରଥଟଣା ପୂର୍ବରୁ ରଥର ନେତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଭୁବନପଶି ଗ୍ରାମର ଯୁଗଳକିଶୋର ବାରିକ(୪୦) ଓ କେନ୍ଦୁଆ ଗ୍ରାମର ବରୁଣ ଗିରି (୪୨)। ଘଟଣାରେ ଅନ୍ୟଜଣେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଠାକୁରଙ୍କ ପହଣ୍ଡି ପୂର୍ବରୁ ରଥକୁ କେତେଜଣ ବ୍ୟକ୍ତି ପଛକୁ ଟାଣି ସାଇଡ୍ କରୁଥିଲେ। ଏହି ସମୟରେ ରଥର ନେତ ଏକ ପାର୍ଶ୍ୱରେ ଥିବା ୧୧କେଭି ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା। ରଥଟି ସମ୍ପୂର୍ଣ୍ଣ ଲୁହାରେ ତିଆରି ହୋଇଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୬ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଶଙ୍କର୍ଷଣ ପ୍ରଧାନ(୪୨)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବା ବେଳେ ଭୁବନପଶି ଗ୍ରାମର ବୃଦ୍ଧା ଫୁଲମଣି ବାରିକ(୬୫) ଆମ୍ବୁଲାନ୍ସ ଚକତଳେ ପଡ଼ିଯାଇଥିଲେ। ଆମ୍ବୁଲାନ୍ସ ତାଙ୍କ ଗୋଡ଼ରେ ଚଢ଼ିଯିବାରୁ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଛି। ତାଙ୍କୁ କେନ୍ଦୁଝର ଡାକ୍ତରଖାନା ପଠାଯାଇଛି। ଏହି ଘଟଣା ପରେ କେନ୍ଦୁଆ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ରଥଟଣା ସମୟରେ ବିଦ୍ୟୁତ୍ କାଟ୍ କରା ନ ଯାଇଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଚମ୍ପୁଆ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ନାରାୟଣ ବେହେରା କହିଛନ୍ତି, ସେଠାରେ ଆମର କିଛି ଭୁଲ ନାହିଁ। ରଥଟଣା ସ୍ଥାନରୁ ୩୦ ଫୁଟ୍ ପଛରେ ୧୧ କେଭି ଲାଇନ୍ ରହିଛି। ଉକ୍ତ ସ୍ଥାନରୁ ପୂର୍ବରୁ କେବେ ରଥ ଟଣାଯାଏ ନାହିଁ। କିଛି ଲୋକ ରଥକୁ ପଛକୁ ନେଇଥିଲେ। ଫଳରେ ଏଭଳି ଅଘଟଣ ଘଟିଛି ବୋଲି କହିଥିଲେ। ବାରିଆ ଥାନା ଅଧିକାରିଣୀ ବନ୍ଦନା ପାତ୍ର ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କରୁଛନ୍ତି।

ସେହିପରି କୋରାପୁଟ ଜିଲା କୋଲାବନଗରରେ ବାହୁଡ଼ା ଯାତ୍ରା ସମୟରେ ରଥର ଧ୍ୱଜା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚାଲି ଆସିବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ୍ୟୁବରଣ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ସେନାପତିଙ୍କ ପ୍ରତ୍ୟାବର୍ତ୍ତନ




ଜୁଲାଇ ତୃତୀୟ ସପ୍ତାହରୁ ମୌସୁମୀ ଅଧିବେଶନ



ଜୁଲାଇ ତୃତୀୟ ସପ୍ତାହରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇପାରେ। ପ୍ରଥମେ ପୁରୁଣା ପାର୍ଲାମେଣ୍ଟ ଭବନରେ ଅଧିବେଶନ ଆରମ୍ଭ ହୋଇ ମଧଭାଗରୁ ନୂଆ ବିଲ୍ଡିଂରେ ହେବ ବୋଲି ବୁଧବାର ସଂସଦୀୟ ସୂତ୍ରରୁ ଜଣାପଡ଼ିଛି। ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୨୮ରେ ଉଦ୍‌ଘାଟନ କରିଥିଲେ। ପାଖାପାଖି ମାସେ ଚାଲିବାକୁ ଥିବା ମୌସୁମୀ ଅଧିବେଶନ ସ୍ୱାଧୀନତା ଦିବସ ପୂର୍ବରୁ ଶେଷ ହେବ ବୋଲି କୁହାଯାଉଛି।



## ସଂକ୍ଷେପରେ

### ୧୪ ପୋଲିସ ଅପହୃତ

**ମେକ୍ସିକୋ ସିଟି,୨୮।୬(ଏପି):** ମେକ୍ସିକୋର ଦକ୍ଷିଣ ଭାଗରେ ଥିବା ଚିପାସ୍ ରାଜ୍ୟରେ ବନ୍ଧୁକଧାରୀମାନେ ୧୪ ଜଣ ସରକାରୀ ପୋଲିସ ଅଧିକାରୀଙ୍କୁ ଅପହରଣ କରିନେଇଛନ୍ତି। ସୁରକ୍ଷା ଓ ନାଗରିକ ସୁରକ୍ଷା ସଚିବ ଏକ ବିବୃତିରେ କହିଛନ୍ତି, ୧୪ ପୋଲିସ ଅଧିକାରୀଙ୍କ ସହ କେତେଜଣ ମହିଳା ଅଫିସର ଏକ ଟ୍ରକ୍‌ରେ ଯାଉଥିଲେ। ଓକୋଜୋକୋଆଉଟ୍‌ଲା ଓ ଟ୍ୟୁକ୍ସଟ୍‌ଲା ମଝିରେ ଅପହର୍ତ୍ତାମାନେ ମହିଳାମାନଙ୍କୁ ଛାଡ଼ିଦେଇଥିବାବେଳେ ପୁରୁଷ ଅଫିସରମାନଙ୍କୁ ବନ୍ଧୁକ ମୁନରେ ଅଜ୍ଞାତ ସ୍ଥାନକୁ ନେଇଯାଇଛନ୍ତି। ସେମାନଙ୍କ ଅବସ୍ଥିତି ଠାବ ହୋଇନାହିଁ। ଉଦ୍ଧାର କରିବା ପାଇଁ ସ୍ଥଳ ଓ ଆକାଶମାର୍ଗରେ ଅପରେଶନ ଚାଲିଛି।

### ରେଷ୍ଟୁରାଣ୍ଟରେ ରୁଷିଆର ରକେଟ ମାଡ଼

**୩ ଶିଶୁଙ୍କ ସମେତ ୯ ୟୁକ୍ରେନୀୟ ନିହତ**

**କିଭ୍,୨୮।୬(ପି.ଟି.):** ୟୁକ୍ରେନ୍‌ର ପୂର୍ବାଞ୍ଚଳ ସହର କ୍ରାମାଟୋର୍ସ୍କସ୍ଥିତ ଏକ ପିଜା ରେଷ୍ଟୁରାଣ୍ଟକୁ ରୁଷୀୟ ସୈନ୍ୟ ରକେଟ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ୩ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୬ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଆଭ୍ୟନ୍ତରୀଣ ବ୍ୟାପାର ସୂଚନାନୁସାରେ ୧୬ ମାସ ଧରି ରୁଷିଆ ପକ୍ଷରୁ ଆକ୍ରମଣ ଜାରି ରହିଛି। ମଙ୍ଗଳବାର ରାତିରେ ରୁଷୀୟ ସୈନ୍ୟ ଏସ୍-୩୦୦ ମିଶାଇଲ ଜରିଆରେ ଆକ୍ରମଣ କରିଥିଲେ। ଏଥିରେ ୧୮ଟି ବହୁତଳ ବିଶିଷ୍ଟ କୋଠା, ୬୫ ଘର, ୫ ସ୍କୁଲ, ୨ କିଣ୍ଡରଗାର୍ଟେନ୍ସ ଏବଂ ଗୋଟିଏ ଲେଖାଏ ଶପିଙ୍ଗ୍ ସେଣ୍ଟର, ପ୍ରଶାସନିକ କୋଠା ଓ ଅବସର ବିନୋଦନ କେନ୍ଦ୍ର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆକ୍ରମଣରେ ଦୁଇଜଣ ଭଉଣୀଙ୍କ ମୃତ୍ୟୁ ଘଟିଛି, ଯାହାଙ୍କ ବୟସ ୧୪ ବର୍ଷ ହେବ।

### ପାକିସ୍ତାନରେ ପରିବାରର ୯ ଜଣଙ୍କୁ ହତ୍ୟା

**ପେଶାୱର, ୨୮।୬:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଏକ ବିବାହ ବିବାଦକୁ ନେଇ ବୁଧବାର ଗୋଟିଏ ପରିବାରର ୯ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମଲକନ୍ଦ ଜିଲାରେ ଏହି ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୬ ପୁରୁଷ ଅଛନ୍ତି। ପରିବାର ଲୋକେ ଶୋଇଥିବାବେଳେ ତାଙ୍କ ସମ୍ପର୍କୀୟମାନେ ଘରେ ପଶି ଆଖିବୁଜା ଗୁଳି ଚଳାଇଥିଲେ ବୋଲି ପୋଲିସ କହିଛି। ଏହି ବୀଭତ୍ସ ହତ୍ୟାକାଣ୍ଡର କାରଣ ବିବାହ ବିବାଦ ବୋଲି କୁହାଯାଉଥିବାବେଳେ ପୋଲିସ ଏହାର ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ଜିଲାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ପୋଲିସ ସିଲ୍ କରିଛି।

### ଏନର୍ଜି ଟ୍ରାଞ୍ଜିଶନ୍: ୬୭ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୨୮।୬:** ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍) ପକ୍ଷରୁ ଜାରି ଏନର୍ଜି ଟ୍ରାଞ୍ଜିଶନ୍ ଇଣ୍ଡେକ୍ସ (ଇଟିଆଇ)ରେ ଭାରତ ୬୭ତମ ସ୍ଥାନରେ ରହିଛି। ୧୨୦ ଦେଶକୁ ନେଇ ପ୍ରସ୍ତୁତ ତାଲିକାର ସର୍ବାଗ୍ରେ ଡେନ୍‌ମାର୍କ ରହିଥିବାବେଳେ ନରୱେ, ଫିନ୍‌ଲାଣ୍ଡ ଓ ସୁଇଜରଲାଣ୍ଡକୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ମିଳିଛି। ଆସେଞ୍ଚର ସହ ମିଳିତ ଆନୁକୂଲ୍ୟରେ ରିପୋର୍ଟ ପ୍ରକାଶନ ଅବସରରେ ଡବ୍ଲ୍ୟୁଇଏଫ୍ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱରେ ଶକ୍ତି ସଙ୍କଟ, ଭୂରାଜନୈତିକ ଉଠାପକା ମଧ୍ୟରେ ଏନର୍ଜି ଟ୍ରାଞ୍ଜିଶନ୍ ସ୍ଥିର ରହିଛି। କିନ୍ତୁ ଏହି କ୍ଷେତ୍ରରେ ଭାରତ ବିଶେଷ ଅଗ୍ରଗତି କରିଛି।

# ୟୁସିସି: ଆବଶ୍ୟକତା ବନାମ ଅସ୍ତ୍ର



**ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଭୋଟ ଧ୍ରୁବୀକରଣ ଲାଗି ଏକକ ଦେୱାନୀ ସଂହିତାକୁ ଭାଜପା ଅସ୍ତ୍ର ରୂପେ ବ୍ୟବହାର କରୁଛି ବୋଲି ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି।**

ନୂଆଦିଲ୍ଲୀ,୨୮।୬
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶରୁ ଫେରିବା ପରେ ମଙ୍ଗଳବାର ମଧ୍ୟପ୍ରଦେଶର ଭୋପାଳରେ ଭାଜପା କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସେ ଦେଶରେ ସମାନ ଦେୱାନୀ ସଂହିତା ବା ଏକକ ନାଗରିକ ସଂହିତା (ୟୁସିସି) ଲାଗୁ କରାଇବା ସପକ୍ଷରେ ମତ ରଖିଥିଲେ। ସାଧାରଣ ନିର୍ବାଚନକୁ ୧୦ ମାସରୁ କମ୍ ସମୟ ବାକି ଥିବାବେଳେ ମୋଦିଙ୍କ ମନ୍ତବ୍ୟକୁ ବିରୋଧୀ ଦଳଗୁଡ଼ିକ ଗ୍ରହଣ କରିପାରି ନାହାନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ୨୦୧୯ର ନାଗରିକତ୍ୱ ସଂଶୋଧନ ଆଇନ ଭଳି ୟୁସିସିକୁ ଲୋକ ସଭା ନିର୍ବାଚନ ବେଳେ ଭୋଟ ଧ୍ରୁବୀକରଣ ପାଇଁ ଅସ୍ତ୍ର ରୂପେ ବ୍ୟବହାର କରିବ ବୋଲି ନେତାମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସମ୍ବିଧାନର ଚତୁର୍ଥ ଭାଗରେ ଥିବା ଅନୁଚ୍ଛେଦ ୪୪ରେ ୟୁନିଫର୍ମ ସିଭିଲ୍ କୋଡ୍ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ସମଗ୍ର ଭାରତ ଭୂଖଣ୍ଡରେ ନାଗରିକମାନଙ୍କ ପାଇଁ ଏକ ୟୁସିସି ଆଣିବାକୁ ରାଷ୍ଟ୍ର ପ୍ରୟାସ କରିବ ବୋଲି ସମ୍ବିଧାନ ପ୍ରଣେତାମାନେ ସ୍ପଷ୍ଟ କରିଛନ୍ତି। ୧୯୮୫ରେ ମହମ୍ମଦ ଅହମ୍ମଦ ଖାନ୍ ବନାମ ଶାହ ବାନୋ ବେଗମ୍‌ଙ୍କ ମାମଲାରେ ସୁପ୍ରିମକୋର୍ଟ ମଧ୍ୟ ୟୁସିସି କାର୍ଯ୍ୟକାରୀ କରାଇବା ସପକ୍ଷରେ ରାୟ ଦେଇଥିଲେ। ଛାଡ଼ପତ୍ର ପାଇଥିବା ଶାହ ବାନୋ ନିଜ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରିଥିବାବେଳେ ଶୀର୍ଷ ଅଦାଲତ ତର୍ଜମା କରିଥିଲେ ଯେ, ସମ୍ପୃକ୍ତ ମୁସଲମାନ ସ୍ୱାମୀଙ୍କ କ୍ଷେତ୍ରରେ ସିଆର୍‌ପିସି ଲାଗୁ ହେବ ନା ମୁସଲିମ୍ ପର୍ସନାଲ ଲ। ୧୯୯୫ରେ ମଧ୍ୟ ସୁପ୍ରିମକୋର୍ଟ ଅନ୍ୟ ଏକ ମାମଲାର ରାୟ ପ୍ରକାଶ ବେଳେ ୟୁସିସି ଲାଗୁ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ରେ ମୋଦି ସରକାରଙ୍କ ଅନୁରୋଧକ୍ରମେ ଲ' କମିଶନ ପାରିବାରିକ ଆଇନର ସଂସ୍କାର ଉପରେ ୧୮୫ ପୃଷ୍ଠା ସମ୍ବଳିତ କନ୍‌ସଲ୍‌ଟେଶନ୍ ପେପର ଦାଖଲ କରିଥିଲେ। ସେତେବେଳେ କମିଶନ ୟୁସିସିକୁ ଅନାବଶ୍ୟକ ଓ ଅବାଞ୍ଛିତ ବୋଲି ଦର୍ଶାଇଥିଲେ। କର୍ନାଟକ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଋତୁରାଜ ଅୱସ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ୨୨ତମ ଆଇନ କମିଶନ ଗତ ୧୪ ତାରିଖରେ ୟୁସିସି ଉପରେ ବିଭିନ୍ନ ପକ୍ଷ, ଧର୍ମୀୟ ସଂସ୍ଥା ଓ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବା ପରଠୁ ଏହି ପ୍ରସଙ୍ଗରେ ଶୀତଳଭଣ୍ଡାରରୁ ବାହାରି ଶିରୋନାମା ମଣ୍ଡନ କରୁଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ମୋଦି ହଠାତ୍ ୟୁସିସି ପ୍ରସଙ୍ଗ ଉଠାଇ ରାଜନୀତିରେ ଉଷ୍ମତା ଭରିଦେଇଛନ୍ତି। ବିରୋଧୀଙ୍କ ମତରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ନେଇ ଏତେ ତରତର ହେବାର ଯଥାର୍ଥତା ନାହିଁ। ମୋଦି ଚାହିଁଥିଲେ ପୂର୍ବରୁ ମଧ୍ୟ ୟୁସିସି ପ୍ରସଙ୍ଗ ଉଠାଇ ଏହାକୁ ଲାଗୁ କରାଇବା ଦିଗରେ ପଦକ୍ଷେପ ନେଇପାରିଥାନ୍ତେ। ଏହା ଏକ ଜଟିଳ ପ୍ରକ୍ରିୟା। ସମାଜର ସବୁ ବର୍ଗର ଲୋକଙ୍କ ମତାମତ ଲୋଡ଼ା। ବିନା ସହମତିରେ ୟୁସିସି ଆଣିବା ଅସମ୍ଭବ। ଏପରି କି ଏହା ସମୟ ସାପେକ୍ଷ ମଧ୍ୟ। ଏହିସବୁ ଦିଗକୁ ଅଣଦେଖା କରି ହଠାତ୍ ୟୁସିସିର ଓକିଲାତି କରିବା ପଛରେ ଭାଜପାର ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ବିରୋଧୀ ଟାର୍ଗେଟ କରିଛନ୍ତି। ଆଇନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ ମୋଦି ଉଦ୍ୟମ କରୁଛନ୍ତି କି ବୋଲି ବିରୋଧୀ ପ୍ରଶ୍ନ କରୁଥିବାବେଳେ ବିପକ୍ଷ ନେତାମାନେ ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ କରି ଉସୁକାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସମାଲୋଚନା କରିଛନ୍ତି।




"ଗୋଟିଏ ପରିବାରରେ ଯେପରି ଭିନ୍ନ ଭିନ୍ନ ନିୟମ ଚାଲେନାହିଁ ସେହିପରି ଦେଶରେ ମଧ୍ୟ ୨ଟି ଆଇନ ଚାଲିପାରିବ ନାହିଁ। ମୁସଲମାନଙ୍କୁ ବୁଝିବାକୁ ପଡ଼ିବ ଯେ, ସେମାନଙ୍କୁ କେଉଁ ରାଜନୈତିକ ଦଳ ଉସୁକାଉଛି ଓ ନିଜ ସ୍ୱାର୍ଥ ପାଇଁ ଧ୍ୱଂସ କରୁଛି। ସମ୍ବିଧାନରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଅଧିକାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ଏକ ସମାନ ନାଗରିକ ସଂହିତା ପ୍ରଣୟନ ଲାଗି ପରାମର୍ଶ ଦେଇଛନ୍ତି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଲ କମିଶନଙ୍କୁ ଭେଟିବ ଏଆଇଏମ୍‌ପିଏଲ୍‌ବି

ପ୍ରଧାନମନ୍ତ୍ରୀ ସବୁ ସମ୍ପ୍ରଦାୟ ପାଇଁ ସମାନ ଆଇନ ଅଣାଯିବା ଉପରେ ଗୁରୁତ୍ୱ ଦେବା ପରେ ୟୁସିସି ଉପରେ ନିଜ ମତ ରଖିବା ପାଇଁ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ତରବରିଆ ଭାବେ ପ୍ରସ୍ତୁତି ଆରମ୍ଭ କରିଛି। ଏହାର ସଦସ୍ୟମାନେ ମଙ୍ଗଳବାର ରାତି ସାରା ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ କରି ଚିଠା ଦସ୍ତାବିଜ ପ୍ରସ୍ତୁତ କରିଛନ୍ତି। ସେମାନେ ଖୁବ୍‌ଶୀଘ୍ର ଲ କମିଶନଙ୍କୁ ଭେଟି ଏହାକୁ ଦାଖଲ କରିବେ ବୋଲି ଏଆଇଏମ୍‌ପିଏଲ୍‌ବି ସଦସ୍ୟ ଖାଲିଦ ରଶିଦ ଫରାଙ୍ଗି ମାହିଲ ସୂଚନା ଦେଇଛନ୍ତି।

## ସିଦ୍ଧାନ୍ତଗତ ସମର୍ଥନ ଦେବ ଏଏପି

**ସବୁ ପକ୍ଷଙ୍କ ସହ ଆଲୋଚନା କରି ସହମତି ଭିତ୍ତିରେ ୟୁସିସି ଆଣୁ କେନ୍ଦ୍ର**

ଅଧିକାଂଶ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ କେନ୍ଦ୍ର ସହ ମୁହାଁମୁହିଁ ଅବସ୍ଥାରେ ରହୁଥିବା ଦିଲ୍ଲୀର ଶାସକ ଦଳ ଆମ୍ ଆଦ୍‌ମି ପାର୍ଟି (ଏଏପି) ଏକକ ନାଗରିକ ଦେୱାନୀ ସଂହିତାକୁ ସିଦ୍ଧାନ୍ତଗତ ସମର୍ଥନ ଦେବାକୁ ଘୋଷଣା କରିଛି। ତେବେ କେନ୍ଦ୍ର ସରକାର ଏହି ପ୍ରସ୍ତାବ ଉପରେ ସମସ୍ତ ପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରି ସହମତି ଭିତ୍ତିରେ ୟୁସିସି ଆଣିବା ଉଚିତ ବୋଲି ଦଳ ସର୍ତ୍ତ ରଖିଛି। ଏଏପି ୟୁସିସିକୁ ସିଦ୍ଧାନ୍ତଗତ ସମର୍ଥନ କରୁଛି। ସମ୍ବିଧାନର ଅନୁଚ୍ଛେଦ ୪୪ ମଧ୍ୟ ଏହାକୁ ସମର୍ଥନ କରୁଛି। ରାଜନୈତିକ ଦଳ ଓ ଅଣରାଜନୈତିକ ବ୍ୟକ୍ତିବିଶେଷଙ୍କ ସମେତ ପକ୍ଷମାନଙ୍କ ସହ ବିଚାରବିମର୍ଶ କରି ସହମତି ପ୍ରକାଶ ପାଇଲେ ୟୁସିସିକୁ ଲାଗୁ କରାଯାଇପାରେ ବୋଲି ଏଏପି ସାଧାରଣ ସମ୍ପାଦକ ସନ୍ଦୀପ ପାଠକ କହିଛନ୍ତି।

## କଂଗ୍ରେସ ଆଭିମୁଖ୍ୟ ସ୍ପଷ୍ଟ କରୁ: ଭାଜପା

ୟୁସିସି କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପାଇଁ ନୁହେଁ, ବରଂ ସମଗ୍ର ସମାଜ ଲାଗି ଉଦ୍ଦିଷ୍ଟ। ଏହାକୁ ସାମ୍ପ୍ରଦାୟିକ ଶିଳ୍ପୀମାନଙ୍କ ହାତରୁ ମୁକ୍ତ କରିବା ସମୟ ଉପନୀତ। ଏହି ପ୍ରସଙ୍ଗରେ କଂଗ୍ରେସ ନିଜ ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ମୁଖ୍‌ତାର ଆବ୍ବାସ ନକ୍‌ଭି କହିଛନ୍ତି। ବିରୋଧୀ ଦଳ ୟୁସିସି ପ୍ରତି ସାମ୍ବିଧାନିକ ପ୍ରତିଶ୍ରୁତିବଦ୍ଧତା ସହ ନା ଏହାକୁ କାର୍ଯ୍ୟକାରୀ କରାଇବାରେ 'ସାମ୍ପ୍ରଦାୟିକ ଷଡ଼ଯନ୍ତ୍ର' ସହ ରହିଛି, ସେନେଇ ସ୍ପଷ୍ଟ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଲୋକଙ୍କ ଉପରେ ଲଦି ଦିଆଯାଇପାରିବ ନାହିଁ: ଚିଦାମ୍ବରମ୍



ଏକ ଏଜେଣ୍ଡା ପ୍ରେରିତ ସଂଖ୍ୟାଗରିଷ୍ଠ ସରକାର ଦ୍ୱାରା ୟୁସିସିକୁ ବଳପୂର୍ବକ ଲୋକଙ୍କ ଉପରେ ଲଦିଆଯାଇପାରିବ ନାହିଁ। କାରଣ ଏହା ଲୋକଙ୍କ ମଧ୍ୟରେ ବିଭାଜନକୁ ପ୍ରଶସ୍ତ କରିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି। ଚିଦାମ୍ବରମ୍‌ଙ୍କ ମତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେରୋଜଗାରି, ଦରଦାମ୍ ବୃଦ୍ଧି, ଘୃଣା ଅପରାଧ ଭଳି ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ୟୁସିସି ଉପରେ ଜୋର୍ ଦେଉଛନ୍ତି। ଭାଜପା ସମାଜରେ ଧ୍ରୁବୀକରଣ ପାଇଁ ୟୁସିସିକୁ ବ୍ୟବହାର କରୁଛି।

## ବିକଳ୍ପ ସାରର ପ୍ରସାର ଲାଗି ରାଜ୍ୟକୁ ମିଳିବ ପ୍ରୋତ୍ସାହନ

- ପିଏମ୍-ପ୍ରଣାମକୁ କ୍ୟାବିନେଟ ମଞ୍ଜୁରୀ
- ଆଖୁ ଏଫ୍‌ଆର୍‌ପି ବଢ଼ିଲା

ନୂଆଦିଲ୍ଲୀ, ୨୮।୬(ପି.ଟି.)




ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନୁରାଗ ଠାକୁର।

ରାସାୟନିକ ସାର ପ୍ରୟୋଗ କମାଇବା ସହ ବିକଳ୍ପ ସାରର ପ୍ରସାର କରାଉଥିବା ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପ୍ରୋତ୍ସାହନ ଯୋଗାଇଦେବେ। ଏଥିପାଇଁ ନୂଆ ଯୋଜନା ପିଏମ୍-ପ୍ରଣାମକୁ କେନ୍ଦ୍ର କ୍ୟାବିନେଟ ବୁଧବାର ଅନୁମୋଦନ କରିଛି। ଗତ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ କଲାବେଳେ ପିଏମ୍-ପ୍ରଣାମ ଘୋଷଣା କରିଥିଲେ। ଉଦାହରଣ ସ୍ୱରୂପ ଗୋଟିଏ ରାଜ୍ୟ ୧୦ ଲକ୍ଷ ଟନ୍ ପାରମ୍ପରିକ ସାର ବ୍ୟବହାର କରୁଛି। ଯଦି ଏହାକୁ ୩ ଲକ୍ଷ ଟନ୍‌କୁ କମାଇ ଦିଆଯାଏ, ତେବେ ୩,୦୦୦ କୋଟି ଟଙ୍କା ସବ୍‌ସିଡି ସଞ୍ଚୟ ହୋଇପାରିବ। ଏଥିରୁ ୫୦ ପ୍ରତିଶତ ଅର୍ଥାତ ୧,୫୦୦ କୋଟି ଟଙ୍କା କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟକୁ ବିକଳ୍ପ ସାରର ପ୍ରସାର ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ପାଇଁ ଯୋଗାଇଦେବେ ବୋଲି କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ସେହିପରି ଅକ୍ଟୋବରରୁ ଆରମ୍ଭ ହେବାକୁ ଥିବା ୨୦୨୩-୨୪ ଋତୁ ପାଇଁ ଆଖୁ ଏଫ୍‌ଆର୍‌ପି (ଉଚିତ ଓ ଲାଭକାରୀ ମୂଲ୍ୟ) କୁଇଣ୍ଟାଲ ପିଛା ୧୦ ଟଙ୍କା ବଢ଼ାଇବାକୁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ଫଳରେ ଆଖୁ କୁଇଣ୍ଟାଲ ୩୧୫ ଟଙ୍କାକୁ ବୃଦ୍ଧି ପାଇବ।

## ଜାତୀୟ ଗବେଷଣା ଫାଉଣ୍ଡେଶନ ପ୍ରତିଷ୍ଠା ହେବ

ନୂଆଦିଲ୍ଲୀ, ୨୮।୬(ପି.ଟି.)

ଦେଶର ଗବେଷଣା କ୍ଷମତା ବଢ଼ାଇବା ପାଇଁ ନୂତନ ପାଣ୍ଠି ଯୋଗାଣକାରୀ ସଂସ୍ଥା ଜାତୀୟ ଗବେଷଣା ଫାଉଣ୍ଡେଶନ (ଏନ୍‌ଆର୍‌ଏଫ୍) ପ୍ରତିଷ୍ଠା କରାଯିବ। ଏଥିପାଇଁ ଏକ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହି ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଆକ୍ଟ,୨୦୦୮ ସ୍ଥାନରେ ଲାଗୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୫ରୁ ୨୫ ଜଣ ଖ୍ୟାତନାମା ଗବେଷକ ଏବଂ ପେସାଦାରଙ୍କୁ ନେଇ ଗଠିତ ଗଭର୍ନିଂ ବଡ଼ି ଏନ୍‌ଆର୍‌ଏଫ୍‌ର ପରିଚାଳନା କରିବ।

## ଆଇଆଇଟି ବମ୍ବେ ଭାରତର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ

**ବିଶ୍ୱ ର୍‍ୟାଙ୍କିଙ୍ଗରେ ୧୪୯**

ନୂଆଦିଲ୍ଲୀ, ୨୮।୬(ପି.ଟି.)

ଆଇଆଇଏସ୍‌ସି ବେଙ୍ଗାଲୁରୁ ସମେତ ଭାରତର ଅଧିକାଂଶ ଆଇଆଇଟିର ର୍‍ୟାଙ୍କିଙ୍ଗ୍ ଚଳିତ ବର୍ଷ ହ୍ରାସ ପାଇଥିବାବେଳେ କେବଳ ଆଇଆଇଟି ବମ୍ବେ ର୍‍ୟାଙ୍କିଙ୍ଗରେ ଉନ୍ନତି ହୋଇଛି। କ୍ୱାକ୍ୱାରେଲି ସାଇମଣ୍ଡସ୍ (କ୍ୟୁଏସ୍) ବିଶ୍ୱ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ ୨୦୨୪ରେ ଆଇଆଇଟି ବମ୍ବେ ୧୪୯ ର୍‍ୟାଙ୍କ୍‌ରେ ରହିବା ସହ ଭାରତର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ବିବେଚିତ ହୋଇଛି। ଗତବର୍ଷ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ(ଆଇଆଇଏସ୍‌ସି) ବେଙ୍ଗାଲୁରୁ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୧୫୫ତମ ସ୍ଥାନରେ ଥିବାବେଳେ ଏଥର ୨୨୫ତମ ସ୍ଥାନକୁ ଖସିଛି। ଅନ୍ୟପକ୍ଷରେ ଗତବର୍ଷ ଆଇଆଇଟି ବମ୍ବେ ୧୭୨ତମ ସ୍ଥାନରେ ଥିବାବେଳେ ଏଥର ୧୪୯ତମ ସ୍ଥାନକୁ ଉନ୍ନୀତ ହୋଇଛି। ଦିଲ୍ଲୀ ଆଇଆଇଟି ଗତବର୍ଷ ୧୭୪ତମ ସ୍ଥାନରେ ଥିବାବେଳେ ଏଥର ୧୯୭ତମ ର୍‍ୟାଙ୍କକୁ ଖସିଆସିଛି। ଆଇଆଇଟି ଖଡଗପୁର ୨୭୧ ର୍‍ୟାଙ୍କ୍‌ରେ ଥିବାବେଳେ ଆଇଆଇଟି କାନପୁର ୨୭୮, ଆଇଆଇଟି ମାଡ୍ରାସ ୨୮୫, ଆଇଆଇଟି ଗୌହାଟୀ ୩୬୪, ଆଇଆଇଟି ରୁର୍‌କୀ ୩୬୯ତମ ର୍‍ୟାଙ୍କ୍‌ରେ ରହିଛି। ସେହିପରି ଦିଲ୍ଲୀ ୟୁନିଭର୍ସିଟି ୪୦୭ତମ ସ୍ଥାନରେ ଥିବାବେଳେ ଆନ୍ନା ୟୁନିଭର୍ସିଟି ୪୨୭ତମ ର୍‍ୟାଙ୍କ୍‌ରେ ରହିଛି। ଆଇଆଇଟି ଇନ୍ଦୋର ୪୫୪, ୟୁନିଭର୍ସିଟି ଅଫ୍ ମାଡ୍ରାସ ୫୨୬ ର୍‍ୟାଙ୍କ୍‌ରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୫୭୧ତମ ର୍‍ୟାଙ୍କ୍‌ରେ ରହିଛି।

## ଓସ୍କାର ବିଜୟୀ କେଭିନ୍‌ଙ୍କ ବିରୋଧରେ ୧୨ ଯୌନ ନିର୍ଯାତନା ମାମଲା

ଲଣ୍ଡନ,୨୮।୬




ହଲିଉଡ୍‌ର ଜଣାଶୁଣା ଅଭିନେତା କେଭିନ୍ ସ୍ପେସିଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲା ନେଇ ଲଣ୍ଡନର ସାଉଥ୍‌ୱର୍କ କ୍ରାଉନ୍ କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ବୁଧବାର ସକାଳ ୯ଟାବେଳେ କେଭିନ୍ (୬୩) ଏକ କଳା ରଙ୍ଗର ଟାକ୍ସିରେ କୋର୍ଟରେ ପହଞ୍ଚିଥିଲେ। ଟାକ୍ସିରୁ ବାହାରି କୋର୍ଟ ଅଭିମୁଖେ ଯିବା ସମୟରେ ସାମ୍ନାକୁ ଆସୁଥିବା ବ୍ୟକ୍ତିଙ୍କୁ କେଭିନ୍ ଗୁଡ୍ ମର୍ନିଂ କହି କୋର୍ଟ ରୁମ୍‌କୁ ପ୍ରବେଶ କରିଥିଲେ। ଏହି ଯୌନ ନିର୍ଯାତନା ମାମଲାର ଶୁଣାଣି ଆଗାମୀ ୪ ସପ୍ତାହ ଧରି ଚାଲିବ। ୮ ଯୌନ ନିର୍ଯାତନା ମାମଲା, ୩ ଅଶ୍ଳୀଳ ଇଙ୍ଗିତ ସହିତ ଜଣେ ବ୍ୟକ୍ତିଙ୍କ ସହ ଅନୈତିକ ଶାରୀରିକ ସମ୍ପର୍କ ସ୍ଥାପନ କରିବା ନେଇ କେଭିନ୍‌ଙ୍କ ବିରୋଧରେ ମୋଟ ୧୨ଟି ମାମଲା ରହିଛି। ଏଥି ମଧ୍ୟରୁ ୨୦୦୧ରୁ ୨୦୦୪ ଭିତରେ ୪ଟି ଏବଂ ୨୦୦୫ରୁ ୨୦୧୦ ମଧ୍ୟରେ ୫ ମାମଲା କେଭିନ୍‌ଙ୍କ ନାଁରେ ହୋଇଛି। କେଭିନ୍‌ଙ୍କ ମତରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ଏବଂ ସେ ନିର୍ଦ୍ଦୋଷ।

ଗତବର୍ଷ କେଭିନ୍‌ଙ୍କ ବିରୋଧରେ ଥିବା ୫ ନିର୍ଯାତନା ମାମଲାର ଶୁଣାଣି କରାଯାଇଥିଲା। ତାଙ୍କ ଓକିଲ ଗିବ୍‌ସ କେ.ସି.ଙ୍କ ସହାୟତାରେ କେଭିନ୍‌ଙ୍କୁ ବିନା ସର୍ତ୍ତରେ ଜାମିନ୍ ମିଳିଯାଇଥିଲା। ଯେଉଁଥି ପାଇଁ କେଭିନ୍ ବିନା ଅବାଧରେ ଯେ କୌଣସି ସ୍ଥାନକୁ ଯାଇପାରୁ ଥିଲେ। ୬ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ମି ଠୁ ମୁଭ୍‌ମେଣ୍ଟ କେଭିନ୍‌ଙ୍କ ଅଭିନୟ କ୍ୟାରିୟରରେ ବଡ଼ ବିପଦ ସୃଷ୍ଟି କରିଥିଲା। ହଲିଉଡ୍‌ର ଐତିହାସିକ ଡ୍ରାମା ଫିଲ୍ମ '୧୨୪୨ ଗେଟ୍‌ୱେ ଟୁ ଦି ୱେଷ୍ଟ'ରୁ କେଭିନ୍‌ଙ୍କୁ ହଟାଇ ଦିଆଯାଇଥିଲା। ଯୌନ ନିର୍ଯାତନା ମାମଲା ପାଇଁ କେଭିନ୍‌ଙ୍କୁ ଆହୁରି ଅନେକ ପ୍ରୋଜେକ୍ଟରୁ ବାହାର କରାଯାଇଛି। ନିକଟରେ ଜେଟ୍ ମାଗାଜିନ୍‌କୁ ଦେଇଥିବା ଏକ ସାକ୍ଷାତ୍‌କାରରେ କେଭିନ୍ କହିଛନ୍ତି, କୋର୍ଟରେ ନିର୍ଦ୍ଦୋଷ ପ୍ରମାଣିତ ହେବା ପରେ ପୁଣିଥରେ କାମ ଆରମ୍ଭ କରିଦେବେ। ଇଣ୍ଡଷ୍ଟ୍ରିରେ ଏବେ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ତାଙ୍କୁ କାମ ଦେବାକୁ ଅନାଇ ବସିଛନ୍ତି।

## ହିଜାବ ପିନ୍ଧିବାକୁ ମୁସଲମାନ ଡାକ୍ତରୀ ଛାତ୍ରୀଙ୍କ ଦାବି

ଥିରୁଭାନନ୍ତପୁରମ୍, ୨୮।୬

ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ରେ ହିଜାବ ପରିଧାନକୁ ନେଇ ବିତର୍କ ଲାଗିରହିଥିବାବେଳେ କେରଳର ଏକ କଲେଜର ୭ ଜଣ ଡାକ୍ତରୀ ଛାତ୍ରୀ ହିଜାବ ପିନ୍ଧିବା ପାଇଁ ଅନୁମତି ଦେବାକୁ ପ୍ରିନ୍ସିପାଲଙ୍କୁ ପତ୍ର ଲେଖିଛନ୍ତି। ଥିରୁଭାନନ୍ତପୁରମ୍‌ର ସରକାରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଥିବା ଏହି ଛାତ୍ରୀମାନେ କହିଛନ୍ତି, ସେମାନଙ୍କ ଧର୍ମବିଶ୍ୱାସ ଅନୁଯାୟୀ ସବୁ ପରିସ୍ଥିତିରେ ମୁସଲମାନ ମହିଳା ହିଜାବ ପିନ୍ଧିବା ବାଧ୍ୟତାମୂଳକ। ତେଣୁ ସର୍ଜରି ଡ୍ୟୁଟି କଲାବେଳେ ସେମାନଙ୍କୁ ହିଜାବ ପିନ୍ଧିବାକୁ ଅନୁମତି ଦିଆଯିବାକୁ ସେମାନେ ଅନୁରୋଧ କରିଛନ୍ତି। ଅସ୍ତ୍ରୋପଚାର କକ୍ଷରେ ହିଜାବ ପିନ୍ଧିବାକୁ ଅନୁମତି ଦିଆ ନ ଯିବା ନେଇ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଲମ୍ବା ହାତ ଥିବା ସ୍କ୍ରବ୍ ଜାକେଟ ଏବଂ ସର୍ଜିକାଲ ହୁଡ୍ ଯଥାଶୀଘ୍ର ପରିଧାନ ପାଇଁ ସେମାନେ ଅନୁମତି ମାଗିଛନ୍ତି। ଛାତ୍ରୀମାନଙ୍କ ଦାବି ଉପରେ ବିଚାର କରିବା ପାଇଁ ଏକ କମିଟି ଗଢ଼ାଯାଇଥିବା ପ୍ରିନ୍ସିପାଲ ଡ. ଲିନେଟ୍ ମୋରିସ୍ କହିଛନ୍ତି। ବର୍ତ୍ତମାନ ପାଇଁ ସେମାନଙ୍କୁ ଦାବିକୁ ଗ୍ରହଣ କରାଯାଇପାରିବ ନାହିଁ। ଅସ୍ତ୍ରୋପଚାର ପ୍ରକୋଷ୍ଠରେ ଅନ୍ତର୍ଜାତୀୟ ମାନଦଣ୍ଡକୁ ବଜାୟ ରଖାଯାଉଛି। ରୋଗୀମାନଙ୍କ ସୁରକ୍ଷା ସର୍ବପ୍ରଥମ ବୋଲି ପ୍ରିନ୍ସିପାଲ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ କର୍ନାଟକର ଭାଜପା ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ହିଜାବ ପରିଧାନ ଉପରେ ରୋକ ଲଗାଇଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଶିକ୍ଷାନୁଷ୍ଠାନରେ ଧର୍ମୀୟ ପ୍ରଥାର ସ୍ଥାନ ନାହିଁ ବୋଲି କେତେକ ଯୁକ୍ତି ବାଢ଼ିଥିବାବେଳେ, ହିଜାବ ନିଷେଧ କରିବା ସଂଖ୍ୟାଲଘୁଙ୍କ ଅଧିକାର ଉପରେ ଆକ୍ରମଣ ବୋଲି ଅନ୍ୟ କେତେଜଣ କହିଥିଲେ।



DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ | Bhubaneswar, Thursday, June 29/2023 | ପୃଷ୍ଠା-୧

# ରେଲୱେରେ ୨.୭୪ ଲକ୍ଷ ପଦବୀ ଖାଲି

ନୂଆଦିଲ୍ଲୀ,୨୮।୬(ପି.ଟି.)

ଗତ ଜୁନ୍ ୨ ତାରିଖରେ ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଯୋଗୁ ୨୯୨ଜଣଙ୍କ ମୃତ୍ୟୁ ଘଟିବା ସହ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ଦୁର୍ଘଟଣାର କାରଣ ଖୋଜୁଥିବାବେଳେ ଦେଶରେ ସୁରକ୍ଷିତ ରେଳଯାତ୍ରାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରାକ୍ ରକ୍ଷଣାବେକ୍ଷଣ, ଉନ୍ନତ ମାନର ସିଗ୍‌ନାଲିଂ ବ୍ୟବସ୍ଥା ଓ ଏହାର ତଦାରଖ ଆଦି ସୁରକ୍ଷା ସମ୍ପର୍କ କାର୍ଯ୍ୟ ନିମନ୍ତେ ଆବଶ୍ୟକ କର୍ମଚାରୀ ଏବଂ ଆଧୁନିକ ଯନ୍ତ୍ରାଂଶ ଅଭାବକୁ ନେଇ ପ୍ରଶ୍ନ ଉଠିଛି। ଏଭଳିସ୍ଥଳେ ଭାରତୀୟ ରେଳପଥରେ ପ୍ରାୟ ୨.୭୪ ଲକ୍ଷ ପଦ ଖାଲି ପଡ଼ିଥିବା ଜଣାପଡ଼ିଛି। ସେଥିରୁ ୧.୭ ଲକ୍ଷରୁ ଊର୍ଦ୍ଧ୍ୱ ସୁରକ୍ଷା ବର୍ଗରେ ଖାଲିପଡ଼ିଥିବା ବିଷୟ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ତଥ୍ୟ ହସ୍ତଗତ ହୋଇଛି। ଗତବର୍ଷ ସେପ୍ଟେମ୍ବରରେ ପାର୍ଲାମେଣ୍ଟରେ ଉପସ୍ଥାପିତ କମ୍ପ୍‌ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି)ଙ୍କ ଅଡିଟ୍ ରିପୋର୍ଟରେ ରେଳ ସୁରକ୍ଷାରେ ଥିବା ଅନେକ ତ୍ରୁଟି ପଦାକୁ ଆସିଥିଲା। ବିଶେଷକରି ମୋଦି ସରକାରଙ୍କ ଅମଳରେ କ୍ରମାଗତ ଭାବେ ରେଲୱେ ପାଇଁ ପାଣ୍ଠି କମିବା, ମିଳୁଥିବା ଅର୍ଥର ବିନିଯୋଗ ହୋଇ ନ ପାରିବା ଏବଂ ରେଳ ସୁରକ୍ଷା ସମ୍ପର୍କିତ ପଦବୀ ପୂରଣ ନ ହେବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। କିନ୍ତୁ ତାହାକୁ ଗୁରୁତ୍ୱ ଦିଆ ନ ଯିବା ଯୋଗୁ ବାହାନଗା ଟ୍ରେନ ଟ୍ରାଜେଡି ସମେତ କିଛି ଦିନ ଅନ୍ତରାଳରେ ରେଳ ଦୁର୍ଘଟଣା ଘଟିଚାଲିଥିବା ବିଶେଷଜ୍ଞମାନେ କହୁଛନ୍ତି।

### ସୁରକ୍ଷା ବର୍ଗରେ ୧.୭ ଲକ୍ଷ

ମଧ୍ୟପ୍ରଦେଶର ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗଉରଙ୍କ ଆବେଦନକ୍ରମେ ରେଲୱେଠାରୁ ମିଳିଥିବା ତଥ୍ୟାନୁସାରେ ୨୦୨୩ ଜୁନ୍ ୧ ସୁଦ୍ଧା ଲେଭେଲ ୧ ସମେତ ଗ୍ରୁପ୍ ସି (ଅଣଗେଜେଟେଡ୍)ରେ ୨,୭୪,୫୮୦ ପଦବୀ ଖାଲି ପଡ଼ିଛି। ସୁରକ୍ଷା ଦାୟିତ୍ୱରେ ରହୁଥିବା କର୍ମଚାରୀଙ୍କ ଖାଲି ପଦବୀ ସଂଖ୍ୟା ୧,୭୭,୯୨୪ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ଡିସେମ୍ବରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୩.୧୨ ଲକ୍ଷ ଅଣଗେଜେଟେଡ୍ ପଦବୀ ଖାଲିପଡ଼ିଥିବା ବିଷୟ ପାର୍ଲାମେଣ୍ଟକୁ ଅବଗତ କରାଇଥିଲେ।

ସୁରକ୍ଷା କାର୍ଯ୍ୟ ତଦାରଖ ସକାଶେ କର୍ମଚାରୀ ଅଭାବକୁ ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ୨୦୧୭-୨୧ ମଧ୍ୟରେ ଘଟିଥିବା ୨୮୯ଟି ଲାଇନ୍‌ଚ୍ୟୁତ ଘଟଣାର ୨୬% ଟ୍ରାକ୍ ରିନ୍ୟୁଆଲ ସହ ଜଡ଼ିତ ଥିଲା। ୨,୯୦୮ ମାନବଯୁକ୍ତ ଲେଭଲ କ୍ରସିଂକୁ ହଟାଇବା ପାଇଁ ୨୦୧୮-୨୧ରେ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ସେଥିରୁ ୭୦% ଅର୍ଥାତ୍ ୨,୦୫୯ଟିକୁ ହଟାଯାଇଥିଲା। ବିଭିନ୍ନ ବର୍ଗରେ ନିଯୁକ୍ତି ଲାଗି ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଇ ନ ଥିଲା। ଏଥିଯୋଗୁ ରକ୍ଷଣାବେକ୍ଷଣର ଗୁଣବତ୍ତା ପ୍ରଭାବିତ ହୋଇଥିଲା ବୋଲି ସିଏଜି ସ୍ପଷ୍ଟ କରିଥିଲେ।

## ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କୁ ଗୁଳି



ସାହରନପୁର(ୟୁପି), ୨୮।୬

ଦଳିତ ନେତା ତଥା ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ କାର୍ ଉପରକୁ ବୁଧବାର କେତେଜଣ ଅଜଣା ଆକ୍ରମଣକାରୀ ଗୁଳି ଚଳାଇଥିଲେ। ଏଥିରେ ଆଜାଦ ଆହତ ହୋଇଥିବା ପୋଲିସ କହିଛି। ୩୬ ବର୍ଷୀୟ ଆଜାଦ ତାଙ୍କର ☞ପୃଷ୍ଠା-୨

## ତ୍ରିପୁରାରେ ରଥ ଜଳିଗଲା, ୬ ମୃତ

ଅଗରତାଲା,୨୮।୬(ପି.ଟି.)

ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ବେଳେ ତ୍ରିପୁରାର ଉନାକୋଟି ଜିଲାରେ ରଥ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିଆଁ ଲାଗିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଆଉ ୧୫ ଜଣ ଆହତ ହୋଇଛନ୍ତି। କୁମାରଘାଟରେ ଉଲଟା ରଥଯାତ୍ରା (ବାହୁଡ଼ା) ପାଇଁ ବୁଧବାର ଅନେକ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ୩୦ରେ ରଥ ଟଣାଯାଉଥିବାବେଳେ ଏକ ୧୩୩ କେ.ଭି. ବିଦ୍ୟୁତ୍ ତାରରେ ଏହା ଛନ୍ଦି ହୋଇଯାଇଥିଲା। ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଆସିଷ୍ଟାଣ୍ଟ ଆଇଜି (ଆଇନ ଶୃଙ୍ଖଳା) ଜ୍ୟୋତିଷ୍ମାନ ଦାସ ଚୌଧୁରୀ କହିଛନ୍ତି। ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ମାଣିକ ଶାହ ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି କଠିନ ସମୟରେ ରାଜ୍ୟ ସରକାର ସେମାନଙ୍କ ସହ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୬ (ବନ୍ଦନା ସେଠୀ)

■ ସରିଲା ୩ଦିନିଆ ଭୂମିପୂଜନ ଉତ୍ସବ
■ ପ୍ରକଳ୍ପ ପାଇଁ ଜମି ଦେଇଥିବା ୧୪ଜଣ ସମ୍ବର୍ଦ୍ଧିତ

ବେଦ, ମନ୍ତ୍ର ଓ ପୂଜାପାଠ ସହ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ପ୍ରତୀକ୍ଷିତ ତଥା ଆକାଂକ୍ଷିତ 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ କରିଛନ୍ତି। ଏଥିସହ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ୩ଦିନ ଧରି ଚାଲିଥିବା ଭୂମିପୂଜନ ଉତ୍ସବ ଶେଷ ହୋଇଛି। ଶୈବପୀଠ ସମେତ ଏକାମ୍ର କ୍ଷେତ୍ରର ବିକାଶ ପାଇଁ ୪ବର୍ଷର ପ୍ରକ୍ରିୟା ଖୁବ୍‌ଶୀଘ୍ର ପୂର୍ଣ୍ଣାଙ୍ଗ ରୂପ ନେବାକୁ ଯାଉଥିବାରୁ ସେବାୟତ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଆନନ୍ଦ ପ୍ରକାଶ ପାଇଛି। 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ ପାଇଁ ଶିବ ଆରାଧନା ସହ ସୋମବାରଠାରୁ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ବୁଧବାର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ସକାଳ ୬ଟା ୩୦ରୁ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶିଳା ପୂଜା, ଅଗ୍ନିପୂଜା ଓ ବନ୍ଦନା ପରେ ୯ଟା ୩୦ରେ ଶିଳା ବିଶୋଧନ, ଶିଳା ପ୍ରତିଷ୍ଠା, ଗର୍ଭ ସଂସ୍କାର ଓ ଶିଳାନ୍ୟାସ କର୍ମ କରାଯିବା ପରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ☞ପୃଷ୍ଠା-୨

## ଦକ୍ଷିଣ କୋରିଆବାସୀଙ୍କ ବୟସ କମିଯିବ

ସିଓଲ,୨୮।୬

ଦକ୍ଷିଣ କୋରିଆରେ ପ୍ରତ୍ୟେକ ନାଗରିକଙ୍କ ବୟସ ଏବେ ବର୍ଷେରୁ ଦୁଇ ବର୍ଷ ଲେଖାଏ କମିଯିବ। ଉକ୍ତ ଦେଶରେ ଅଣାଯାଇଥିବା ନୂଆ ନିୟମ ଅନୁଯାୟୀ ଲୋକଙ୍କ ବୟସ ହ୍ରାସ ପାଇବାକୁ ଯାଉଛି। ଦକ୍ଷିଣ କୋରିଆରେ ବୟସକୁ ନେଇ ୨ ପ୍ରକାର ଗଣନା ପଦ୍ଧତି ଥିବାବେଳେ ତାହାକୁ ହଟାଇବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ଦକ୍ଷିଣ କୋରିଆରେ ପିଲା ମା'ଗର୍ଭାଶୟରେ ରହିବା ପରଠାରୁ ତା'ର ବୟସ ଗଣନା ଆରମ୍ଭ କରାଯାଏ। ଅର୍ଥାତ୍ ପିଲା ଜନ୍ମ ହେବା ବେଳକୁ ତାକୁ ୧ବର୍ଷ ବୋଲି ଧରାଯାଏ। ଆଉ ଏକ ଗଣନା ପଦ୍ଧତି ଅନୁସାରେ, ପ୍ରତିବର୍ଷ ଜାନୁୟାରୀ ୧ ତାରିଖରେ ପ୍ରତ୍ୟେକ ବ୍ୟକ୍ତିଙ୍କ ବୟସ ଗୋଟିଏ ବର୍ଷ ବଢ଼େ। ଯଦି ଜଣେ ଶିଶୁ ଡିସେମ୍ବର ୩୧ ତାରିଖରେ ଜନ୍ମ ହୁଏ ତେବେ ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ ଗଣନା ଅନୁସାରେ ଜାନୁୟାରୀ ୧ରେ ସେହି ଶିଶୁକୁ ୨ ବର୍ଷ ଚାଲେ। ଦକ୍ଷିଣ କୋରିଆରେ କରାଯାଉଥିବା ବୟସ ଗଣନା ପ୍ରଣାଳୀ ଯୋଗୁ ନାଗରିକମାନେ ଜୀବନବୀମା ସଂକ୍ରାନ୍ତୀୟ ଅସୁବିଧାରେ ସମ୍ମୁଖୀନ ହେବା ସହ ଅନେକ ଲୋକ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇପଡୁଥିବା ରାଷ୍ଟ୍ରପତି ୟୁନ ସୁକ୍ ୟେଓନ୍ କହିଛନ୍ତି। ପ୍ରଚଳିତ କୋରିଆନ୍ ଏଜ୍ ମେଥଡ୍ ୧୦୦ ବର୍ଷରୁ ଅଧିକ ପୁରୁଣା। ଉଦାହରଣ ସ୍ୱରୂପ ଯଦି ଜଣେ ପିଲା ୨୦୦୩ ଜୁନ୍ ୨୯ରେ ଜନ୍ମ ହୋଇଛି ତେବେ ଅନ୍ତର୍ଜାତୀୟ ବୟସ ☞ପୃଷ୍ଠା-୨




DADLS - 17



ପବିତ୍ର ଇଦ୍-ଉଲ୍-ଜୁହା-୨୦୨୩ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଲ୍-ଜୁହା-୨୦୨୩ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

OIPR-15001/13/0065/2324

DADLS - 17



ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0065/2324



ପବିତ୍ର ଇଦ୍-ଉଲ୍-ଜୁହା ଉପଲକ୍ଷେ ବାର୍ତ୍ତା

DADLS - 17

ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା ଓ ସମର୍ପଣର ଏହି ପର୍ବରେ ସମସ୍ତେ ସାମିଲ ହୋଇ ଓଡ଼ିଶାର ନିରନ୍ତର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0065/2324

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ପରେ ଦୁଇଦେଶର ସହଭାଗିତା ଏକ ନୂଆ ସ୍ତରରେ ପହଞ୍ଚିଛି। ଭାରତ ଓ ଆମେରିକାର ଅସୀମ ସୁଯୋଗ ଭରା ଭବିଷ୍ୟତ ରହିଛି। -ଏରିକ୍ ଗ୍ରାସେଟି, ଆମେରିକା ରାଷ୍ଟ୍ରଦୂତ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର କାଠ ଉଇ ଖାଉଛି**
**କାଉଁରିଆ କାଠି ରୁଆ ହେଉଛି ।**

କାଠ ସହ କାଉଁରିଆ କାଠି କୌଣସି ଗୁଣରେ ସରି ହୋଇ ନ ଥାଏ। କିଛି ବ୍ୟକ୍ତି ବିଚାର ବୁଦ୍ଧିଶୂନ୍ୟ ହୋଇଥାନ୍ତି। ଭଲ ଓ ଭେଲ ମଧ୍ୟରେ କିଛି ତଫାତ ବା ଫରକ ଜାଣିପାରି ନ ଥାନ୍ତି। ନିର୍ବୁଦ୍ଧିଆ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘଇତା ଅଯୋଗ୍ୟ ପଣେ**
**ମାଇପ ଶୁଅଇ ସନ୍ତରା ବଣେ ।**

ଗୃହକର୍ତ୍ତା ବା ସ୍ୱାମୀ ଅଯୋଗ୍ୟ ହେଲେ ସ୍ତ୍ରୀର ଦୁଃଖକଷ୍ଟ ଦ୍ୱିଗୁଣିତ ହୋଇଯାଏ। ଫଳରେ ଘର ଚଳେଇବା ପାଇଁ ସେ ପରର ଆଶ୍ରା ନେଇଥାଏ। ପରଲୋକ ଯାହା କୁହେ ସେ ସେଇ ଅନୁସାରେ ଚଳିଥାଏ ଓ ସେଥିରେ ସାଲିସ କରିନେବା ଛଡ଼ା ତା'ପକ୍ଷେ ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ପାଠପଢ଼ା

ସାକ୍ଷୀଗୋପାଳ,୨୮।୬(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ ଜିଲା ସତ୍ୟବାଦୀ ବ୍ଲକର ବକୁଳବନରେ ନିର୍ମାଣ ହେଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏଥିସହ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ। ସେହିପରି ଅଫିସିଆଲ କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ବୁଧବାର ସତ୍ୟବାଦୀ ଗସ୍ତରେ ଆସିଥିବା ବେଳେ ଏହି ସୂଚନା ପ୍ରଦାନ କରିଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଅଫିସ କାର୍ଯ୍ୟ, ନାମଲେଖା ସହ ପାଠ୍ୟଦାନ ହେବା ନିମନ୍ତେ ଏହି ଉଚ୍ଚସ୍ତରୀୟ କମିଟି ସତ୍ୟବାଦୀ ଗସ୍ତ କରିଥିଲେ। ଏହି ଗସ୍ତରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଭିସି ସଞ୍ଜୟ ନାୟକ, ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକୋରା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଯୁଧିଷ୍ଠିର ସାହୁ, ଓବିସିସିର ମୁଖ୍ୟଯନ୍ତ୍ରୀ ଗିରିଜା ଶଙ୍କର ନାୟକ, ଏବିସିଏଲ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା, ଟେକ୍ ଏବିସିଏଲ ନିର୍ଦ୍ଦେଶକ ଅକ୍ରୁର ରଞ୍ଜନ ପତିଙ୍କ ସମେତ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବିଡିଓ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କମିଟି ପ୍ରଥମେ ସତ୍ୟବାଦୀ ଥାନା ନିକଟରେ ଥିବା ପୂର୍ତ୍ତ ବିଭାଗର ଡାକବଙ୍ଗଳାରେ ପହଞ୍ଚି ଏକ ସଭା କରିଥିଲେ। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। କାର୍ଯ୍ୟର ମନ୍ଥରତା ନେଇ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶୀଘ୍ର କାର୍ଯ୍ୟ ସାରିବା ପାଇଁ ଓବିସିସିର ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ବିଶ୍ୱବିଦ୍ୟାଳୟରେ କିଭଳି ଶୀଘ୍ର ବିଦ୍ୟୁତ୍ ସଂଯୋଗ, ଜଳଯୋଗାଣ, ୱାଇଫାଇ, ଫର୍ନିଚର, ରାସ୍ତାଘାଟ ଆଦି ନିର୍ମାଣ ସହ ପ୍ରାଥମିକତା ଭିତ୍ତିରେ ସମସ୍ତ ବିଲ୍ଡିଂର କାର୍ଯ୍ୟ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତବର୍ଷଠାରୁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ହେବ ବୋଲି ଶିକ୍ଷା ବିଭାଗର ନିଷ୍ପତ୍ତି ରହିଛି। କିନ୍ତୁ ବିଶ୍ୱବିଦ୍ୟାଳୟର କାମ ଅସମ୍ପୂର୍ଣ୍ଣ ଯୋଗୁ ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟର ଅଫିସ କାର୍ଯ୍ୟ ଓ ନାମଲେଖା ସହ ପାଠ୍ୟଦାନ ଆରମ୍ଭ କରାଯିବା ପାଇଁ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ବିଡିଓ ଲୋଚନ ଦାସ ଉପସ୍ଥିତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏଥିରେ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ଶିବସୁନ୍ଦର ମିଶ୍ର ରାଜି ହେବା ପରେ ଉପସ୍ଥିତ ଅଧିକାରୀମାନେ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଶେଷରେ ସେଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ସୋମବାରଠାରୁ ଆରମ୍ଭ କରାଯାଇ କିଛି ମାସ ପାଇଁ ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଆମେରିକା ସହ ଡ୍ରୋନ୍ ଡିଲ୍ | ମୂଲ୍ୟକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୨୮।୬(ପି.ଟି.)



ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବହୁ କୋଟି ଟଙ୍କାର ଡ୍ରୋନ୍ ଡିଲ୍‌ର ସ୍ୱଚ୍ଛତାକୁ ନେଇ ବୁଧବାର କଂଗ୍ରେସ ପ୍ରଶ୍ନ ଉଠାଇଛି। ୩୧ ଏମ୍‌କ୍ୟୁ-୯ବି ପ୍ରିଡେଟର ୟୁଏଭି ଡ୍ରୋନ୍‌ଗୁଡ଼ିକୁ ଅଧିକ ଦାମ୍‌ରେ ଅଧିଗ୍ରହଣ କରାଯାଉଥିବା ନେଇ ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି। କଂଗ୍ରେସ ମୁଖପାତ୍ର ପଓ୍ୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜାତୀୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉଚିତ। କିନ୍ତୁ ପ୍ରିଡେଟର ଡ୍ରୋନ୍ ଡିଲ୍‌ରେ ଅନେକ ସନ୍ଦେହ ଉପୁଜିଛି। ମୋଦି ସରକାର ଜାତୀୟ ସ୍ୱାର୍ଥକୁ ଉପହାସ କରିବା ନେଇ ଜଣାଶୁଣା। ରାଫାଲ ଡିଲ୍ ବେଳେ ମଧ୍ୟ ଭାରତୀୟମାନେ ଏହା ଦେଖିଛନ୍ତି। ସରକାର ୧୨୬ ରାଫାଲ ଯୁଦ୍ଧବିମାନ ପରିବର୍ତ୍ତେ ମାତ୍ର ୩୬ଟି ଆଣିଛନ୍ତି। ଡିଫେନ୍ସ ଆକ୍ୱିଜିଶନ୍ କମିଟି ଏବଂ ସଶସ୍ତ୍ର ବଳର ଆପତ୍ତିକୁ ଅଣଦେଖା କରି ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍)କୁ କିଭଳି ଭାବେ ଟେକ୍ନୋଲୋଜି ହସ୍ତାନ୍ତର କରା ନ ଯାଇ ଏକତରଫା ନିଷ୍ପତ୍ତି ନିଆଯାଇଥିଲା ତାହା ମଧ୍ୟ ଆମେ ଦେଖିଛୁ। ରାଫାଲ ଦୁର୍ନୀତି ଏବେ ମଧ୍ୟ ଫ୍ରାନ୍ସରେ ତଦନ୍ତାଧୀନ ରହିଛି। ତେଣୁ ପ୍ରିଡେଟର ଡ୍ରୋନ୍ ଚୁକ୍ତି ଉପରେ ଆମେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଦାବି କରୁଛୁ। ଭାରତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଚାହେଁ। ଅନ୍ୟଥା ଆମେ ମୋଦି ସରକାରଙ୍କ ଅଧୀନରେ ଆଉ ଏକ ଦୁର୍ନୀତିରେ ଫସିଯିବା ବୋଲି ଖେରା କହିଛନ୍ତି।କ ପ୍ରକାଶ ଯେ, ଆମେରିକାଠାରୁ ୩୧ଟି ଏମ୍‌କ୍ୟୁ-୯ବି ଡ୍ରୋନ୍ କିଣିବା ପାଇଁ ଭାରତ ମୂଲ୍ୟ ନିର୍ଦ୍ଧାରଣ କରିନାହିଁ ଦର୍ଶାଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ଏହାର ମୂଲ୍ୟ ଓ ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ପ୍ରକାଶିତ ରିପୋର୍ଟଗୁଡ଼ିକୁ ରବିବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଖାରଜ କରାଯାଇଥିଲା। ନିର୍ମାତାଙ୍କଠାରୁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଏହି ଡ୍ରୋନ୍ କେତେ ମୂଲ୍ୟରେ ନେଉଛନ୍ତି ତାକୁ ଅନୁଧ୍ୟାନ କରି ସବୁଠୁ ଉଚିତ ଦାମ୍‌ରେ ଯେପରି ଅଣାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରଣାଳୟ କହିଥିଲା।

# ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡି

## ୮୦୦ରୁ ଊର୍ଦ୍ଧ୍ୱ ମାଲିକଙ୍କ ନାଁରେ ଇ-ଚାଲାଣ

ଭୁବନେଶ୍ୱର,୨୮।୬(ଅଭିଜିତ ଦାସ)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଯାଇଛି। ବାକି ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡି ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟରେ ଚାଲୁଛି। ଅନେକ ଗାଡି ମାଲିକ ଏହି ନମ୍ବର ପ୍ଲେଟ୍ ଲଗାଇବାକୁ ଅପେକ୍ଷାରତ ଅଛନ୍ତି। ଏପରିସ୍ଥିତିରେ ଗତ ୨୩ ତାରିଖରୁ ପରିବହନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ସ୍ପେଶାଲ ଡ୍ରାଇଭ୍ ଚେକିଂରେ ୮୦୦ରୁ ଊର୍ଦ୍ଧ୍ୱ ମାଲିକଙ୍କ ନାଁରେ ଇ-ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି।

ବିଭାଗୀୟ ସୂଚନାନୁସାରେ, ଓଡ଼ିଶା ରେଜିଷ୍ଟ୍ରେଶନ୍ ମାର୍କ ଥିବା ତଥା ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ୍ ପ୍ଲେଟ୍ (ଏଚଏସ୍‌ଆରପି) ଲଗାଇବା ଅବଧି ଗତ ଫେବୃଆରୀ ୨୮ରୁ ଶେଷ ହୋଇଛି। ଏବେବି ଅନେକ ଗାଡି ବିକୃତ ନମ୍ବର ପ୍ଲେଟ ଥିବାବେଳେ ଅଧିକାଂଶ ଗାଡି ମାଲିକ ବୁକିଂ କରିଥିବା ନମ୍ବର ପ୍ଲେଟ୍‌କୁ ଅପେକ୍ଷା କରି ରହିଛନ୍ତି। ତେବେ ଗତବର୍ଷ ଅଗଷ୍ଟରେ ୭ ଲକ୍ଷ ୬ ହଜାର ୨୧୫ଟି ଗାଡି ମାଲିକ ସ୍ଲଟ ବୁକିଂ କରିଥିବାବେଳେ ଚଳିତବର୍ଷ ଜୁନ୍ ୭ ସୁଦ୍ଧା ୪୦ ଲକ୍ଷ ୯୩ ହଜାର ୬୦୮ଟି ଗାଡି ଲାଗି ସ୍ଲଟ୍ ବୁକିଂ ହୋଇଛି। ଏଥିମଧ୍ୟରୁ ୩୫ ଲକ୍ଷ ୮୭ ହଜାର ୫୬୭ଟି ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ଥିବାବେଳେ ବାକି ୫ ଲକ୍ଷ ଗାଡି ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ଚାଲୁଛି। ତେଣୁ ପରିବହନ ବିଭାଗ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ୨୫ ତାରିଖ ସୁଦ୍ଧା ୮୦୦ରୁ ଊର୍ଦ୍ଧ୍ୱ ଗାଡିକୁ ଧରାଯାଇଥିବାବେଳେ ୬୩୭ଜଣ ଗାଡି ମାଲିକଙ୍କ ନାମରେ ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି।

ଏନେଇ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲାଲମୋହନ ସେଠୀଙ୍କ କହିବା ଅନୁଯାୟୀ, ସେଣ୍ଟ୍ରାଲ ମୋଟର ଭେଇକିଲ୍ ରୁଲ୍(ସିଏମ୍‌ଭିଆର)୧୯୮୯ର ଧାରା ୫୦ ଅନୁଯାୟୀ ସମସ୍ତ ଯାନବାହନରେ ଏଚ୍‌ଏସ୍‌ଆର୍‌ପି ବାଧ୍ୟତାମୂଳକ। ମୋଟର ଭେଇକିଲ୍(ଏମ୍‌ଭି) ଆକ୍ଟ ୧୯୮୮ର ଧାରା ୧୯୨ ଅନୁସାରେ ଗାଡିରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିଲେ ଇ-ଚାଲାଣ କଟାଯିବ। ନିୟମ ପାଳନ କରୁ ନ ଥିବା ଗାଡି ଚାଳକଙ୍କୁ ଇ-ଚାଲାଣ କଟାଯାଇ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ। ଗୋଟିଏ ଗାଡି ପ୍ରଥମଥର ଧରାପଡିଲେ ୫ ହଜାର ଟଙ୍କା ଓ ଦ୍ୱିତୀୟଥର ଧରାପଡିଲେ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ପଡିବ। ଏନେଇ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଲୋକେ ନିୟମ ମାନୁ ନ ଥିବା ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର ସେଠୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମନକଥା ମନରେ ରଖି ସୁଯୋଗକୁ ଅପେକ୍ଷା କଲେ ଯାହା ଚାହୁଁଛନ୍ତି ତାହା ପାଇଯିବେ। ସାମାଜିକ ସ୍ତରରେ ଉଲ୍ଲେଖନୀୟ କାମ କରି ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ରର କେତେକ ସାମାନ୍ୟ ଭୁଲରୁ କାମ ବିଶୃଙ୍ଖଳିତ ହୋଇଯିବାର ଆଶଙ୍କା ରହିଛି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ।

**ବୃଷ**
ଆଜି ଆନୁଷ୍ଠାନିକ କ୍ଷେତ୍ରରେ, ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବିବାଦୀୟ ଘଟଣା କିନ୍ତୁ ଅମୀମାଂସିତ ରହିଯାଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ମୃଗଶିରା ନକ୍ଷତ୍ର ସକାଶେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ନ ହେଲେ ମଧ୍ୟ ବିଶେଷ ଖରାପ ହେବ ନାହିଁ। ଆରଦ୍ରା ନକ୍ଷତ୍ରର ଘରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବାରେ ଜଣେ ଅଜଣା ବନ୍ଧୁଙ୍କ ଅବଦାନ ରହିବ।

**କର୍କଟ**
ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ଅସଜଡ଼ା ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ସହକର୍ମୀ କିମ୍ବା ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ପୁନର୍ବସୁ ସକାଶେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟକୁ ସଙ୍କୁଚିତ କରିନେଇପାରନ୍ତି।

**ସିଂହ**
କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ।

**କନ୍ୟା**
ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରାଇପାରିବେ ନାହିଁ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ। ଚିତ୍ରା ନକ୍ଷତ୍ର ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା**
ମନ କଥା କାହାକୁ କହିପାରିବେ ନାହିଁ କିମ୍ବା କହିଲେ ମଧ୍ୟ କିଛି ଲାଭ ହେବନି। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇ ଅବସାଦ ଲାଗି ରହିବ। ସ୍ୱାତୀ ନକ୍ଷତ୍ର ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ, କିନ୍ତୁ ଲକ୍ଷ୍ୟ ହାସଲ କରିବେ।

**ବିଛା**
ଅନୁରାଧା ନକ୍ଷତ୍ର ନିଜର ଲୋକଙ୍କୁ ନେଇ ପ୍ରତ୍ୟେକ କଥାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। କେତେକ ଅହେତୁକ କାରଣରୁ କାମ ଶେଷ କରିପାରିବେ ନାହିଁ। ପରିବହନ, ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
ଭାବପ୍ରବଣବଶତଃ ଅନ୍ୟ କଥାରେ ଭାସିବୁଲିଲେ ମୁଣ୍ଡରେ ଚଡ଼କ ପଡ଼ିବ। ଆଜି ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। ପୂର୍ବାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର**
ଆଜି ଶ୍ରବଣା ନକ୍ଷତ୍ର ଶତ୍ରୁତା କଲେ ମଧ୍ୟ ଗ୍ରହ ପ୍ରଭାବରୁ ସମସ୍ତେ ଦୂରେଇ ରହିବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କର୍ମାରମ୍ଭ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ**
ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟସ୍ୱଜନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ଶତଭିଷା ନକ୍ଷତ୍ର ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**
ବହୁ ଆକାଂକ୍ଷିତ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ସନ୍ଧ୍ୟା ସମୟରେ ହଠାତ୍ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

ଆଜି ଆଷାଢ଼ ଶୁକ୍ଳପକ୍ଷର ସର୍ବସମ୍ମତ ପଦ୍ମା ଏକାଦଶୀ ଗୁରୁବାର, ରଥ ଉପରେ ଶ୍ରୀଜୀଉଙ୍କ ବଡ଼ ତଡ଼ାଉ ବେଶ (ସୁନାବେଶ), ଲକ୍ଷ୍ମୀନାରାୟଣ ବ୍ରତ, ଜୁନ୍ ୨୯ ତାରିଖ, ଜାତୀୟ ପରିସଂଖ୍ୟାନ ଦିବସ (ପରିସଂଖ୍ୟାନବିତ୍ ପ୍ରଶାନ୍ତ ଚନ୍ଦ୍ର ମହାଲ୍ ନୋବିସ୍‌ଙ୍କ ଜନ୍ମ ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ ପାଇଁ ଶୁଭଦିନ, ଦିବା ଘ.୦୫।୧୪ ଗତେ ଘ.୦୬।୦୭ ମଧ୍ୟେ, ଘ୦୯।୩୮ ଗତେ ଘ.୧୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୮ ଗତେ ଘ.୦୩।୦୭ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଟାଟା ଅବହେଳା...

କରିଥିବା ଯୁବକ ହେଲେ କୋଲାବନଗରର ବାବୁଲା ନାହାକ(୨୮)। ସେ ରଥର ବ୍ରେକ୍ ଦାୟିତ୍ୱରେ ଥିଲେ। ଆହତ କ୍ରିଷ୍ଣା ରାଓ(୫୪)ଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ଲୁହାରେ ୩ ନୂଆ ରଥ ନିର୍ମାଣ କରାଯାଇଛି। ତାଳଧ୍ୱଜ ରଥ ଟଣାହେବାବେଳେ ଏହାର ଧ୍ୱଜା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ରଥର ବ୍ରେକ୍ ଦାୟିତ୍ୱରେ ଥିବା ବାବୁଲା ଚପଲ ପିନ୍ଧି ନ ଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ଉପସ୍ଥିତ ପୋଲିସ ତାଙ୍କୁ ଉଦ୍ଧାର କରି କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ବାବୁଲାଙ୍କୁ ମୃତ ଘୋଷଣା କରିଥିଲେ। ରଥଯାତ୍ରା ଓ ବାହୁଡ଼ା ସମୟରେ ରାସ୍ତା ଦେଇ ଯାଇଥିବା ବିଦ୍ୟୁତ ତାର ହଟାଇବା ସହ ବିଦ୍ୟୁତ୍ ସରବରାହ ବନ୍ଦ କରିବା ନିୟମ ରହିଛି। କିନ୍ତୁ ଚଳିତ ଥର ଏହାର ଉଲ୍ଲଂଘନ କରାଯାଇଛି। ରଥ ପରିଚାଳକ ଏବଂ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଏପରି ଦୁର୍ଘଟଣା ଘଟିଯାଇଥିବା ପରିବାର ଲୋକେ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ କିଛି ପ୍ରତିକ୍ରିୟା ପ୍ରକାଶ କରି ନ ଥିବାବେଳେ ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କୋରାପୁଟ ସଦର ଥାନାଧିକାରୀ କିରଣବାଳା ସାମଲ କହିଛନ୍ତି।

### ବାହୁଡ଼ିଲେ ମହାବାହୁ...

ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ବୁଧବାର ଭୋର ୪ଟା ୩୫ରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ କୁସୁମୀ ଲାଗି ନୀତି ସମ୍ପନ୍ନ କରିଥିଲେ। ପରେ ୪ଟା ୫୦ରେ ମଙ୍ଗଳ ଆଳତି, ୪ଟା ୫୫ରେ ମଇଲମ, ୫ଟାରେ ତଡ଼ପ ଲାଗି, ୫ଟା ୧୫ରେ ରୋଷ ହୋମ ଓ ଅବକାଶ ପୂଜା, ୫ଟା ୫୦ରେ ବେଶ ଶେଷ, ୬ଟା ୫ରେ ସୂର୍ଯ୍ୟ ପୂଜା, ୬ଟା ୧୦ରେ ଦ୍ୱାରପାଳ ପୂଜା, ୭ଟା ୧୫ରେ ସକାଳ ଧୂପ, ୭ଟା ୪୦ରେ ମଙ୍ଗଳାର୍ପଣ, ୭ଟା ୪୫ରେ ପୁଷ୍ପାଞ୍ଜଳି, ୭ଟା ୫୦ରେ ଡୋର ଲାଗି ସରିଥିଲା। ମଧ୍ୟାହ୍ନ ୧୨ଟାରେ ପହଣ୍ଡି ଆରମ୍ଭ ହେବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ତେବେ ୪ଘଣ୍ଟା ପୂର୍ବରୁ ଅର୍ଥାତ୍ ୭ଟା ୫୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ, ପରେ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଗୋଟି ପହଣ୍ଡିରେ ରଥକୁ ବିଜେ କରାଯାଇଥିଲା। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟିପହଣ୍ଡି ହୋଇ ରଥକୁ ବିଜେ କରିଥିଲେ। ପରେ ଚଳନ୍ତି ପ୍ରତିମା ଶ୍ରୀରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡି ହୋଇ ୧୧ଟା ୫ରେ ରଥାରୂଢ଼ ହୋଇଥିଲେ। ବାହୁଡ଼ା ପହଣ୍ଡି ସରିବା ପରେ ୧୧ଟା ୨୦ରେ ମଇଲମ ଓ ବେଶ ଶେଷ ହୋଇଥିଲା। ଏହାପରେ ପରମ୍ପରା ଅନୁଯାୟୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଛେରାପହଁରା କରିଥିଲେ। ୧୨ଟା ୪୦ରେ ରଥରେ ଚାରମାଳ ଫିଟା ସହ ଘୋଡ଼ା ଲଗାଯାଇଥିଲା। ଅପରାହ୍ନ ୪ଟାରେ ରଥଟଣା ପାଇଁ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଅପରାହ୍ନ ୧୨ଟା ୫୦ରେ ପ୍ରଥମେ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ୧ଟା ୩୦ରେ ଦର୍ପଦଳନ ଓ ୧ଟା ୪୫ରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ଘଣ୍ଟଘଣ୍ଟା, ନୃତ୍ୟ ସଙ୍ଗୀତ ଓ ସଂକୀର୍ତ୍ତନ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା ଶରଧାବାଲି। ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତମାନେ ଅତି ଆନନ୍ଦର ସହ ତିନିରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥ ତ୍ରୟ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ ଲାଗିକରାଯାଇଥିଲା। ଏହାପରେ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ଯାତ୍ରା କରିଥିଲେ। ଅପରାହ୍ନ ୪ଟା ୨୦ରେ ପ୍ରଥମେ ତାଳଧ୍ୱଜ ଓ ପରେ ୪ଟା ୪୫ରେ ଦର୍ପଦଳନ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ତେବେ ନୀତି ପାଇଁ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକିଥିଲା। ୫ଟା ୨୦ରେ ଶ୍ରୀମନ୍ଦିରରୁ ମା' ମହାଲକ୍ଷ୍ମୀ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ନନ୍ଦିଘୋଷ ରଥ ନିକଟକୁ ଆସିଥିଲେ। ୫ଟା ୫୫ରେ ଗଜପତି ମହାରାଜା ସେଠାରେ ଲକ୍ଷ୍ମୀ-ନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ୬ଟା ୧୦ରେ ଶ୍ରୀମନ୍ଦିରକୁ ମହାଲକ୍ଷ୍ମୀ ପ୍ରତ୍ୟାବର୍ତ୍ତନ କରିବା ପରେ ନନ୍ଦିଘୋଷ ରଥ ପୁଣି ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା। ସନ୍ଧ୍ୟା ୬ଟା ୪୩ରେ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ଶରଧାବାଲିରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଜନସମୁଦ୍ର ପାଲଟିଥିଲା। ୮ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାହୁଡ଼ାଯାତ୍ରା ଲାଗି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ ୧୭୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଖରାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଉପରେ ପାଣି ସିଞ୍ଚନ କରାଯାଇଥିଲା।

**୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ**
- ୪ଘଣ୍ଟା ପୂର୍ବରୁ ସରିଲା ପହଣ୍ଡି, ସଅଳ ହେଲା ରଥଟଣା
- ମାଉସୀମା' ମନ୍ଦିର ନିକଟରେ ପୋଡ଼ପିଠା ଖାଇଲେ
- ଶ୍ରୀନଅର ନିକଟରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି

### 'ଏକାମ୍ର ପ୍ରକଳ୍ପ'ର ଶିଳାନ୍ୟାସ ...

ମନ୍ଦିର ସମ୍ମୁଖରେ ପହଞ୍ଚି ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଯଜ୍ଞସ୍ଥଳକୁ ଯାଇ ପୂର୍ଣ୍ଣାହୁତିରେ ସାମିଲ ହୋଇଥିଲେ। ଏକାମ୍ର ପ୍ରକଳ୍ପର ଶିଳାନ୍ୟାସ ପୂର୍ବରୁ ୫-ଟି ସଚିବ ଭି.କେ ପାଣ୍ଡିଆନ ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ରାହ୍ମଣ ନିଯୋଗ, ବଡୁ ନିଯୋଗ ଏବଂ ସମର୍ଥା ନିଯୋଗର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁ ଲିଙ୍ଗରାଜଙ୍କ ଦାମୋଦର ବେଶର ଏକ ଫଟୋଚିତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଏକାମ୍ର ପ୍ରକଳ୍ପ ନିମନ୍ତେ ଜମି ପ୍ରଦାନ କରିଥିବା ୧୪ଜଣ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଡିଏ ଉପାଧ୍ୟକ୍ଷ ବଲବନ୍ତ ସିଂ, ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏକାମ୍ର ପ୍ରକଳ୍ପର ୩ଦିନିଆ ଭୂମିପୂଜନ ଉତ୍ସବରେ ପର୍ଯ୍ୟଟକ ଓ ଭକ୍ତମାନେ ଏକାମ୍ର କ୍ଷେତ୍ରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପରମ୍ପରା ସହ ଯୋଡି ହେବାର ସୁଯୋଗ ପାଇଥିଲେ। ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ, ମୁକ୍ତେଶ୍ୱର ମନ୍ଦିର, ବିନ୍ଦୁସାଗର ପୁଷ୍କରିଣୀ ଓ ଅନ୍ୟାନ୍ୟ ଛୋଟ ମନ୍ଦିରଗୁଡ଼ିକ ଆଲୋକମାଳାରେ ସୁସଜ୍ଜିତ ହୋଇ ଏକ ଅପୂର୍ବ ଆକର୍ଷଣୀୟ ପରିବେଶ ସୃଷ୍ଟି କରିଥିଲା। ପାରମ୍ପରିକ ଯଜ୍ଞ ରୀତିନୀତି ମାଧ୍ୟମରେ ଏକାମ୍ର କ୍ଷେତ୍ରର ପବିତ୍ରତା ଆହୁରି ବୃଦ୍ଧି ପାଇ ଏକ ଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ଧାର୍ମିକ ସମାରୋହ ବ୍ୟତୀତ ଉପସ୍ଥିତ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଆକର୍ଷଣୀୟ ସ୍କାଏ ପ୍ରୋଜେକ୍ସନ୍, ଲାଇଟ୍ ଓ ସାଉଣ୍ଡ ଶୋ, ଭଜନ ସମାରୋହ, ନୃତ୍ୟ ପ୍ରଦର୍ଶନ ସହ ପ୍ରକଳ୍ପର ମଡେଲ ଏବଂ ତଥ୍ୟ ସମ୍ବଳିତ ପ୍ରଦର୍ଶନୀ ଦେଖିଥିଲେ।

**୮୦ ଏକର ଜମିରେ ଐତିହାସିକ ପ୍ରକଳ୍ପ**

ଐତିହାସିକ 'ଏକାମ୍ର ପ୍ରକଳ୍ପ' ଯୋଜନା ୨୦୧୯ରେ ଆରମ୍ଭ କରାଯାଇଥିଲା। ବିଭିନ୍ନ ସ୍ମାରକୀ, ପବିତ୍ର ପୁଷ୍କରିଣୀ ଓ ଅନ୍ୟାନ୍ୟ ଜଳାଶୟର ପୁନରୁଦ୍ଧାର ସମେତ ଶ୍ରୀ ଲିଙ୍ଗରାଜଙ୍କ ଚତୁଃପାର୍ଶ୍ୱର ୮୦ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏକାମ୍ର କ୍ଷେତ୍ରର ପ୍ରତ୍ନତତ୍ତ୍ୱ ଏବଂ ପ୍ରତ୍ନତାତ୍ତ୍ୱିକ ଐତିହ୍ୟର ପୁନରୁଦ୍ଧାର ପରି ପ୍ରମୁଖ କାର୍ଯ୍ୟକ୍ରମର ରୂପାୟନ କରାଯିବ। ଯାନବାହନ ଚଳାଚଳକୁ ସୁଗମ କରିବା ନିମନ୍ତେ ୧୨ରୁ ୧୮ ମିଟର ଚଉଡ଼ା ରାସ୍ତା, ପଥଚାରୀଙ୍କ ପାଇଁ ୪ରୁ ୧୦ ମିଟର ଚଉଡ଼ା ଚଲାପଥ ଏବଂ ପାର୍କିଂ ବ୍ୟବସ୍ଥା କରାଯିବ। ଏଥିସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଆନ୍ତଃସଂଯୋଗ କରୁଥିବା ମୁକ୍ତସ୍ଥାନ, ୩୦୦ ବର୍ଗମିଟରର ଦର୍ଶନ ସୁବିଧା, ଜରୁରିକାଳୀନ ସେବା ନିମନ୍ତେ ୧୬୦୦ ବର୍ଗମିଟରର ସୂଚନା ଓ ନିୟନ୍ତ୍ରଣ କେନ୍ଦ୍ର, ବିନ୍ଦୁସାଗର ଚତୁଃପାର୍ଶ୍ୱରେ ଉତ୍ସର୍ଗୀକୃତ ଚଲାପଥ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଛି ଏବଂ ଉନ୍ନୟନ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ।

### ଦକ୍ଷିଣ କୋରିଆବାସୀଙ୍କ...

ଗଣନା ଅନୁସାରେ ୨୦୨୩ ଜୁନ୍ ୨୮ ବେଳକୁ ସେହି ପିଲାକୁ ୧୯ ବର୍ଷ ହୋଇଥିବ। କିନ୍ତୁ ଦକ୍ଷିଣ କୋରିଆର ଗଣନା ବୟସ ବା କାଉଣ୍ଟିଂ ଏଜ୍ ଅନୁସାରେ ସେହି ପିଲାକୁ ୨୦ ବର୍ଷ ଏବଂ କୋରିଆନ ଏଜ୍ ଗଣନା ପଦ୍ଧତିରେ ସେହି ସମାନ ପିଲାକୁ ୨୧ ବର୍ଷ ହୋଇଥାଏ। ପୁରୁଣା ବୟସ ଗଣନା ପଦ୍ଧତିକୁ ହଟାଇବା ଲାଗି ଗତବର୍ଷ ଡିସେମ୍ବରରେ ସାଉଥ୍ କୋରିଆ ଆଇନ ପ୍ରଣେତାମାନେ ମତ ଦେଇଥିଲେ। ତେବେ ବୟସ ଗଣନା ନିୟମ ପରିବର୍ତ୍ତନକୁ ନେଇ ଦେଶବାସୀ ଉତ୍ସାହିତ ଅଛନ୍ତି। ଅନ୍ତର୍ଜାତୀୟ ବୟସ ଗଣନା ଲାଗୁ ହେବା ପରେ ଦକ୍ଷିଣ କୋରିଆର ହ୍ୟୁନ ଜେଓଙ୍ଗ ବିୟୁନଙ୍କ ବୟସ ଏବେ ୨ ବର୍ଷ କମିଯିବ ବୋଲି ସେ କହିଛନ୍ତି। କାଉଣ୍ଟିଂ ଏଜ୍ ଏବଂ କୋରିଆନ୍ ଏଜ୍ ଯୋଗୁ ତାଙ୍କ ବୟସ ବଢ଼ିଯାଇଥିଲା। ୧୯୮୦ରେ ଉତ୍ତର କୋରିଆ ସ୍ଥାନୀୟ ବୟସ ଗଣନା ନିୟମ ହଟାଇଥିବାବେଳେ ଜାପାନରେ ଏବେ ଅନ୍ତର୍ଜାତୀୟ ବୟସ ଗଣନା ପଦ୍ଧତି ପ୍ରଚଳିତ।

### ଭୀମ୍ ଆର୍ମି ମୁଖ୍ୟ ...

ଜଣେ ସମର୍ଥକଙ୍କ ଘରକୁ ଅନ୍ତେଷ୍ଟିକ୍ରିୟାର ଶେଷ ଦିନରେ ଯୋଗଦେବା ପାଇଁ ସାହରନପୁର ଜିଲାର ଦେଓବନ୍ଦ ଯାଉଥିବାବେଳେ ତାଙ୍କ ଏସ୍‌ୟୁଭିକୁ ଏକାଧିକ ଗୁଳିମାଡ଼ ହୋଇଥିଲା। ଆକ୍ରମଣକାରୀମାନେ ମଧ୍ୟ ଏକ କାର୍‌ରେ ଆସିଥିଲେ। ଗୋଟିଏ ଗୁଳି ଆଜାଦଙ୍କ ପେଟରେ ବାଜିଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ କାର୍‌ରେ ହରିୟାଣାର ରେଜିଷ୍ଟ୍ରେଶନ ନମ୍ବର ରହିଛି। ପୋଲିସ ଜିଲା ସୀମାକୁ ସିଲ୍ କରି ଆକ୍ରମଣକାରୀ ଓ ସେମାନଙ୍କ କାର୍‌କୁ ଧରିବା ଲାଗି ତନାଘନା ଚଳାଇଛି।

**କେନ୍ଦୁଝର ଟ୍ରକ୍ ଦୁର୍ଘଟଣା: ୩ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ଘୋଷଣା**

ଭୁବନେଶ୍ୱର,(ଅନିଲ ଦାସ): ମଙ୍ଗଳବାର ରାତିରେ କେନ୍ଦୁଝର ଜିଲା ଷଠିଘରଠାରେ ହୋଇଥିବା ଟ୍ରକ୍ ଦୁର୍ଘଟଣାରେ ୫ଜଣ ଲୋକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାରେ ଆହତମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ବରଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍: ୫ ମୃତ


ଦୁର୍ଘଟଣା ଘଟାଇଥିବା ଟ୍ରକ୍।


ସ୍ଥାନୀୟ ଲୋକେ ଏନ୍‌ଏଚ୍-୨୦ ଅବରୋଧ କରିଛନ୍ତି।

କେନ୍ଦୁଝର, ୨୮।୬ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ରୋଶଣୀ, ଡିଜେର ତାଳେ ତାଳେ ନାଚୁଥିଲେ ବରଯାତ୍ରୀ। ଆଉ ମାତ୍ର ୨୦ ମିଟର ଯାଇଥିଲେ କନ୍ୟାଘରେ ପହଞ୍ଚିଥାନ୍ତେ। ଭୋଜି ଆୟୋଜନ ସାରି କନ୍ୟାପକ୍ଷ ଲୋକେ ଅପେକ୍ଷା କରି ରହିଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଏହା ପୂର୍ବରୁ ଘଟିଥିଲା ଏକ ମର୍ମନ୍ତୁଦ ଦୁର୍ଘଟଣା। ମନ ଖୁସିରେ ନାଚୁଥିବା ବେଳେ ଯମଦୂତ ସାଜି ଏକ ଟ୍ରକ୍ ବରଯାତ୍ରୀଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ମଙ୍ଗଳବାର ରାତି ୨ଟାରେ କେନ୍ଦୁଝର ଜିଲା ଟାଉନ ଥାନା ଅଧୀନ ଷଠିଘର ସାହି ନିକଟରେ ଘଟିଛି। ମୃତକମାନେ ହେଲେ ପୁରୁଣା ବଜାର କେଉଟସାହିର ବାପୁନ ଦେହୁରୀ(୨୫), ଲକ୍ଷ୍ମୀପାଦର ରତି ମୁଣ୍ଡା(୬୫), ଷଠିଘର ସାହିର ଦର୍ଶନ ପାତ୍ର(୨୨), ହରିଚନ୍ଦନପୁର ଥାନା ଜାମୁଯୋଡ଼ି ପଞ୍ଚାୟତ ମାନପୁର ପାତ୍ରସାହିର ସତ୍ୟଜିତ୍ ପାତ୍ର (୧୩) ଓ ଧଳପୁର ଗ୍ରାମର ସୁନୀଲ ମହାନ୍ତ(୨୭)। ଗୁରୁତରମାନେ ହେଲେ ବଡ଼ବିଲ ଥାନା ଅଞ୍ଚଳର ବିଶୁ ପାତ୍ର, ଟାଉନ ଥାନା ଅଧୀନ ଷଠିଘର ସାହିର ଲିପୁନ ପାତ୍ର(୧୭), ହିମାଂଶୁ ପାତ୍ର(୧୬), ସଞ୍ଜୟ ପାତ୍ର(୨୩), ଅଜିତ୍ ପାତ୍ର(୨୦), ଲିପୁନ ମୁଣ୍ଡା(୧୮), ହରିଚନ୍ଦନପୁର ଥାନା ମାନପୁର ଗ୍ରାମର ମିଥୁନ ମୁଣ୍ଡା, ମଧୁ ମୁଣ୍ଡା(୪୦), ସୁନୀଲ ପାତ୍ର।

ସୂଚନା ଅନୁଯାୟୀ, ହରିଚନ୍ଦନପୁର ବ୍ଲକ୍ ଜଘିରା ନିକଟସ୍ଥ ମାନପୁର ଗ୍ରାମରୁ ଏକ ବରଯାତ୍ରୀ ଦଳ କେନ୍ଦୁଝର ଷଠିଘର ସାହିକୁ ଆସିଥିଲେ। କନ୍ୟାଘର ନିକଟ ୨୦ନଂ. ଜାତୀୟ ରାଜପଥ ଉପରେ ନାଚୁଥିଲେ। ଏହି ସମୟରେ ଶୁଆକାଟି ପଟୁ ଏକ ଟ୍ରକ୍ (ନଂ. ଓଡି ୦୯ ଏ ୨୯୨୩) ଦ୍ରୁତବେଗରେ ଆସି ବରଯାତ୍ରୀଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ଗୁରୁତର ହୋଇଥିଲେ। ମୃତକଙ୍କ ମଧ୍ୟରେ ୩ ଜଣ କନ୍ୟାପକ୍ଷର ରହିଥିବା ଜଣାପଡ଼ିଛି। ଖବରପାଇ ଟାଉନ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାରକରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଉତ୍ୟକ୍ତ ଲୋକମାନେ ଜାତୀୟ ରାଜପଥରେ ନିଆଁଜାଳି ଅବରୋଧ କରିଥିଲେ। ପୋଲିସକୁ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଲୋକେ ରାସ୍ତାରୋକୋ ଜାରି ରଖିଥିଲେ। ୨୦ନଂ. ଜାତୀୟ ରାଜପଥରେ ଡିଭାଇଡର ଭାଙ୍ଗି ଗାଡି ଚଳାଚଳ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି, ରାସ୍ତା ପାର୍ଶ୍ୱରେ ବାରିକେଡ୍, ଓଭରବ୍ରିଜ ନିର୍ମାଣ ଦାବି, ଉଜ୍ଜ୍ୱଳ ଆଲୋକ ଓ କ୍ଷତିପୂରଣ ଦାବି କରିଥିଲେ। ଟାଉନ ଥାନା ଅଧିକାରୀ ସୁନୀଲ କୁମାର କର ଓ ସଦର ତହସିଲଦାର ଆଶିଷ ମହାପାତ୍ର ପହଞ୍ଚି ଲୋକଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଆସିଥିବା ବର କନ୍ୟାଘରେ ପହଞ୍ଚି ନ ପାରି ଫେରିଯାଇଥିଲେ। ଫଳରେ ବାହାଘର ବନ୍ଦ ରହିଥିଲା। କନ୍ୟାଘର ପକ୍ଷରୁ ମଗୁଲା ଝିଅକୁ ବର ଘରକୁ ପଠାଇ ଦିଆଯାଇଛି। ଦୁର୍ଘଟଣାରେ ବର ଓ କନ୍ୟାଙ୍କ ପରିବାର ସମେତ ସମଗ୍ର ଗାଁ କାନ୍ଦବୋବାଳିରେ ଫାଟିପଡୁଛି। ଦୁର୍ଘଟଣା ପରେ ଟାଉନ ପୋଲିସ ଧ୍ରୁପଦା ନିକଟରୁ ଟ୍ରକ୍‌କୁ ଜବତ କରିଛି। ରେଡ୍‌କ୍ରସ୍ ତରଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪୦ ହଜାର ଟଙ୍କା, ଆହତଙ୍କୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ତରଫରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। କେନ୍ଦୁଝରଗଡ଼ ପୌରପାଳିକା ତରଫରୁ ମୃତକଙ୍କ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ. ୨୫୮/୨୦୨୩)ରେ ରୁଜୁ ହୋଇଛି। ଡ୍ରାଇଭର ଫେରାର ହୋଇଯାଇଛି। ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କର କହିଛନ୍ତି। ଘଟଣାରେ ଏସ୍‌ପି ନୀତିନ୍ କୁଶଲକର କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

## କନ୍ୟାଘର ଆଗରେ ମର୍ମନ୍ତୁଦ ଦୁର୍ଘଟଣା

- ୪ ଗୁରୁତରଙ୍କୁ କଟକ ମେଡିକାଲ ସ୍ଥାନାନ୍ତର
- ବିବାହ ନ କରି ଫେରିଲା ବର

## ଘଟଣାସ୍ଥଳରେ ପହଞ୍ଚିଲା ଟେକ୍‌ନିକାଲ ଟିମ୍

ଏନ୍‌ଏଚ୍ ୨୦ରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର କାରଣ ଯାଞ୍ଚ କରିବା ସହ ବାରମ୍ବାର ଅଘଟଣ ଘଟୁଥିବାରୁ ଲୋକଙ୍କ ଫ୍ଲାଏଓଭର ନିର୍ମାଣ ଦାବିକୁ ନେଇ ଏକ ଟେକ୍‌ନିକାଲ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଟିମ୍‌ରେ ଏନ୍‌ଏଚ୍‌ଏଆଇର ଅଧିକାରୀମାନେ ସାମିଲ ଥିଲେ। ଉକ୍ତ ସ୍ଥାନରେ ଡ୍ରେନେଜ୍ ସୁବିଧା ନ ଥିବାରୁ ରାସ୍ତା ଉପରେ ପାଣି ବୋହୁଛି। ଜନବସତି ଅଞ୍ଚଳ ହୋଇଥିବା ସତ୍ତ୍ୱେ ଦୁର୍ଘଟଣା ରୋକିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକଙ୍କ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ଜିଲାପାଳ ଆଶିଷ ଠାକ୍‌ରେ କହିଛନ୍ତି, ଲୋକଙ୍କ ଅଭିଯୋଗ ପାଇବା ପରେ ଟେକ୍‌ନିକାଲ ଟିମ୍ ପଠାଯାଇଛି। ମୃତ ଓ ଆହତମାନଙ୍କୁ ରେଡ୍‌କ୍ରସରୁ ସହାୟତା ପ୍ରଦାନ କରାଯାଇଛି।

## ପୋଲ ତଳକୁ ପିକ୍‌ଅପ୍ ଖସି ୨ ମୃତ


ଓଲଟି ପଡିଥିବା ପିକ୍‌ଅପ ଭ୍ୟାନ୍।

**ଭବାନୀପାଟଣା,୨୮।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକରେ ବାହୁଡ଼ା ଯାତ୍ରାରେ ଅଘଟଣ ଘଟିଛି। ଜୟପାଟଣା ବ୍ଲକ ଝୁଲୁ ଘାଟିରେ ବୁଧବାର ସକାଳୁ ପଣସ ବୋଝେଇ ହୋଇ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ପୋଲ ତଳକୁ ଖସି ପଡିବାରୁ ୨ ଜଣକର ମୃତ୍ୟୁ ଘଟିଛି। ଏଥିରେ ପିକ୍‌ଅପ୍ ଚାଳକ ଜାଲ ସିଂହ ଗୌଡ଼ (୨୮) ଓ ମୁକ୍ତା ମାଝି (୫୦) ନାମକ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ଘର ନବରଙ୍ଗପୁର ଜିଲା କଣ୍ଟାଗାଁର ବୋଲି ଜଣାପଡିଛି। ପିକ୍‌ଅପ୍‌ରେ ବସିଥିବା ଅନ୍ୟ ୮ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଅନେକ ମହିଳା ରହିଥିବା ଜଣାପଡିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ପୁଣି ୪ଜଣଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନବରଙ୍ଗପୁର ଜିଲା ପାତ୍ରପୁଟ ଗାଁରୁ ପଣସ ବୋଝେଇ ଏହି ପିକ୍‌ଅପ୍ ଜୟପାଟଣାକୁ ଆସୁଥିବାବେଳେ ବାଟରେ ଏହି ଅଘଟଣ ଘଟିଛି।

## ପିକ୍‌ଅପ୍ ଓଲଟି ଜଣେ ମୃତ

ବଲାଙ୍ଗୀର/ପାଟଣାଗଡ଼, ୨୮।୬ (ବୀରେନ୍ଦ୍ର କୁମାର ଝାଙ୍କର/ପ୍ରହ୍ଲାଦ ପାଢ଼ୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ ରାମପୁରରୁ ବାନ୍ଧନବାଡି ଗାଁକୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ ଭଇଁଷା ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ଜଣ ଆହତ ହୋଇଛନ୍ତି। ମୃତକ ରାମପୁରର ମୁକେଶ ସାରସୁଲିଆ(୪୦) ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରାମପୁର ଗାଁରୁ ଏକ ସଂକୀର୍ତ୍ତନ ଦଳ ବାନ୍ଧନବାଡି ଗାଁକୁ ବାହୁଡ଼ା ଯାତ୍ରାରେ ନାମ ସଂକୀର୍ତ୍ତନ କରିବା ପାଇଁ ପିକ୍‌ଅପ୍‌ରେ ଯାଉଥିଲେ। ଭଇଁଷା ଛକ ନିକଟରେ ଗାଡି ଓଲଟିପଡ଼ିବାରୁ ସେଥିରେ ବସିଥିବା ୩୫ଜଣ ସଂକୀର୍ତ୍ତନ ଦଳ ସଦସ୍ୟ ଛିଟିକି ପଡିଥିଲେ। ଏଥିରେ ଅଧିକାଂଶ ମହିଳା ଥିଲେ। ଦୁର୍ଘଟଣାରେ ଗୁରୁତର ଦୁଇଜଣଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୁକେଶଙ୍କୁ ମୃତ ଘୋଷଣା କରିଥିଲେ।




DSPL-125

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**ମଶାବାହିତ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ମାର୍ଗଦର୍ଶିକା**

ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ମ୍ୟାଲେରିଆ ଭଳି ରୋଗ ବ୍ୟାପିବାର ଆଶଙ୍କା ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ପାଣି ଜମି ରହୁଥିବା ଜାଗାରୁ ପାଣି ନିଷ୍କାସନ କରନ୍ତୁ ଓ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏସବୁ ତଦାରଖ କରନ୍ତୁ।
- ଘରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସାପ୍ତାହିକ ପରିଷ୍କାର କରନ୍ତୁ।
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା / ଛିଣ୍ଡା ଟାୟାର, ନଡିଆ ଷଢ଼େଇ, କୋଡୁଆ, ଓଳି, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରନ୍ତୁ କିମ୍ବା ଦୂରେଇ ଦିଅନ୍ତୁ।
- ଘର ପାଖ ପରିବେଶ ସଫା ରଖନ୍ତୁ।
- ମଶାରୀ ନିୟମିତ ବ୍ୟବହାର କରନ୍ତୁ। ମଶାଙ୍କ ପ୍ରବେଶ ରୋକିବାକୁ ଝରକାରେ ସରୁ ଜାଲି ଲଗାଇଲେ ଭଲ।
- ପୁରା ଶରୀରକୁ ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ।
- ଆବଶ୍ୟକ ସ୍ଥଳେ ସୁରକ୍ଷିତ ମଶା ନିବାରକ ବ୍ୟବହାର କରନ୍ତୁ।
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରି ଚିକିତ୍ସା କରନ୍ତୁ।

OIPR-10003/13/0070/2324

## ଆଜି ରଥାରୂଢ଼ ମହାପ୍ରଭୁଙ୍କ ସୁନାବେଶ

ପୁରୀ, ୨୮।୬ (ଅଜିତ୍ ମହାନ୍ତି)

ଆଷାଢ଼ ଶୁକ୍ଳ ଏକାଦଶୀ ତିଥି ଗୁରୁବାର ତିନି ରଥରେ ମହାପ୍ରଭୁଙ୍କ ଅନନ୍ୟ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ରଥାରୂଢ଼ ଚତୁର୍ଦ୍ଧାବିଗ୍ରହ ମହଣ ମହଣ ସୁନାରେ ସଜେଇ ହେବେ। ରଥ ଉପରେ ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଠାକୁରଙ୍କ ସୁନାବେଶ ନୀତି ଆରମ୍ଭ ହେବ। ଅପରାହ୍ନ ୫ଟାରୁ ସାଢେ ୬ଟା ୩୦ ମଧ୍ୟରେ ସୁନାବେଶ ବଢିବା ଲାଗି ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ତିନିଠାକୁର ହସ୍ତ, ପାଦ, କଣ୍ଠମାଳା, ଶ୍ରୀଭୁଜ, ଶ୍ରୀପୟର, ରତ୍ନପଦକ, ରତ୍ନକାରିଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି, କାନ୍ତ ଓ କଟି ମେଖଳା ଆଦି ସ୍ୱର୍ଣ୍ଣ ସହ ବହୁବିଧ ରତ୍ନ ଅଳଙ୍କାରରେ ସଜେଇ ହେବେ। ରାତି ୧୦ରୁ ୧୧ଟା ଭିତରେ ସୁନାବେଶ ମଇଲମ କରାଯିବ। ଅନ୍ୟାନ୍ୟ ନୀତି ବଢ଼ି ବଡ଼ସିଂହାର ବେଶ ପରେ ରାତି ୧ଟାରେ ରାତ୍ର ପହୁଡ଼ ହେବା ନେଇ ସୂଚନା ମିଳିଛି। ଚଳିତ ବର୍ଷ ଦୁର୍ଲଭ ସୁନାବେଶ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ବୈଦ୍ୟନାଥ ଘରେ ଡାକ୍ତର**

ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଡାଇବେଟିସ୍ | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ୍, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଅର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ଥଣ୍ଡା କଲ୍ୟାଣ ତେଲ, ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ |
| ଲିଭର ରୋଗ | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ରକ୍ତସ୍ରାବ | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟାବଲେଟ୍, ଗୋକ୍ଷୁରାଡି ଗୁଗ୍ଗୁଲୁ |

ଡାକ୍ତର ପରାମର୍ଶ ସହିତ ଆଉଟଲେଟ୍:

KENDRAPADA: 9853631559 GANJAM: 9583088964 JAGATSINGHPUR: 9439281532, 9438616702 BARGARH: 7894630209 KENDUJHAR: 6370698870, 9337238557 KEONJHAR: 6370698870 MAYURBHANJ: 9437350156 KORAPUT: 9438765344 MALKANGIR: 9556935213 RAYAGADA: 9937649097

For online purchase and online doctors consultation, log on to www.baidyanath.com



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। **–ଶ୍ରୀଅରବିନ୍ଦ**

# ସେନାପତିଙ୍କ ପ୍ରତ୍ୟାବର୍ତ୍ତନ



ରାଣା ମିଟର

ନିକଟରେ ୟେଭଗେନି ପ୍ରିଗୋଝିନ୍‌ଙ୍କ ୱାଗ୍‌ନର ଗ୍ରୁପ୍ ଦ୍ୱାରା ରୁଷିଆରେ ସୃଷ୍ଟି ହୋଇଥିବା ଏକ ଅଶାନ୍ତ ତଥା ସଙ୍କଟଜନକ ସ୍ଥିତି ବିଶ୍ୱରେ ସବୁଦେଶର ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ ଚାଇନାରେ ଏହା ଯେତିକି ଦୃଷ୍ଟି ଆକର୍ଷଣ କରିଛି ତା' ତୁଳନାରେ ଅନ୍ୟ କୌଣସିଠାରେ ଦେଖାଯାଇନାହିଁ। ଚାଇନା ପାଇଁ ରୁଷିଆ ଏକ ବିଶ୍ୱସ୍ତ ବନ୍ଧୁ ହୋଇଥିବା ଯୋଗୁ ନୁହେଁ, ବରଂ ରୁଷିଆରେ ଏହି ସପ୍ତାହାନ୍ତ ବିଦ୍ରୋହର ଏକ ଶତାବ୍ଦୀ ପୂର୍ବେ ଚାଇନା ଓ ବାମପନ୍ଥୀକୁ ଦୁର୍ବଳ କରିଦେଇଥିବା ଘଟଣାଗୁଡ଼ିକ ସହ ସ୍ପଷ୍ଟ ଐତିହାସିକ ସାମଞ୍ଜସ୍ୟ ରହିଥିବା ଯୋଗୁ ଏହା ଘଟିଛି। ଏବେ ରୁଷିଆ ୪ କିମ୍ବା ୫ଟି ଗୋଷ୍ଠୀଙ୍କ ମଧ୍ୟରେ ଥିବା ବିଭେଦର ବିପଦ ମଧ୍ୟରେ ଗତିକରୁଛି। ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଆର୍ମି ବା ସେନା ରହିଛି। ରୁଷୀୟ ଆର୍ମି ଏବଂ ୱାଗନର ଗ୍ରୁପ୍ ବ୍ୟତୀତ ମସ୍କୋ ମେୟର, ଚେଚେନ୍ୟାରେ ରମଜାନ୍ କାଡିରୋଭ ଏବଂ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ କମାଣ୍ଡ ଅଧୀନରେ (ରୁଷିଆ ସେନା କମାଣ୍ଡଗୁଡ଼ିକ ବାହାରେ) ସରକାରୀ ଭାବେ ନ୍ୟାଶନାଲ ଗାର୍ଡ ଭଳି ଛୋଟ ଛୋଟ ସେନା ଅଛନ୍ତି। ରୁଷୀୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ବ୍ୟକ୍ତଗତ ବିଜ୍‌ନେସ୍ ସ୍ୱାର୍ଥ ରକ୍ଷା ପାଇଁ ବିଭିନ୍ନ ପ୍ରକାର ସଶସ୍ତ୍ରବଳ କାର୍ଯ୍ୟକରୁଛନ୍ତି। ରୁଷିଆର ଏବକାର ବିଦ୍ରୋହ ଭଳି ୧୦୦ ବର୍ଷ ପୂର୍ବେ ଚାଇନାରେ ୱାରଲର୍ଡ ବା ଯୁଦ୍ଧ ସେନାପତିଙ୍କ ମଧ୍ୟରେ ବିଭେଦ ପ୍ରକାଶ ପାଇଥିଲା। ସେହି ସମୟରେ ଚାଇନାର ନେତାମାନେ ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣରେ ମିଲିଟାରି ଫୋର୍ସକୁ ରଖିବାକୁ ନିଶ୍ଚିତ କରିବାର ଏହା ଏକ ପ୍ରମୁଖ କାରଣ।

୧୯୧୧ରେ ଏକ ଅପ୍ରତ୍ୟାଶିତ ବିଦ୍ରୋହୀ ମେଣ୍ଟ ଚାଇନାର ଜଣେ ୫ବର୍ଷୀୟ ସମ୍ରାଟଙ୍କୁ ଗାଦିଚ୍ୟୁତ କରି ଏସିଆର ପ୍ରଥମ ଗଣତନ୍ତ୍ର ବ୍ୟବସ୍ଥା ଘୋଷଣା କରିଥିଲା। ତଥାପି ସେହି ନୂଆ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅସ୍ଥିର ଥିଲା। ଏହାର ସାମ୍ବିଧାନିକ ରାଷ୍ଟ୍ରପତି ସନ୍ ୟାତ୍‌ସେନ କିଛିଦିନ ପଦବୀରେ ରହିଥିଲେ। ତାଙ୍କୁ ସେନାର କମାଣ୍ଡର ଉଆନ ଶିକାଇ ଗାଦିଚ୍ୟୁତ କରିଥିଲେ। ସେନାର ଏକ ସିଂହଭାଗ ଶିକାଇଙ୍କ ପ୍ରତି ବିଶ୍ୱସ୍ତ ଥିଲେ, କିନ୍ତୁ ସରକାର ପ୍ରତି ନ ଥିଲେ। ଚାଇନାର ଏହି ସଂକ୍ଷିପ୍ତ ଗଣତାନ୍ତ୍ରିକ ପରୀକ୍ଷା ମିଲିଟାରି ଗୋଷ୍ଠୀଙ୍କ ମଧ୍ୟରେ ଏକ ସଂଘର୍ଷ ଦ୍ୱାରା ଖୁବ୍ ଶୀଘ୍ର ଶେଷ ହୋଇଗଲା। ନିଜକୁ ଜଣେ ନୂଆ ସମ୍ରାଟ ଭାବେ ଘୋଷଣା କରିବାକୁ ଚେଷ୍ଟା କରିବାର ଠିକ୍ ପରେ ଉଆନଙ୍କ ମୃତ୍ୟୁ ଘଟିଲା। ପରବର୍ତ୍ତୀ ଦେଢ ଦଶନ୍ଧି ଧରି ସ୍ଥାନୀୟ ସେନାଗୁଡ଼ିକ ଦ୍ୱାରା ଚାଇନା ଆଞ୍ଚଳିକ ଭିତ୍ତିରେ ବିଭାଜିତ ହୋଇ ରହିଲା। ସେନାଗୁଡ଼ିକର ନେତୃତ୍ୱକୁ ପ୍ରକାଶ କରିବା ଲାଗି ୱାରଲର୍ଡ (ଜୁନାଫା) ବା ମୁଖ୍ୟ ସେନାପତି ଶବ୍ଦ ବ୍ୟବହାର କରାଗଲା। ସେହି ସମୟରେ ଚାଇନା ଦେଶ ବାହାରୁ ସାମ୍ରାଜ୍ୟବାଦ ଓ ଭିତରେ ସେନାପତିବାଦର ବିପଦକୁ ସମ୍ମୁଖୀନ ହୋଇଥିଲା । ବିଭାଜିତ କ୍ଷମତାର ପ୍ରଭାବଗୁଡ଼ିକ ସ୍ପଷ୍ଟ ଓ ଗମ୍ଭୀର ହେଲା। ଏହି ସ୍ଥିତିରେ କୌଣସି ଶାସକ ସମଗ୍ର ଚାଇନାକୁ ନିଜର ବୋଲି ଦାବି କରିପାରିଲେ ନାହିଁ। ମିଲିଟାରି ମୁଖ୍ୟମାନେ ଲଗାତର ମେଣ୍ଟ ଗଢ଼ିବାରେ ଲାଗିଲେ, କିନ୍ତୁ ନିଜ ମଧ୍ୟରେ ଲଢେଇ ଯୋଗୁ ତାହା ଭାଙ୍ଗିଗଲା। ଏହି ଯୋଦ୍ଧାମାନେ ଟିକସ ସଂଗ୍ରହର କିଛି ନିର୍ଭରଯୋଗ୍ୟ ଉତ୍ସ ମଧ୍ୟରୁ କେବଳ ବିଦେଶୀମାନଙ୍କ ଦ୍ୱାରା ଲାଗୁ କରାଯାଇଥିବା ମାରିଟାଇମ୍ କଷ୍ଟମସ୍ ସର୍ଭିସ୍‌କୁ ନେଇ ପରସ୍ପର ମଧ୍ୟରେ ଲଢ଼ିଲେ। ବିଦେଶୀମାନେ ଚାଇନାରେ ଯିଏ କ୍ଷମତାରେ ରହିଲେ ସେମାମନଙ୍କୁ ହିଁ ରାଜସ୍ୱ ଦେଉଥିଲେ। ଫଳରେ ସାମ୍ବିଧାନିକ ସରକାରର କୌଣସି ପ୍ରଭାବ ରହିଲା ନାହିଁ।



କାଓ କୁନ୍ ନାମକ ଜଣେ ସେନାପତିଙ୍କ ନିର୍ବାଚନ ବିଜୟ ୧୯୨୩ରେ ଶହେ ବର୍ଷରେ ପହଞ୍ଚିବ। କାଓ କ୍ଷମତାକୁ ଆସିବା ଲାଗି ଲାଞ୍ଚର ସାହାରା ନେଇଥିଲେ। ବାସ୍ତବ କଥା ହେଉଛି, ସମସ୍ତ ସେନାପତି ଦୁର୍ନୀତିଗ୍ରସ୍ତ ନ ଥିଲେ। ଶାଂସି ପ୍ରଦେଶର ୟାନ୍ ଶିଶାନ ସାମାଜିକ ସଂସ୍କାର ପାଇଁ ବେଶ୍ ଜଣାଶୁଣା ଥିଲେ। ସେ କିଶୋରୀମାନଙ୍କ ପାଦ ବାନ୍ଧି ଦିଆଯିବା ପରମ୍ପରାକୁ ନିଷେଧ କରିଥିଲେ। ତେବେ କିଛି ଲୋକ ୱାରଲର୍ଡ କ୍ଷମତାରେ ଅତ୍ୟଧିକ ଯନ୍ତ୍ରଣା ଭୋଗିଥିଲେ। ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଲଗାତର ଯୁଦ୍ଧରେ ଯେଉଁମାନେ ପୀଡ଼ିତ ଓ ଅପରାଧୀ ଥିଲେ ସେମାନେ ୱାରଲର୍ଡଙ୍କ ଦ୍ୱାରା ଅତ୍ୟଧିକ ନିର୍ଯାତିତ ହେଉଥିଲେ। ଏହି ସମସ୍ୟା ୧୯୧୧ ବିଦ୍ରୋହର ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଆରମ୍ଭ ହିଁ ହୋଇଥିଲା। ୧୮୫୦ ରୁ ୧୮୬୪ ମଧ୍ୟରେ ତାଇପିଙ୍ଗ ବିଦ୍ରୋହର ଭୟଙ୍କର ଗୃହଯୁଦ୍ଧ ପୂର୍ବ ଚାଇନାକୁ ଦୋହଲାଇ ଦେଇଥିଲା।

ବହୁ ବର୍ଷ ଧରି ସମ୍ରାଟଙ୍କ ସେନାଗୁଡ଼ିକ ତାଇପିଙ୍ଗ ବିଦ୍ରୋହକୁ ସାମ୍ନା କରିପାରି ନ ଥିଲେ। ଫଳରେ ସେମାନଙ୍କ ବିରୋଧରେ ଲଢିବା ଲାଗି ପ୍ରାଦେଶିକ ନେତାମାନଙ୍କୁ ସେମାନଙ୍କ ନିଜସ୍ୱ ସେନା ଗଢ଼ିବା ଲାଗି ଅନୁମତି ଦେବାକୁ ପଡ଼ିଥିଲା। ଏହି ରଣନୀତି ସଫଳ ହେଲା ,କିନ୍ତୁ ସେନା କ୍ଷମତା ବଢ଼ାଇବା ଲାଗି କେନ୍ଦ୍ରରୁ ପ୍ରଦେଶଗୁଡ଼ିକୁ ଆର୍ଥିକ ସାହାଯ୍ୟ ଦେବାକୁ ପଡ଼ିଲା। ଏହାଦ୍ୱାରା ସାମ୍ରାଜ୍ୟ ଦୁର୍ବଳ ହେବାରୁ ସେହି ସ୍ଥାନୀୟ ମିଲିଟାରି ନେତାମାନେ ମଜଭୁତ ହୋଇଗଲେ। ଶେଷ ସମ୍ରାଟଙ୍କ ପତନ ପରେ ସେମାନେ ସୈନ୍ୟବାଦୀ ୱାରଲର୍ଡ ଭାବେ ଉଭା ହୋଇଥିଲେ। ୧୯୨୮ରାଷ୍ଟ୍ରବାଦୀ ନେତା ଚିୟାଙ୍ଗ କାଇ ଶେକ୍ ଏକ ସରକାର ଗଢିଲେ ଯାହା ଚାଇନାକୁ କିଞ୍ଚିତ ଏକାଠି କରିଥିଲା। ତଥାପି ସେ ୧୦ ବର୍ଷରୁ ଅଧିକ ସମୟ ଶତ୍ରୁ ଭାବେ ରହିଥିବା ମିଲିଟାରି ନେତା ଓ କମ୍ୟୁନିଷ୍ଟମାନଙ୍କ ବିରୋଧରେ ଲଢ଼ିବାରେ କଟାଇଥିଲେ। ୧୯୩୭ରେ ଜାପାନ ସହ ଚାଇନାର ଯୁଦ୍ଧ ହୋଇଥିଲା। ସେହି ସମୟରେ କେତେକ କ୍ଷେତ୍ରରେ ପ୍ରାଦେଶିକ ସେନାପତିମାନେ ସେମାନଙ୍କ ଆଞ୍ଚଳିକ କ୍ଷମତାକୁ ସୁରକ୍ଷିତ ରଖିବା ଲାଗି ଆକ୍ରମଣକାରୀଙ୍କ ସହ ରହିଥିବା ସେମାନଙ୍କ ଚୁକ୍ତି ଶେଷ କରିଦେଇଥିଲେ। ଏହି ଯୁଦ୍ଧ ମଧ୍ୟ ବିଦ୍ରୋହୀ କମ୍ୟୁନିଷ୍ଟ ପାର୍ଟିକୁ ନୂଆ ଶକ୍ତି ଦେଲା। କମ୍ୟୁନିଷ୍ଟ ପାର୍ଟିର ନେତା ଭାବେ ଉଭା ହୋଇଥିବା ମାଓ ଜେଡଙ୍ଗ ଅନୁଭବ କରିଥିଲେ ଯେ, କ୍ଷମତା ବନ୍ଧୁକ ନଳୀରୁ ବିକାଶ କରିଥାଏ। ସେଥିପାଇଁ ତାଙ୍କ ସିଦ୍ଧାନ୍ତ ଥିଲା, ପାର୍ଟି ବନ୍ଧୁକକୁ ଆଦେଶ ଦିଏ ଏବଂ ବନ୍ଧୁକ ପାର୍ଟିକୁ ଆଦେଶ ଦେବା ଲାଗି କେବେ ବି ବନ୍ଧୁକକୁ ଅନୁମତି ଦେବା ଉଚିତ ନୁହେଁ।

ମାଓ ଯେମିତି ଥିଲେ ତାଙ୍କ ବଚନ ବି ସେମିତି ଥିଲା। ୧୯୪୯ରେ କମ୍ୟୁନିଷ୍ଟମାନେ ଗୃହ ଯୁଦ୍ଧ ଜିତିବା ମାତ୍ରକେ ମାଓ ଚାଇନାରେ କ୍ଷମତାର ସବୁ ବିକଳ୍ପଗୁଡ଼ିକୁ ଧୂଳିସାତ କରିବା ପାଇଁ ପଦକ୍ଷେପ ନେଇଥିଲେ। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)କୁ ପାର୍ଟିର ସେନା ଭାବେ ଗଠନ କରାଗଲା, ଜାତୀୟ ସେନା ଭାବେ ନୁହେଁ। ଏହା ଏବେ ବି ସେହି ସ୍ଥିତିରେ ଅଛି। ଏପରିକି ପିଏଲ୍ଆଇ ଗଠନ ହେବାର ପାଖାପାଖି ୭୫ ବର୍ଷ ପରେ ମିଲିଟାରି ଶକ୍ତି ଦ୍ୱାରା କରାଯାଇଥିବା ବଡ଼ ପରିବର୍ତ୍ତନର ବିଚାର ଚାଇନା ନେତୃତ୍ୱରେ ଶିହରଣ ସୃଷ୍ଟି କରେ। ୨୦୧୨ରେ ଦଳର ଜଣେ ବରିଷ୍ଠ ନେତା ବୋ ଜିଲାଇଙ୍କୁ ହଟାଇ ଦିଆଯାଇଥବାର ଗୁଜବ ଖେଳିଯାଇଥିଲା। କ୍ଷମତା ଦଖଲ କରିବାକୁ ଦୁଷ୍ଟ ସେନାପତିମାନଙ୍କ ସହ ଆଲୋଚନା କରିବାର ଏକ ପ୍ରୟାସ କରିଥିବାରୁ ତାଙ୍କୁ ଏଭଳି କରାଯାଇଥିଲା ବୋଲି କୁହାଯାଇଥିଲା। ଏବକାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କ୍ଷମତାକୁ ଆସିବା ପରେ ପିଏଲ୍ଏ ସମ୍ପୂର୍ଣ୍ଣ ପାର୍ଟି ନିୟନ୍ତ୍ରଣରେ ରହିଥିବା ନିଶ୍ଚିତ କରିଥିଲେ। ଚଳିତ ସପ୍ତାହରେ ରୁଷିଆର ଏକ ମୁଖ୍ୟ ସହର ବିଦ୍ରୋହୀ ସେନା ଦଖଲରେ ରହିବା ପୁଟିନ୍ ସ୍ୱୀକାର କରିଥିବା ଖବର ପ୍ରଚାର ହେବା ପରେ ଚାଇନା କମ୍ୟୁନିଷ୍ଟ ପାର୍ଟିର ଗୁରୁତ୍ୱପୂର୍ଣ୍ଣ କମିଟି ମିଲିଟାରି କ୍ଷେତ୍ରରେ ନିର୍ଦ୍ଦୟତାର ଫଳ ସେମାନଙ୍କୁ ମିଳିଛି ବୋଲି ସେମାନଙ୍କର ମନରେ କୌଣସି ସନ୍ଦେହ ରହିବ ନାହିଁ।

**ପ୍ରାଧ୍ୟାପକ, ଇତିହାସ ଓ ରାଜନୀତି (ଆଧୁନିକ ଚାଇନା), ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ**

## ବିଜ୍ଞାନ ଓ ଆଧ୍ୟାତ୍ମିକତା



ଅନୀତା ପଟ୍ଟନାୟକ

ସରଳ ତା' ବାପାମାଆଙ୍କର ଅତ୍ୟନ୍ତ ଆଜ୍ଞାବହ ସୁପୁତ୍ର ଥିଲା। ତା'ର ଶାନ୍ତ ସ୍ୱଭାବ ଓ ପ୍ରୀତିକର ଆଚରଣ ପାଇଁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲା। ତା' ବାପା ଜଣେ ସଚ୍ଚୋଟ ଓ ନ୍ୟାୟପରାୟଣ ବ୍ୟକ୍ତି ଥିଲେ। ଧନୀ ଦରିଦ୍ରଙ୍କୁ ସମାନ ଚକ୍ଷୁରେ ଦେଖୁଥିଲେ। ମାଆ ଅତ୍ୟନ୍ତ ଭକ୍ତିପରାୟଣ ଥିଲେ ଓ ଭଗବାନଙ୍କ କଥା ବେଶି ଭାବୁଥିଲେ। ଆଖିବୁଜି ଧ୍ୟାନ କରୁଥିଲେ ଓ ସ୍ତୁତିମନ୍ତ୍ର ପାଠ କରୁଥିଲେ। ସରଳ ଅନୁଭବ କରୁଥିଲା ବିଶ୍ୱାସ, ଭକ୍ତି ଓ ପ୍ରାର୍ଥନାରେ ଆରୋଗ୍ୟପ୍ରଦ ଶକ୍ତି ଅଛି। ସେ ପୁଣ୍ୟାତ୍ମାମାନଙ୍କର ଜୀବନୀ ପଢ଼ିବାକୁ ଭାରି ଭଲ ପାଉଥିଲା। ସରଳ ଦିନେ ତା' ମାଆଙ୍କୁ ପଚାରିଲା, ଶିକ୍ଷାରେ ବୁଦ୍ଧି ଓ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ଗୁଣର ଅଭିବୃଦ୍ଧି ନିମନ୍ତେ କାହିଁକି ଗୁରୁତ୍ୱ ଦିଆଯାଉନାହିଁ? ପଞ୍ଚେନ୍ଦ୍ରିୟ ଦ୍ୱାରା ଆମର ଚରିତ୍ର ଗଠନ ହୋଇଥାଏ। ପଞ୍ଚେନ୍ଦ୍ରିୟ ମାଧ୍ୟମରେ ଯେତିକି ଶିକ୍ଷାକରୁ, ତାହା ହିଁ ଆମ ଚରିତ୍ରରେ ପ୍ରତିଫଳିତ ହୋଇଥାଏ। ଆଶ୍ଚର୍ଯ୍ୟର ବିଷୟ ପଞ୍ଚେନ୍ଦ୍ରିୟ ଦ୍ୱାରା ଗ୍ରହଣ କରିଥିବା ଅନେକ ବିଷୟ ପରବର୍ତ୍ତି ସମୟରେ ଆମେ ଭୁଲିଯାଇଥାଉ। ସେଗୁଡ଼ିକ ଆମର ଚରିତ୍ରଗଠନରେ ସାହାଯ୍ୟ ହୋଇନଥାଏ। ସରଳ ଦିନେ ସ୍କୁଲରୁ ଫେରି ଖୁସି ହୋଇ ତା' ମାଆଙ୍କୁ କହିଲା, ମାଆ ଆଜି ବିଜ୍ଞାନ ଶିକ୍ଷକ ନିଉଟନ ବାହାର କରିଥିବା ମାଧ୍ୟାକର୍ଷଣ ଶକ୍ତି ବିଷୟରେ ପଢ଼ାଇଲେ। ସେ କୁଆଡ଼େ କହିଥିଲେ, ''ମୁଁ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ ବି ଏହି ଶକ୍ତି ମୋର ଆବିଷ୍କାର ପୂର୍ବରୁ ସଦା ବିଦ୍ୟମାନ ରହିଛି। ମୁଁ ମାଧ୍ୟାକର୍ଷଣ ଶକ୍ତିକୁ ଚିହ୍ନିପାରିଲି। ସେତେବେଳେ ମୁଁ ଏହା ସୃଷ୍ଟି କରି ନ ଥିଲି। ମାଧ୍ୟାକର୍ଷଣ ଶକ୍ତିର କିଏ ଜଣେ ସ୍ରଷ୍ଟା ଅଛନ୍ତି ନିଶ୍ଚୟ।''

ସରଳର ବାପା ଏକଥା ଶୁଣି କହିଲେ, ବିଜ୍ଞାନ ଶିକ୍ଷକ ଠିକ୍ କହିଛନ୍ତି। ଶିକ୍ଷା ହୃଦୟର ରୂପାନ୍ତରଣ ପାଇଁ ଉଦ୍ଦିଷ୍ଟ। ମନୁଷ୍ୟ ପ୍ରଥମେ ଶିକ୍ଷାର ପ୍ରକୃତ ମୂଲ୍ୟ ନିରୂପଣ କରିବା ଦରକାର। ମନୁଷ୍ୟ ପାର୍ଥିବ ବିଜ୍ଞାନାତୀତ ଜ୍ଞାନକୁ ବୁଝିପାରିଲେ ହିଁ ବିଜ୍ଞାନ ଦ୍ୱାରା ପୂର୍ଣ୍ଣ ଲାଭାନ୍ୱିତ ହୋଇପାରିବ। ସରଳର ମାଆ କହିଲେ ମାଧ୍ୟାକର୍ଷଣ ଶକ୍ତିର ସ୍ରଷ୍ଟା ହେଉଛନ୍ତି ଭଗବାନ ବା ଈଶ୍ୱର ବା ଆଲ୍ଲା। ସରଳ ଦ୍ୱିତୀୟ ଦିନ ସ୍କୁଲରୁ ଆସି ଭାରି ପ୍ରଫୁଲ୍ଲିତ ଦେଖାଯାଉଥିଲା। ସେ ମାଆଙ୍କୁ କହିଲା, ଆଜି ବିଜ୍ଞାନ ଶିକ୍ଷକ ଆଇନଷ୍ଟାଇନଙ୍କ ବିଷୟରେ ପଢ଼ାଇଲେ। ପ୍ରକୃତିର କ୍ରିୟାଶୀଳତା ବିଷୟରେ କହି ସେ କହିଥିଲେ, ଏହି ମହାନ୍ ବୈଜ୍ଞାନିକ ଆଧ୍ୟାତ୍ମିକ ଅନ୍ୱେଷଣ ପାଇଁ ସତ୍‌ସଙ୍ଗ ଆବଶ୍ୟକ ବୋଲି ଉପଲବ୍ଧି କରିଥିଲେ। ସତ୍‌ସଙ୍ଗ ମାନବୀୟ ଦଶାର ରୂପାନ୍ତରଣ କରିଥାଏ। ଆଇନଷ୍ଟାଇନ କହୁଥିଲେ, ତୁମର ସାଙ୍ଗ କିଏ କହ? ମୁଁ କହିଦେବି ତୁମେ କି ପ୍ରକାର ଲୋକ। ଆମେ ଯେଉଁ ଲୋକମାନଙ୍କ ସହ ସମ୍ପୃକ୍ତ ସେମାନଙ୍କର ଚରିତ୍ର ଅନୁସାରେ ଆମର ବିଚାର କରାଯାଏ। ମୁଁ ଏସବୁ ଠିକ୍ ଭାବରେ ବୁଝିପାରିଲିନାହିଁ। ମାଆ କହିଲେ, କାଗଜରେ ମଲ୍ଲୀଫୁଲ ବାନ୍ଧିଲେ ତାହା ମଲ୍ଲୀଫୁଲ ପରି ବାସେ। ତେଣୁ ସତ୍‌ସଙ୍ଗୀ ଖୋଜିବା ଏକ ଦୁରୂହ ବ୍ୟାପାର।

ବାପା କହିଲେ, ନା ଏହା ଅତ୍ୟନ୍ତ ସହଜ। ସତର ଅର୍ଥ ଯାହା ଆଗରୁ ଥିଲା, ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ରହିବ। ସେ ହେଉଛନ୍ତି ଭଗବାନ୍, ଯାହାଙ୍କର ଜନ୍ମ ନାହିଁ କିମ୍ବା ମୃତ୍ୟୁ ନାହିଁ। ତାଙ୍କ ସହ ସାଙ୍ଗ ହେବା, ଜୀବନରେ ଭଗବାନ୍‌ଙ୍କର କଥାକୁ ପାଳନ କରିବାକୁ ସତ୍‌ସଙ୍ଗ କୁହାଯାଏ। ତା'ପରଦିନ ବିଜ୍ଞାନ ଶିକ୍ଷକ ଦାର୍ଶନିକ ଆଇଜେନବର୍ଗଙ୍କ ପଦାର୍ଥ ବିଜ୍ଞାନ ଓ ଆଧ୍ୟାତ୍ମିକ ମଧ୍ୟରେ ଥିବା ସମ୍ପର୍କ ସୂତ୍ର ଉପରେ କିପରି ଗବେଷଣା କରିଥିଲେ ତାହା କହିଥିଲେ। ସେଦିନ ତାଙ୍କ ବିଷୟରେ ବୁଝାଇବାକୁ ଯାଇ ସାର୍ କହିଥିଲେ, ମନକୁ ଆୟତ୍ତ କର ଓ ବିରାଟ ମନରେ ପରିଣତ ହୁଅ। ବିଜ୍ଞାନ ଶିକ୍ଷକ ସେଦିନ ଆଉ ଜଣେ ବୈଜ୍ଞାନିକ ଶ୍ରୋଡିଙ୍ଗରଙ୍କ କଥା ପଢ଼ାଇଲେ। ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ କିପରି ଅଖଣ୍ଡ ସମ୍ପର୍କ ଅଛି ଓ ଆଧ୍ୟାତ୍ମିକତା ହିଁ ବସ୍ତୁତଃ ବିଜ୍ଞାନର ଆଧାର ଏକଥା ପଢ଼ାଇଥିଲେ। ସରଳ ଏ ବିଷୟରେ ମାଆଙ୍କୁ କହିବାରୁ ମାଆ କହିଲେ, ଶ୍ରୋଡିଙ୍ଗର ଏହା ମଧ୍ୟ କହିଥିଲେ, ''ଅଧିକ କାମନା ଅର୍ଥ ଅଧିକ ନୈରାଶ୍ୟ।'' ବାପା କହିଲେ, ଆମେ ପଢୁଥିବାବେଳେ ଜଣେ ଭାବୁକ ଡାଇରାକଙ୍କ ବିଷୟରେ ପଢ଼ାଯାଉଥିଲା। ସେ ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ଥିବା ସମ୍ପର୍କକୁ ଜାଣିବାକୁ ଚେଷ୍ଟା କରିଥିଲେ। ସେ ମହର୍ଷି ବ୍ୟାସଙ୍କର ଅଷ୍ଟାଦଶ ପୁରାଣ ପଢ଼ି ନ ଥିଲେ ମଧ୍ୟ ସେ କହିଥିଲେ, ସବୁବେଳେ ପ୍ରେମକର କାହାର କ୍ଷତି କରନାହିଁ। ସରଳ ଶେଷରେ ସବୁ ବୁଝି କହିଲା, ମାଆ! ମୁଁ ବାପାଙ୍କ ପରି ବଡ଼ ମଣିଷ ହେଲେ ବୁଦ୍ଧି ଓ ଦକ୍ଷତାର ବିକାଶ ସହିତ ଆଧୁନିକ ଶିକ୍ଷାରେ ଉତ୍ତମ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେବି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ୟୁପିଏସ୍‌ସି ପରୀକ୍ଷାରେ ସଫଳ ହୋଇ ନ ପାରିଲେ ଭିନ୍ନକ୍ଷମମାନଙ୍କ ପାଇଁ ଏ କ୍ଷେତ୍ରରେ ସାହାରା ପାଲଟିଛନ୍ତି କେରଳର ଜୋବିନ ଏସ୍ କୋଟାରାମ। ଜୋବିନଙ୍କ ବୟସ ୪୧। ଚାଙ୍ଗାନାସେରି ସହରରେ ଜନ୍ମିତ ଜୋବିନ ୨୦୧୦ରେ ସିଭିଲ ସର୍ଭିସ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ଅନ୍ୟ ଆଶାୟୀମାନଙ୍କୁ କୋଚିଂ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। ପରେ ୨୦୧୯ରେ ସେ କୋଚି, କୋଝିକୋଡେ ଏବଂ ଥିରୁଭାନନ୍ତପୁରମରେ ଅଫ୍‌ଲାଇନ କୋଚିଂ ସେଣ୍ଟର ଖୋଲିଥିଲେ। ପରେ ଭିନ୍ନକ୍ଷମଙ୍କୁ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ କରିବାକୁ ଜୋବିନ ୨୦୨୧ରେ ଚିତ୍ରାସାଲାଭମ୍ (ପ୍ରଜାପତି) ପ୍ରୋଜେକ୍ଟ ଆରମ୍ଭ କରି ଚଳାଉଛନ୍ତି। ଭିନ୍ନକ୍ଷମ (ଶରୀରର କୌଣସି ଏକ ଅଙ୍ଗ କାମ କରୁ ନ ଥିବା)ଙ୍କୁ ମାଗଣାରେ କୋଚିଂ ଦେଉଛନ୍ତି। ଅଧିକାଂଶ ଭିନ୍ନକ୍ଷମ ହ୍ୱିଲ ଚେୟାରରେ ଆସି କୋଚିଂ ନେଉଛନ୍ତି। ପ୍ରାୟ ୧୦୦ ଜଣ ଭିନ୍ନକ୍ଷମ ଏହି ପ୍ରୋଜେକ୍ଟ ମାଧ୍ୟମରେ କୋଚିଂ ନେଉଛନ୍ତି। ଏଥିରେ ଅନ୍‌ଲାଇନ ଓ ଅଫ୍‌ଲାଇନ ସୁବିଧା ଉପଲବ୍ଧ ହେଉଛି। ସବୁଠୁ ବଡ଼କଥା ହେଉଛି ୟୁପିଏସ୍‌ସି କୋଚିଂ ଲାଗି ୧,୧୦,୦୦୦ ଟଙ୍କା ଦେବାକୁ ପଡୁଥିବାବେଳେ ଜୋବିନ ଆଶାୟୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ କୋଚିଂ ଦେବା ବ୍ୟବସ୍ଥା କରିଛନ୍ତି। ତେବେ ୟୁପିଏସ୍‌ସିର ବିଭିନ୍ନ ପରୀକ୍ଷାରେ ଏବେ ସୁଦ୍ଧା ୪୧ ଜଣ ବିଭିନ୍ନ ସର୍ଭିସରେ ନିଯୁକ୍ତି ପାଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜୁନ୍ ୧୯୯୮

- ମଧ୍ୟ ପଶ୍ଚିମ ନେପାଳର ପୁଲମି ଜିଲାରେ ମାଟି ଅତଡ଼ା ଖସି ୨୧ ଜଣଙ୍କ ପ୍ରାଣହାନି।
- ସୁରକ୍ଷା ଏବଂ ରାଜନୈତିକ କାରଣ ଦର୍ଶାଇ ୮ ଥର ବିଶ୍ୱ ସ୍କ୍ୱାଶ ଚାମ୍ପିୟନ ପାକିସ୍ତାନର ଜାନଶେର ଖାଁ ଭାରତରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସ୍କ୍ୱାଶ୍ ଓପନ ଚାମ୍ପିୟନଶିପରୁ ଓହରି ଯାଇଛନ୍ତି।
- ଆସାମରେ ଉଲ୍‌ଫା ଉଗ୍ରବାଦୀଙ୍କ ଦ୍ୱାରା ଅପହୃତ ସିପିଏମ୍ ନେତା କିଶୋରୀ ମୋହନ ରାୟ ନିହତ।

## ଅଶାନ୍ତି ବୃଦ୍ଧିପାଉଛି



ଡ. ସନ୍ତୋଷ କୁମାର ମହାପାତ୍ର

ସକାଳୁ ଖବରକାଗଜ ଖୋଲିଲେ, ଜିଡିପି ବୃଦ୍ଧି ବା ଆର୍ଥିକ ଅଭିବୃଦ୍ଧି ସମ୍ପର୍କିତ ଲେଖା ବେଶି ଦେଖିବାକୁ ମିଳେ। କିଏ ଲେଖିଲେଣି ଭାରତ ବିଶ୍ୱରେ ସର୍ବାଧିକ ବେଗରେ ବୃଦ୍ଧି ପାଉଛି ତ ଆଉ କିଏ ଲେଖିଲେଣି ଭାରତ ବିଶ୍ୱରେ ଏକ ଉଜ୍ଜ୍ୱଳ ତାରକା। ଆଉ କିଏ ଲେଖିଲେଣି ଭାରତ କିଛିବର୍ଷ ପରେ ବିଶ୍ୱରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବ ଏବଂ ୨୦୪୭ରେ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ଆଉ କିଏ କହିଲେଣି ଭାରତ ବିଶ୍ୱରେ ଏକ ମହାଶକ୍ତି ଭାବେ ଉଭା ହେଲାଣି। ଅବଶ୍ୟ ଅଭିବୃଦ୍ଧି ଢୋଲ ପିଟିଲା ବେଳେ କେହି ଲେଖୁନାହାନ୍ତି ଯେ ଏହାଦ୍ୱାରା ଦାରିଦ୍ର୍ୟ, କ୍ଷୁଧା, ବେକାରି ଓ ବୈଷମ୍ୟ କେତେଦୂର ହୋଇଛି? ଦରଦାମ୍ କେତେ ନିୟନ୍ତ୍ରଣ ହୋଇ ଲୋକେ କେତେ ଶାନ୍ତି, ସୁଖ ଓ ଆନନ୍ଦରେ ଅଛନ୍ତି ଓ ଲୋକଙ୍କ ଜୀବନର ଗୁଣାତ୍ମକ ବିକାଶ ଘଟିଛି କି ନାହିଁ? ଅନ୍ୟ ଉନ୍ନତ ଦେଶ ତୁଳନାରେ ଆମର ସ୍ଥିତି କେଉଁଠି? ଯେଉଁ କୋଟି କୋଟି ଲୋକ ମୁଠାଏ ଭାତ ବା ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି, ଚିକିତ୍ସା ଅଭାବରୁ ରୋଗରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି, ସେମାନେ କ'ଣ ଜିଡିପି ଖାଇ ବଞ୍ଚିବେ। ସେମାନେ ଭୁଲି ଯାଉଛନ୍ତି ଯେ ଭାରତ ୪୧ଟା ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ର ମଧ୍ୟରୁ ଏକ ରାଷ୍ଟ୍ର। ଅପରପକ୍ଷରେ ଶ୍ରୀଲଙ୍କା ଉଚ୍ଚ ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବେ ଉଭା ହୋଇଛି। ମୁଣ୍ଡପିଛା ଆୟ ଦୃଷ୍ଟିରୁ ଭାରତ ୧୩୮ଟି ଦେଶ ତଳେ ରହିଛି।

ଏଠାରେ ପ୍ରଶ୍ନ ଉଠେ ଯେ କାହିଁକି ଆମ ସରକାର ତଥା ବିଭିନ୍ନ ଦେଶର ସରକାର ଏହି ଜିଡିପି ବୃଦ୍ଧି ଉପରେ ଖାଲି ଗୁରୁତ୍ୱ ଦେଉଛନ୍ତି। ଜିଡିପି ତତ୍ତ୍ୱର ସୃଷ୍ଟିକର୍ତ୍ତା ନିଜେ ସ୍ୱୟଂ ସାଇମନ କୁଜନେଟ ଏହା ଲୋକଙ୍କ ଭଲମନ୍ଦର ବାସ୍ତବ ପ୍ରତିଫଳନ ନୁହେଁ ବୋଲି କହିଥିଲେ। ଏହା କେବଳ ଏକ ବର୍ଷର ଆର୍ଥିକ କାର୍ଯ୍ୟ କଳାପର ପ୍ରତିଫଳନ। ଯଦି ଧନୀ ଅଧିକ ଧନୀ ହୋଇ ଅଧିକ ବ୍ୟୟ କରନ୍ତି ତେବେ ଜିଡିପି ମଧ୍ୟ ବୃଦ୍ଧି ପାଇବ। ଅଧିକ ଲୋକସଂଖ୍ୟା ହେଲେ ଏବଂ ବ୍ୟୟ କଲେ ଜିଡିପି ବୃଦ୍ଧି ପାଇବ; ଯାହା ବର୍ତ୍ତମାନ ଭାରତରେ ଦେଖିବାକୁ ମିଳୁଛି। ଯେପରି ଜଣେ ମଣିଷର ଗୋଦର୍ ଗୋଡ଼ ସମସ୍ୟା ହେଲେ ମଧ୍ୟ ଓଜନ ବୃଦ୍ଧି ପାଏ, ବର୍ତ୍ତମାନ ଯେଉଁ ଜିଡିପି ବୃଦ୍ଧି ଘଟୁଛି ତାହା ଯୋଗୁ ଦେଶର ବିକାଶ ବା ଲୋକଙ୍କ ଜୀବନର ଗୁଣାତ୍ମକ ବିକାଶ, ଜୀବନର ମାନଦଣ୍ଡର ଉନ୍ନତି ଘଟୁନାହିଁ; ବରଂ କିଛି ମୁଷ୍ଟିମେୟ ଲୋକ କେବଳ ଧନୀ ହୋଇ ଚାଲିଛନ୍ତି। ଅର୍ଥାତ୍ ଯେଉଁ ଅଭିବୃଦ୍ଧି ଘଟୁଛି ତାହାର ସୁଫଳ କେବଳ ନିର୍ଦ୍ଦିଷ୍ଟ ଧନିକ ଶ୍ରେଣୀ ପାଖକୁ ଯାଉଛି। ଦେଶର ମୋଟ ସମ୍ପଦର ୪୦.୫% କେବଳ ୧% ଜନତାଙ୍କ ନିକଟରେ ରହିଲା ବେଳେ ୫୦% ଜନତାଙ୍କ ନିକଟରେ ମାତ୍ର ୩ % ସମ୍ପଦ ରହିଛି।

ପୁନଶ୍ଚ ଋଣ ବୃଦ୍ଧିଜନିତ ସରକାରୀ ବ୍ୟୟ, କଳାଟଙ୍କା ବହୁଳ ବିନିଯୋଗ ବିଶେଷ କରି ଗାଡ଼ି ମୋଟର, ଜମି ଘରବାଡ଼ିରେ ବହୁଳ ବିନିଯୋଗ, ପ୍ରାକୃତିକ ଓ ଖଣିଜ ସଂପଦର ଦ୍ରୁତ, ଅନ୍ଧାଦୁନିଆ ବିନିଯୋଗ, ଆଖିବୁଜା ଶିଳ୍ପାୟନ ଯୋଗୁ ଅଭିବୃଦ୍ଧି ଘଟିଛି। କିନ୍ତୁ ଏହି ପ୍ରକ୍ରିୟାରେ କେତେ କ୍ଷତି ହେଉଛି ତାହା ଆକଳନ ହେବା ଉଚିତ। ଏପରି ପରିସ୍ଥିତି ସୃଷ୍ଟି ହେଲାଣି ଯେ ବାୟୁମଣ୍ଡଳ ଅତ୍ୟନ୍ତ ଦୂଷିତ ତଥା ଉତ୍ତପ୍ତ ହୋଇଛି। ବିଶ୍ୱ ଉତ୍ତାପ ବୃଦ୍ଧି ଯୋଗୁ ମାନବ ସଭ୍ୟତାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ସରକାର ତଥା ଅର୍ଥନୀତିଜ୍ଞମାନେ ବୁଝିବା ଉଚିତ ଯେ ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ଅସରନ୍ତି ନୁହେଁ। ଏହା ଦିନେ ନା ଦିନେ ସରିଯିବ। ଜିଡିପି ବୃଦ୍ଧିର ଆଉ ଏକ କାରଣ ହେଲା ଯୌଥ ପରିବାର ଖଣ୍ଡ ବିଖଣ୍ଡିତ ହୋଇଯିବାରୁ ଲୋକେ ଭିନ୍ନ ଭିନ୍ନ ଜାଗାରେ ରହିବେ, ଅଧିକା ବ୍ୟୟ କରିବେ। ଆଉ ଏକ କାରଣ ହେଲା ଡେମନଷ୍ଟ୍ରେଶନ ଇଫେକ୍ଟ; ଯାହାର ଅର୍ଥ ହେଲା ନିଜର ପଡ଼ୋଶୀ, ବନ୍ଧୁ ବାନ୍ଧବଙ୍କ ଉନ୍ନତ ମାନର ଜୀବନ ପ୍ରଣାଳୀ ଅନୁସରଣ କରିବା। ଅର୍ଥାତ୍ ଅନ୍ୟକୁ ଦେଖି ଆବଶ୍ୟକଠାରୁ ଅଧିକ ବ୍ୟୟ କରିବା, ଉପଭୋଗ କରିବା। ଯଦି ଜଣେ ଭଲ ଘର କଲା, ତେବେ ତାକୁ ଦେଖି ଜଣକର ଘର ଥାଉ ପଛେ ଆଉ ଗୋଟେ ଘର କରୁଛି। ସେହିପରି ଜଣକର ଭଲ କାର୍‌ଟିଏ ଥିଲେ ମଧ୍ୟ ଯଦି କିଏ ଆଉ ଦାମିକିଆ କାର କିଣିଲା, ତାହାଠାରୁ ଆଉ ଦାମିକିଆ କିଣିବା ପାଇଁ ପ୍ରୟାସ କରୁଛି। ଦରକାରଠାରୁ ବା ନିଜ କ୍ଷମତା ବହିର୍ଭୂତ ଋଣ କରିବାକୁ ମଧ୍ୟ ପଛାଉ ନାହିଁ। କେତେକେ ଋଣ ଯନ୍ତାରେ ପଡ଼ି ସେଥିରୁ ମୁକୁଳି ପାରୁ ନାହାନ୍ତି। ଜିଡିପି ମଧ୍ୟ ଶୋଷଣ ଯୋଗୁ ବୃଦ୍ଧି ପାଉଛି। ଅର୍ଥାତ୍ ଜଣେ ବା କୌଣସି ସଂସ୍ଥା ଅନ୍ୟକୁ ଶୋଷଣ କରି ଅର୍ଥ ଉପାର୍ଜନ କରି ବ୍ୟୟ କଲେ ବା ଅନ୍ୟକୁ ଦରମା ଦେଲେ ଜିଡିପି ମଧ୍ୟ ବୃଦ୍ଧି ପାଉଛି। ବିଶ୍ୱରେ ଜିଡିପି ଆକଳନ ପଦ୍ଧତିରେ ମଧ୍ୟ ଅନେକ ପରିବର୍ତ୍ତନ କରାଯାଇଛି। ଯଦି ସରକାର ପରୋକ୍ଷ କର ବୃଦ୍ଧି କରନ୍ତି ଏବଂ ସବ୍‌ସିଡି ହ୍ରାସ କରନ୍ତି ତେବେ ଜିଡିପି ମଧ୍ୟ ବୃଦ୍ଧି ପାଇବ। ଯେଉଁ ନାମାଙ୍କନ ଜିଡିପି ବୃଦ୍ଧି ଘଟୁଛି ତାହାର ଏକ ମୁଖ୍ୟ କାରଣ ହେଲା ମୁଦ୍ରାସ୍ଫୀତି ବୃଦ୍ଧି।



ଆର୍ଥିକ ଅଭିବୃଦ୍ଧି ସର୍ବଦା ନିଯୁକ୍ତି ବୃଦ୍ଧି, ଟିକସ ବୃଦ୍ଧି, ଜୀବନ ମାନରେ ଉନ୍ନତି, ସୁଖ, ଶାନ୍ତି ତଥା ବିଭିନ୍ନ ସୂଚକାଙ୍କରେ ଉନ୍ନତି ପରିଲକ୍ଷିତ ହେବା ଉଚିତ। ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ବୃଦ୍ଧି ଅନୁସାରେ ନିଯୁକ୍ତି ବୃଦ୍ଧି ପାଇବା କଥା। କିନ୍ତୁ ବେକାରି ହାର ବୃଦ୍ଧି ସହିତ ନିଯୁକ୍ତି ହ୍ରାସ ପାଉଛି। ସିଏମ୍ଆଇଇ ରିପୋର୍ଟ ଅନୁଯାୟୀ, ମୋଟ ନିଯୁକ୍ତି ବ୍ୟକ୍ତିଙ୍କ ସଂଖ୍ୟା ଯାହା ୨୦୧୯–୨୦ରେ ୪୦.୮୯ କୋଟି ଥିଲା, ତାହା ମାର୍ଚ୍ଚ ୨୦୨୩ରେ ୪୦.୭୬ କୋଟିକୁ ହ୍ରାସ ପାଇଛି। ବିଶ୍ୱ ସୁଖ ସୂଚକାଙ୍କ ୨୦୨୩ (୧୪୬ଦେଶ ମଧ୍ୟରୁ ୧୩୬), ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୨୨ (୧୬୩ଦେଶ ମଧ୍ୟରେ ୧୩୫)ରେ ଭାରତ ରହିଛି। ଭାରତ ନିମ୍ନ ଶାନ୍ତି ଦେଶ ଭାବେ ସ୍ଥାନିତ ହୋଇଛି। ଭାରତରେ ଅଶାନ୍ତି, ଆତ୍ମହତ୍ୟା, ଅପରାଧ ବୃଦ୍ଧି ପାଇଛି। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ୨୦୨୧ ଅନୁଯାୟୀ, ଆତ୍ମହତ୍ୟା ଦେଶରେ କ୍ରମଶଃ ବୃଦ୍ଧି ପାଉଛି। ୨୦୧୭ରେ ଆତ୍ମହତ୍ୟା କରିଥିବା ଲୋକଙ୍କ ସଂଖ୍ୟା ୧,୨୯,୮୮୭ ଥିଲାବେଳେ ୨୦୨୧ରେ ୧,୬୫, ୦୩୩କୁ ବୃଦ୍ଧି ପାଇଛି। ସେହିପରି ଛାତ୍ର ଆତ୍ମହତ୍ୟା ମଧ୍ୟ ଗତ ପାଞ୍ଚବର୍ଷ ମଧ୍ୟରେ ଏହା କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୨୦ରେ ଏହା ୧୨,୫୨୬ ଥିଲାବେଳେ ୨୦୨୧ରେ ୧୩,୦୮୯କୁ ବୃଦ୍ଧିପାଇଛି। ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ, ଭାରତର ଯୁବକମାନଙ୍କ ମଧ୍ୟରେ ଉଦାସୀନତା ବା ଡିପ୍ରେସନ ହାର ୩୧% ରୁ ୫୭% ମଧ୍ୟରେ ରହିଛି। ଯଦି ଅଶାନ୍ତି ବଢୁଛି, ତେବେ ଜିଡିପି ବୃଦ୍ଧିରେ ଲାଭ କାହାର?

**ମୋ: ୯୪୩୭୨୦୮୭୬୨**

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | 8 | | | |
| | | 9 | 7 | 2 | | 6 | | |
| | | | | | | 9 | | |
| | 6 | | | | 9 | 5 | | |
| | | 7 | 8 | | 3 | | | |
| | | | | 5 | | | | 1 |
| 7 | | | 4 | | | | 5 | |
| 3 | 1 | | | 8 | 2 | | | 7 |
| | 8 | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 2 | 7 | 3 | 4 | 8 | 5 | 1 |
| 3 | 5 | 8 | 9 | 1 | 2 | 6 | 4 | 7 |
| 7 | 4 | 1 | 8 | 5 | 6 | 2 | 9 | 3 |
| 2 | 8 | 5 | 1 | 9 | 3 | 7 | 6 | 4 |
| 4 | 1 | 7 | 2 | 6 | 8 | 5 | 3 | 9 |
| 9 | 3 | 6 | 4 | 7 | 5 | 1 | 2 | 8 |
| 8 | 2 | 9 | 6 | 4 | 1 | 3 | 7 | 5 |
| 5 | 6 | 4 | 3 | 8 | 7 | 9 | 1 | 2 |
| 1 | 7 | 3 | 5 | 2 | 9 | 4 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳଭଣ୍ଡାର ନିର୍ମାଣ ହେଉ

ମହାଶୟ,

ଆମ ରାଜ୍ୟର କୋରାପୁଟରେ ଅଦା ଚାଷ ବହୁଳ ଭାବରେ ହୁଏ । ଚଳିତ ବର୍ଷ କୋରାପୁଟ ଜିଲାରେ ମଧ୍ୟ ପ୍ରବଳ ଅଦା ଚାଷ ହୋଇଥିଲା । ଯେହେତୁ ଆମ ରାଜ୍ୟରେ ଶୀତଳଭଣ୍ଡାରର ଘୋର ଅଭାବ, ତେଣୁ ଅଦାକୁ ଭବିଷ୍ୟତ ପାଇଁ ରଖିବା ଲାଗି ଅନେକ ଅସୁବିଧା ହେତୁ ସେଗୁଡିକ ସବୁ ପଚିଶଢ଼ି ନଷ୍ଟ ହୋଇଗଲା, ଯାହାର ଫଳସ୍ୱରୂପ ଅଦାର ବିକ୍ରି ଦର ଅନେକ ଉଚ୍ଚ ହୋଇ ଗଲା। ବର୍ତ୍ତମାନ ସମୟରେ ଏହାର ମୂଲ୍ୟ ଅନେକ ଶସ୍ତା ହେବା ଜାଗାରେ କିଲୋ ପ୍ରତି ୨୫୦ ରୁ ୩୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। କୋରାପୁଟ, ଅନୁଗୋଳ ଅଞ୍ଚଳରେ ମଧ୍ୟ ପ୍ରବଳ ପିଆଜ ଚାଷ ହୁଏ, ଆଠଗଡ଼ ଅଞ୍ଚଳରେ ପ୍ରାୟ ସବୁ ପ୍ରକାରର ପନିପରିବା ଚାଷ ହୁଏ। ଯଦି ସେହିସବୁ ଅଞ୍ଚଳରେ ଶୀତଳ ଭଣ୍ଡାର ହୋଇପାରିବ ତେବେ ଚାଷୀମାନେ ଅନ୍ୟ ସମୟରେ ମଧ୍ୟ ତାହା ଶୀତଳଭଣ୍ଡାରରୁ ନେଇ ବଜାରରେ ରୋଜଗାର କରି ପାରନ୍ତେ। ଶୀତଳଭଣ୍ଡାର ଅଭାବ ରାଜ୍ୟ ସରକାରଙ୍କ ଅପାରଗତାର ନଗ୍ନ ଚିତ୍ର । ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଉପରେ ଅଣ୍ଡା,ମାଛ ଓ ପନିପରିବା ପାଇଁ ନିର୍ଭର କରେ । କେବଳ ଓଡ଼ିଶା ଚାଷୀ ଧାନ ଚାଷ କରି ଯାହା କିଛି ପାଇଥାଆନ୍ତି, କିନ୍ତୁ ପନିପରିବାରେ ନୁହେଁ । କିନ୍ତୁ କିପରି କିଏ ଆମ ରାଜ୍ୟକୁ ପୁରସ୍କାର ଦେଉଛି ତାହା ବୁଝିବା ବଡ଼ କଠିନ । ଏପରି ପରିସ୍ଥିତିରେ ଚାଷୀ ଲାଭବାନ ହୋଇପାରିବେ ନାହିଁ।

**–ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସ୍ୱପନରେ ଯଦି କଦା
ତବ ଅପମାନ କରେ ପ୍ରିୟ,
ଚିର ନିଦ୍ରା ହେଉ ତାହା
ଏହି ଅବଦାନ ମୋତେ ଦିଅ।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆଜି ବନ୍ଦ ହେବନି ସିପିଇଟି ପରୀକ୍ଷା**

ଭୁବନେଶ୍ୱର,(ଅନୁରାଧା ମହାରଣା): 'ଇଦ୍-ଉଲ୍-ଜୁହା' ଅବସରରେ ରାଜ୍ୟ ସରକାର ଜୁନ୍ ୨୯କୁ ଛୁଟି ଘୋଷଣା କରିଛନ୍ତି। ଏହି କ୍ରମରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ରହିବ। ମାତ୍ର ଜୁନ୍ ୨୩ରୁ ଚାଲିଥିବା ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି-୨୦୨୩) ଗୁରୁବାର ବନ୍ଦ ହେବନାହିଁ। ପୂର୍ବ ନିର୍ଦ୍ଧାରିତ ସମୟରେ ୩ଟି ସିଟିଂର ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ରଜତ କୁମାର ମାନସିଂହ ପରୀକ୍ଷା ହେବାକୁ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ରାଜ୍ୟର ୨୧ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ।

# ଚାଷୀଙ୍କୁ ମିଳିନି ଧାନ ବିକ୍ରି ପ୍ରାପ୍ୟ

**ସୁବର୍ଣ୍ଣପୁର ଜିଲା**

**ଚିନ୍ତାରେ ୬୬୦ ଚାଷୀ**

ସୋନପୁର,୨୮।୬(ମୃତ୍ୟୁଞ୍ଜୟ ଶତପଥୀ)

ମଣ୍ଡିରେ ଧାନ ବିକ୍ରି କରିବାର ୪୮ ଘଣ୍ଟା ଭିତରେ ଚାଷୀଙ୍କୁ ପ୍ରାପ୍ୟ ମିଳିବ ବୋଲି ସରକାର ବାହାସ୍ଫୋଟ ମାରୁଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସରକାରୀ ମଣ୍ଡିରେ ଧାନ ବିକ୍ରି କରି ଚାଷୀ ଅସୁବିଧା ଭୋଗୁଛି। ସୁବର୍ଣ୍ଣପୁର ଜିଲାର ୬୬୦ ଚାଷୀ ରବି ଧାନ ବିକ୍ରି କରି ଅଦ୍ୟାବଧି ପ୍ରାପ୍ୟ ପାଇନାହାନ୍ତି। ସେମାନେ ପ୍ରାପ୍ୟ ପାଇବା ପାଇଁ ସମବାୟ ବିଭାଗ ଓ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ୁଛନ୍ତି। ଅଧିକାରୀଙ୍କୁ ନେହୁରା ହେଉଛନ୍ତି। କିନ୍ତୁ ଧାନ ବିକ୍ରିର ୨୬ ଦିନ ପରେ ବି ଚାଷୀଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହୋଇନି। ଫଳରେ ଚାଷୀ ଏବେ ଚିନ୍ତାରେ ଅଛନ୍ତି ।

ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତ ରୁଗୁଡିପାଲିର ଚାଷୀ ସନ୍ତୋଷ କୁମାର ରଣା। ସେ ଜଣେ ଭାଗଚାଷୀ। ୮ ଏକର ଜମିରେ ରବି ଧାନ ଚାଷ କରିଥିଲେ। ଅମଳ ସମୟରେ ପାଣି ଅଭାବରୁ ୫ ଏକର ଚାଷ ନଷ୍ଟ ହେଲା। ବାକି ୩ ଏକର ଜମିରେ ୮୧ କୁଇଣ୍ଟାଲ ଧାନ ଅମଳ ହୋଇଥିଲା। ମୟୁରଉଡାନ ପ୍ୟାକ୍ସରେ ଜୁନ୍ ୨ ତାରିଖରେ ସନ୍ତୋଷ ଧାନ ବିକ୍ରି କରିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ହିସାବରେ ତାଙ୍କୁ ୧ଲକ୍ଷ ୬୫ହଜାର ୨୪୦ଟଙ୍କା ମିଳିବା କଥା। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନି। ଜମି ମାଲିକଙ୍କୁ କିଭଳି ଟଙ୍କା ଦେବେ ଓ ଖରିଫ ଚାଷ କରିବେ ସେ ନେଇ ସନ୍ତୋଷଙ୍କୁ ଚିନ୍ତା ଘାରିଛି। ବିନିକା ବ୍ଲକ ତିତାରପାଲି ଗାଁର ଚାଷୀ ଖାନୁ ମେଣ୍ଡଲି। ସେ ଗତ ୧୨ ତାରିଖରେ ସିଲାଟି ପ୍ୟାକ୍ସରେ ୬୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇନି। ବିନିକା ବ୍ଲକ ଭଣ୍ଡାର ଗାଁର ଚାଷୀ ତ୍ରିଲୋଚନ ପୂଜାହାରୀ। ସେ ଜୁନ୍ ୧୨ ତାରିଖରେ ସିଲାଟି ପ୍ୟାକ୍ସରେ ୬୩ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ଏପର୍ଯ୍ୟନ୍ତ ଧାନ ବିକ୍ରି ପ୍ରାପ୍ୟ ନ ପାଇ ଅସୁବିଧାରେ ଥିବା କହିଛନ୍ତି। ସେହିଭଳି ବିନିକା ବ୍ଲକ ଶଙ୍କରା ପ୍ୟାକ୍ସର ୧୦ ଜଣ ଚାଷୀ, ସିନ୍ଦୂରପୁର ପ୍ୟାକ୍ସର ୮ ଜଣ ଚାଷୀ, ସେଲେଡି ପ୍ୟାକ୍ସର ୨ ଜଣ, ବାଙ୍କିଘିର୍ଡି ପ୍ୟାକ୍ସର ୧୩ ଜଣ ଚାଷୀ, ଚରଦା ପ୍ୟାକ୍ସର ୧୩ ଜଣ, ମହଦା ପ୍ୟାକ୍ସର ୧୧ ଜଣ, ବାଉଁଶୁଣୀ ପ୍ୟାକ୍ସର ୭ ଜଣ, ଡୁଙ୍ଗୁରିପାଲି ପ୍ୟାକ୍ସର ୧୧ ଜଣ, ଇଛାପୁର ପ୍ୟାକ୍ସର ୧୧ ଜଣ, ରାମପୁର ପ୍ୟାକ୍ସର ୫ ଜଣ, ସହଲା ପ୍ୟାକ୍ସର ୯ଜଣ, ବିନିକା ପ୍ୟାକ୍ସର ୧୨ ଜଣ ଏବଂ ଜିଲାର ବିଭିନ୍ନ ପ୍ୟାକ୍ସ ଓ ମହିଳା ଏସଏଚଜିରେ ଧାନ ବିକ୍ରି କରିଥିବା ୬୬୦ ଜଣ ଚାଷୀ ଧାନ ବିକ୍ରି ପ୍ରାପ୍ୟ ପାଇନାହାନ୍ତି। ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ହୀରାକୁଦ କେନାଲରୁ ପାଣି ଛଡାଗଲାଣି। ଚାଷୀ ଖରିଫ ଧାନ ଚାଷ ପାଇଁ ତଳି ପକାଇବା ଆରମ୍ଭ କଲେଣି। ଏଭଳି ସ୍ଥିତିରେ ଧାନ ବିକ୍ରି ଟଙ୍କା ପାଇ ନ ଥିବା ଚାଷୀ କିଭଳି ବ୍ୟାଙ୍କ ଓ ସାହୁକାରଙ୍କ ଋଣ ଶୁଝିବେ ଏବଂ ଆସନ୍ତା ଚାଷ ପାଇଁ ଜମି ପ୍ରସ୍ତୁତି, ଧାନବିହନ ଓ ସାର କିଣିବେ ସେହି ଚିନ୍ତାରେ ଅଛନ୍ତି।

ଜିଲାରେ ୨୦୨୨-୨୩ ରବି ଧାନ କ୍ରୟକୁ ସରକାର ଜୁନ୍ ୨୩ ତାରିଖରୁ ବନ୍ଦ କରିଛନ୍ତି। ଧାନ କ୍ରୟ ଅବଧି ମଧ୍ୟରେ ଅନ୍‌ଲାଇନ ଟୋକନ ବ୍ୟବସ୍ଥାରେ ଜିଲାର ୩୧ ହଜାର ୫୨୩ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ୨୨ ଲକ୍ଷ ୯୮ ହଜାର ୩୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ତେବେ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସୋନପୁର ସମବାୟ ସମିତି ଉପନିବନ୍ଧକ ଲଳିତ ମାଝିଙ୍କୁ ପଚାରିବାରେ ଚାଷୀଙ୍କ ଆକାଉଣ୍ଟରେ କିଛି ତ୍ରୁଟି କାରଣରୁ ସମସ୍ୟା ହୋଇଛି। ଦିନେ ଦୁଇ ଦିନ ଭିତରେ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବ ବୋଲି କହିଥିଲେ। ସେହିପରି ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି, ଆମ ସ୍ତରରେ କିଛି ଭୁଲ ନାହିଁ। ପିଏଫ୍‌ଏମ୍‌ଏସରେ ରିଜେକ୍ଟ ହୋଇଛି। ଚାଷୀଙ୍କ ଆକାଉଣ୍ଟ ଅପଡେଟ୍ ହେଉଛି। ଖୁବ୍‌ଶୀଘ୍ର ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବ। ରାଜ୍ୟ ସରକାର ଜିଲାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କୃଷକ ସଂଗଠନଗୁଡିକ ପକ୍ଷରୁ ଦାବି ହେଉଛି।

# ୫ ଦିନିଆ ରିମାଣ୍ଡରେ ବହିଷ୍କୃତ ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳର ଉସ୍ ଖୋଲିବ ଭିଜିଲାନ୍ସ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ସୁନ୍ଦରଗଡ଼, ୨୮।୬ (ଜୟନାରାୟଣ ମେଣ୍ଡୁଲି)

ବହିଷ୍କୃତ ନବରଙ୍ଗପୁରର ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳର ଉସ୍ ଖୋଲିବ। ସରକାରୀ କ୍ଷମତାର ଅପବ୍ୟବହାର କରି ଆୟଠାରୁ ୫୦୬ ପ୍ରତିଶତ ଅଧିକ ସମ୍ପତ୍ତି କିଭଳି ହାତେଇଲେ ତାହାର ଚିଙ୍କିନିଖି ପ୍ରମାଣ ଯୋଗାଡ଼ କରିବ ଭିଜିଲାନ୍ସ। ତେଣୁ ଭିଜିଲାନ୍ସ ପ୍ରଶାନ୍ତଙ୍କୁ ବୁଧବାରଠାରୁ ୫ ଦିନିଆ ରିମାଣ୍ଡରେ ଆଣିଛି। ଜୁଲାଇ ୩ ସନ୍ଧ୍ୟାରେ ରିମାଣ୍ଡ ଅବଧି ସରିବ। ତେବେ ଏହି ସମୟ ମଧ୍ୟରେ ଭୁବନେଶ୍ୱର ଓ ନବରଙ୍ଗପୁରସ୍ଥିତ ବାସଗୃହରୁ ମିଳିଥିବା ନଗଦ ୩.୦୨ କୋଟି ଟଙ୍କା କେଉଁଠୁ ଆସିଲା, କିଏ ଦେଇଥିଲା ଓ ଉକ୍ତ ଟଙ୍କାରେ ଆଉ କାହାର ଭାଗ ଥିଲା କି, ଏମିତି ଅନେକ ଅସମାହିତ ପ୍ରଶ୍ନ ଓ ତଥ୍ୟର ଗୁମର ଖୋଲିବ ଭିଜିଲାନ୍ସ ଟିମ୍। ସେହିଭଳି ବ୍ୟାଙ୍କ ଓ ଜୀବନବୀମା ଜମା ୯୨.୩୪ ଲକ୍ଷ ଓ ବେନାମୀ ଆକାଉଣ୍ଟରେ ଜମା ଥିବା ୩୮.୬୪ ଲକ୍ଷ ଟଙ୍କା ସମ୍ପର୍କରେ ଜାଣିବା ଲାଗି ପ୍ରଥମ ଦିନରେ ମାରାଥାନ ଜେରା କରାଯାଇଛି। ସେହିପରି ବେନାମୀ ଆକାଉଣ୍ଟକୁ ସେ ନିଜେ ଖୋଲି କାରବାର କରୁଥିଲେ ନା ଅନ୍ୟ କାହା ଡକ୍ୟୁମେଣ୍ଟରେ ଆକାଉଣ୍ଟ ଖୋଲି ନିଜେ ପରିଚାଳନା କରୁଥିଲେ, ତାହାର ସମ୍ପୂର୍ଣ୍ଣ ବିବରଣୀ ଜାଣିବାକୁ ଭିଜିଲାନ୍ସ ଟିମ୍ ପ୍ରୟାସ କରିଛି। ତେବେ କିଛି ନୂଆ ତଥ୍ୟ ମିଳିଥିବା ବେଳେ ଆଉକିଛି ପ୍ରଶ୍ନରେ ପ୍ରଶାନ୍ତ ସନ୍ତୋଷଜନକ ଉତ୍ତର ନ ଦେଇ ଲୁଚାଇଥିବାକୁ ଚେଷ୍ଟା କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଶାନ୍ତଙ୍କ ଘର ସମେତ ନବରଙ୍ଗପୁର, ଭୁବନେଶ୍ୱର ଓ ଭଦ୍ରକର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ଘରୁ ନଗଦ ୩.୦୨ କୋଟି ଟଙ୍କା ସମେତ ମୋଟ ୫କୋଟି ୨୧ଲକ୍ଷ ୯ ହଜାର ୬୫୯ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ସରକାରୀ କ୍ଷମତାର ଅପବ୍ୟବହାର କରି ଏସବୁ ସମ୍ପତ୍ତି ଠୁଳ କରିଥିବା ପ୍ରମାଣ ମିଳିବା ପରେ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରାଯାଇ ପ୍ରଶାନ୍ତଙ୍କୁ ଶନିବାର ଗିରଫ କରାଯାଇ ଜେଲ ପଠାଯାଇଥିଲା। ଏହି ମାମଲାରେ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।


**FAKIR MOHAN UNIVERSITY**
Vyasa Vihar, Nuapadhi, Balasore, Odisha, Pin-756089
No. FMU-DEV-FD-427/2023/6030 Date: 28.6.2023

**TENDER CALL NOTICE**

Sealed tenders are invited from reputed Tent House Owner/ Event Managers having valid GST Certificate and PAN number for arranging iron truss pandal and auditorium for about 800 guests for celebration of 25th Foundation Day of Fakir Mohan University at Nuapadhi Campus on 11-07-2023. The last date of receipt of filled-in tender papers at the end of the undersigned is 05-07-2023 by 02:00 PM. The tenders will be opened on the same day at 3.00 PM in the office chamber of the undersigned. The authority reserves the right to cancel or accept any or all tender(s) without assigning any reason thereof. For details, visit our website: **www.fmuniversity.nic.in**

By order of the Vice-Chancellor
Sd./- Registrar




ପୁରୀ: ବୁଧବାର ବାହୁଡ଼ାଯାତ୍ରା ଅବସରରେ ରାଜନଅର ନିକଟରେ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଲକ୍ଷ୍ମୀ-ନାରାୟଣ ଭେଟ ନୀତି ସମ୍ପନ୍ନ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର)


**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୧୧-୨୦୨୩, ତାରିଖ: ୨୭।୦୬।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୧-୨୦୨୩-୧, ୨, ୩ ଓ ୪ ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ତା୨୦।୦୭।୨୦୨୩ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., କାର୍ଯ୍ୟର ନାମ:** (୧) ଚକ୍ରଧରପୁର ଡିଭିଜନର ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୧୫ ଗୋଟି ଷ୍ଟେଶନଠାରେ ଆଇପି ଆଧାରିତ ଆଇପିଆଇଏସ୍, ଜିପିଏସ୍ ପ୍ଲାଟ୍‌ଫର୍ମ ଘଣ୍ଟା, ରିଜର୍ଭେଶନ୍ ଚାର୍ଟ ଡିସ୍‌ପ୍ଲେର ବ୍ୟବସ୍ଥା କରିବା । (୨) ବାହାଲଦା ରୋଡ୍‌ଠାରେ ଏଫ୍‌ଓଆଇଏସ୍ କନେକ୍ଟିଭିଟି ଏବଂ ସିସିଟିଭି ସର୍ଭେଲାନ୍ସର ବ୍ୟବସ୍ଥା କରିବା । (୩) ରାଉରକେଲା ଏବଂ ଝାରସୁଗୁଡ଼ା ଷ୍ଟେଶନଠାରେ ଲାଗିଥିବା ତ୍ରୁଟିପୂର୍ଣ୍ଣ ସିଆଇବି/ଟିଆଇବି/ଏକ୍ଟିବି/ପିଡିପି ଏର୍/ଏସିକା ଗଠନର ଆଇପିଆଇଏସ୍ ନିମନ୍ତେ କଣ୍ଟ୍ରୋଲ କନ୍‌ସୋଲ୍ ୟୁନିଟ୍ ଏବଂ ବିଭିନ୍ନ ଷ୍ଟେଶନଠାରେ ଜିପିଏସ୍ ଘଣ୍ଟାଗୁଡ଼ିକର ମରାମତି । (୪) ହାଲୁଦପୁକୁର ଷ୍ଟେଶନଠାରେ ଅତିରିକ୍ତ ଲୋଡିଂ ଲାଇନ୍‌ର ବ୍ୟବସ୍ଥା ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹ ୬,୨୬,୯୬,୮୩୪.୫୯ (କ୍ର.ସଂ. ୧ ପାଇଁ), ₹ ୪,୨୧,୧୬୯.୨୪ (କ୍ର.ସଂ. ୨ ପାଇଁ), ₹ ୨,୯୯,୫୮୨.୭୮ (କ୍ର.ସଂ. ୩ ପାଇଁ) ଏବଂ ₹ ୩୦,୯୯,୫୨୨.୮୭ (କ୍ର.ସଂ. ୪ ପାଇଁ) । **ଅମାନତ ରାଶି:** ₹ ୪,୬୩,୫୦୦/- (କ୍ର.ସଂ. ୧ ପାଇଁ), ₹ ୮,୪୦୦/- (କ୍ର.ସଂ. ୨ ପାଇଁ), ₹ ୬,୦୦୦/- (କ୍ର.ସଂ. ୩ ପାଇଁ) ଏବଂ ₹ ୬୨,୦୦୦/- (କ୍ର.ସଂ. ୪ ପାଇଁ) । **ସମାପ୍ତି ଅବଧି:** ୦୯ ମାସ (କ୍ର.ସଂ. ୧ ପାଇଁ) ଏବଂ ୬ ମାସ (କ୍ର.ସଂ. ୨, ୩ ଓ ୪ ପାଇଁ) । ଟେଣ୍ଡର **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ । **(PR-343)**



FORM NO.13

**IN THE DEBTS RECOVERY APPELLATE TRIBUNAL, KOLKATA**

9, Old Post Office Street, 7th Floor, Kolkata-700001

**Dairy No. 592 of 2022**

Arising out of SA 113 of 2019 in DRT Cuttack

State Bank of India and Ors .....Applicant/s

-Versus-

Smt. Sanjukta Debta ....Respondent/s

To,

**Smt. Sanjukta Debta,** W/o.: Umesh Chandra Debta, residing at Kantiamura, P.O./P.S.: Bargaon, District: Sundargarh, Odisha, Pin-770016 (Respondent)

**SUMMONS**

1. WHEREAS the appellant has filed an appeal U/S 18 of the Securitisation and Reconstruction of Financial Assets & Enforcement of Security Interest Act, 2002 against the order passed by the Ld. Presiding Officer, DRT Cuttack, and other reliefs. You are hereby summoned to appear and file written statement before this Tribunal at 10.30 a.m. or at such time immediately thereafter according to the convenience of Tribunal on 17.07.2023 to answer the claim.
2. If you intend to file any documents you may file the same with a list along with the written statement.
3. You should file your registered address and a memo of appearance when you enter appearance before the Tribunal either in person or by a pleader / Advocate duly instructed.
4. Take notice that, in default of your appearance on the day mentioned herein before, the proceeding will be heard and determined in your absence.

Given under my hand and the seal of this Tribunal on this 21st day of June, 2023.

Sd/- Signature of the Officer
Authorized to issue Summons.
Sd/- Registrar
Debts Recovery Appellate Tribunal, Kolkata


# ମୌସୁମୀ ବର୍ଷା: ଉପକୂଳ ଶୁଖିଲା

- ୧୮ ଜିଲାରେ ନିଅଣ୍ଟିଆ
- ୫ ଦିନ ଯାଏ ପାଗ ଶୁଖିଲା

ଭୁବନେଶ୍ୱର,୨୮।୬(ଅନିଲ ଦାସ)

ଗତ ଦୁଇଦିନ ଧରି ରାଜ୍ୟରେ ମୌସୁମୀଜନିତ ବର୍ଷା ଥମିଯାଇଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଅଧାରୁ ଅଧିକ ଜିଲାରେ ବର୍ଷା ନାହିଁ। ଫଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ୨୮ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୧୮ ପ୍ରତିଶତ କମ୍ ବର୍ଷା ହୋଇଛି। ସ୍ୱାଭାବିକ ଭାବେ ଏହି ସମୟରେ ରାଜ୍ୟରେ ୧୯୨.୩ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୬୭.୫ ମିଲିମିଟର। ତେବେ ପାଣିପାଗ ବିଭାଗ ହିସାବ ଏହାକୁ ସ୍ୱାଭାବିକ ବର୍ଷା ବୋଲି କହୁଛି। ପାଣିପାଗ ବିଭାଗ ହିସାବ ଯାହା କହୁନା କାହିଁକି ରାଜ୍ୟର ଅଧା ଜିଲାରେ ବର୍ଷାଭାବ ଯୋଗୁ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ରାଜ୍ୟର ୧୬ ଜିଲାରେ ବର୍ଷାଭାବ ଦେଖାଦେଇଛି। ରାୟଗଡ଼ାରେ ସ୍ୱାଭାବିକଠାରୁ ୭୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କଳାହାଣ୍ଡି ୬୧, ବଲାଙ୍ଗୀର ୩୦, ବାଲେଶ୍ୱର ୪୪, ଭଦ୍ରକ ୨୪, କଟକ ୩୬, ଗଜପତି ୩୨, ଗଞ୍ଜାମ ୪୦, ଜଗତ୍‌ସିଂହପୁର ୩୭, ଯାଜପୁର ୩୦, କନ୍ଧମାଳ ୫୭, କେନ୍ଦ୍ରାପଡ଼ା ୫୪, ଖୋର୍ଦ୍ଧା ୩୦, ମୟୂରଭଞ୍ଜ ୫୪, ନବରଙ୍ଗପୁର ୪୫, ପୁରୀ ୨୮, ସୁବର୍ଣ୍ଣପୁର ୨୧ ଏବଂ ନୟାଗଡ ଜିଲାରେ ସ୍ୱାଭାବିକଠାରୁ ୨୭ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସବୁ ଜିଲାରେ ବର୍ଷା ନ ଥିବାରୁ ଚାଷ କାର୍ଯ୍ୟ ମଧ୍ୟ ଆଗେଇପାରି ନାହିଁ।

ଅନ୍ୟପକ୍ଷରେ ଜୁଲାଇ ୩ ତାରିଖ ଯାଏ ରାଜ୍ୟରେ ବର୍ଷା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଯୋଗୁ କେଉଁଠି କାଁ ଭାଁ ଅସରାଏ କିମ୍ବା ଦି'ଅସରା ବର୍ଷା ହୋଇପାରେ। ମଙ୍ଗଳବାରଠାରୁ ବର୍ଷା ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଢେଙ୍କାନାଳରେ ୨୫ ମିଲିମିଟର ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୧୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟାନ୍ୟ ଭାଗରେ ପାଗ ମେଘୁଆ ରହିଛି।

# ତାଳଧ୍ୱଜ ରଥ ଦଉଡ଼ି ଛିଡ଼ି ଭକ୍ତ, ସେବାୟତ ଆହତ

ପୁରୀ, ୨୮।୬(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ବାହୁଡ଼ା ଯାତ୍ରାରେ ବୁଧବାର ଏକ ଅଘଟଣ ଘଟିଛି। ତାଳଧ୍ୱଜ ରଥର ଦଉଡ଼ି ଛିଡ଼ିଯିବାରୁ ଜଣେ ସେବାୟତଙ୍କ ସମେତ ୭ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାହୋଇ ଶ୍ରୀମନ୍ଦିର ସିଂହଦ୍ୱାର ନିକଟକୁ ଯାଉଥିଲା। ହଠାତ୍ ମାର୍କେଟ ଛକ ନିକଟରେ ରଥର ଗୋଟିଏ ଦଉଡ଼ିଛିଡ଼ିଯାଇଥିଲା। ଫଳରେ ଭକ୍ତମାନେ ତଳେ ପଡ଼ିଯିବା ସହ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୭ରୁ ଅଧିକ ଭକ୍ତଙ୍କ ସମେତ ଭୋଇ ସେବାୟତ ନକୁଳ ଭୋଇ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଠାଯାଇଥିଲା। ତେବେ ରଥ ଦଉଡ଼ି ଛିଡ଼ିଯିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ଜଣାପଡ଼ିନାହିଁ। ଅଧିକ ସଂଖ୍ୟକ ଭକ୍ତ ଦଉଡ଼ି ଟାଣୁଥିବାରୁ ତାହା ଛିଡ଼ିଯାଇଥିଲା ବୋଲି ଅନୁମାନ କରାଯାଉଛି।


**ପୂର୍ବ ତଟ ରେଳପଥ**

e-Tender Notice No.: eTender CPMGSUBBS2023003 ତାରିଖ : 19.06.2023

**କାର୍ଯ୍ୟର ନାମ :** P.WAY କାର୍ଯ୍ୟଗୁଡିକର ସମ୍ପାଦନ ଯେପରି କି ଟ୍ରାକ୍ ଲିଙ୍କିଙ୍ଗ୍, ପଏଣ୍ଟସ୍ ଓ କ୍ରସିଂଗୁଡିକର ସ୍ଥାପନ P.WAY ସାମଗ୍ରୀଗୁଡିକର ପରିବହନ, ବାଲାଷ୍ଟ ଯୋଗାଣ ଏବଂ ଏମ୍‌ସିଏଲ୍‌ର ଏନଟିପିସି ଲାଇନ୍‌ର ଲିଙ୍ଗରାଜ ଏସଆଇଏଲଓ କନେକ୍ଟିଭିଟି ଦୋହରୀକରଣ ସମ୍ବନ୍ଧୀୟ ଅନ୍ୟାନ୍ୟ ସଂଶ୍ଳିଷ୍ଟ କାର୍ଯ୍ୟଗୁଡିକ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.1264.83 ଲକ୍ଷ, EMD : ଟ.7,82,400/-

କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :** ତା.20.07.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ :http://www.ireps.gov.in. ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ, ଟେଣ୍ଡରଦାତାମାନଙ୍କ ପାଇଁ ଥିବା ସମସ୍ତ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅବଗତ ହେବା ଏବଂ ଚେକ୍ ଲିଷ୍ଟସ୍, ଟେଣ୍ଡର ଫର୍ମ (ସେକେଣ୍ଡ ସିଟ୍)ର ପାରା ୩.୧ (ଅତିରିକ୍ତ ଚେକ-ଲିଷ୍ଟ), ଟେଣ୍ଡର କାଗଜାତର ଉପରୁ ୨ର ଆନେକ୍ସର-୧, ଆନେକ୍ସର-ବିର ସଠିକ୍ ଯାଞ୍ଚ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ଦସ୍ତଖତ ସହିତ ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରିବା ଆବଶ୍ୟକ।

PR-36/CG/23-24 ସିପିଏମ/ଜିଏସୟୁ/ଭୁବନେଶ୍ୱର



**TPWODL**

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office : Burla, Dist. - Sambalpur (Odisha)-768017

**Notice Inviting Tender**

TP Western Odisha Distribution Limited invites tender (2 part bidding) from eligible vendors for the following packages:

1. **TPWODL/SD/O/SER/025 : Rate Contract for ICC Building at Sambalpur.**
2. **TPWODL/SD/O/SER/026 : Rate Contract for Interior Works for Corporate Conference.**

Interested bidders to submit Tender Participation Fee and Authorization Letter through email on or before **5th July 2023, 1500 Hrs.** (for Srl No.-1) & **7th July 2023, 1500 Hrs.** (for Srl No.-2) respectively. After which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com**. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

**Sd./- Chief-Contracts and Stores**


# ଜାତୀୟ ସ୍ତରରେ ଶ୍ରେଷ୍ଠ ପଞ୍ଚାୟତିରାଜ ସଂସ୍ଥାକୁ ୬ ଗୁଣା ଆର୍ଥିକ ପୁରସ୍କାର

- ୬୦ ପଞ୍ଚାୟତରେ ଖୋଲିବ ପଞ୍ଚାୟତ ଲର୍ନିଂ ସେଣ୍ଟର
- ୭୦ ଅନୁସୂଚିତ ବ୍ଲକରେ ସାଟେଲାଇଟ ଇଣ୍ଟରାକ୍ଟିଭ ଟର୍ମିନାଲ ସ୍ଥାପନ ହେବ
- ଓଡ଼ିଶା ପଞ୍ଚାୟତିରାଜ ସଂସ୍ଥା ଦେଶର ପଥପ୍ରଦର୍ଶକ ହୋଇଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୬(ଅନିଲ ଦାସ)

ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ବୁଧବାର ଲୋକସେବା ଭବନର କନ୍‌ଭେନଶନ ହଲ୍‌ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁ ପଞ୍ଚାୟତିରାଜ ଅନୁଷ୍ଠାନ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବ ତାକୁ କେନ୍ଦ୍ର ସରକାର ଦେଉଥିବା ପୁରସ୍କାରର ୬ ଗୁଣ ଅର୍ଥ ରାଶି ରାଜ୍ୟ ସରକାର ପୁରସ୍କାର ଭାବରେ ଯୋଗାଇ ଦେବେ। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନକୁ ୩ ଗୁଣ ଓ ତୃତୀୟ ସ୍ଥାନ ପାଇଥିବା ଅନୁଷ୍ଠାନକୁ ୨ ଗୁଣ ଆର୍ଥିକ ପୁରସ୍କାର ଦିଆଯିବ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ବିକାଶ ପାଇଁ ଏକ ସୁସ୍ଥ ପ୍ରତିଯୋଗିତା ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଘୋଷଣା ଅନୁଯାୟୀ, ଜାତୀୟ ସ୍ତରରେ ପ୍ରଥମ ହୋଇଥିବା ଗଞ୍ଜାମ ଜିଲା ପରିଷଦକୁ ୩୦ କୋଟି ଟଙ୍କା, ପ୍ରଥମ ସ୍ଥାନ ଅଧିକାର କରିଥିବା ହିଞ୍ଜିଳିକାଟୁ ପଞ୍ଚାୟତ ସମିତିକୁ ୧୨ କୋଟି ଟଙ୍କା ପୁରସ୍କାର ଦିଆଯାଇଛି। ସେହିପରି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ହିଞ୍ଜିଳିକାଟୁ ବ୍ଲକର କାଞ୍ଚୁରୁ ପଞ୍ଚାୟତ, ଭଞ୍ଜନଗର ବ୍ଲକର କୁଲଦା ପଞ୍ଚାୟତ, ହିଞ୍ଜିଳିକାଟୁର ଶାସନ ଆମ୍ବଗାଁ ଓ ପାତ୍ରପୁର ବ୍ଲକର ଆଙ୍କୁଲି ପଞ୍ଚାୟତକୁ ୨ କୋଟି ୨୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଛି। ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ ବଣାଇ ବ୍ଲକର ବଣାଇଗଡ ପଞ୍ଚାୟତକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯାଇଛି। ସମୁଦାୟ ୭ଟି ପଞ୍ଚାୟତିରାଜ ଅନୁଷ୍ଠାନକୁ ୫୨ କୋଟି ଟଙ୍କାର ପୁରସ୍କାର ଦିଆଯାଇଛି। ପୁରସ୍କୃତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଗାଁର ସରକାର ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ କାମ ହେଉଛି ଆମର ପରିଚୟ। ବିକାଶର ବିଭିନ୍ନ ମାପଦଣ୍ଡରେ ଓଡ଼ିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଆଜି ସାରା ଦେଶର ପଥପ୍ରଦର୍ଶକ ହୋଇଛନ୍ତି। ଲୋକଙ୍କ ଆସ୍ଥା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ପଞ୍ଚାୟତ ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେକ ନୂଆ ଘୋଷଣା କରିଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲାରେ ୨ଟି ପଞ୍ଚାୟତ ଚିହ୍ନଟ କରାଯାଇ ୬୦ଟି ପଞ୍ଚାୟତ ଲର୍ନିଂ ସେଣ୍ଟର ସ୍ଥାପନ କରାଯିବ। ଏକ ଜ୍ଞାନସମ୍ବଳ କେନ୍ଦ୍ର ଭାବେ ଏହା ପଞ୍ଚାୟତ ଅନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବ। ପଞ୍ଚାୟତଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଲକ୍ଷ୍ୟ ନେଇ ଲୋକାଲ ଚାମ୍ପିୟନ ଟ୍ରେନିଂ ପ୍ରୋଗ୍ରାମ କରାଯିବ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଏହା କରାଯିବ। ଅନୁସୂଚିତ ଅଞ୍ଚଳର ୭୦ଟି ବ୍ଲକରେ ସାଟେଲାଇଟ ଇଣ୍ଟାରାକ୍ଟିଭ ଟର୍ମିନାଲ ସ୍ଥାପନ କରାଯାଇ ଦୂର ଶିକ୍ଷା ଯୋଗାଯୋଗ ବ୍ୟବସ୍ଥା କରାଯିବ। ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସଆଇଆର୍‌ଡି)ରେ ଅତ୍ୟାଧୁନିକ ଭିତ୍ତିଭୂମି ସୃଷ୍ଟି କରାଯିବ। ଏଥିରେ ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୨୫୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷ ଓ ସାଟେଲାଇଟ ଆଧାରିତ ଷ୍ଟୁଡିଓ ସ୍ଥାପନ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସୋସାଇଟି ଫର୍ ସୋସିଆଲ ଅଡିଟ୍, ଆକାଉଣ୍ଟାବିଲିଟି ଆଣ୍ଡ ଟ୍ରାନ୍ସପରେନ୍ସି ସଂସ୍ଥାର ଏକ ୱେବ୍‌ସାଇଟ ଏବଂ ଆମ ପଞ୍ଚାୟତ ସେବା ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ପଞ୍ଚାୟତ କାମରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଏହି ପୋର୍ଟାଲ ସହାୟକ ହେବ।

ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓଡ଼ିଶାର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଛନ୍ତି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସଫଳ ନେତୃତ୍ୱ ପାଇଁ ଓଡ଼ିଶା ଆଜି ବିଶ୍ୱ ଦରବାରରେ ସମ୍ମାନର ଅଧିକାରୀ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପାନୀୟ ଜଳ ନିର୍ଦ୍ଦେଶକ ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ ଦେଇଥିଲେ।


झारखण्ड सरकार

कार्यपालक अभियंता का कार्यालय ग्रामीण विकास विशेष प्रमण्डल, धनबाद।

मोबाईल नं0 : 8789242462 Email : rdsd.dhanbad@rediffmail.com

पत्रांकः– 662 धनबाद / दिनांक– 28.06.2023

ई0–अल्पकालीन निविदा आमंत्रण सूचना

ई– निविदा सूचना संख्या – **22/2023-24/RDSD/EE/Dhanbad (Two Envelope System)**

1.कार्य की विस्तृत विवरणीः (जिला खनिज फाउण्डेशन ट्रस्ट मद)

| क्र0 सं० | कार्य का नाम | परिमाण विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | धनबाद जिला के कलियासोल प्रखण्ड अन्तर्गत उरमा पंचायत के उरमा गांव में हीडबांध पुल का निर्माण। | 22009566.00 | परिमाण विपत्र की राशि 2% | 10000.00 | 15 महीना |

2. वेबसाइट में निविदा प्रकाशन की तिथि – **10.07.2023**
3. ई–निविदा प्राप्ति की तिथि एवं समय – दिनांक **17.07.2023** को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय **19.07.2023** अपराह्न 05:00 बजे तक।
5. निविदा शुल्क एवं अग्रधन की राशि जमा करने का स्थानः–
   i) ग्रामीण विकास विशेष प्रमंडल, धनबाद।
   ii) ग्रामीण विकास विशेष अचंल, हजारीबाग।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझों जायेगी।
7. निविदा खोलने का स्थान– **E-Procurement Cell,** कार्यपालक अभियंता, ग्रामीण विकास विशेष प्रमंडल, धनबाद।
8. निविदा खोलने की तिथि एवं समय– **21.07.2023** अपराह्न 2:00 बजे तक।
9. निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
10. ई–निविदा प्रकोष्ठ का दूरभाश सं० – **8789242462** (संबंधित कार्यपालक अभियंता का दूरभाष नम्बर)
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, धनबाद के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार)
कार्यपालक अभियंता
ग्रामीण विकास विशेष प्रमंडल,धनबाद

PR 301126 Rural Development(23-24)D

# ଜନକ-ହଳଧରପୁର ରାସ୍ତାରେ ଯାତାୟାତ ଠପ୍

■ ରାସ୍ତା ଉପରେ ମାଟି ପକାଇ ଠିକାଦାରଙ୍କ ଅବରୋଧ
■ ୫ ପଞ୍ଚାୟତବାସୀ ଘରୁ ବାହାରି ପାରୁନାହାନ୍ତି
■ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଚଣ୍ଡିଖୋଲ,୨୮।୬(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବଡ଼ବାଲିକୁଦା ପଞ୍ଚାୟତର ଜନକଠାରୁ କୋଲଣଗିରି ପଞ୍ଚାୟତର ହଳଧରପୁର ପର୍ଯ୍ୟନ୍ତ କେଲୁଆ ନଦୀ ବନ୍ଧକୁ ୨୦୧୯ରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। କଟକ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ବଡ଼ଚଣା ଉପଖଣ୍ଡ କାର୍ଯ୍ୟାଳୟ ଅନ୍ତର୍ଗତ ଏହି ରାସ୍ତାରେ ଏବେ ଯାତାୟାତ ଠପ୍ ହୋଇପଡ଼ିଛି। ଫଳରେ ୫ଟି ପଞ୍ଚାୟତର ଲୋକେ ଯାତାୟତରେ ଘୋର ଅସୁବିଧା ଭୋଗୁଛନ୍ତି। ତେଣୁ ତୁରନ୍ତ ଏହାର ନିରାକରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ପଞ୍ଚାୟତସୀ ଚେତାବନୀ ଦେଇଛନ୍ତି।

ପୂର୍ବରୁ ଜାରକା ଜଳ ସମ୍ପଦ ବିଭାଗ ଅଧୀନରେ ଜନକଠାରୁ ହଳଧରପୁର ପର୍ଯ୍ୟନ୍ତ ୧୦ କି.ମି. ୫ ଶହ ମିଟର ଲମ୍ବ ରାସ୍ତାଟି ରହିଥିଲା।




ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଏହାକୁ ପ୍ରଶସ୍ତୀକରଣ ବାହାନାରେ ଜଳ ସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ୨୦୧୯ ନଭେମ୍ବରରେ ହସ୍ତାନ୍ତର କରାଯାଇଛି। ରାସ୍ତାକୁ ଦୁଇ ଭାଗ କରି ଟେଣ୍ଡର କରାଯାଇଛି। ଜନକଠାରୁ ନିଆଳି ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତାକୁ ୨୦୨୧ ନଭେମ୍ବର ୮ରେ ୭ କୋଟି ୧୨ ଲକ୍ଷ ୨୪ ହଜାର ଟଙ୍କାରେ ଟେଣ୍ଡର କରାଯାଇଥିଲା। ଏହାର କାର୍ଯ୍ୟ ୨୦୨୨ ଅଗଷ୍ଟ ୭ରେ ଶେଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସରି ନ ଥିଲାବେଳେ ଏହାର ୨ୟ ଭାଗକୁ ଟେଣ୍ଡର କରାଯାଇଛି। ଅନୁକମ୍ପାମୂଳକ ଭାବେ ସେହି ଠିକାଦାରଙ୍କୁ ପୁନଃର୍ବାର ୨୦୨୨ ଡିସେମ୍ବରରେ ନିଆଳିଠାରୁ ହଳଧରପୁର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ କରିବାକୁ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବର୍ଷା ଦିନ ପୂର୍ବରୁ ଠିକାଦାର ରାସ୍ତା ସମ୍ପ୍ରସାରଣ ନାମରେ ରାସ୍ତା ଉପରେ ମାଟି ପକାଇ ଅବରୋଧ କରିଛନ୍ତି। ଫଳରେ ବର୍ଷା ଆରମ୍ଭ ହେଲା ପରେ ୫ଟି ପଞ୍ଚାୟତବାସୀ ଘରୁ ବାହାରିପାରୁ ନାହାନ୍ତି।

ବଡ଼ବାଲିକୁଦା, ବରପଦା, ସାଉଡ଼ିଆ, ରଇପୁର ଓ କୋଲଣଗିରି ପଞ୍ଚାୟତର ଗମନା ଗମନ ପାଇଁ ଏହା ମୁଖ୍ୟ ରାସ୍ତା। ରାସ୍ତା ଉପରେ ମାଟି ପଡ଼ି ରହିବା ଦ୍ୱାରା ଯାନବାହନ ତ ଦୂରର କଥା ଚାଲିକି ଯିବା ଆସିବା କରିବା କଷ୍ଟକର ହୋଇପଡ଼ିଛି। ଏହାକୁ ନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଯାଜପୁର ଜିଲା ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପରିଡ଼ା ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରିଛନ୍ତି। ଯଦି ଏହାର ତୁରନ୍ତ ସମାଧାନ କରା ନ ଯାଏ ତେବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ନିୟମ ଅନୁଯାୟୀ, ରାସ୍ତା ପ୍ରଶସ୍ତୀକରଣ ବେଳେ ଗୋଟିଏ ପାର୍ଶ୍ୱ ରାସ୍ତା ଯାତାୟତ ପାଇଁ ଖୋଲା ରହିବ, ଅନ୍ୟ ପାର୍ଶ୍ୱ ରାସ୍ତା ନିର୍ମାଣ ଚାଲିବ। ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି କାର୍ଯ୍ୟ କରାଯାଇ ପାରିବନାହିଁ। ଏହାସତ୍ତ୍ୱେ ଠିକାଦାର ମନମାନୀ ଭାବେ କାର୍ଯ୍ୟ କରୁଛନ୍ତି। ତତ୍‌ସହିତ ଏହି ରାସ୍ତାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗୁପ୍ତ ଟେଣ୍ଡର କରାଯାଇ ହରିଲୁଟ୍ କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ଠିକାଦାରଙ୍କୁ କହି ଖୁବ୍‌ଶୀଘ୍ର ଯାତାୟାତ ପାଇଁ ଗୋଟିଏ ପାର୍ଶ୍ୱ ରାସ୍ତା ଖୋଲିଦେବୁ। ଆଉ ଲୋକଙ୍କ ଯାତାୟାତରେ ସମସ୍ୟା ହେବନାହିଁ।

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ଅଭିଯୋଗରେ ଜଣେ ଗିରଫ

ଚଣ୍ଡିଖୋଲ,୨୮।୬(ପ୍ରଦୀପ୍ତ କୁମାର ପୃଷ୍ଟି): ଦର୍ପଣ ତହସିଲ ଅଧୀନ ବଡ଼ବାଲିକୁଦାଠାରେ କେଲୁଅ ନଦୀରୁ ବେଆଇନ ବାଲିଚାଲାଣ ସମୟରେ ଏହାକୁ ବିରୋଧ କରିବାରୁ ଜଣଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ଭରତ ଜେନାଙ୍କୁ ମଙ୍ଗଳବାର ରାତିରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ ବାଲିକୁଦା ଗ୍ରାମର ଭରତ ଗତ ମାସ ୩୦ ତାରିଖରେ କେଲୁଅ ନଦୀରୁ ବାଲି ବେଆଇନ ଭାବେ ଟ୍ରାକ୍ଟରରେ ବାଲି ବୋଝେଇ କରି ଆସୁଥିବା ସମୟରେ ସେହି ଗ୍ରାମର ଶାନ୍ତନୁ ସାମଲ ଏହାକୁ ବିରୋଧ କରିଥିଲେ। ବେଆଇନ ବାଲି ଘାଟଦ୍ୱାରା ନଦୀ ବନ୍ଧ ନଷ୍ଟ ହୋଇଯିବ। ନଦୀ ବନ୍ଧ ଦୁର୍ବଳ ହେଲେ ସମସ୍ତେ ବନ୍ୟା ସମୟରେ ଅସୁବିଧା ଭୋଗ କରିବେ। ଏହା କହିବା ଯୋଗୁ ଭରତ ହଠାତ ଶାନ୍ତନୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ କଟକ ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ଆସି ଥାନରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୮/୨୩ରେ ଏକ ମାମଲା ରୁଜୁ କରିଥିଲା। ସେହିଦିନରୁ ଭରତ ଫେରାଇଥିଲେ। ସେ ମଙ୍ଗଳବାର ଏକ ଭୋଜିକୁ ଯାଉଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ ଚଢ଼ାଉ କରି ରାତିରେ ତାଙ୍କୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଳିଙ୍ଗନଗର,୨୮।୬(ଶୁଭାଶିଷ ରାଉତ): ଟମକା ଥାନା ଅନ୍ତର୍ଗତ ନଛିପୁରା ଗ୍ରାମ ନିକଟ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜବତ କରିଛି। ମୃତ ଯୁବକ ସେହି ଗ୍ରାମର ଈଶ୍ୱର ପାତ୍ରଙ୍କ ପୁଅ ସିପୁ ପାତ୍ର (୨୦) ବୋଲି ଜଣାପଡିଛି। ପାରିବାରିକ କଳହ ପାଇଁ ସିପୁ ମଙ୍ଗଳବାରଠାରୁ କେଉଁଆଡ଼େ ଚାଲି ଯାଇଥିଲେ। ବୁଧବାର ପୂର୍ବାହ୍ନରେ ବେକରେ ରଶି ଲଗାଇ ସେ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ନଂ.୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଶିଶୁ ମନ୍ଦିରର ପ୍ରତିଷ୍ଠା ଦିବସ

ବାଲିକୁଦା,୨୮।୬ (ତାପସ ସ୍ୱାଇଁ): କୃଷ୍ଣଦାସପୁର ପଞ୍ଚାୟତ ଦେବହତାସ୍ଥିତ ମା' ସରସ୍ୱତୀ ଶିଶୁ ମନ୍ଦିରର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରଭାରୀ ସତ୍ୟବ୍ରତ ରଥଙ୍କ ମନ୍ତ୍ରଧ୍ୱନୀରେ ବିଦ୍ୟାଳୟ ବୌଦ୍ଧିକ କକ୍ଷରେ ପୂଜିତ ୩ ଦାରୁ ଦିଅଁ ପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରାଯାଇ ଶିଶୁ ମନ୍ଦିରର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଦିଲୀପ ପରିଡାଙ୍କ ସମେତ ବରିଷ୍ଠ ଗୁରୁମା ସୁଭଦ୍ରା ଦାସ, ପୁଷ୍ପିତା ନାୟକ, ପ୍ରିୟମ୍ବଦା ନନ୍ଦ, ମଧୁସ୍ମିତା ଦାସ, ଲତିକା ଓଝା, ବିଜୟଲକ୍ଷ୍ମୀ ମହାପାତ୍ର, ବୈଜୟନ୍ତି ସାହୁ, ଦିପ୍ତୀରଞ୍ଜନ ନାୟକ ଓ ସାରଳା ପଣ୍ଡା ଉପସ୍ଥିତ ରହି ବିଦ୍ୟାଳୟର ବାର୍ଷିକ ପ୍ରତିଷ୍ଠା ଦିବସରେ ସହଯୋଗ କରିଥିଲେ।

# ଠିକା ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଳିଙ୍ଗନଗର,୨୮।୬ (ଶୁଭାଶିଷ ରାଉତ):

ଦରମା ବୃଦ୍ଧି ଦାବିରେ କଳିଙ୍ଗନଗର ଶିଳ୍ପାଞ୍ଚଳର ମଇଥାନ ଇସ୍ପାତ କାରଖାନା ଠିକା ଶ୍ରମିକମାନେ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କଳିଙ୍ଗନଗର ମଜଦୁର ୟୁନିୟନ ଡାକରାରେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ୩୦୦ରୁ ଅଧିକ ଶ୍ରମିକ ଦୀର୍ଘ ସମୟ ଧରି ବସି ରହିବା ଫଳରେ କାରଖାନା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ଅପରାହ୍ନରେ କଳିଙ୍ଗନଗର ମଜଦୁର ୟୁନିୟନର ଶ୍ରମିକ ନେତା ଅକ୍ଷୟ କୁମାର ବେହେରା, ନାଣ୍ଟୁ ସିଂ ଓ କାଳନ୍ଦି ପଣ୍ଡାଙ୍କ ସହିତ କାରଖାନା କର୍ତ୍ତୃପକ୍ଷ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ଆଲୋଚନାରେ ତତ୍କାଳ କୌଣସି ସମାଧାନ ପନ୍ଥା ବାହାରି ପାରି ନ ଥିଲା। ଶୁକ୍ରବାର ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତିରେ ଆଲୋଚନା କରାଯିବାକୁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଏହାପରେ ଅପରାହ୍ନ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, କାରଖାନା ପକ୍ଷରୁ ପ୍ରତି ୩ ବର୍ଷରେ ଥରେ ବେତନ ବୃଦ୍ଧି କରାଯାଉଥିବା ବେଳେ ଏହାକୁ ପ୍ରତିବର୍ଷ କରିବା ଏବଂ ପ୍ରତ୍ୟେକ ହାଜିରା ଉପରେ ୬୦ ଟଙ୍କା ବୃଦ୍ଧି କରିବା ପାଇଁ ଶ୍ରମିକମାନେ ଦାବି ରଖିଥିଲେ। ଏପରି କି ଏହି ନିୟମକୁ ଜାନୁୟାରୀଠାରୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରମିକଙ୍କ ଦାବି ରହିଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାରଖାନାର ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

# ଶ୍ରମିକ ନେତାଙ୍କ ପରଲୋକ

ଧର୍ମଶାଳା,୨୮।୬(ବଟକୃଷ୍ଣ ପରିଡ଼ା):



ଧର୍ମଶାଳା ବ୍ଲକ ଅନ୍ତର୍ଗତ ରଥିଆ ଗ୍ରାମର ବିଶିଷ୍ଟ ଶ୍ରମିକ ନେତା ତଥା ଗ୍ରାମ ମୁରବି ଗଣନାଥ ନାୟକ(୮୦)ଙ୍କ ବୁଧବାର ସକାଳେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ନାୟକ ଏକାଧାରରେ ଜଣେ ଶ୍ରମିକ ନେତା, ଗାଁମୁଖିଆ, ରାଜନୈତିକ ବ୍ୟକ୍ତି, ନିଶାପି, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଥିଲେ। ପ୍ରଜା ସୋସିଆଲିଷ୍ଟ ଦଳରୁ ସେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୭୨ରୁ ୧୯୭୪ ପର୍ଯ୍ୟନ୍ତ ସେ ଅମିନ ସଂଘ ରାଜ୍ୟ ସଭାପତିଥିଲେ। ୨୦୦୧ରେ ସେ ଚାକିରିରୁ ଅବସର ଗ୍ରହଣ କରି ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

ମୃତ୍ୟୁ ଖବର ଜଣାପଡ଼ିବା ପରେ ପୂର୍ବତନ ଏମ୍‌ପି ରୀତା ତରାଇ, ଗୋକର୍ଣ୍ଣିକ ସମ୍ପାଦକ ରମାକାନ୍ତ ଜେନା, ବ୍ୟବସାୟୀ ଶରତ ପାତ୍ର, ଭାଜପା ନେତା କାହ୍ନୁଚରଣ ଦାଶ, ବିଜେଡି ନେତା ସଂଗ୍ରମ କେଶରୀ ଜେନା, ନିରଞ୍ଜନ ରାଉତ, ଡ. ପ୍ରିୟନାଥ ମହାପାତ୍ର, କଳ୍ପତରୁ ସାହୁ, ସରପଞ୍ଚ ତ୍ରିଲୋଚନ ଜେନା, ଦାମୋଦର ରାୟ, ସୁଧାକର ରାଉତ, ରମେଶ ଚନ୍ଦ୍ର ସିଂ ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗଣନାଥଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ଗୁରୁଚରଣ ଟିକାୟତ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ଅଧକ୍ଷ କିଷାନ ପଣ୍ଡା, ଭାଜପା ନେତ୍ରୀ ସ୍ମୃତିରେଖା ପହି ଓ ସର୍ବେଶ୍ୱର ବେହୁରା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

# ସିମେଣ୍ଟ କାରଖାନା ସମ୍ମୁଖରେ ଧାରଣା



ସିମେଣ୍ଟ କାରଖାନା ସମ୍ମୁଖରେ ଶ୍ରମିକମାନେ ଧାରଣାରେ ବସିଛନ୍ତି।

କଳିଙ୍ଗନଗର,୨୮।୬ (ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳର ନୁଭୋକୋ ନ୍ୟୁ-ଭିସ୍ତା ସିମେଣ୍ଟ କାରଖାନା ସମ୍ମୁଖରେ ଶ୍ରମିକମାନେ ୯ ଦଫା ଦାବିରେ ବୁଧବାର ଭୋର ୫ଟାରୁ ଧାରଣା ଦେଇଛନ୍ତି। କଳିଙ୍ଗନଗର ମଜଦୁର ୟୁନିୟନର ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। କୁଶଳୀଙ୍କୁ ପଦୋନ୍ନତି, ରାତ୍ରୀକାଳୀନ କାର୍ଯ୍ୟ ଭତ୍ତା, କ୍ୟାଣ୍ଟିନ ସୁବିଧା, ଶ୍ରମିକ ବିଶ୍ରାମ ଗୃହ, ପାନୀୟ ଜଳ ଯୋଗାଣ, ଜାତୀୟ ଓ ସ୍ଥାନୀୟ ଛୁଟିରେ ଦରମା ପ୍ରଦାନ ଏବଂ ମଟର ସାଇକଲ ଷ୍ଟାଣ୍ଡ ନିର୍ମାଣ ଦାବିରେ ଶ୍ରମିକମାନେ ଧାରଣା ଦେଇଥିବାବେଳେ ଏଗୁଡ଼ିକୁ କାରଖାନା କର୍ତ୍ତୃପକ୍ଷ ତତ୍କାଳ ମାନି ନେଇଥିଲେ। ଏହାବ୍ୟତୀତ ଦରମା ବୃଦ୍ଧି ଓ ଚାକିରି ନିୟମିତ କରିବା ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ବୋଲି କାରଖାନା ପକ୍ଷରୁ କୁହାଯାଇଥିଲା। ଯାହା ନିଷ୍ପତ୍ତି ହେବ ଶ୍ରମିକମାନଙ୍କୁ ସୂଚିତ କରାଯିବ ବୋଲି କାରଖାନା ମୁଖ୍ୟ ସୂଚନା ଦେବା ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଯାଜପୁର ବିଧାୟକଙ୍କ ଜନ୍ମଦିନ ପାଳିଲେ ସମର୍ଥକ

ପ୍ରୀତିପୁର,୨୮।୬(ସୁଶାନ୍ତ ବେହୁରିଆ):

ଦଶରଥପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମ ଦିବସ କୁଆଁସ ମଙ୍ଗଳାଙ୍କ ପୀଠରେ ପାଳିତ ହୋଇଯାଇଛି। ଶହଶହ ସଂଖ୍ୟାରେ ବିଜୁ ଯୁବ, ଛାତ୍ର, ମହିଳା କାର୍ଯ୍ୟକର୍ତ୍ତାଙ୍କ ତରଫରୁ ମା' ମଙ୍ଗଳାଙ୍କ ପୀଠରେ ଦୀପଦାନ କରାଯାଇଥିଲା। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ସଂଖ୍ୟାରେ ଦଳୀୟ ସମର୍ଥକ କେକ୍ କାଟି ବିଧାୟକ ଦାସଙ୍କ ଜନ୍ମ ଦିନ ପାଳନ କରିବା ସହିତ ମନ୍ଦିର ପରିସରରେ ଚାରାରୋପଣ କରିଥିଲେ। ସେହିପରି ବିଜେଡି ପକ୍ଷରୁ ରାମବାଗସ୍ଥିତ ରିଜିଓନାଲ କଲେଜ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସଂଯୁକ୍ତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଉଦ୍‌ଘାଟନ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ପ୍ରୀତିପୁର,୨୮।୬(ସୁଶାନ୍ତ ବେହୁରିଆ):

**ଗ୍ରାମ ନନ୍ଦିପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ମାମଲା**

ଦଶରଥପୁର ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ସଂଘ ଏବଂ ବ୍ଲକ କର୍ମଚାରୀଙ୍କ ଚାଲିଥିବା କଲମ ଛାଡ଼ ଆନ୍ଦୋଳନ ୨ ଦିନ ପରେ ବୁଧବାର ପ୍ରତ୍ୟାହୃତ ହୋଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଏବଂ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ମଧ୍ୟାହ୍ନରେ ଆନ୍ଦୋଳନସ୍ଥଳରେ ପହଞ୍ଚି ପିଇଓମାନଙ୍କ ସହିତ ଆଲୋଚନା କରି ୭ ଦିନ ମଧ୍ୟରେ ଆକ୍ରମଣରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୋମବାର ପୂର୍ବାହ୍ନ ୧୦ଟାରେ ଦଶରଥପୁର ବ୍ଲକ ଅଧୀନ ଗ୍ରାମ ନନ୍ଦିପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କୁ କରତରା ଛକ ନିକଟରେ କେତେଜଣ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିବା ସହିତ ତାଙ୍କ ବ୍ୟାଗରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଭତ୍ତା ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ମିଶ୍ର ଦଶରଥପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାତ୍ର ଏହି ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବ୍ଲକ କର୍ମଚାରୀଙ୍କୁ ସୁରକ୍ଷା ନିଶ୍ଚିତ ଦାବିରେ ବ୍ଲକର ସମସ୍ତ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନ କରିଥିଲେ।

# ଜଳିଗଲା ୫ ଦୋକାନ

ତିହିଡ଼ି,୨୮।୬ (ସଞ୍ଜିତ୍ ବଳ):

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଦୋଲସାହି ବଜାରରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ୫ ଦୋକାନ ଜଳିଯାଇଛି। ଲକ୍ଷ୍ମୀଧର ପ୍ରଧାନଙ୍କ ଷ୍ଟେସନେରୀ ଦୋକାନ, ଶଙ୍କର୍ଷଣ ରଣା, ଜନ୍ମେଞ୍ଜୟ ବେହେରା, ପୀତାମ୍ବର ରଣା ଓ ରଞ୍ଜନ କୁମାର ରଣାଙ୍କ ଫଳ ଦୋକାନ ପୋଡ଼ିଯାଇଛି। ଆନୁମାନିକ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଛି।

# ତାଜା ଖସି ପଡ଼ିବାରୁ ଯୁବକଙ୍କ ମୃତ୍ୟୁ

ବାଲିକୁଦା,୨୮।୬(ତାପସ ସ୍ୱାଇଁ)

ଘର କାମ ଚାଲିଥିବା ବେଳେ ଉପରେ ତାଜା ଭାଙ୍ଗି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ବାଲିକୁଦା ଥାନା ବଡ଼ଗାଁ ପଞ୍ଚାୟତ ବଡ଼ରୋଡ଼ଙ୍ଗ ଗାଁର ବଟକୃଷ୍ଣ ରାୟଙ୍କ ପୁଅ ଲଳିତ (୪୫)। ଲଳିତ ବୁଧବାର ନିଜ ଘରକୁ ଜଣେ ରାଜ ମିସ୍ତ୍ରିଙ୍କୁ ଡକାଇ ଘରର କିଛି ନିର୍ମାଣ କାର୍ଯ୍ୟ କରୁଥିଲେ। ଘର ପଛ ପଟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଘରର ଏକ ଝରକାର ତାଜା ଲଳିତଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଲଳିତଙ୍କ ମୁଣ୍ଡ ଓ ବେକ ଉପରେ ସେହି ତାଜାଟି ଭାଙ୍ଗି ପଡ଼ିବା କାରଣରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟରେ ପାଖରେ ପଡ଼ୋଶୀଙ୍କର ଜମିବାଡ଼ି ମାପ ଚାଲିଥିଲା ଓ ସେଠାରେ ବାଲିକୁଦା ପୋଲିସ କର୍ମଚାରୀ ମଧ ଉପସ୍ଥିତ ଥିଲେ। ପୋଲିସ କର୍ମଚାରୀ ଲଳିତଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରର ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।ଥାନାରେ (ନଂ.୧୫/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ପ୍ରସ୍ତରଶିଳ୍ପୀଙ୍କ କାରଖାନା, ବିଶ୍ରାମ ଗୃହର ଶିଳାନ୍ୟାସ

ଚଣ୍ଡିଖୋଲ,୨୮।୬(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲାର ଶିଳ୍ପୀ ଗ୍ରାମଭାବେ ପରିଚିତ ବଡ଼ଚଣା ବ୍ଲକ୍ ଅଧୀନ ଶୁଖୁଆପଡ଼ାରେ ପ୍ରସ୍ତର ଶିଳ୍ପୀଙ୍କ ନିମନ୍ତେ ଏକ କାରଖାନା ଓ ବିଶ୍ରାମ ଗୃହର ଶିଳାନ୍ୟାସ ଉତ୍ସବ ବାହୁଡ଼ାଯାତ୍ରାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ମୂର୍ତ୍ତି କାରିଗର ଓ ପ୍ରସ୍ତର ଶିଳ୍ପୀ ଭାବରେ ପରିଚିତ ଏହି ଗ୍ରାମରେ ଶତାଧିକ କାରିଗର ରହିଛନ୍ତି। ୧୧ ହଜାର ୧୪୮ ସ୍କୋୟର ଫୁଟ ବିଶିଷ୍ଟ ଏହି କାରଖାନା ଗୃହ ନିର୍ମାଣ ପାଇଁ ୧ କୋଟି ୪୨ ଲକ୍ଷ ୬୮୪ ଟଙ୍କା ଖର୍ଚ୍ଚ ହେବ ବୋଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା ସୂଚନା ଦେଇଛନ୍ତି।

ଏହି ଉତ୍ସବ ଅବସରରେ ଯୁବନେତା ଶ୍ରୀକାନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଶତପଥୀ ଯୋଗଦେଇ ଶୁଖୁଆପଡ଼ା ଗ୍ରାମର ପ୍ରସ୍ତର ଶିଳ୍ପୀ ସେମାନଙ୍କ କାରିଗରୀର ନମୁନା ସଦୃଶ ଦେଶ ବିଦେଶରେ ସୁଖ୍ୟାତି ଲାଭ କରିଛନ୍ତି। ଏହି ଗ୍ରାମର ମହିଳାମାନେ ମଧ ପ୍ରସ୍ତରରେ ଜୀବନ୍ତ ମୂର୍ତ୍ତି ତିଆରି କରି ବେଶ ସୁନାମ ଅର୍ଜନ କରିବା ସହ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି। ସେଥିପାଇଁ ଏଠାକୁ ବିଦ୍ୟୁତ୍ ସଂଯୋଗ ପାଇଁ ଆଉ ୨୫ ଲକ୍ଷ ଟଙ୍କା ଓ ଗାର୍ଡେନ ଏବଂ ଷ୍ଟ୍ରିଟ୍‌ଲାଇଟ ଲଗାଇବାକୁ ୨୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବ। ସମୁଦାୟ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ କାରିଗରଙ୍କ ଆର୍ଥିକ ଉନ୍ନତି କରାଯିବ ବୋଲି ବିଧାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର କୁମାର ନାୟକ, ଜୟଶ୍ରୀ ସାମଲ, ନିରଞ୍ଜନ ସେନାପତି, ଶାରଦା ମହାନ୍ତି, ସରପଞ୍ଚ କିଶୋର ବେହୁରା, ବିଭୂତି ଭୂଷଣ ସାମଲ, ବିକ୍ରମ ପ୍ରଧାନ ଓ ଦେବଦତ୍ତ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିଳ୍ପୀ ନିର୍ମଳ କୁମାର ମହାରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ପଲେଇ ସରପଞ୍ଚ ଆରତୀ ବେହେରା ଧନ୍ୟବାଦ ଦେଇଥିଲେ।



ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମବାସୀ

■ ଅବଧି ସରିଲା, ସରୁନି କାମ
■ ଅଧାରେ ଅଟକିଛି ଗ୍ରାମ ଉନ୍ନୟନ ବିଭାଗ ରାସ୍ତା

ପାଣିକୋଇଲି,୨୮।୬(ବିକାଶ ମଲ୍ଲିକ):

ଗ୍ରାମ୍ୟ ଉନ୍ନୟନ ବିଭାଗର ରଗଡ଼ି-ପାଣିକୋଇଲି ଆର ଏଣ୍ଡ ବି ରାସ୍ତାଠାରୁ ଅମୃତିଆ ରାସ୍ତା କାମ ସରିବା ନେଇ ଏବେ ଉଠିଛି ପ୍ରଶ୍ନବାଚୀ। ଅବଧି ସରିଛି। କିନ୍ତୁ କାମ ସରିନି। ବାରମ୍ବାର ତାଗିଦ ସତ୍ତ୍ୱେ ଠିକାଦାରଙ୍କ ଖାମଖିଆଲି ନୀତି ଯୋଗୁ କାମ ବନ୍ଦ ହୋଇପଡିଛି। ଠିକାଦାର କାମ ବନ୍ଦ ରଖିଛନ୍ତି। ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲା ପରେ ମଧ୍ୟ ଆଜି କାଲି କହି କାମ ବନ୍ଦ ରହିଛି। ରାସ୍ତାରୁ ପିଚୁ ତାଡି ମେଟାଲିଂ କରି ଛାଡିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ବୁଧବାର ବର୍ତ୍ତମଣା ଗ୍ରାମବାସୀ ରାସ୍ତା ସମ୍ପୂର୍ଣ୍ଣୀକରଣ ଦାବିରେ ରାସ୍ତାରୋକୋ କରିଛନ୍ତି। ଏଥିଯୋଗୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପାଣିକୋଇଲି ପୋଲିସ ପହଂଚି ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କରିବା ସହ ୨୪ ଘଣ୍ଟା ମଧ୍ୟରେ ଏହାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲା। ଏହାପରେ ରାସ୍ତାରୋକୋ ହଟିଥିଲା।



ବର୍ତ୍ତମଣା ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ସୂଚନା ମୁତାବ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରଗଡି-ପାଣିକୋଇଲି ଆରଏଣ୍ଡ ବି ରାସ୍ତା ଠାରୁ ଅମୃତିଆ ରାସ୍ତା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ଏହାର ପ୍ରଶସ୍ତୀକରଣ ଆରମ୍ଭ ହୋଇଥିଲା। ରାସ୍ତାର ଦୈର୍ଘ୍ୟ ୬.୭୩୦କି.ମି. ଓ ନିର୍ମାଣ ଅଟକଳ ୪୪୮.୯୩ ଲକ୍ଷ କରାଯାଇଛି। ୫ ବର୍ଷିଆ ରକ୍ଷଣାବେକ୍ଷଣ ପାଇଁ ୪୦.୩୨ ଲକ୍ଷ ଅଟକଳ କରାଯାଇଛି। ୨୦୨୨ ଅଗଷ୍ଟ ୨୬ରୁ କାମ ଆରମ୍ଭ କରାଯାଇ ୨୦୨୩ ଜୁନ ୨୫ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସ୍ଥିର ହୋଇଥିଲା। ଯାହା ସୂଚନା ଫଳକରେ ସୂଚିତ କରାଯାଇଛି। ପିଚୁଥିବା ସ୍ଥାନଗୁଡିକୁ ଖୋଳାଯାଇ ପ୍ରଶସ୍ତୀକରଣ କରାଯାଇ ମେଟାଲ ଦିଆଯାଇଛି। କିନ୍ତୁ ପିଚୁ କରାଯାଉ ନାହିଁ। ଫଳରେ ମେଟାଲ ଉଠି ଯାତାୟାତ ବାଧାପ୍ରାପ୍ତ ହେଉଛି। ତେବେ ତ୍ୱରିତ କାର୍ଯ୍ୟ କରା ନ ଗଲେ ଆଗକୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ରାସ୍ତାରୋକରେ ଘୁରୁଡ ମଲିକ, ନଣ୍ଡା ମଲିକ, ମନୋଜ ଦାସ, ବିଜୟ ସାହୁ, ଗଣେଶ ମଲିକ, ଦିପକ ଖଣ୍ଡାଇ, କୁନିଆ ପଣ୍ଡାଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

# ଜିଲାରେ ସବ୍‌ଡିଭିଜନ ମାନ୍ୟତା ଦାବି ତେଜୁଛି

କେନ୍ଦ୍ରାପଡ଼ା, ୨୮।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଲୋକସଂଖ୍ୟା ୧୬ ଲକ୍ଷରୁ ଊର୍ଦ୍ଧ୍ୱ। ୨୪୯୪ ବର୍ଗ କିଲୋମିଟର ଅଞ୍ଚଳ ପରିମିତ ଏହି ଜିଲାର ଉପାନ୍ତରେ ପ୍ରଶାସନିକ ସେବା ପହଞ୍ଚି ପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇ, ମାର୍ଶାଘାଇ ଅଞ୍ଚଳକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଉଠୁଛି। ସେହିପରି ଜିଲାର ଉପାନ୍ତ ଅଞ୍ଚଳରେ ଥିବା ରାଜକନିକାରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ଅଞ୍ଚଳବାସୀ ବାରମ୍ବାର ବିଭିନ୍ନ କାର୍ଯ୍ୟାଳୟରେ ସ୍ମାରକପତ୍ର ଦେଇ ଆସୁଛନ୍ତି। ଜିଲାରେ ୬୦ ହଜାରରୁ ଊର୍ଦ୍ଧ୍ୱ ମାମଲାର ସମାଧାନ ତ୍ୱରିତ ହେବ ବୋଲି ଜିଲାର ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ତଥ୍ୟ ଅନୁଯାୟୀ, ଏପ୍ରିଲ ଶେଷ ସୁଦ୍ଧା ଜିଲାରେ ୧୮,୩୯୯ଟି ଦେୱାନୀ ଓ ୪,୨୩୨୩ଟି ଫୌଜଦାରି ମାମଲା ରହିଛି। ଏହି ମାମଲା ମଧ୍ୟରୁ ୯୨୦୫ଟି ଦେୱାନୀ ଓ ୨୧୦୭୬ଟି ଫୌଜଦାରି ମାମଲା ଗତ ୫ ବର୍ଷ ପୂର୍ବର। ଏଥିସହ ପାରିବାରିକ ଓ ବାଣିଜ୍ୟିକ ମାମଲା ରହିଛି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ତୃଣମୂଳସ୍ତରରେ ତ୍ୱରିତ ଶାସନ ବ୍ୟବସ୍ଥା ଓ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣର ଆବଶ୍ୟକତା ଅଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୩ ମସିହାରେ ରାଜ୍ୟର ୧୩ ଜିଲାରୁ ୩୦ ଜିଲାକୁ ପରିବର୍ତ୍ତନ କରିଥିଲେ। ଏହି ନୀତିକୁ ଅନୁସରଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୮ରୁ ଶତାଧିକ ସବ୍‌ଡିଭିଜନରେ ପରିଣତ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜିଲାର ପଟ୍ଟାମୁଣ୍ଡାଇ ସହ ମାର୍ଶାଘାଇକୁ ସବ୍‌ଡିଭିଜନର ମାନ୍ୟତା ମିଳିଲେ ତ୍ୱରିତ ସେବା ମିଳିପାରିବ। ରାଜନଗର, ରାଜକନିକା, ଆଳି ଓ ପଟ୍ଟାମୁଣ୍ଡାଇର କେନ୍ଦ୍ରାଞ୍ଚଳ ଭାବେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ମିଳିଲେ ପ୍ରାୟ ୭ ଲକ୍ଷ ଅଧିବାସୀ ଉପକୃତ ହେବେ। ସେହିପରି ପ୍ରାୟ ୫ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ବ୍ଲକ୍‌କୁ ନେଇ ମାର୍ଶାଘାଇ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ମାର୍ଶାଘାଇଠାରେ ପର୍ଯ୍ୟାପ୍ତ ସ୍ଥାନ ସହ ଭିତ୍ତିଭୂମି ଥିବା ସେ ଦାବି କରିଛନ୍ତି। ତାଙ୍କର ଏହି ଦାବିକୁ ସ୍ଥାନୀୟ ଅଞ୍ଚଳର କୈଳାସ ଚନ୍ଦ୍ର ବେହେରା, ପ୍ରମୋଦ ରଥ, ସଞ୍ଜୟ ଲେଙ୍କା, ବିଭ୍ରାଂଶୁ ଲେଙ୍କା, ମାଧବ ନାୟକ,




## ରାଜକନିକାରେ ଜେଏମ୍‌ଏଫ୍‌ସି କୋର୍ଟ ପାଇଁ ସ୍ମାରକପତ୍ର

## ଏପ୍ରିଲ ଶେଷ ସୁଦ୍ଧା ୬୦ ହଜାରରୁ ଊର୍ଦ୍ଧ୍ୱ ମାମଲା

ଚନ୍ଦ୍ରମଣି ସାହୁ, ଅଶୋକ ମହାପାତ୍ର ପ୍ରମୁଖ ସମର୍ଥନ ଜଣାଇଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ଗଣତନ୍ତ୍ରର ସୁଦୃଢ଼ ସ୍ତମ୍ଭ ହେଉଛି ବିଚାର ବିଭାଗ। ଯେଉଁଠି ସମସ୍ତ ବ୍ୟବସ୍ଥା ଫେଲ ମାରେ ସାଧାରଣ ଲୋକ ବିଚାର ବିଭାଗର ଆଶ୍ରା ନେଇଥାନ୍ତି। ତେବେ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ହେଉଥିବା ବିଳମ୍ବ ସାମାଜିକ ଜୀବନକୁ ବ୍ୟତିବ୍ୟସ୍ତ କରାଉଛି। ୨୦୨୨ ମେ ୫ରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ରାଜ୍ୟରେ ୩୮ ନୂତନ କୋର୍ଟ ପାଇଁ କର୍ମଚାରୀ ନିଯୁକ୍ତି ଆହ୍ୱାନ କରିଥିଲେ। ଜିଲାରେ ନୂତନ ଭାବେ ମାର୍ଶାଘାଇ, ଗରଦପୁର ଓ ମହାକାଳପଡ଼ାରେ କୋର୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ୩ ସ୍ଥାନରେ କୋର୍ଟ ସ୍ଥାପନ ଦ୍ୱାରା ମାମଲାଗୁଡ଼ିକର ଶୁଣାଣିରେ ତୀବ୍ରତା ଆସିବ। ଦେୱାନି ଓ ଫୌଜଦାରି ମାମଲାରେ ପଡ଼ି ସ୍ଥାନୀୟ ଜନସାଧାରଣଙ୍କ ଚାଷଠାରୁ ଆରମ୍ଭ କରି ଜୀବନଜୀବିକାରେ ବ୍ୟତିକ୍ରମ ଆଣିଛି। ଦେୱାନି ମାମଲାରେ ପଡ଼ି ଚାଷୀ ସ୍ୱତ୍ୱ ସାବ୍ୟସ୍ତ ହୋଇ ପାରୁ ନ ଥିବାରୁ ଜମି ପଡ଼ିଆ ପଡୁଛି। ସେହିପରି ଫୌଜଦାରି ମାମଲାର ଶୁଣାଣି ହୋଇ ଫଇସଲା ହେବା ଆବଶ୍ୟକ। ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରିଆ କହିଛନ୍ତି, ଜିଲାରେ ମାମଲା ସଂଖ୍ୟା ବଢ଼ିଚାଲିଛି। ଭୌଗୋଳିକ ଦୃଷ୍ଟିକୋଣରୁ ରାଜକନିକା ଜିଲାର ବୃହତ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ଜେଏମ୍‌ଏଫ୍‌ସି କୋର୍ଟଟିଏ ନାହିଁ। ଏଥିସହ ରାଜକନିକାକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଆସୁଛି। ଏହାକୁ ନେଇ ଜିଲା ପ୍ରଶାସନ, ଆର୍‌ଡିସି, ରାଜ୍ୟ ସରକାରଙ୍କ ଆଇନ ଓ ରାଜସ୍ୱ ବିଭାଗକୁ ଦାବିପତ୍ର ଦିଆଯାଇଛି। ଏବେ ରାଜକନିକା ବ୍ୟତୀତ ଅନ୍ୟସବୁ ଅଞ୍ଚଳରେ କୋର୍ଟ ସ୍ଥାପନ ହେବା ପରେ ରାଜକନିକାବାସୀ ନ୍ୟାୟ ପାଇବାରେ ପଛୁଆ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଓଁକାର କ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା



ଡେରାବିଶ,୨୮।୬ (ବେବର୍ତ୍ତା ଅଜୟ ଦାସ): କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଁକାର କ୍ଷେତ୍ର ରୂପେ ପରିଚିତ ଓଳକଣା ମେଳନ ପଡ଼ିଆରେ ରଥାରୁଢ଼ ତିନିଠାକୁରଙ୍କ ବାହୁଡ଼ାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ସୁଦ୍ଧା ରଥ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଅରୁଣସ୍ତମ୍ଭ ନିକଟରେ ପହଞ୍ଚିଛି। ମଙ୍ଗଳବାର ଶ୍ରୀଗୁଣ୍ଡିଚା ତିଥିରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ରଥାରୁଢ଼ ହୋଇ ସ୍ଥାନୀୟ ଅରାଖଣ୍ଡଠାରେ ଭକ୍ତ ବିଦୂରଙ୍କ ମନ୍ଦିରରେ ଥିବା ମାଉସୀ ମା'ମନ୍ଦିରକୁ ଯାଇଥିଲେ। ନବଦିନ ଯାତ୍ରାପରେ ବୁଧବାର ପୁନର୍ବାର ମନ୍ଦିରକୁ ଶ୍ରୀଜୀଉମାନେ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ଗୁରୁବାର ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବାକୁ ଥିବା ବେଳେ ଶୁକ୍ରବାର ନିଳାଦ୍ରୀ ବିଜେ ହେବ ବୋଲି ମନ୍ଦିର ପରିଚାଳନା ପରିଷଦର ସମ୍ପାଦକ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ଚଳିତ ବର୍ଷ ରଥଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ବ୍ୟବସ୍ଥା ରକ୍ଷା କରାଯାଇଥିଲା।

### ସିମେଣ୍ଟ କାରଖାନା ସମ୍ମୁଖରେ ଧାରଣା

କଳିଙ୍ଗନଗର,୨୮।୬ (ଶୁଭାଶିଷ ରାଉତ): କଳିଙ୍ଗନଗର ଶିଳ୍ପାଞ୍ଚଳର ନୁଭୋକୋ ନ୍ୟୁ-ଭିସ୍ତା ସିମେଣ୍ଟ କାରଖାନା ସମ୍ମୁଖରେ ଶ୍ରମିକମାନେ ୯ ଦଫା ଦାବିରେ ବୁଧବାର ଭୋର ୫ଟାରୁ ଧାରଣା ଦେଇଛନ୍ତି। କଳିଙ୍ଗନଗର ମଜଦୁର ୟୁନିୟନର ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। କୁଶଳୀଙ୍କୁ ପଦୋନ୍ନତି, ରାତ୍ରୀକାଳୀନ କାର୍ଯ୍ୟ ଭତ୍ତା, କ୍ୟାଣ୍ଟିନ ସୁବିଧା, ଶ୍ରମିକ ବିଶ୍ରାମ ଗୃହ, ପାନୀୟ ଜଳ ଯୋଗାଣ, ଜାତୀୟ ଓ ସ୍ଥାନୀୟ ଛୁଟିରେ ଦରମା ପ୍ରଦାନ ଏବଂ ମଟର ସାଇକଲ ଷ୍ଟାଣ୍ଡ ନିର୍ମାଣ ଦାବିରେ ଶ୍ରମିକମାନେ ଧାରଣା ଦେଉଥିବାବେଳେ ଏଗୁଡ଼ିକୁ କାରଖାନା କର୍ତ୍ତୃପକ୍ଷ ତତ୍କାଳ ମାନି ନେଇଥିଲେ। ଏହାବ୍ୟତୀତ ଦରମା ବୃଦ୍ଧି ଓ ଚାକିରି ନିୟମିତ କରିବା ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ବୋଲି କାରଖାନା ପକ୍ଷରୁ କୁହାଯାଇଥିଲା। ଯାହା ନିଷ୍ପତ୍ତି ହେବ ଶ୍ରମିକମାନଙ୍କୁ ସୂଚିତ କରାଯିବ ବୋଲି କାରଖାନା ମୁଖ୍ୟ ସୂଚନା ଦେବା ପରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ପ୍ରୀତିପୁର,୨୮।୬(ସୁଶାନ୍ତ ବେହୁରିଆ): ଦଶରଥପୁର ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ସଂଘ ଏବଂ ବ୍ଲକ କର୍ମଚାରୀଙ୍କ ଚାଲିଥିବା କଲମ ଛାଡ଼ ଆନ୍ଦୋଳନ ୨ ଦିନ ପରେ ବୁଧବାର ପ୍ରତ୍ୟାହୃତ ହୋଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଏବଂ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ମଧ୍ୟାହ୍ନରେ ଆନ୍ଦୋଳନସ୍ଥଳରେ ପହଞ୍ଚି ପିଇଓମାନଙ୍କ ସହିତ ଆଲୋଚନା କରି ୭ ଦିନ ମଧ୍ୟରେ ଆକ୍ରମଣରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ଦଶରଥପୁର ବ୍ଲକ ଅଧୀନ ଗ୍ରାମ ନନ୍ଦିପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କୁ କରତରା ଛକ ନିକଟରେ କେତେଜଣ ଅସାମାଜିକ ବ୍ୟକ୍ତି ଆକ୍ରମଣ କରିବା ସହିତ ତାଙ୍କ ବ୍ୟାଗରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଭତ୍ତା ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ମିଶ୍ର ଦଶରଥପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ବ୍ଲକ କର୍ମଚାରୀଙ୍କୁ ସୁରକ୍ଷା ନିଶ୍ଚିତ ଦାବିରେ ବ୍ଲକର ସମସ୍ତ କର୍ମଚାରୀ କଲମ ଛାଡ଼ ଆନ୍ଦୋଳନ କରିଥିଲେ।

# ବିଦ୍ୟୁତ୍ ଅଫିସ୍ ସମ୍ମୁଖରେ ଡେରାବିଶ ବ୍ଲକ କଂଗ୍ରେସର ବିକ୍ଷୋଭ




ବିଭାଗୀୟ ଅଧିକାରୀଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଡେରାବିଶ,୨୮।୬(ବେବର୍ତ୍ତା ଅଜୟ ଦାସ)

ଅଘୋଷିତ ବିଦ୍ୟୁତକାଟ ଓ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବୁଧବାର ଡେରାବିଶ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗଦେଇ ସାଧାରଣ ଲୋକଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଡିଣ୍ଡିମ ପିଟୁଥିବା ବିଜେଡି ସରକାର ନିଜର ସ୍ୱାର୍ଥ ପାଇଁ ଟାଟା ପାୱାରକୁ ବିକ୍ରି କରି ଦେଇଛନ୍ତି। ଏହି କମ୍ପାନୀ ମନମୁଖି ଅଘୋଷିତ ବିଦ୍ୟୁତ୍‌କାଟ ଯୋଗୁ ଡେରାବିଶ ବ୍ଲକ ସମେତ ସମଗ୍ର ନିର୍ବାଚନ ମଣ୍ଡଳୀର ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି । ବିଦ୍ୟୁତ୍‌କାଟ ପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ କମ୍ପାନୀର କର୍ମଚାରୀଙ୍କ ବର୍ଦ୍ଧିତ ବିଦ୍ୟୁତ୍‌ବିଲ୍ ଆଦାୟ କରିବା ପାଇଁ କରୁଥିବା ଜୁଲୁମ ସାଧାରଣ ଲୋକ ଆଉ ସହ୍ୟ କରିପାରିବେ ନାହିଁ ବୋଲି କହିଥିଲେ । ଏହି ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଚରଣ ପାତ୍ର, ରଘୁନାଥ ଶତପଥୀ, ଜିଲା କଂଗ୍ରେସ ସମ୍ପାଦକ ନିରଞ୍ଜନ ରାଉତ, ଜୟନ୍ତ ମୁଖାର୍ଜୀ,ରାଜୀବଲୋଚନ ମିଶ୍ର, ଜୟଦେବ ପରିଡ଼ା, ହେମଲତା ପୃଷ୍ଟି, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ନେତୃମଣ୍ଡଳୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନିଜର ବକ୍ତବ୍ୟ ରଖିଥିଲେ ।

ଗ୍ରାହକଙ୍କୁ ଅନବରତ ବିଦ୍ୟୁତ୍ ସେବା ଯୋଗାଇବା, ପ୍ରତିମାସରେ ବିଦ୍ୟୁତ୍ ବିଲକୁ ହ୍ରାସ କରିବା ଆଦି କଂଗ୍ରେସ ପକ୍ଷରୁ ଦାବି କରାଯିବା ସହ ବକେୟା ବିଦ୍ୟୁତ୍ ବିଲ ଆଦାୟ ସମୟରେ ଉପଭୋକ୍ତାଙ୍କ ଉପରେ ଜୁଲମ ବନ୍ଦ କରିବା ଏବଂ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରାଯାଉଥିବା ୧୫ ହଜାର କୋଟି ଟଙ୍କାର ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରିବାକୁ ନେତୃମଣ୍ଡଳୀ ଦାବି କରିଥିଲେ । ସରକାରଙ୍କ ପକ୍ଷରୁ ଯଦି ଟାଳଟୁଳ ନୀତି ଅବଲମ୍ବନ କରାଯାଏ ତେବେ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ନେତୃମଣ୍ଡଳୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଅଶୋକ କୁମାର ଜେନା, ମାନସ ଜେନା, କୈଳାସ ଲେଙ୍କା, ସୁଧିର ରାଉତ ପ୍ରମୁଖ ବହୁ ଦଳୀୟ କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିର ବିରୋଧରେ ବିଷୋଦ୍‌ଗାର କରିଥିଲେ । ପରେ ଛତା ବିଦ୍ୟୁତ୍ କାର୍ଯ୍ୟାଳୟର ଜୁନିୟର ମ୍ୟାନେଜର ମନମୋହନ ସିଂ ଜରିଆରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ଶକ୍ତି ବିଭାଗର ସଚିବ ଏବଂ ଗ୍ରୀଡ଼କୋ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବାହୁଡ଼ିଲେ ତମାଳଶାସନର ଶ୍ରୀଦଧିବାମନଜୀଉ

କେନ୍ଦ୍ରାପଡ଼ା, ୨୮।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ତମାଳଶାସନସ୍ଥିତ ଶ୍ରୀଦଧିବାମନଜୀଉଙ୍କ ବାହୁଡ଼ା ଯାତ୍ରା ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ଶେଷରେ ଶ୍ରୀଜୀଉ ବୀର ବେଶ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ମାଉସୀ ମା' ମନ୍ଦିରର ରୀତିନୀତି ଅନୁଯାୟୀ, ସକାଳୁ ପହଡ ଫିଟାଯାଇ ଆଡ଼ପ ମଣ୍ଡପରେ ମଙ୍ଗଳ ଆଳତି କରାଯାଇଥିଲା।



ପୂର୍ବାହ୍ନ ୧୧ଟାରେ ସେନାପଟା ଲାଗି ହୋଇଥିଲା। ସେବାୟତମାନେ ଶ୍ରୀଜୀଉଙ୍କୁ ଧାଡ଼ି ପହଣ୍ଡିରେ ନେଇ ରଥାରୂଢ଼ କରିଥିଲେ। ରଥ ଉପରେ ଶ୍ରୀଜୀଉଙ୍କ ବୀର ବେଶ ହୋଇଥିଲା। ବଡ଼ପଣ୍ଡା ସତ୍ୟାନନ୍ଦ ମିଶ୍ର ଛେରାପହଁରା କରିଥିଲେ। ଟ୍ରଷ୍ଟି ଦେବାଶିଷ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ଉମାକାନ୍ତ ମିଶ୍ର, ଶ୍ରୀଧର ସ୍ୱାଇଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। କିଶୋର ଚନ୍ଦ୍ର ମିଶ୍ର, ତ୍ରିଲୋଚନ ମିଶ୍ର, ଅକ୍ଷୟ ମିଶ୍ର, ରାଜକିଶୋର ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ମିଶ୍ର, ସୁମନ୍ତ ମିଶ୍ର ପ୍ରମୁଖ ଶ୍ରୀଜୀଉଙ୍କୁ ରଥ ଯାଏ ପହଣ୍ଡିରେ ନେଇଥିଲେ।

# ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

କେନ୍ଦ୍ରାପଡ଼ା,୨୮।୬ (ଜଗନ୍ନାଥ ଧଳ)

ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରେ ବାହୁଡାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ବକ୍ତାରପୁର ମାଉସୀ ମା' ମନ୍ଦିରରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରାଙ୍କୁ ପାରମ୍ପରିକ ରୀତିରେ ଯଥାବିଧି ପୂଜାର୍ଚ୍ଚନା କରାଯାଇ ରଥାରୁଢ଼ କରାଯାଇଥିଲା । ହରପାର୍ବତୀ ମନ୍ଦିରରୁ ଆଜ୍ଞାମାଳ ପହଞ୍ଚିବା ପରେ ରଥଟଣା ଆରମ୍ଭ ହୋଇଥିଲା । ବକ୍ତାରପୁର ମାଉସୀମା' ମନ୍ଦିରରୁ ରଥାରୁଢ଼ ହୋଇଥିବା ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ଶ୍ରଦ୍ଧାଳୁ ଭକ୍ତମାନେ ଘଣ୍ଟ, ହରିବୋଲ, ହୁଳହୁଳି ମଧ୍ୟରେ ରଥକୁ ଟାଣି ଟାଣି ପତିତପାବନ ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ। ପ୍ରଭୁଙ୍କ ରଥଯାତ୍ରା ଚାଲିଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ରୁଣ୍ଡ ହୋଇଥିବା ଭକ୍ତ ଦିଅଁ ଦର୍ଶନ କରିବା ସହିତ ଆଶିର୍ବାଦ ଭିକ୍ଷା କରିଥିଲେ । ପୋଖରୀଆପଡା ପତିତପାବନଜୀଉଙ୍କ ବାହୁଡାଯାତ୍ରା ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା । ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ଦାଶ , ନରହରି ଲେଙ୍କା ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ସେହିପରି ସ୍ଥାନୀୟ ବାଲିପାଟଣା ଗ୍ରାମରେ ଶ୍ରୀ ଜଗନ୍ନାଥଙ୍କ ବାହୁଡାଯାତ୍ରା ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଛିଯାଇଛି । ବାଲିପାଟଣା ଗ୍ରାମରେ ୨୦୧୭ରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇ ନ ଥିଲା । ଚଳିତ ବର୍ଷ ପ୍ରଥମଥର ପାଇଁ ରଥଯାତ୍ରା ହୋଇଥିଲା। ବୁଧବାର ବାହୁଡା ଯାତ୍ରା ଶ୍ରୀ ଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରାଙ୍କୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ରଥାରୁଢ଼ କରାଯାଇଥିଲା । ବିଶିଷ୍ଟ ଶିଳ୍ପଦ୍ୟୋଗୀ ଜଗଦୀଶ ପ୍ରସାଦ ନାୟକ ସୁଶୋଭିତ ପାଲିଙ୍କିରେ ଆସି ରଥ ସମ୍ମୁଖରେ ଯଥାବିଧି ଛେରାପହଁରା କରିଥିଲେ। ଏହାପରେ ବାହୁଡାଯାତ୍ରା ଆରମ୍ଭ ହୋଇଥିଲା। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ, ତନୁପୁର, ତଳବାଲିପଡା, ଅମୃତମଣୋହୀ, ଅଠରବାଟିଆ, ବିଲିକଣା, ଜଗନ୍ନାଥପୁର ଓ କଖାରୁଣୀ ଗ୍ରାମରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ବାଲିପାଟଣା ରଥରେ ରାଜା ଛେରାପହଁରା କରୁଛନ୍ତି।

# ଗ୍ରାମାଞ୍ଚଳରେ ବି ହ୍ରାସ ପାଉଛି ଚାରଣ ଭୂଇଁ

- ଗୋଚର ଜମିରେ ବେଆଇନ ଭାବେ ପୋଖରୀ ଖନନ
- କ୍ଷେତ୍ର ପରିଦର୍ଶନ କଲେ ରାଜସ୍ୱ ନିରୀକ୍ଷକ
- ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ
- ଥାନାରେ ଲିଖିତ ଅଭିଯୋଗ

ମହାକାଳପଡ଼ା,୨୮।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସହରାଞ୍ଚଳ ପରି ଏବେ ଗ୍ରାମାଞ୍ଚଳରେ ବି ଚାରଣ ଭୂଇଁର ଅଭାବ ଦେଖାଦେଇଛି । ଗୃହପାଳିତ ପ୍ରାଣୀମାନଙ୍କ ଚରିବା ପାଇଁ କାହିଁ କେଉଁ ଅନାଦି କାଳରୁ ପୂର୍ବଜମାନେ ଚାରଣ ଭୂଇଁ ରଖୁଥିଲେ । ସମୟର ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ପାଇବା ଯୋଗୁ କାଳକ୍ରମେ ଉକ୍ତ ଚାରଣ ଭୂଇଁରେ ବେଆଇନ ଭାବେ ଜନବସତି ଗଢ଼ି ଉଠିଛି । ଆଉ କେଉଁଠି ଜବରଦଖଲକାରୀମାନେ ସେହି ଜମିକୁ ନିଜ ଅକ୍ତିଆରରେ ରଖିଛନ୍ତି । ଫଳରେ ଗୋସମ୍ପଦମାନଙ୍କ ପାଇଁ ଚରି ବୁଲିବା ପାଇଁ ସମସ୍ୟା ସୃଷ୍ଟି ହୋଇଛି।

ଏହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଡିଡ଼ି ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ । ୫ ଏକର ୭୦ ଡ଼େସିମିଲ ଗୋଚର କିସମ ଜମିରେ ଗ୍ରାମର କେତେଜଣ ବ୍ୟକ୍ତି ବେଆଇନ ଭାବେ ଜେସିବି ମେଶିନରେ ପୋଖରୀ ଖନନ କରୁଛନ୍ତି । ଏହାକୁ ନେଇ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଯାଇଛି। ଏ ସଂକ୍ରାନ୍ତରେ ଗୋଟିଏ ଗୋଷ୍ଠୀ ମହାକାଳପଡ଼ା ତହସିଲଦାରଙ୍କୁ ଏ ସଂକ୍ରାନ୍ତରେ ଜଣାଇବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଖବର ପାଇ ବୁଧବାର ସ୍ଥାନୀୟ ବିଜୟନଗର ରାଜସ୍ୱ ନୀରିକ୍ଷକ ଜ୍ୟୋତିର୍ମୟୀ ମହାପାତ୍ର ଗ୍ରାମରେ ପହଞ୍ଚି ଉକ୍ତ ଗୋଚର ଜମି ଖାତା ନମ୍ବର ୨୩୨ ଓ ପ୍ଲଟ ନମ୍ବର ୭୯୯ ମୌଜା ରାମଚନ୍ଦ୍ରପୁରର ସମୁଦାୟ ଗୋଚର ଜମିର ପରିମାଣ ୫ ଏକର ୭୦ ଡେସିମିଲ ବୋଲି କହିଥିଲେ । ସେଥିରୁ ଦେଢ଼ ଏକର ଜମିରେ ବେଆଇନ ଭାବେ ପୋଖରୀ ଖନନ କରାଯାଇଥିବା ନେଇ ରାଜସ୍ୱ ନୀରିକ୍ଷକ ଦେଖି ରିପୋର୍ଟ ପ୍ରଦାନ କରିଛନ୍ତି । ଏ ନେଇ ରାଜସ୍ୱ ନୀରିକ୍ଷକ ପୋଖରୀ ଖନନକାରୀଙ୍କୁ ପ୍ରଶ୍ନ କରିବାରୁ ସେମାନେ ତାଙ୍କୁ ଅସମ୍ମାନ କରିଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ସେ ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ଅବଗତ କରିଛନ୍ତି । ଫଳରେ ତହସିଲଦାର ତ୍ରିପାଠୀ ଉକ୍ତ ବେଆଇନ ଖନନକାରୀଙ୍କ ବିରୋଧରେ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତରେ ବେଆଇନ ଭାବେ ସରକାରୀ ଜମିକୁ ଜବରଦଖଲ କରାଯାଇଥିବାରୁ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ମତାମତ ନେବାରେ ବେଆଇନ ଭାବେ ପୋଖରୀ ଖନନକାରୀଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ରାମଚନ୍ଦ୍ରପୁର ଗ୍ରାମରେ ଗୋଚର ଜମିରେ ଚାଲିଛି ପୋଖରୀ ଖନନ।

## ଆଜି କ'ଣ କେଉଁଠି

ବୁଗୁଡା

- ମଣିଷ ଚିହ୍ନିବା ବାକି ରହିଛି, ନାଟକ ଉଦ୍‌ଘାଟନ ଉତ୍ସବ। ସ୍ଥାନ-ବୁଗୁଡ଼ା ବଡଦାଣ୍ଡ, ସମୟ-ରାତି ୮ଘଣ୍ଟା।

## ସଂକ୍ଷେପରେ

### ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ବାଲିଗୁଡା(ସଞ୍ଜୟ କୁମାର ପାଣିଗ୍ରାହୀ),୨୮।୬:



କନ୍ଧମାଳ ଜିଲା ବାଲିଗୁଡା ଠାରେ ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ପ୍ରହ୍ଲାଦ ଖୋସ୍‌ଲା ମଙ୍ଗଳବାର ଯୋଗ ଦେଇଛନ୍ତି। ସେ ଉପଜିଲାପାଳଙ୍କୁ ସାକ୍ଷାତ କରିବା ଅତିରିକ୍ତ ଜିଲାପାଳ ବନମାଳୀ ଶତପଥୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘ ଦିନ ଧରି ଏହି ପଦବୀଟି ଖାଲି ରହିଥିଲା। ଜନସାଧାରଣଙ୍କ ନିକଟରେ ଉପଯୁକ୍ତ ଭାବରେ ଓ ଉଚିତ ସମୟରେ ସରକାରୀ ସୂଚନା ସବୁ ଯେପରି ପହଞ୍ଚିପାରିବ ସେ ଦିଗରେ ଉଦ୍ୟମ କରିବେ ବୋଲି ଖୋସଲା କହିଛନ୍ତି। ସମସ୍ତ ଖବରଦାତାମାନଙ୍କ ସହ ସମନ୍ୱୟ ରକ୍ଷା କରି ସେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସବୁ କାର୍ଯ୍ୟ ସମ୍ପନ୍ନ କରିବେ ବୋଲି ପ୍ରକାଶ କରିଛନ୍ତି।

### ବିଇଓ ପଦବୀରେ ଯୋଗଦେଲେ କଲ୍ୟାଣୀ

ଜଗନ୍ନାଥପ୍ରସାଦ(ବିଭୁ ପ୍ରସାଦ ପଟ୍ଟନାୟକ),୨୮।୬-



ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବର୍ଷାଧିକ କାଳ ଖାଲି ପଡିଥିବା ପଦବୀରେ ମଙ୍ଗଳବାର କଲ୍ୟାଣୀ ପାଢୀ ଓଏଇଏସ-୨ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଢୀଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ତିନିଜଣ ଏବିଇଓ, ସମସ୍ତ କର୍ମଚାରୀ, ସିଆରସିସି, ଶିକ୍ଷକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ ସ୍ୱାଗତ କରିଥିଲେ।

### ମୋବାଇଲ ଟାୱାର ନିର୍ମାଣରେ ନିୟୋଜିତ ଶ୍ରମିକ ଠିକାଦାରଙ୍କ ମୃତ୍ୟୁ

ବାଲିଗୁଡ଼ା(ସଞ୍ଜୟ କୁମାର ପାଣିଗ୍ରାହୀ),୨୮।୬- ବିଏସ୍‌ଏନ୍‌ଏଲ୍ ମୋବାଇଲ ଟାୱାର ନିର୍ମାଣରେ ନିୟୋଜିତ ଥିବା ଜଣେ ଶ୍ରମିକ ଠିକାଦାରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁର ଜିଲା ଅନ୍ତର୍ଗତ ଗଙ୍ଗାରାମପୁର ଥାନା ନିଳଡଙ୍ଗା ଅଞ୍ଚଳର ସୂର୍ଯ୍ୟ ଦାସ ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ, କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ଝିରିପାଣି ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ମୋବାଇଲ ଟାୱାର ନିର୍ମାଣ କାମ ଚାଲୁ ରହିଥିବା ବେଳେ ଶ୍ରମିକ ଠିକାଦାର ସୂର୍ଯ୍ୟ ଦାସଙ୍କ ହଠାତ ସ୍ୱାସ୍ଥ୍ୟ ଅବସ୍ଥାରେ ଖରାପ ହେବାରୁ ଶ୍ରମିକମାନେ ତାଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡ଼ାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଲିଗୁଡ଼ା ଥାନା ପୋଲିସ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିବା ସହ ନିଜ ଗାଁକୁ ମୃତଦେହ ପଠାଇବାର ବ୍ୟବସ୍ଥା କରିଛି। ବାଲିଗୁଡ଼ା ଥାନା କେଶ ନଂ.୧୪/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଷ୍ଟ୍ରବେରି ପରେ ସେଓ ଚାଷ

- ୩ ବର୍ଷ ବଦଳରେ ଦେଢ଼ ବର୍ଷରେ ଫଳିଲା
- ସିମଲାରୁ ଚାରା ଅଣାଯାଇଥିଲା

ଦାରିଙ୍ଗବାଡି,୨୮।୬(ଅରୁଣ ସାହୁ)



କନ୍ଧମାଳ ଜିଲା ଦାରିଙ୍ଗବାଡି ଏକ ପର୍ଯ୍ୟଟନସ୍ଥଳ ଭାବେ ସାରା ରାଜ୍ୟ ତଥା ରାଜ୍ୟ ବାହାରେ ବହୁତ ଜଣାଶୁଣା। ଏଠିକାର ଜଳବାୟୁ ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ଏଠି ବିଶ୍ୱ ବିଖ୍ୟାତ ହଳଦୀ ଚାଷ ପାଇଁ ପରିଚିତ ରହିଥିବା ବେଳେ ଥଣ୍ଡା ଜଳବାୟୁ ପାଇଁ କଫି ଚାଷ ସାରା ଦେଶରେ ପରିଚିତ। ସେହିପରି ଅନ୍ୟ ଚାଷ ମଧ୍ୟରେ ପନିପରିବା, ଆମ୍ବ, ଲିଚୁ, ଓ ବହୁ ଚର୍ଚ୍ଚିତ ଲାଭଦାୟକ ଷ୍ଟ୍ରବେରୀ ଚାଷ ମଧ୍ୟ ଦାରିଙ୍ଗବାଡିରେ ସଫଳତାର ସହ ହୋଇପାରିଛି। ଏବେ ପୁଣି ଅଞ୍ଚଳରେ ସେଓ ଫଳ ଫଳିବା ପରେ ଏବେ ଏହି ଜଳବାୟୁରେ ସେଓ ସହ ଅଙ୍ଗୁର ଚାଷ ମଧ୍ୟ ହୋଇପାରିବ ବୋଲି ଆଶା କରାଯାଇଛି। ଏଭଳି ସଫଳତାର ସହ ଚାଷ ହୋଇଥିବା ଦେଖିବାକୁ ମିଳିଛି ଦାରିଙ୍ଗବାଡିଠାରେ ଥିବା ଏକ ରିସର୍ଟ ପରିସରରେ। ରିସର୍ଟର ଚେୟାର ପର୍ସନ ବିପିନ ପାଇକରାୟ ଭୁବନେଶ୍ୱର ପାତ୍ରପଡା ଅଞ୍ଚଳର ହୋଇଥିବା ବେଳେ ସେ ଦାରିଙ୍ଗବାଡିଠାରେ ଏକ ରିସର୍ଟ କରିଛନ୍ତି ସେଠାରେ ସେ ସିମଲାରୁ ଆଣିଥିବା ୨୧ଟି ସେଓ ଚାରା ପରୀକ୍ଷା ମୂଳକ ଭାବେ ରୋପଣ କରିଥିଲେ। ତାକୁ ତଦାରଖ କରିବା ପରେ ଉକ୍ତ ଗଛରେ ୩ ବର୍ଷରେ ଫଳିବାକୁ ଥିବା ସେଓ ମାତ୍ର ଦେଢ଼ ବର୍ଷରେ ହୋଇଛି। ଏବେ ବିପିନ କହିଛନ୍ତି ପୁଣି ସିମଲାରୁ ଚାରା ଆଣି ଏହାର ବହୁଳ ଚାଷ କରିବେ ଏଥିସହ ସେ ଏହି ଚାଷ ଅନ୍ୟମାନେ ମଧ୍ୟ କରନ୍ତୁ ବୋଲି କହିଛନ୍ତି।



ନୟାଗଡ ଜିଲା ଦଶପଲ୍ଲାରେ ବାହୁଡା ରଥରେ ଶ୍ରୀଜୀଉ ।

## ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଗଞ୍ଜାମ(ବିଦ୍ୟାଧର ସାହୁ),୨୮।୬



ଉପସ୍ଥିତ ଛାତ୍ରୀଛାତ୍ର ।

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ମପେଟା ଓଡ଼ିଆରପି କଲୋନୀ ସ୍ଥିତ ଭିୟୁଷ ଡିଜିଟାଲ ଲିଟରାସି ସେଣ୍ଟରରେ ଅନୁଷ୍ଠାନ ପକ୍ଷରୁ ଛଅଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ଏସ. ଭୀମାରାଓଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଶିବିରର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ମହିଳା ଆବାହିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼ ଯୋଗଦେଇ ଲାଇଫ ସ୍କିଲର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ସହ ଭବିଷ୍ୟତରେ ନିଜକୁ ଜଣେ ଜଣେ ଉତ୍ତମ ନାଗରିକ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପରିଚାଳନା ମୁଖ୍ୟ ଜେ. ଟିଟୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଓଡିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ଯୋଗଗୁରୁ ରମେଶ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନୁଷ୍ଠାନର କୋଡିନେଟର ସି. ଏଚ ପଦ୍ମିନୀ ଶିବିରର ସଂଯୋଜନା କରିଥିଲେ। ଶିବିରରେ ପାଳିବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମର ୧୦୦ ଜଣ ଶିବିରାର୍ଥୀଙ୍କୁ ଲାଇଫ ସ୍କିଲ, କ୍ୟାରିୟର କାଉନସେଲିଙ୍ଗ ଓ ଜୁନିୟର ଟିଚର ଟ୍ରେନିଙ୍ଗ ସମ୍ପର୍କରେ ଛଅଦିନ ବ୍ୟାପୀ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ଗ୍ରାମ୍ୟ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହି ଉପସ୍ଥିତ ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧ ମୃତ

ଦିଗପହଣ୍ଡି/ପାଟପୁର,୨୮।୬(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ) ସାନଖେମୁଣ୍ଡି ବ୍ଲକ ଆଡପଡା ପଞ୍ଚାୟତର ମୋହିଗୁଡା ଗ୍ରାମରୁ କଇଠବେଢା ଗ୍ରାମ କେନାଲ ରାସ୍ତାରେ ବେଆଇନ ଭାବେ ଝୁଲା ହୋଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ସାନଖେମୁଣ୍ଡି ବ୍ଲକ କଇଠବେଢା ଗ୍ରାମର ହରିହର ମଲ୍ଲ (୭୫) । ଘଟଣାପରେ ମୃତକଙ୍କ ପୁଅ ରମେଶ ମଲ୍ଲ ଠିକାଦାରଙ୍କ ଖାମଖିଆଲି କାମ ଯୋଗୁ ବାପାଙ୍କ ଜୀବନ ଯାଇଥିବା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ହରିଙ୍କ ବାପା ମଙ୍ଗଳବାର ମୋହିଗୁଡାରୁ ରହୁଥିବା ଝିଅ ଘରକୁ ଯାଇଥିଲେ। ବୁଧବାର ସକାଳୁ ସେ ମୋହିଗୁଡ଼ା ଗ୍ରାମରୁ କଇଠବେଢା ଗ୍ରାମକୁ ସଂଯୋଗ କରୁଥିବା କେନାଲ ରାସ୍ତାରେ ଚାଲି ଚାଲି ଆସୁଥିଲେ। ତେବେ ପୂର୍ବରୁ ଏଠାରେ ଜଳସେଚନ ବିଭାଗର କେନାଲ କାମ ଚାଲିଥିଲା। ତେବେ ଠିକାଦାର ଜଣକ କଂକ୍ରିଟ ଖାଡି କାଟିବା ପାଇଁ ବିଦ୍ୟୁତ୍ ଖୁଣ୍ଟରୁ ବେଆଇନ ଭାବେ ତାର ଆଣିଥିବା ବେଳେ ତାହା ଗଛ ଡାଳରେ ଘୋଡାଇ ହୋଇ ରହିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି । ଫଳରେ ବୃଦ୍ଧ ଜଣକ ଏହି ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ହିଛନ୍ତି ଯେ, ଠିକାଦାର ଜଣକ ଏହି ବିଷୟରେ ଆମକୁ ଜଣାଇ ନାହାନ୍ତି। ଏତଲାକୁ ଭିତ୍ତିକରି ହିଞ୍ଜିଳି ଥାନା ନଂ ୪୫୨/୨୩ରେ ମାମଲା ରୁଜୁ କରାଯାଇଛି।

## ପାଠ୍ୟ ଉପକରଣ, ବସ୍ତ୍ର ବଣ୍ଟନ



ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ।

ରମ୍ଭା,୨୮।୬(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧିନ ଗୌରାଙ୍ଗପାଟଣା ଗ୍ରାମର ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆଞ୍ଚଳିକ ସେବକ ସଂଘ ଗୌରାଙ୍ଗପାଟଣା ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ଆଞ୍ଚଳିକ ସେବକ ସଂଘ ଗୌରାଙ୍ଗପାଟଣାର ସଭାପତି କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ମୁଖିଆ ଚକ୍ରପାଣି ବେହେରା, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସେବକ ସଂଘ ଗୌରାଙ୍ଗପାଟଣାର ଉପ ସଭାପତି ସମୀର କୁମାର ଅଧିକାରୀ, ସମ୍ପାଦକ ଶେଷଦେବ ବେହେରା, କୋଷାଧ୍ୟକ୍ଷ ନିରଞ୍ଜନ ବେହେରା, ଶିକ୍ଷକ ଧରଣୀଧର ବେହେରା ପ୍ରମୁଖ ମଞ୍ଚାସୀନ ରହି ଗୌରାଙ୍ଗପାଟଣା ଗ୍ରାମର ୧୨୦ ଛାତ୍ରୀଛାତ୍ରଙ୍କୁ ଦୁଇଟି ଲେଖାଏ ଖାତା ଓ ଗୋଟିଏ କଲମ ସହ ଗ୍ରାମର ୩୦ ଜଣ ଗରିବ ଓ ଅସହାୟ ବୃଦ୍ଧଙ୍କୁ ଗାମୁଛା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗପାଟଣା ଗ୍ରାମର ଅରବିନ୍ଦ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ହିଞ୍ଜିଳି ଥାନାର ପରିସୀମା ବୃଦ୍ଧି

ପୁରୁଷୋତ୍ତମପୁର/ହିଞ୍ଜିଳିକାଟୁ,୨୮।୬(ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଥାନା ଅଧୀନରେ ଥିବା ପାଞ୍ଚ ପଞ୍ଚାୟତର ୧୩ଟି ଗ୍ରାମ ହିଞ୍ଜିଳି ଥାନା ଅଧୀନକୁ ସ୍ଥାନାନ୍ତର ଲାଗି ଓଡିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ମଙ୍ଗଗଳବାର ଚିଠିନଂ ୨୬୧୩୯ ପ୍ରକାରେ ଘୋଷଣା କରିଛନ୍ତି। ଏହା ଗେଜେଟ ପ୍ରକାଶ ପରେ କାର୍ଯ୍ୟକାରି ହେବାର ନେଇ ସୂଚିତ କରାଯାଇଛି। ସ୍ଥାନାନ୍ତରିତ ହେଉଥିବା ଏହି ଗ୍ରାମ ଗୁଡିକ ହେଲା ଭାବନ୍ଧ ପଞ୍ଚାୟତର ଭାବନ୍ଧ, ଶିଖରପୁର, ସୂର୍ଯ୍ୟନାରାୟଣପୁର, ଧୋବାଡି ପଞ୍ଚାୟତର ଧୋବା ଡିପାଟପୁର, ପାଟପୁର, ନନ୍ଦିକ ପଞ୍ଚାୟତର ନନ୍ଦିକ, ପୁଟଆପଦର ପଞ୍ଚାୟତର ବାଳକୃଷ୍ଣପୁର, ଦୟାନିଧିପୁର ଶାସନ, ଦିଗାପଡା, ପୁଟିଆ ପଦର ଓ ସାହାପୁର ପଞ୍ଚାୟତର ହନ୍ତତସ, ସାହାପୁର, ଶିଳ୍ପାପଲ୍ଲୀ ଏବଂ ମକରଖୋଳ ପଞ୍ଚାୟତର ପଲ୍ଲି ପଦ୍ମନାଭପୁର। ଏହି ସବୁ ଗ୍ରାମ ହିଞ୍ଜିଳିକାଟୁ ବ୍ଲକ ଓ ତହସିଲ ଅଧୀନରେ ରହିଛି। ପ୍ରଶାସନିକ ସୁବିଧା ପାଇଁ ବିଭିନ୍ନ ସମୟରେ ଏଗୁଡ଼ିକୁ ହିଞ୍ଜିଳି ଥାନା ଅଧୀନରେ ରଖିବାକୁ ଦାବି ହୋଇ ଆସୁଥିଲା।

## ଚାକିରି ଦେବା ନାଁରେ ଠକେଇ, ଯୁବକ କୋର୍ଟ ଚାଲାଣ

ଗୋପାଳପୁର, ୨୮।୬(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଗୋଳାବନ୍ଧ ସ୍ଥିତ ଆର୍ମି ପରିସରରେ ଚାକିରୀ ଦେବା ନାରେ ଠକେଇ ଘଟଣାରେ ପୋଲିସ ବୁଧବାର ଜଣକୁ କୋର୍ଟ ଚାଲାଣ କରିଛି । । ସେ ହେଲେ ଧରାକୋଟ ଥାନା ନନ୍ଦିଘୋର ଗ୍ରାମର ସନ୍ତୋଷ କୁମାର ସେଠୀ। ସନ୍ତୋଷ ଚଳିତ ବର୍ଷ ଜାନୁଆରୀ ମାସରେ ଆର୍ମି ପରିସରରେ ଚାକିରି ଦେବା ନେଇ ଅନିତା ସ୍ୱାଇଙ୍କଠାରୁ ୧୧.୫୦୦ ଟଙ୍କା ନେଇଥିଲେ । କିଛି ଦିନ ପରେ କ୍ୟାମସ ପରିସର ବୁଲାଇ ଆଣିଥିଲେ। ପରେ ନିଯୁକ୍ତି ପତ୍ର ଦେବି କହି ଡାକି ଥିଲେ। ଅନିତା ଏବଂ ତାଙ୍କ ସାଙ୍ଗର ଭାଇ ଗୌରୀ ଶଙ୍କର ସେଠୀ ମିଶି ଆର୍ମି ମୁଖ୍ୟ ଫାଟକ ନିକଟକୁ ଯାଇଥିଲେ । ସେଠାରୁ ସନ୍ତୋଷ ଗୌରୀଙ୍କ ବାଇକ ନେଇ ଭିତରକୁ ଚାଲିଯାଇଥିଲେ। ଦୀର୍ଘ ସମୟ ଅପେକ୍ଷା କରି ଫେରି ନଥିବାରୁ ଗୌରୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୯/୨୩ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ମଙ୍ଗଳବାର ରାତି ସନ୍ତୋଷ ବୁଲୁଥିବା ବେଳେ ପୋଲିସ ଗିରଫ କରିଥିଲା।

## ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ମଞ୍ଜୁର

ଜି.ଉଦୟଗିର(ଶିଶିର ପଟ୍ଟନାୟକ),୨୮।୬



ଜି.ଉଦୟଗିରି ଏନ୍‌ଏସି ଅଧିକାରୀମାନେ ମନ୍ଦିର ଉନ୍ନତୀକରଣ ନିମନ୍ତେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

୫ଟି ସଚିବ ଭି.କେ ପାଣ୍ଡିଆନଙ୍କ ଜି.ଉଦୟଗିରି ଗସ୍ତ ବେଳେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ପତ୍ର ମାଧ୍ୟମରେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସାତ ଦିନ ମଧ୍ୟରେ ଆପଣମାନେ ଖୁସି ଖବର ପାଇବେ ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଆଉ ପ୍ରତିଶ୍ରୁତି ମୁତାବକ ଜି.ଉଦୟଗିରି ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ୯ ଲକ୍ଷ ମଞ୍ଜୁର ହୋଇଥିବା ଘୋଷଣା କରାଯାଇଥିଲା। ପରିଚାଳନା କମିଟି ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ୫-ଟି ସଚିବ ଭି କେ ପାଣ୍ଡିଆନଙ୍କୁ ମନ୍ଦିର କମିଟି ସଭାପତି ବିନୋଦ ବିହାରୀ ଦାଶ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାର ଘୋଷଣା କରାଯାଇଥିବା ଅନୁଦାନରେ କିଭଳି ସୌନ୍ଦର୍ଯ୍ୟ କରଣ ହୋଇପାରିବ ତାହାକୁ ନେଇ ମନ୍ଦିରରେ ସମୀକ୍ଷା କରାଯାଇଛି। ଏନଏସି ପ୍ରଶାସନିକ ଅଧିକାରିଙ୍କ ସହିତ ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ଦାଶ, ସମ୍ପାଦକ ଅରୁଣ କୁମାର ଷଡଙ୍ଗି, ସହ ସମ୍ପାଦକ ରୋସନ କୁମାର ପାତ୍ର, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ର, କାଳୁଚରଣ ପଣ୍ଡା, କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା ପ୍ରମୁଖ ମନ୍ଦିରରେ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ମିଶନ ଶକ୍ତି ଋଣ ସମ୍ପର୍କିତ ସଚେତନତା ଶିବିର

ଦିଗପହଣ୍ଡି,୨୮।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ମିଶନ ଶକ୍ତି ଋଣ ବ୍ୟବସ୍ଥା ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବି . କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ପଦ୍ମନାଭପୁର ପଞ୍ଚାୟତ ସରପଞ୍ଚ ବି .ସନ୍ଧ୍ୟାରାଣୀ ସୁବୁଦ୍ଧି, କରପଡା ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଫିସର ସନ୍ତୋଷ ରାଉତ, ସମିତି ସଭ୍ୟା ସୁନୀତା ରେଢ୍ଡୀ, ସଙ୍ଗୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତିର କାର୍ଯ୍ୟକର୍ତ୍ତା ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଓ କେନ୍ଦ୍ର ସରକାର ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ ତଥା କ୍ରିୟାଶୀଳ କରିବା ସକାଶେ ମିଶନ ଶକ୍ତି ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ଋଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଯଦ୍ୱାରା ମହିଳା ମାନେ ଏହି ଋଣ ମାଧ୍ୟମରେ କିଛି ବ୍ଯବସାୟ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ମଧ୍ୟ ସ୍ୱାବଲମ୍ବୀ ହେବାରେ ସହାୟକ ହୋଇପାରିବେ ବୋଲି ଉପସ୍ଥିତ ମହିଳା ମାନଙ୍କୁ ସଚେତନ କରାଯାଇଥିଲା। ଶିବିରରେ ୧୪୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଓ ସଭ୍ୟା ଯୋଗଦେଇଥିଲେ।

## ଆଙ୍କୁଲି ବାଇପାସ୍ ଓଭରବ୍ରିଜ୍ ତଳ ରାସ୍ତା ନିର୍ମାଣ ଦାବି

ବ୍ରହ୍ମପୁର (ସ୍ମୃତି ରଞ୍ଜନ ମହାଲିକ),୨୮।୬

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାସ୍ତାର ଉନ୍ନତିକରଣ ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ନିଗମ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୨୨ କୋଟି ୧୩ ଲକ୍ଷ ୮ ହଜାର ଟଙ୍କା ବ୍ୟୟରେ ରାସ୍ତା ଓ ଡ୍ରେନ ନିର୍ମାଣ କରାଯାଇଛି। ନିଗମ ପକ୍ଷରୁ ଏତେ ପରିମାଣର ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ମୁଖ୍ୟ ରାସ୍ତା ଉପରେ ଭାସୁଛି, ଯାହାକି ନିଗମର ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ନେଇ ଜନସାଧାରଣରେ ଚର୍ଚ୍ଚା ହେଉଛି। ସେହିଭଳି ନିଗମ ପକ୍ଷରୁ ରାସ୍ତାର ଉନ୍ନତିକରଣ କରାଯାଉଥିଲେ ମଧ୍ୟ କେତେକ ଅତ୍ୟାବଶ୍ୟକୀୟ ଓ ଜନ ଗହଳି ପୂର୍ଣ୍ଣ ଅଞ୍ଚଳଗୁଡିକରେ ରାସ୍ତା ନିର୍ମାଣ ହେଉ ନ ଥିବା କାରଣରୁ ସ୍ଥାନୀୟ ବାସିନ୍ଦାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଭାବେ ବିଏମସିର ୪୦ ନଂ ୱାର୍ଡ ଅନ୍ତର୍ଗତ ଆଙ୍କୁଲି ବାଇପାସ ଓଭରବ୍ରି ତଳ ରାସ୍ତାର ସମସ୍ୟାରୁ ଏହା ସ୍ପଷ୍ଟ ଅନୁମେୟ। ଏହି ରାସ୍ତାଟି ନିକଟସ୍ଥ ଗଉଞ୍ଜୁ ଗ୍ରାମ, ଆରୁଆପଲୀ, ଗୋଳାବନ୍ଧ ଓ ନୂତନ ଭାବେ ଗଢି ଉଠିଥିବା ହରିହର ନଗରକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ପ୍ରତ୍ୟହ ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦାଙ୍କ ଯାତାୟତ ଲାଗି ରହିଥାଏ। କିନ୍ତୁ ଏହି ରାସ୍ତାଟି ବର୍ତ୍ତମାନ ଖାଲ ଖମାରେ ପରିପୂର୍ଣ୍ଣ ହୋଇ ମରଣ ଯନ୍ତା ପାଲଟିଛି। ବର୍ଷା କାରଣରୁ ଖାଲରେ ପାଣି ଭରି ରହିଥିବା କାରଣରୁ ସାଧାରଣ ଯାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଏହି ରାସ୍ତା ଦେଇ ଅନେକ ୩ ଚକିଆ ଯାନ ଯାତାୟତ ସମୟରେ ଖାଲ ଖମାରେ ଦୀର୍ଘ ସମୟ ଧରି ପଡି ରହୁଛି। ଫଳରେ ସାଧାରଣ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାର ମରାମତି ନେଇ ବାରମ୍ବାର ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଣୁ ଆଗାମୀ ଦିନରେ ରାସ୍ତା ମରାମତି ଦାବିରେ ସ୍ଥାନୀୟ ବାସିନ୍ଦା ବିଏମସି କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ସାଙ୍ଗଠନିକ ସ୍ଥିତି ଅନୁଧ୍ୟାନ

ଛତ୍ରପୁର,୨୮।୬(ସନ୍ତୋଷ ପାଢ଼ୀ)




କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି ।

ଗଞ୍ଜାମ ଜିଲ୍ଲା ଗସ୍ତରେ କେନ୍ଦ୍ର ରେଳ ଚଳାଚଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜୋରଦସ ଆସିଛନ୍ତି । ପ୍ରଥମେ ବ୍ରହ୍ମପୁର ଏବଂ ପରେ ଜିଲାର ସଦରମହାକୁମା ଛତ୍ରପୁରଠାରେ ଆୟୋଜିତ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ଯୋଗଦାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ଉପଲବ୍ଧିକୁ ନେଇ କେନ୍ଦ୍ର ଓ ରାଜ୍ୟରେ ଭାଜପା ନେତୃତ୍ୱରେ ସରକାର ହେବା ଏବଂ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଲୋକଙ୍କ ପାଖରେ ଠିକ ଭାବରେ ପହଞ୍ଚି ପାରିବ । ସେ ନେଇ ଏହି ବୈଠକରେ ଆଲୋଚନା କରିଥିଲେ ଏହା ସହ ଭାରତୀୟ ଜନତା ପାର୍ଟି ଜନ ସମସ୍ୟାକୁ ନେଇ ଆଗାମୀ ଦିନରେ ଲଢେଇ ପାଇଁ ଛତ୍ରପୁରରେ ସଂଯୁକ୍ତି ମୋର୍ଚ୍ଚା ବୈଠକରେ ବ୍ୟାପକ ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି ଦଳର କର୍ମକର୍ତ୍ତା ଅନ୍ୟପଟେ ଜିଲା ଭାଜପା ସଭାପତି ବିଭୁତି ଜେନା ନିଜର ଅଭିଭାଷଣ ରଖି ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ କେନ୍ଦ୍ର ସରକାରଙ୍କ ଯୋଜନା କୁ କିପରି ରାଜ୍ୟ ସରକାର ହଡ଼ପ କରିଛନ୍ତି ଏବଂ ୫ଟି ସଚିବ କେମିତି ଜିଲା ଜିଲା ବୁଲି ସମ୍ମିଳନୀ କରୁଛନ୍ତି ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେ ବୋଲି କହିଛନ୍ତି । ଜିଲା ସଭାପତି ବିଭୁତି ଜେନା, ରାଜ୍ୟ ପ୍ରଭାରୀ, ଅଶୋକ ମିଶ୍ର, ଜିଲା ସମ୍ପାଦକ ଲକ୍ଷ୍ମୀ ପଣ୍ଡା, ଭୀମସେନ ବେହେରା, ହରିଜନ ମୋର୍ଚ୍ଚା ରାଜ୍ୟ ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ, ବରିଷ୍ଠ ଭାଜପା ନେତା ସରୋଜ ସାବତ, ଡା. ସୁବାସ ସାହୁ, ପ୍ରଦୀପ ପାଢ଼ୀ ସଭା ପରିଚାଳନା କରିଥିଲେ। ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ ରାଉଳ,ପଦ୍ମ ଚରଣ ପରିଡା,ସମ୍ପଦ ନାହାକ,ଏନ. ଦୀନବନ୍ଧୁ, ଧ୍ରୁବ ଚରଣ ପଳାଇ,ସୀମାଞ୍ଚଳ ବଡ଼ତ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

# ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

## ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

ଧର୍ମଶାଳା,୨୮।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାଉସୀ ମା' ମନ୍ଦିରରେ ୯ଦିନ ରହଣି ପରେ ପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ମନ୍ଦିର ପରିସରକୁ ଫେରିଛନ୍ତି। ମନ୍ଦିରର ସେବାୟତମାନେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରି ପାଛୋଟି ଆଣିଥିଲେ।

ଧର୍ମଶାଳା ହାଟପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରରେ ଧର୍ମଶାଳା ମୁନ୍‌ସୀମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହୋଇଥିଲା। ରଥ ଧର୍ମଶାଳା ବଜାର, ଶାନ୍ତିବଜାର, ବୁଦ୍ଧଛକ, ଜାରକା ବଜାର ଦେଇ ଭାଲୁଖାଇ ମନ୍ଦିର ପରିସରରେ ପହଞ୍ଚିଥିଲା। ଆଖପାଖ ଅଞ୍ଚଳର ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ରଥ ଟାଣୁଥିଲାବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିଲେ। ରୋଟାରି କ୍ଲବ ଜାରକା ଓ ଇନରହୁଇଲଲ କ୍ଲବ ପକ୍ଷରୁ ମିଳିତ ଭାବେ ରଥ ଟାଣୁଥିବା ଭକ୍ତଙ୍କୁ ଖେଚୁଡ଼ି ପ୍ରସାଦ ବଣ୍ଟନ କରାଯାଇଥିଲା। ରୋଟାରି କ୍ଲବ ସଭାପତି ପ୍ରମୋଦ ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ, ଡା. ବିଜୟ କୁମାର ଶତପଥୀ, ନିରଞ୍ଜନ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ଜୟନ୍ତ ସାହୁ ଓ ଇନରହୁଇଲ କ୍ଲବର ସଭାପତି ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ, ମାଧୁରୀ ଶତପଥୀ, ସକୁନ୍ତଳା ମହାନ୍ତି, ଇନ୍ଦୁପ୍ରଭା ସାମଲ ଓ ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁନ୍‌ସୀମିଳନ କମିଟି ସମ୍ପାଦକ ଜଳଧର ମହାନ୍ତି, ସହସମ୍ପାଦକ ପ୍ରମୋଦ ଦାସ, ବସନ୍ତ ପରିଡ଼ା, ସୁଦୀପ୍ତ ସ୍ୱାଇଁ, ମନ୍ଦିର କମିଟି ପକ୍ଷରୁ ପ୍ରସନ୍ନ ବରାଳ, ଡ. ଇନ୍ଦ୍ରମଣି ମହାନ୍ତି, ଅନିରୁଦ୍ଧ ରାଉତ, ସବ୍ୟସାଚୀ ବେହେରା, ପ୍ରଭୁଦତ ଜେନା, ଅଶୋକ ରାୟ, ଅଖିଳ କୁମାର ସ୍ୱାଇଁଙ୍କ ସମେତ ଧର୍ମଶାଳା ପୋଲିସ ରଥ ଯିବା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଗୁରୁବାର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବ।



ଧର୍ମଶାଳା ମାଉସୀ ମା' ମନ୍ଦିରରୁ ଭାଲୁଖାଇସ୍ଥିତ ମନ୍ଦିରକୁ ଫେରୁଛନ୍ତି ୩ ଠାକୁର।



ବ୍ରହ୍ମବରଦା ହାଟ ନିକଟରେ ଥିବା ଦୁର୍ଗାମଣ୍ଡପରୁ ରଥଟଣା ହେଉଛି।



ନୃତ୍ୟାଙ୍ଗନାମାନେ ଚତୁର୍ଦ୍ଧାମୁରତିଙ୍କ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଜନ୍ମବେଦିରୁ ବାହୁଡ଼ିଲେ ରତ୍ନବେଦିକୁ

ବ୍ରହ୍ମବରଦା,୨୮।୬(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗତର ନାଥ ଜଗନ୍ନାଥ ନିଜ ଜନ୍ମବେଦୀରୁ ୯ ଦିନ ପରେ ବାହୁଡ଼ିଛନ୍ତି ରତ୍ନବେଦୀକୁ। ଶ୍ରୀଗୁଣ୍ଡିଚା ମନ୍ଦିର ତଥା କଥିତ ବ୍ରହ୍ମବରଦା ହାଟ ନିକଟରେ ଥିବା ଦୁର୍ଗା ମଣ୍ଡପରୁ ବଡ଼ଭାଇ ଓ ଭଉଣୀଙ୍କୁ ସାଥିରେ ଧରି ଶ୍ରୀଜଗନ୍ନାଥ ପହଣ୍ଡିରେ ଝୁଲିଝୁଲି ରଥାରୂଢ଼ ହୋଇ ବଡ଼ଦେଉଳକୁ ବାହୁଡ଼ିଛନ୍ତି। ବର୍ଷା ସତ୍ତ୍ୱେ ଭକ୍ତ ଆନନ୍ଦ ଉଲ୍ଲାସର ସହ ରଥ ଟାଣି ନେଉଥିବା ଦେଖିବାକୁ ମିଳିଛି। ଘଣ୍ଟାବାଦ୍ୟର ତାଳେତାଳେ ନୃତ୍ୟାଙ୍ଗନାମାନେ ଚତୁର୍ଦ୍ଧାମୁରତିଙ୍କ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ପାଣିକୋଇଲିର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

ପାଣିକୋଇଲି,୨୮।୬(ବିକାଶ ମଲ୍ଲିକ): ପାଣିକୋଇଲି ଅଞ୍ଚଳର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମହାବୀର କଲୋନୀ, ମଣିପୁର, ସୋଡି, ଚାନ୍ଦପୁର, ନୂଆପଦା, ଓଚିନ୍ଦା ଆଦି ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ରଥ ଦଉଡି ଧରିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ଦେଖିବାକୁ ମିଳିଥିଲା। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଶଙ୍ଖ, ହୁଳହୁଳି, ଘଣ୍ଟନାଦ ଓ ନାମ ସଙ୍କୀର୍ତ୍ତନରେ ପ୍ରଭୁଙ୍କ ରଥକୁ ଟାଣିନେଇଥିଲେ ମାଉସୀ ମା'ମନ୍ଦିରରୁ ଜଗନ୍ନାଥ ମନ୍ଦିରକୁ। ଶାନ୍ତି ଶୃଙ୍ଖଳାର ସହିତ ରଥଟଣା ସମାପନ ହୋଇଥିବାବେଳେ ସବୁଠି ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଅରଖପଦା, ନରସିଂହପୁରରେ ବାହୁଡ଼ାଯାତ୍ରା



କାଏମା ବଜାରରେ ଛୋଟ ପିଲାମାନେ ରଥ ଟାଣୁଛନ୍ତି।



ନରସିଂହପୁର ଛକଠାରେ ଶ୍ରଦ୍ଧାଳୁ ରଥକୁ ଟାଣିନେଉଛନ୍ତି।

କାଏମା,୨୮।୬(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ଅରଖପଦା ଗ୍ରାମରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ସମସ୍ତ ନୀତିକ୍ରାନ୍ତି ପରେ ଦିଅଁଙ୍କୁ ପହଣ୍ଡି ବିଜେ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ରାଜାଭାବେ ନୀଳମଣି ବେହେରା ଛେରାପହଁରା କରିଥିଲେ। ଝିପଝିପ ବର୍ଷାରେ ହରିବୋଲ, ହୁଳହୁଳିରେ ଗାଁଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହ ରଥ ଟଣା ଶେଷ ହୋଇଥିଲା।

ସେହିପରି ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁର ଛକଠାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଜଗନ୍ନାଥ ମନ୍ଦିର କମିଟି ଓ ସ୍ଥାନୀୟ ସେବାୟତଙ୍କ ମିଳିତ ସହଯୋଗରେ ଗୁଣ୍ଡିଚାରେ ସମସ୍ତ ପୂଜା କାର୍ଯ୍ୟ ନୀତିକାନ୍ତି କରଯାଇ ନରସିଂହପୁର ମଠ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ ଠାକୁର। ବୁଧବାର ଅପରାହ୍ନ ୫ଟାରେ ଶ୍ରୀଜୀଉମାନଙ୍କୁ ପୂଜାର୍ଚ୍ଚନା କରି ହରିବୋଲ, ହୁଳହୁଳି ଓ ଘଣ୍ଟଘଣ୍ଟା ତାଳେ ପହଣ୍ଡି କରାଯାଇଥିଲା। ଶାନ୍ତି ଶୃଙ୍ଖଳା ସହ ରଥ ଟଣା ଶେଷ ହୋଇଥିଲା। ଆଖପାଖ ଅଞ୍ଚଳରୁ ଶହଶହ ଲୋକଙ୍କ ସମାଗମ ହେଇଥିଲା।



ପାଣିକୋଇଲି ଅଞ୍ଚଳରେ ଶ୍ରଦ୍ଧାଳୁ ରଥ ଟାଣୁଛନ୍ତି।

# ଯାଜପୁର ବିଧାୟକଙ୍କ ଜନ୍ମ ଦିବସ

■ ୬ ରକ୍ତଦାନ ଶିବିରରୁ ୧୩୧୩ ୟୁନିଟ୍ ରକ୍ତ ସଂଗ୍ରହ

■ ଯାଜପୁର ବ୍ଲକରେ ୫୧,୦୦୦ ଚାରାରୋପଣ

କୋରେଇ/ପାଣିକୋଇଲି/ରଗଡ଼ି/ଯାଜପୁର ରୋଡ୍/ ଯାଜପୁର ସଦର, ୨୮।୬ (ଚନ୍ଦ୍ରକାନ୍ତ ପତି/ବିକାଶ ମଲ୍ଲିକ/ଜଡିଶ ମଲ୍ଲିକ/ ପବିତ୍ର ରଞ୍ଜନ ମହାନ୍ତି/ ସମର ବିଜୟ ଶରଣ)

ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ କୋରେଇ ନିର୍ବାଚନମଣ୍ଡଳୀସ୍ତର ୬ଟି ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୩୧୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏଥିରେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯୬ ୟୁନିଟ୍, ବରୁଣ୍ଡେଇର ପ୍ରାଣକୃଷ୍ଣ ମହାବିଦ୍ୟାଳୟରେ ୨୪୩ ୟୁନିଟ, ରଗଡ଼ି ପଲିଟେକନିକ କଲେଜରେ ୧୮୨ ୟୁନିଟ, ପାଣିକୋଇଲିର ତାରିଣୀ ମହାବିଦ୍ୟାଳୟରେ ୩୨୧ ୟୁନିଟ, ବ୍ୟାସନଗର ମହାବିଦ୍ୟାଳୟରେ ୨୪୦ ୟୁନିଟ ଓ କୁଆଖିଆରେ ୧୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। କୋରେଇ ବିଧାୟକ ଅଶୋକ କୁମାର ବଳ, ଅଶୋକ ଦାସ ଫାଉଣ୍ଡେଶନ ସଚିବ ଭାବପ୍ରସାଦ ଦାସ ଓ ବରୀର ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ ୬ଟି ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ବିଭିନ୍ନ ବ୍ୟକ୍ତିବିଶେଷ ଶିବିରଗୁଡ଼ିକୁ ଉଦ୍‌ଘାଟନ କରିଥିବାବେଳେ ରଗଡ଼ି ପଲିଟେକନିକରେ ଅନୁଷ୍ଠିତ ଶିବିରକୁ ୧ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ସସ୍ମିତା ତରାଇ ଉଦ୍‌ଘାଟନ କରିଥିଲେ। କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭିକାରି ଚରଣ ବରାଳ, କାଟରାସାହି ସରପଞ୍ଚ ଗୌରୀଶଙ୍କର ମହାପାତ୍ର, ତଳଗଡ଼ ସରପଞ୍ଚ ସନ୍ତୋଷ ସ୍ୱାଇଁ, ଜିଲା ମହିଳା ସମ୍ପାଦିକା କଳ୍ପନା ପରିଡ଼ା, କୋରେଇ ନିର୍ବାଚନମଣ୍ଡଳୀ ସଭାପତି ହିମାଂଶୁ ବରାଳ ଓ ଗୋଲକ କର ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

ସେହିପରି କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ଯୁବ ବିଜେଡି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଚିନ୍ଦା ଖେଳ ପଡ଼ିଆ ଓ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଜବାହାର ନବୋଦୟ ବିଦ୍ୟାଳୟର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ସେହିପରି ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମ ଦିବସରେ ଯାଜପୁର ବ୍ଲକର ୨୬ ପଞ୍ଚାୟତରେ ୫୧,୦୦୦ ଚାରାରୋପଣ କରାଯିବା ସହ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଶୋକ ଦାସ ଫାଉଣ୍ଡେଶନର ସଚିବ ଭବପ୍ରସାଦ ଦାସ ଓ ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ବିଚିତ୍ରପୁର, ଭୁବନେଶ୍ୱରପୁର, ବେରୁଦା, ମହେଶ୍ୱରପୁର, ବରୁଆଁ, ଯମଧର ଓ ଶ୍ୟାମଦାସପୁର ଆଦି ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବରିଷ୍ଠ ବିଜେଡି ନେତା ଗଣେଶ ମହାକୁଡ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ବରୁଆଁ ସରପଞ୍ଚଙ୍କ ପ୍ରତିନିଧି ସେକ୍ ଗୋଲାମ ଅଲ୍ଲି, ୩୦ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଅମିତ ରାଉତ, ଅନିଲ ସାହାଣୀ, ଜିଲା ଯୁବ ବିଜେଡି ସମ୍ପାଦକ ଫିରୋଜ ଖାଁ, ସମିତିସଭ୍ୟ ସେକ୍ ମୋଜାହିଦ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ରଗଡ଼ି ପଲିଟେକନିକରେ ଅନୁଷ୍ଠିତ ରକ୍ତଦାନ ଶିବିର।

# ପଞ୍ଚାୟତରେ ମାନବ ସମ୍ବଳ ଅଭାବ

■ ଅବଧି ମଧ୍ୟରେ ସରୁନି ବିକାଶମୂଳକ କାର୍ଯ୍ୟ

■ ସରକାରୀ ପ୍ରୟାସ ପ୍ରଭାବୀ ହୋଇପାରୁନାହିଁ

ରସୁଲପୁର,୨୮।୬(ରଞ୍ଜିତ ରାଉତ):

୨୦୧୫ରୁ ୨୦୩୦ ମଧ୍ୟରେ ପଞ୍ଚାୟତଗୁଡ଼ିକରେ ସ୍ଥାୟୀ ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି। ହେଲେ ଦୁର୍ବଳ ଭିତ୍ତିଭୂମି ଉପରେ ସ୍ଥାୟୀ ବିକାଶ ଅବାସ୍ତବ ବୋଲିମନେ ହେଉଛି। ପଞ୍ଚାୟତଗୁଡ଼ିକରେ ମାନବ ସମ୍ବଳର ଅଭାବ ପରିଲକ୍ଷିତ ହେଉଛି। ମାନବ ସମ୍ବଳ ଅଭାବ ଯୋଗୁ ପଞ୍ଚାୟତର ବିକାଶମୂଳକ ବାଧାପ୍ରାପ୍ତ ହେଉଛି। ଏଦିଗରେ ସରକାରୀ ପ୍ରୟାସ ପ୍ରଭାବୀ ହୋଇପାରୁନାହିଁ। ପଞ୍ଚାୟତରେ ଖାଲିପଡ଼ିଥିବା ପଦବୀଗୁଡ଼ିକ ପୂରଣ ହୋଇପାରୁନାହିଁ। ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ଏବେ ବି ସରକାରଙ୍କ କୋର୍ଟରେ ବିଚାରାଧୀନ ରହିଛି। ପଞ୍ଚାୟତରେ ବ୍ୟାଙ୍କ ଓ ଇଣ୍ଟରନେଟ୍ ସୁବିଧା ଅପହଞ୍ଚ। ଏଭଳିସ୍ଥିତି ସବୁଠି ଦେଖାଦେଉଥିଲେ ବି ରାଜ୍ୟର ଅଗ୍ରଣୀ ଯାଜପୁର ଜିଲା ରସୁଲପୁର ବ୍ଲକର ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏ ଦିଗରେ ସୁଧାର ଆଣିବାରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍), ପଞ୍ଚଦଶ କେନ୍ଦ୍ରୀୟ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ବିପୁଳ ଟଙ୍କା ବ୍ୟୟବରାଦ କରାଯାଉଛି। ଉକ୍ତ ଅର୍ଥ ବ୍ୟୟ କରାଯାଇ ପଞ୍ଚାୟତରେ ଦୀର୍ଘ ସ୍ଥାୟୀ ସମ୍ପତ୍ତି, ବିକାଶ, ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ। ଯେଉଁ ସବୁ ବିକାଶରେ ଭବିଷ୍ୟତ ପିଢ଼ିର ମଙ୍ଗଳ ସାଧନ ହୋଇପାରିବ। ସମାଜକୁ ଶୃଙ୍ଖଳିତ ଓ ସହଜ ଜୀବନଯାପନ କରିବାରେ ସହାୟକ ହେବ। ଏଭଳି ଘଟିପାରିଲେ ତା'କୁ ହିଁ ସ୍ଥାୟୀ ବିକାଶ ବୋଲି କୁହାଯାଇ ପାରିବ। ବିଶ୍ୱରେ ସ୍ଥାୟୀ ବିକାଶ ହାସଲ ପାଇଁ ୧୭ଟି ଲକ୍ଷ୍ୟକୁ ଭେଦ କରିବାକୁ ପଡ଼ିବ। ଏହି ୧୭ ଗୋଲକୁ ଓଡ଼ିଶାରେ ୯ଟି ଥିମ୍‌ରେ ବିଭକ୍ତ କରାଯାଇଛି। ଉକ୍ତ ଥିମ୍‌ଗୁଡ଼ିକୁ କାର୍ଯ୍ୟକାରୀ କରିବା ସହ ଏ ଦିଗରେ ସ୍ଥାୟୀ ବିକାଶର ପ୍ରୟାସକୁ ପ୍ରାଧାନ୍ୟ ଦିଆଯିବ ବୋଲି କୁହାଯାଉଛି। ବ୍ଲକରେ ଏହି ଲକ୍ଷ୍ୟ ହାସଲ ଏକ ପ୍ରକାର କଷ୍ଟସାଧ ବ୍ୟାପାର ବୋଲି ମନେହେଉଛି। ତା'ର ମୂଳକାରଣ ହେଉଛି ମାନବ ସମ୍ବଳର ଅଭାବ। ପ୍ରତ୍ୟେକ ପଞ୍ଚାୟତକୁ ଜଣେ ଲେଖାଏ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ), ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍), ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ଘୋଷଣା ଏବେ ସୁଧାବାସ୍ତବ ରୂପରେଖ ନେଇ ପାରିନାହିଁ। ବ୍ଲକରେ ୨୮ ଯନ୍ତ୍ରୀ, ପିଇଓ ଏବଂ ଜିଆର୍‌ଏସ୍‌ଙ୍କ ଆବଶ୍ୟକତା ଥିବାବେଳେ ବାସ୍ତବରେ ୫ ଯନ୍ତ୍ରୀ, ୧୮ ପିଇଓ, ୨୦ ଜିଆର୍‌ଏସ୍ ଅଛନ୍ତି। ପଞ୍ଚାୟତକୁ ଜଣେ ଲେଖାଏ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇଁ ଘୋଷଣା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏଭଳି ସ୍ଥିତିରେ ନୂତନ ଭାବେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଜିପିଡିପି କରିବା, ଇ-ପଞ୍ଚାୟତ ସଭା ଆୟୋଜନ ଓ ତା'ର ବିବରଣୀକୁ ଅନଲାଇନରେ ଅପଲୋଡ୍ କରିବା, ଉବିଟି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଭଳି କାର୍ଯ୍ୟଗୁଡ଼ିକୁ ବିନା ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତିରେ ଆଦୌ ସହଜ ହେଉନାହିଁ।




ମାନବ ସମ୍ବଳ ଅଭାବରେ ସରକାରଙ୍କ ବିଭିନ୍ନ ଅନୁଦାନକୁ ଖର୍ଚ୍ଚ କରିବା, ରେଜିଷ୍ଟରଗୁଡ଼ିକୁ ପ୍ରିୟା ସଫ୍ଟ ଜରିଆରେ ଅନଲାଇନ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ଅନଲାଇନ କରିବା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଜିଓ ଟ୍ୟାଗ କରିବା, ନୋଟ କ୍ୟାମ୍ ଫଟୋ ଉତ୍ତୋଳନ ଭଳି କାର୍ଯ୍ୟକୁ କମ୍ପ୍ୟୁଟରକରଣ କରିବାକୁ ପଡୁଛି। ମାତ୍ର ଦୁର୍ବଳ ଭିତ୍ତିଭୂମି ଯୋଗୁ ଏସବୁ କାର୍ଯ୍ୟ ବିଳମ୍ବିତ ହେଉଛି। ପିଇଓ ଏବଂ ଜିଆର୍‌ଏସ୍‌ଙ୍କ ମଧ୍ୟରୁ ଅଧିକାଂଶଙ୍କ କମ୍ପ୍ୟୁଟର ଜ୍ଞାନ ଅଭାବରୁ ଅନଲାଇନ କାର୍ଯ୍ୟରେ ବାଧା ଉପୁଜୁଛି। ଏଭଳି ଦୁର୍ବଳ ଭିତ୍ତିଭୂମି ଉପରେ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ଆଶା ନିଷ୍ଫଳ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶପାଇଛି। ଏ ସମ୍ପର୍କରେ ବିଡିଓ ଅବନିକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପଞ୍ଚାୟତଗୁଡ଼ିକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ପାଇଁ ସରକାରୀସ୍ତରରେ ପ୍ରୟାସ କରାଯାଉଛି। ଏହାବାଦ ପଞ୍ଚାୟତର ଆୟ ଉତ୍ସ ବଢ଼ାଇବା ପରେ ଦେଖାଯାଉଥିବା ଅନେକ ସମସ୍ୟା ସ୍ୱତଃ ସମାଧାନ ହୋଇପାରିବ। ତେବେ ଏ ଦିଗରେ ଯାହାକିଛି ନିଷ୍ପତ୍ତି ସରକାରୀସ୍ତରରେ ନିଆଯାଇ ପାରିବ। ସେ କୌଣସି ମତାମତ ରଖିବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ତାଜା ଖସି ପଡ଼ିବାରୁ ଯୁବକଙ୍କ ମୃତ୍ୟୁ

ବାଲିକୁଦା,୨୮।୬(ତାପସ ସ୍ୱାଇଁ) ଘର କାମ ଚାଲିଥିବା ବେଳେ ଉପରେ ତାଜା ଭାଙ୍ଗି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଉଛନ୍ତି ବାଲିକୁଦା ଥାନା ବଡ଼ଗାଁ ପଞ୍ଚାୟତ ବଡ଼ରୋଡ଼ଙ୍ଗ ଗାଁର ବଟକୃଷ୍ଣ ରାୟଙ୍କ ପୁଅ ଲଳିତ (୪୫)। ଲଳିତ ବୁଧବାର ନିଜ ଘରକୁ ଜଣେ ରାଜ ମିସ୍ତ୍ରିଙ୍କୁ ଡକାଇ ଘରର କିଛି ନିର୍ମାଣ କାର୍ଯ୍ୟ କରୁଥିଲେ। ଘର ପଛ ପଟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଘରର ଏକ ଝରକାର ତାଜା ଲଳିତଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଲଳିତଙ୍କ ମୁଣ୍ଡ ଓ ବେକ ଉପରେ ସେହି ତାଜାଟି ଭାଙ୍ଗି ପଡ଼ିବା କାରଣରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟରେ ପାଖରେ ପଡ଼ୋଶୀଙ୍କର ଜମିବାଡ଼ି ମାପ ଚାଲିଥିଲା ଓ ସେଠାରେ ବାଲିକୁଦା ପୋଲିସ କର୍ମଚାରୀ ମଧ ଉପସ୍ଥିତ ଥିଲେ। ପୋଲିସ କର୍ମଚାରୀ ଲଳିତଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରର ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛିଥାନାରେ (ନଂ.୧୫/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ଚଣ୍ଡିଖୋଲ,୨୮।୬(ପ୍ରଦୀପ୍ତ କୁମାର ପୃଷ୍ଟି): ଦର୍ପଣ ତହସିଲ ଅଧୀନ ବଡ଼ବାଲିକୁଦାଠାରେ କେଲୁଅ ନଦୀରୁ ବେଆଇନ ବାଲିଚାଲାଣ ସମୟରେ ଏହାକୁ ବିରୋଧ କରିବାରୁ ଜଣଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ଭରତ ଜେନାଙ୍କୁ ମଙ୍ଗଳବାର ରାତିରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ ବାଲିକୁଦା ଗ୍ରାମର ଭରତ ଗତ ମାସ ୩୦ ତାରିଖରେ କେଲୁଅ ନଦୀରୁ ବାଲି ବେଆଇନ ଭାବେ ଟ୍ରାକ୍ଟରରେ ବୋଝେଇ କରି ଆସୁଥିବା ବେଳେ ସେହି ଗ୍ରାମର ଶାନ୍ତନୁ ସାମଲ ଏହାକୁ ବିରୋଧ କରିଥିଲେ। ବେଆଇନ ବାଲି ଘାଟଦ୍ୱାରା ନଦୀ ବନ୍ଧ ନଷ୍ଟ ହୋଇଯିବ। ନଦୀ ବନ୍ଧ ଦୁର୍ବଳ ହେଲେ ସମସ୍ତେ ବନ୍ୟା ସମୟରେ ଅସୁବିଧା ଭୋଗ କରିବେ। ଏହା କହିବା ଯୋଗୁ ଭରତ ହଠାତ ଶାନ୍ତନୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ କଟକ ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ଆସି ଥାନରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୮/୨୩ରେ ମାମଲା ରୁଜୁ କରିଥିଲା। ସେହିଦିନରୁ ଭରତ ଫେରାର ଥିଲେ। ସେ ମଙ୍ଗଳବାର ଏକ ଭୋଜିକୁ ଯାଉଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ ଚଢ଼ାଉ କରି ରାତିରେ ତାଙ୍କୁ ଗିରଫ କରିଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଳିଙ୍ଗନଗର,୨୮।୬(ଶୁଭାଶିଷ ରାଉତ): ଟମକା ଥାନା ନଚ୍ଚିପୁରା ଗାଁ ନିକଟ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ଗାଁର ଈଶ୍ୱର ପାତ୍ରଙ୍କ ପୁଅ ସିପୁ (୨୦) ବୋଲି ଜଣାପଡିଛି। ପାରିବାରିକ କଳହ ପାଇଁ ସିପୁ ମଙ୍ଗଳବାରଠାରୁ କେଉଁଆଡ଼େ ଚାଲି ଯାଇଥିଲେ। ବୁଧବାର ପୂର୍ବାହ୍ନରେ ବେକରେ ରଶି ଲଗାଇ ସେ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲା।

# ପ୍ରଶାସନ, ନେତାଙ୍କୁ ଅଭିଯୋଗ ଭୟ ଘାରୁଛି

ଜଗତ୍‌ସିଂହପୁର, ୨୮।୬
(ପ୍ରମୋଦ କୁମାର ନାୟକ)

- ୫-ଟି ସଚିବଙ୍କ ଗସ୍ତ ସୂଚୀ ଗୋପନକୁ ନେଇ ଅସନ୍ତୋଷ
- ବିଜେଡି ନେତା, ପ୍ରଶାସନ ସକ୍ରିୟ
- ନୂଆ ପ୍ରକଳ୍ପ ଘୋଷଣାକୁ ନେଇ ଲୋକେ ଉତ୍କଣ୍ଠିତ

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଗୁରୁବାରଠାରୁ ୨ ଦିନିଆ ଜଗତ୍‌ସିଂହପୁର ଗସ୍ତକୁ ନେଇ ସାରା ଜିଲାରେ ପ୍ରଶାସନିକ ବ୍ୟବସ୍ଥା ଚଳଚଞ୍ଚଳ ହୋଇଉଠିଛି। ପାଣ୍ଡିଆନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉଭୟ ପ୍ରଶାସନ ଓ ବିଜେଡି ନେତାମାନେ ପୁରା ଦମରେ ଲାଗି ପଡ଼ିଛନ୍ତି। କିନ୍ତୁ ଜିଲାରେ ୫-ଟି ସଚିବଙ୍କ ଏକାଧିକ କାର୍ଯ୍ୟକ୍ରମ ସୂଚୀ ପ୍ରସ୍ତୁତ ହୋଇଥିଲେ ସୁଦ୍ଧା ତାହା ପ୍ରଘଟ କରାଯାଉନାହିଁ। ଏପରି କି ଗଣମାଧ୍ୟମକୁ ମଧ୍ୟ ଗସ୍ତ ସୂଚୀ ଲୁଚାଯାଉଛି। କାହିଁକି ଏବଂ କେଉଁ କାରଣରୁ ଏଭଳି କରାଯିବାକୁ ଚେଷ୍ଟା ହେଉଛି ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କୁହାଯାଉଛି, କାଳେ ଲୋକେ ଜିଲାରେ ହେଉଥିବା ଦୁର୍ନୀତି ଓ ମନମାନି କଥା ୫-ଟି ସଚିବଙ୍କ ଆଗରେ ଫେରାଦ ହୋଇଯିବେ ସେଥିନେଇ ବେସ ସତର୍କତା ଅବଲମ୍ବନ କରାଯାଉଛି। ଏହାସତ୍ତ୍ୱେ ବିଭିନ୍ନ ମାଧ୍ୟମରେ ଜିଲାର କେତେକ ସଚେତନ ନାଗରିକ ୫-ଟି ସଚିବଙ୍କ ଗସ୍ତ ସୂଚୀ ସଂଗ୍ରହ କରି ଅଭିଯୋଗ ଓ ବିକାଶମୂଳକ ନୂଆ ଯୋଜନା ଉପରେ ପ୍ରସ୍ତାବ ଦେବାକୁ ମନସ୍ଥ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଜିଲା ପ୍ରଶାସନ ପକ୍ଷରୁ କୌଣସି ତ୍ରୁଟି ନ ହେବା ପାଇଁ ଘନ ଘନ ବୈଠକ ଚାଲିଛି। ଯେହେତୁ ଏହା ଭିତରେ ୫-ଟି ସଚିବ ଯେଉଁସବୁ ଜିଲାକୁ ଗସ୍ତ କରିଛନ୍ତି ସେଠାରେ ଏକାଧିକ ଆକର୍ଷଣୀୟ ପ୍ରକଳ୍ପ ଘୋଷଣା କରିଛନ୍ତି, ତେଣୁ ଜଗତ୍‌ସିଂହପୁରକୁ ଅନୁରୂପ କିଛି ପ୍ରକଳ୍ପ ମିଳିବାର ଆଶା ଉଦ୍‌ଜୀବିତ ହୋଇଥିବାରୁ ଲୋକେ ଖୁସି ଅଛନ୍ତି।

୫-ଟି ସଚିବ ୨୯ ଓ ୩୦ ତାରିଖ ୨ ଦିନ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ ସହ ଲୋକଙ୍କ ସହ ସମ୍ପର୍କ ରଖିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ କ'ଣ ସବୁ କାର୍ଯ୍ୟକ୍ରମ ରହିଛି ତା' ଉପରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ନୀରବ ରହିଛି। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ଦେବା ପାଇଁ ନିର୍ଦ୍ଦେଶ ନ ଥିବାରୁ କହିହେବ ନାହିଁ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କହିଛନ୍ତି। ଏପରି କି କେବଳ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଠିତ ହ୍ୱାଟ୍ସଆପ୍ ଗ୍ରୁପରେ ଏହି ୨ ଦିନ କୌଣସି ବରିଷ୍ଠ ଅଧିକାରୀ ଗଣମାଧ୍ୟମକୁ ବାଇଟ୍ ଦେଇପାରିବେ ନାହିଁ। କେବଳ ପ୍ରେସ୍ ରିଲିଜ୍ ଏବଂ ଫଟୋଗ୍ରାଫ୍ ସମୟ ଅନୁସାରେ ସେୟାର କରିହେବ ବୋଲି ସ୍ପଷ୍ଟ କରିଛନ୍ତି। ଗଣମାଧ୍ୟମକୁ ଅନ୍ଧାରରେ ରଖାଯିବା ପାଇଁ ବାସ୍ତବରେ ଉପରୁ ନିର୍ଦ୍ଦେଶ ଅଛି କି ଜିଲା ପ୍ରଶାସନ ଲୁଚାଇବାକୁ ଚେଷ୍ଟା କରୁଛି ତାହା ଗଣମାଧ୍ୟମ ପ୍ରତିନିଧିଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ବିଜେଡି ବରିଷ୍ଠ ନେତାମାନେ ସେମାନଙ୍କ ଦଳୀୟ ନେତା ଓ କର୍ମୀଙ୍କୁ କେଉଁଭଳି ପ୍ରସ୍ତୁତ ରହିବାକୁ ପଡ଼ିବ ତା' ଉପରେ ଟିପ୍ସ ଦେଇଛନ୍ତି। ସରକାରୀ ଭାବେ ମଧ୍ୟ ନାନା ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଭିତରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ, ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଜିଲାରେ ସବୁକିଛି ସ୍ୱାଭାବିକ ଚାଲିଥିବା ଏବଂ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ୫-ଟି ସଚିବ ଯେଉଁସବୁ ସ୍ଥାନ ଗସ୍ତ କରିବାର ଅଛି ସେସବୁ କାର୍ଯ୍ୟକୁ କ୍ରୀୟାଶୀଳ କରି ଦିଆଯାଇଛି। ଯେପରି ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ନାହିଁ ବୋଲି ବାରି ହେବ। ପୋଲିସ, ପ୍ରଶାସନ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯେଉଁଭଳି ସକ୍ରିୟ ହେଉଛନ୍ତି ତାହା ସାରା ଜିଲାରେ ନିଆରା ପରିବେଶ ସୃଷ୍ଟି କରିଛି।

## ବାହୁଡ଼ିଲେ ବ୍ରହ୍ମାଣ୍ଡ ଗୋସାଇଁ


ଏରସମାରେ ଶ୍ରଦ୍ଧାଳୁମାନେ ରଥାରୂଢ଼ ଠାକୁରଙ୍କୁ ଟାଣି ନେଉଛନ୍ତି।

ଏରସମା,୨୮।୬(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର (ବ୍ରଜ କିଶୋର ଦେବ) ପକ୍ଷରୁ ବୁଧବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦିରକୁ ଆସିଥିବା ଶ୍ରୀଜୀଉମାନେ ୯ ଦିନ ମାଉସୀ ମା'ରେ ରହିବା ପରେ ବୁଧବାର ମନ୍ଦିରକୁ ବାହୁଡ଼ିଛନ୍ତି। ଶ୍ରୀଜୀଉମାନଙ୍କୁ ପୂଜକମାନେ ପହଣ୍ଡି କରି ରଥାରୂଢ଼ କରିଥିଲେ। ରାଜା ଭାବେ ନିରଞ୍ଜନ ପ୍ରସାଦ ଦାସ ଉପସ୍ଥିତ ହୋଇ ଆବଶ୍ୟକ କାର୍ଯ୍ୟ ଶେଷ କରିଥିଲେ। ଡାହୁକ ଭାବେ ପ୍ରଭାକର ଖଟୁଆ ଶ୍ରଦ୍ଧାଳୁଙ୍କୁ ଡାକ ଦେବା ପରେ ରଥ ଟଣା ହୋଇଥିଲା। ଏହାକୁ ଅକ୍ଷୟ କୁମାର ସ୍ୱାଇଁ, ନଗେନ୍ଦ୍ର ତରାଇ, ବିଜୟ ପାଲ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଗଡ଼ ହରିଶପୁର ପଞ୍ଚାୟତର ସରବନ୍ତସ୍ଥିତ ଖାଡୁଆ ଜଗନ୍ନାଥ ମନ୍ଦିରରେ ନିମାଇଁ ମଲ୍ଲିକ ଛେରା ପହରା କରିବା ପରେ ରଥଟଣା ହୋଇଥିଲା। ଏଥିସହ ପଞ୍ଚୁପଲ୍ଲୀ ଜଗନ୍ନାଥ ମନ୍ଦିର, ପୋତକ ଜଗନ୍ନାଥ ମନ୍ଦିର, କୋଠି ନିମୋଳ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା।

## ନାଉଗାଁରେ ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

ନାଉଗାଁ, ୨୮।୬ (ସୁଧା ବେହୁରା)

ନାଉଗାଁବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିର ଯଥା ଧର୍ମକ୍ଷେତ୍ର ଅଲଣା, ତିହୁଡା ବାଲିସାହିସ୍ଥିତ ଶ୍ରୀଶ୍ରୀପତିତପାବନ ଜୀଉ ମନ୍ଦିର, ଚାନ୍ଦଗାଁପାଟଣାସ୍ଥିତ ବଳଦେବଜୀଉ ମନ୍ଦିର ଆଦିରେ ବୁଧବାର ପବିତ୍ର ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉମାନଙ୍କୁ ଯଥାରୀତି ଅନୁସାରେ, ପୂଜାର୍ଚ୍ଚନା କରାଯାଇଥିଲା। ମାଉସୀ ମା' ମନ୍ଦିରରେ ୯ ଦିନ ରହିବା ପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ବାହୁଡ଼ା ଅବସରରେ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି। ଏହି ଅବସରରେ ତେଲସରାସ୍ଥିତ ମାଉସୀ ମା' ମନ୍ଦିରରେ ରୀତିନୀତି ଅନୁଯାୟୀ, ରଥ ଟଣା କାର୍ଯ୍ୟ ହୋଇଥିଲା। ମାଉସୀ ମା' ମନ୍ଦିର ସମ୍ମୁଖରେ ୩ ରଥ ସୁସଜ୍ଜିତ ହୋଇ ରହିଥିଲେ। ନୀତି ନିର୍ଘଣ୍ଟ ଅନୁଯାୟୀ, ଶ୍ରୀ ଜୀଉଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଶଙ୍ଖ, ହୁଳହୁଳି, ନାମ ସଂକୀର୍ତ୍ତନରେ ପ୍ରଥମେ ବଡ଼ଭାଇ ଶ୍ରୀବଳଭଦ୍ରଙ୍କୁ ତାଳଧ୍ୱଜ, ମା' ସୁଭଦ୍ରାଙ୍କୁ ଦର୍ପଦଳନ ଓ ଶ୍ରୀଜଗନ୍ନାଥଙ୍କୁ ନନ୍ଦିଘୋଷ ରଥକୁ ପହଣ୍ଡି କରି ଶ୍ରଦ୍ଧାଳୁମାନେ ରଥାରୂଢ଼ କରିଥିଲେ। ଠାକୁର ରାଜା ଭାବେ ଜ୍ଞାନ ରଞ୍ଜନ ବିଶ୍ୱାଳ ୩ ରଥରେ ଛେରା ପହଁରା କରିଥିଲେ। ପୂଜାର୍ଚ୍ଚନା ଓ ଛେରାପହଁରା କାର୍ଯ୍ୟ ସରିବା ପରେ ଶ୍ରଦ୍ଧାଳୁମାନେ ରଥକୁ ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠ ଅଭିମୁଖେ ଟାଣି ନେଇଥିଲେ। ରଥରେ ଶ୍ରଦ୍ଧାଳୁମାନେ ୩ ଠାକୁରଙ୍କୁ ଦର୍ଶନ କରିଥିଲେ। ଏଠାରେ ସାଧାରଣତଃ ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ହିଁ ଟାଣିଥିଲେ। ଶାନ୍ତି ଶୃଙ୍ଖଳା ପୋଲିସ ପ୍ରଶାସନ ପକ୍ଷରୁ କରାଯାଇଥିଲା। ଗ୍ରାମବାସୀ ଓ ଜଗନ୍ନାଥ ସଂସଦର କର୍ମକର୍ତ୍ତାମାନେ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ଗଜରାଜପୁର, ବେଲବଣ, ଗୋଠଦା, ତିହୁଡା ଆଦି ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।


ନଉଗାଁରେ ୩ ରଥକୁ ଶ୍ରଦ୍ଧାଳୁ ଟାଣି କି ନେଉଛନ୍ତି।

## ଶିଶୁ ମନ୍ଦିର ପ୍ରତିଷ୍ଠା ଦିବସ

ବାଲିକୁଦା,୨୮।୬ (ତାପସ ସ୍ୱାଇଁ)

କୃଷ୍ଣଦାସପୁର ପଞ୍ଚାୟତ ଦେବହଟାସ୍ଥିତ ମା' ସରସ୍ୱତୀ ଶିଶୁ ମନ୍ଦିରର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରଭାରୀ ସତ୍ୟବ୍ରତ ରଥଙ୍କ ମନ୍ତ୍ରଧ୍ୱନୀରେ ବିଦ୍ୟାଳୟ ବୌଦ୍ଧିକ କକ୍ଷରେ ପୂଜିତ ୩ ଦାରୁ ଦିଅଁ ପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରାଯାଇ ଶିଶୁ ମନ୍ଦିରର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଦିଲୀପ ପରିଡାଙ୍କ ସମେତ ବରିଷ୍ଠ ଗୁରୁମା ସୁଭଦ୍ରା ଦାସ, ପୁଷ୍ପିତା ନାୟକ, ପ୍ରିୟମ୍ବଦା ନନ୍ଦ, ମଧୁସ୍ମିତା ଦାସ, ଲତିକା ଓଝା, ବିଜୟଲକ୍ଷ୍ମୀ ମହାପାତ୍ର, ବୈଜୟନ୍ତି ସାହୁ, ଦିପ୍ତୀରଞ୍ଜନ ନାୟକ ଓ ସାରଳା ପଣ୍ଡା ଉପସ୍ଥିତ ରହି ବିଦ୍ୟାଳୟର ବାର୍ଷିକ ପ୍ରତିଷ୍ଠା ଦିବସରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଉତ୍କଳ କେଶରୀ ରଥ, ସମ୍ପାଦକ ବିଧାନ ରାଉଳ, ସହସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, ଉପସଭାପତି ବାଇଧର ସାହୁ, ପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଠିକା ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

କଳିଙ୍ଗନଗର,୨୮।୬ (ଶୁଭାଶିଷ ରାଉତ)

ଦରମା ବୃଦ୍ଧି ଦାବିରେ କଳିଙ୍ଗନଗର ଶିଳ୍ପାଞ୍ଚଳର ମଇଥାନ ଇସ୍ପାତ କାରଖାନା ଠିକା ଶ୍ରମିକମାନେ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କଳିଙ୍ଗନଗର ମଜଦୁର ୟୁନିୟନ ଡାକରାରେ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ୩୦୦ରୁ ଅଧିକ ଶ୍ରମିକ ଦୀର୍ଘ ସମୟ ଧରି ବସି ରହିବା ଫଳରେ କାରଖାନା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନରେ କଳିଙ୍ଗନଗର ମଜଦୁର ୟୁନିୟନର ଶ୍ରମିକ ନେତା ଅକ୍ଷୟ କୁମାର ବେହେରା, ନାଣ୍ଟୁ ସିଂ ଓ କାଳନ୍ଦି ପଣ୍ଡାଙ୍କ ସହିତ କାରଖାନା କର୍ତ୍ତୃପକ୍ଷ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ଆଲୋଚନାରେ ତତ୍କାଳ କୌଣସି ସମାଧାନ ପନ୍ଥା ବାହାରି ପାରି ନ ଥିଲା। ଶୁକ୍ରବାର ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଉପସ୍ଥିତିରେ ଆଲୋଚନା କରାଯିବାକୁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଏହାପରେ ଅପରାହ୍ନ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, କାରଖାନା ପକ୍ଷରୁ ପ୍ରତି ୩ ବର୍ଷରେ ଥରେ ବେତନ ବୃଦ୍ଧି କରାଯାଉଥିବା ବେଳେ ଏହାକୁ ପ୍ରତିବର୍ଷ କରିବା ଏବଂ ପ୍ରତ୍ୟେକ ହାଜିରା ଉପରେ ୬୦ ଟଙ୍କା ବୃଦ୍ଧି କରିବା ପାଇଁ ଶ୍ରମିକମାନେ ଦାବି ରଖିଥିଲେ। ଏପରି କି ଏହି ନିୟମକୁ ଜାନୁୟାରୀଠାରୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରମିକଙ୍କ ଦାବି ରହିଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କାରଖାନାର ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ବୃଦ୍ଧାବୃଦ୍ଧଙ୍କ ଭତ୍ତା ବୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି



କୁଜଙ୍ଗ,୨୮।୬ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଗଣ୍ଡକିପୁରଠାରେ ଅଖିଳ ଭାରତ କୃଷକ ସଭା କୁଜଙ୍ଗ ଶାଖା ପକ୍ଷରୁ ଯୁବ ସାମାଜିକ କର୍ମୀ ସୁଧାଂଶୁ ଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଭତ୍ତା ପାଉଥିବା ଶତାଧିକ ବୃଦ୍ଧାବୃଦ୍ଧଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଖିଳ ଭାରତ କୃଷକ ସଭାର ଜିଲା ସଭାପତି ଶ୍ରୀନିବାସ ଜୁଝାରସିଂହ, ଉତ୍କଳ ମହିଳା ସମିତି ରାଜ୍ୟ ସଭାପତି ଜିନ୍ମୟୀ ସାହାଣି, କୁଜଙ୍ଗ ମଣ୍ଡଳ ସହ ସମ୍ପାଦକ ଅଭୟ କୁମାର ସାମଲ, କୁଜଙ୍ଗ ମଣ୍ଡଳ ଉପସଭାପତି ରବୀନ୍ଦ୍ର ମାଝି, କୁଜଙ୍ଗ ମଣ୍ଡଳ ସମ୍ପାଦକ ଶରତ ଚନ୍ଦ୍ର ବଳିଆରସିଂ, ରବୀନ୍ଦ୍ର ମହାପାତ୍ର, କେଶବ ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ଅନ୍ୟ ରାଜ୍ୟରେ ସରକାର ୧୫ଶହ ଏବଂ ୨୫ଶହ ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ମାତ୍ର ଓଡ଼ିଶାରେ ସରକାର ୫ ଶହ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ୭ଶହ ଟଙ୍କା ଦେଉଛନ୍ତି। ବର୍ତ୍ତମାନର ମହଙ୍ଗା ବଜାରରେ ଦରଦାମ ଆକଶ ଛୁଆଁ ବଢି ଚାଲିଥିବା ବେଳେ ସେ ଦୃଷ୍ଟିରୁ ମାସିକ ୬ହଜାର ଟଙ୍କା ଭତ୍ତା ମଞ୍ଜୁର କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ପରିପ୍ରେକ୍ଷିରେ ଗଣ୍ଡକିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ଏହାର ଏକକିତା ନକଲ ମଧ୍ୟ ଜଗତ୍‌ସିଂହପୁର ଜିଲାପାଳ ଓ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବି ପ୍ରତି ଯଦି ରାଜ୍ୟ ସରକାର ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଖିଳ ଭାରତ କୃଷକ ସଭା ଜିଲା ସଭାପତି ଜୁଝାରସିଂହ ପ୍ରକାଶ କରିଛନ୍ତି।

## ଜଗତ୍‌ସିଂହପୁର ଜିଲାକୁ ୫-ଟି ସଚିବଙ୍କ ଗସ୍ତସୂଚୀ

ଜଗତ୍‌ସିଂହପୁର, ୨୮।୬ (ପ୍ରମୋଦ କୁମାର ନାୟକ)

ଜଗତସିଂହପୁର ଜିଲାକୁ ୨ଦିନିଆ ଗସ୍ତରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଅସୁଛନ୍ତି। ୫-ଟି ସଚିବଙ୍କ ଗସ୍ତ ସୂଚୀ ସମ୍ପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଗୁରୁବାର ସକାଳ ୯ଟାରେ ଏରସମା ବ୍ଲକର ଶିଆଳି ବେଳାଭୂମି ନିକଟ ହେଲିପ୍ୟାଡ୍‌ରେ ହେଲିକପ୍ଟରରୁ ଅବତରଣ କରିବେ। ପରେ ରାସ୍ତାରେ ଶିଆଳି ବେଳାଭୂମିରେ ପହଞ୍ଚି ପାଖାପାଖି ୪୦ ମିନିଟ୍ ଧରି ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ତା' ପରେ ପାରାଦୀପ ଅଭିମୁଖେ ଯିବେ। ଷଣ୍ଢକୁଦ ନିକଟ ମେରାଇନ ଡ୍ରାଇଭ୍ ରାସ୍ତା ପାର୍ଶ୍ୱ ହେଲିପ୍ୟାଡ୍‌ରେ ହେଲିକପ୍ଟରରୁ ଅବତରଣ କରି ରାସ୍ତାରେ ମିଶନ ଶକ୍ତି ପୋର୍ଟ ସାଇଡ କଣ୍ଟେନର ସେଲ୍ସ ଓ କାଫେରେ ପହଞ୍ଚିବେ। ସେଠାରୁ ବିଜୁ କନଭେନ୍ସନ ସେଣ୍ଟର ଯାଇ ଲୋକଙ୍କ ଆପତ୍ତି ଓ ଅଭିଯୋଗ ଶୁଣିବା ପରେ କୁଜଙ୍ଗ ବ୍ଲକ ପାରାଦୀପଗଡ଼ସ୍ଥିତ ଶିଳ୍ପ ତାଲିମ ସଂସ୍ଥାନ ଯିବେ। ମଧ୍ୟାହ୍ନ ପାଖାପାଖି ୧୨ଟା୩୫ରେ ବ୍ଲକ ଅନ୍ତର୍ଗତ ଫତେପୁରସ୍ଥିତ ଜୀବନ ଜ୍ୟୋତି ଟେରାକୋଟା ଉତ୍ପାଦନ ଗୋଷ୍ଠୀକୁ ଗସ୍ତ କରିବେ। ସେଠାରୁ ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀ ମନ୍ଦିରରେ ପହଞ୍ଚି ଠାକୁରଙ୍କ ପରିଦର୍ଶନ ସାରି ଅପରାହ୍ନ ୨ଟା୧୦ରେ କୁଜଙ୍ଗ ବ୍ଲକସ୍ତରୀୟ ମିଶନ ଶକ୍ତି କାଫେ ଯିବେ। ସେଠାରୁ ୨ଟା୪୦ରେ ୫-ଟି ସ୍କୁଲରେ ବିବି ହାଇସ୍କୁଲ ଯାଇ ସେଠାରେ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ। ଏହାପରେ ଏହି ହାଇସ୍କୁଲ ପଡ଼ିଆରେ ଆପତ୍ତି ଓ ଅଭିଯୋଗର ଶୁଣାଣି ସାରି ହେଲିକପ୍ଟର ଯୋଗେ ଜଗତ୍‌ସିଂହପୁର ଅଭିମୁଖେ ଗସ୍ତ କରିବେ। ଅପରାହ୍ନ ପ୍ରାୟ ୪ଟା୧୫ରେ ସ୍ଥାନୀୟ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ହେଲିପ୍ୟାଡ୍‌ରେ ଅବତରଣ କରି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମକୁ ଯିବେ। ଅପରାହ୍ନ ୪ଟା୨୫ରେ ସେଠାରେ ପହଞ୍ଚି ପାଖାପାଖି ୧ ଘଣ୍ଟା ଧରି ଲୋକଙ୍କ ଆପତ୍ତି ଓ ଅଭିଯୋଗର ଶୁଣାଣି କରିବେ। ସେଠାରୁ ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇଣ୍ଡୋର ଷ୍ଟାଡିୟମ ନିର୍ମାଣର ଅଗ୍ରଗତି ଦେଖିବେ। ୫ଟା୪୫ରେ ମହାବିଦ୍ୟାଳୟ ଅଡିଟୋରିୟମରେ ଅଭିଯୋଗର ଶୁଣାଣି ସାରି ୬ଟା୪୫ରେ ସର୍କିଟ୍ ହାଉସରେ ପହଞ୍ଚି ରାତ୍ରୀଯାପନ କରିବେ। ସେହିପରି ୩୦ ତାରିଖ ସକାଳ ୬ଟା୪୦ରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ, ଓପିଡି, ଲାବୋରେଟୋରୀ ସହ ଏମ୍‌ସିଏଚ୍ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ବୁଲି ଦେଖିବେ। ଏଠାରେ ପାଖାପାଖି ୨୦ ମିନିଟ୍ ରହିବେ। ପରେ ୭ଟା୫ରେ ମାଛଗାଁ କେନାଲର ପୋଷ୍ଟ ଅଫିସ ଛକ ନିକଟ ବକ୍ସ କଲଭର୍ଟ ଦେଖିବେ। ସାଢେ ୭ଟାରେ ତିର୍ତ୍ତୋଲ ବ୍ଲକ ସଅଁରାସ୍ଥିତ ମିଶନ ଶକ୍ତି କାଫେ ଯାଇ ବ୍ରେକଫାଷ୍ଟ କରିବେ। ୮ଟା୧୦ରେ ମା' ଶାରଳା ମନ୍ଦିର ଯାଇ ଠାକୁରାଣୀଙ୍କ ଦର୍ଶନ କରିବା ସହ ସେଠାରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବେ। ୮ଟା୫୦ରେ ଗୋରେଖନାଥ ମନ୍ଦିରରେ ଠାକୁରଙ୍କ ଦର୍ଶନ କରିବେ। ୯ଟା୩୫ରେ ଏହି ବ୍ଲକ ଜଇପୁରସ୍ଥିତ ବୟନ ଗାଁ ଓ ୯ଟା୪୫ରେ ଜଇପୁର-କଟିକଟା ପୋଲ ନିର୍ମାଣର ସ୍ଥିତି ଉପରେ ସମୀକ୍ଷା କରିବେ। ସାଢେ୧୦ଟାରେ ବିରିଡ଼ି ବ୍ଲକ ଧାନକୁଦସ୍ଥିତ ପଞ୍ଚଶଖା ଧ୍ୟାନ ପୀଠରେ ଦର୍ଶନ ସହ ଅଭିଯୋଗ ଶୁଣାଣି କରିବେ। ସେଠାରେ ପାଖାପାଖି ୪୫ ମିନିଟ୍ ରହିବାର କାର୍ଯ୍ୟକ୍ରମ ରହିଛି। ପରେ ୧୧ଟା୧୫ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି।

## ଶିକ୍ଷକଙ୍କ ବଦଳି ଦାବି ଜୋର ଧରିଲା

ରଘୁନାଥପୁର, ୨୮।୬
(ରାଜେନ୍ଦ୍ର ନାରାୟଣ ସିଂହ)

### ବିଧାୟକଙ୍କ ପରାମର୍ଶକୁ ପ୍ରଶାସନର ଅଣଦେଖା



ରଘୁନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ବିଶୃଙ୍ଖଳିତ ଶିକ୍ଷକଙ୍କ ବଦଳି ଦାବି ନେଇ ସ୍କୁଲ ପରିଚାଳନା କମିଟି, ଅବିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ୨୫ ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ ସ୍କୁଲରେ ଅବସ୍ଥାନ କରିଥିବା ଶିକ୍ଷକଙ୍କ କାର୍ଯ୍ୟରେ ଗ୍ରାମବାସୀ ଅତିଷ୍ଠ ହୋଇ ପଡ଼ିଥିଲେ। ଏ ନେଇ ଏପ୍ରିଲ ୧୯ରେ ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଘେରାଉ କରିବା ସହ ତୁରନ୍ତ ଉକ୍ତ ଶିକ୍ଷକଙ୍କୁ ସ୍କୁଲରୁ ବଦଳି କରିବାକୁ ଦାବି କରିଥିଲେ। ପରେ ୨୮ତାରିଖରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ବିଧାୟକ ଦାସ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଏହା ମଧ୍ୟରେ ୨ ମାସ ଅତିକ୍ରାନ୍ତ ହୋଇଥିଲେ ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏସ୍‌ଏମ୍‌ସି ସଭାପତି ପ୍ରଶାନ୍ତ କୁମାର ରାଉତ କ୍ଷୋଭ ପ୍ରକାଶ କରିଛନ୍ତି। ଶିକ୍ଷା ବିଭାଗ ଜନତାଙ୍କ ଦାବି ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଶିକ୍ଷକଙ୍କ ବଦଳି ଦାବି ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେବା ସହ ପରବର୍ତ୍ତୀ ରଣନୀତି ପ୍ରସ୍ତୁତି ନେଇ ପରେ ବୈଠକ ହେବ। ସୂଚନାଯୋଗ୍ୟ, ଏପ୍ରିଲ ୧୭ରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ରାଜକିଶୋର ଓଝାଙ୍କୁ ଆବଶ୍ୟକତାଠାରୁ ଅଧିକ ଚାଉଳ ଗଚ୍ଛିତ ଥିବା ଓ ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଅରୁଆ ଭାତ ଦେଇଥିବା ନେଇ ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଥିଲେ। ଜଣେ ଶୃଙ୍ଖଳିତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅବିଭାବକ ଓ ଗ୍ରାମବାସୀ ସହଜରେ ଗ୍ରହଣ କରି ପାରି ନ ଥିଲେ। ବିଶୃଙ୍ଖଳିତ ଶିକ୍ଷକଙ୍କ ଚକ୍ରାନ୍ତରେ ପ୍ରଧାନ ଶିକ୍ଷକ ଓଝା ବଳି ପଡ଼ିଲେ ବୋଲି ଖୋଦ ପରିଚାଳନା କମିଟି ସଭାପତି ରାଉତ ଅଭିଯୋଗ କରିଥିଲେ। ଯଦି ଉକ୍ତ ବିଶୃଙ୍ଖଳିତ ଶିକ୍ଷକଙ୍କୁ ବଦଳି କରା ନ ଯାଏ ତାହା ହେଲେ ୧୫୯ ବର୍ଷ ତଳ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ରକ୍ଷା କରିବାକୁ ଗ୍ରାମବାସୀ ୫-ଟି ସଚିବଙ୍କ ଦ୍ୱାରସ୍ଥ ହେବେ ବୋଲି ଏସ୍‌ଏମ୍‌ସି ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ସୁଦର୍ଶନ ସେଠୀ, ଅନୁପମା ସାହୁ, ଲିଲି ସେଠୀ, ବାସନ୍ତୀ ସାହୁ, ରବିନାରାୟଣ ପଣ୍ଡାଙ୍କ ସହ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁଙ୍କୁ ପଚାରିବାରେ ଶିକ୍ଷକଙ୍କ ବଦଳି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ ରହିଛି। ଏହାଛଡ଼ା ଶିକ୍ଷକ ଓଝାଙ୍କ ନିଲମ୍ବନ ଆଦେଶ କମଦିନ ମଧ୍ୟରେ ହଟିଯିବ ବୋଲି ସେ କହିଛନ୍ତି।

## ନହୁଲିଆ ଛକଠାରୁ କାଟଣା ଭାୟା ଆୟତନ ରାସ୍ତା ମରଣଯନ୍ତା

କେନ୍ଦ୍ରାପଡ଼ା,୨୮।୬ (ଜଗନ୍ନାଥ ଧଳ)


ନହୁଲିଆଠାରୁ ଆୟତନ ରାସ୍ତାରେ ଥିବା ଖାଲରେ ବର୍ଷା ପାଣି ଜମି ରହିଛି।

ସରକାର ଉଚ୍ଚମାନର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ପ୍ରାଧାନ୍ୟ ଦେଉଥିବା ଡିଣ୍ଡିମ ପିଟୁଥିବା ବେଳେ କେନ୍ଦ୍ରାପଡ଼ା ଜିଲା ରାଜକନିକାରେ ତା'ର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସଦର ମହକୁମାଠାରୁ ମାତ୍ର ଅଳ୍ପ କିଛି ଦୂରରେ ନହୁଲିଆ ଛକ ଅବସ୍ଥିତ। ବଡ଼ ପରିତାପର ବିଷୟ, ଉକ୍ତ ଛକଠାରୁ କାଟଣା ଭାୟା ଆୟତନ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ନହୁଲିଆଠାରୁ ଆୟତନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ରାସ୍ତାସାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାଦେଇ କୋରନ୍ଦ, ତ୍ରୈଲୋକ୍ୟପୁର, କାଟଣା ଓ କୋଇଲିପୁର ଆଦି ପଞ୍ଚାୟତର ପାଖାପାଖି ୫୦ ଖଣ୍ଡ ଗ୍ରାମର ପ୍ରାୟ ଶତାଧିକ ଲୋକ ସବୁଦିନ ସାଇକେଲ, ବାଇକ୍, ତିନିଚକିଆ, ଚାରିଚକିଆ ଯୋଗେ ଯାତାୟାତ କରିଥାନ୍ତି। ଏହି ରାସ୍ତାଦେଇ ରୋଗୀସେବା ଯୋଗାଉଥିବା ୧୦୮ ଓ ୧୦୨ ମଧ୍ୟ ଯାତାୟାତ କରିଥାଏ। ଜରୁରିକାଳୀନ ସେବା ଯୋଗାଉଥିବା ଅଗ୍ନିଶମ ଗାଡ଼ି ମଧ୍ୟ ଏହି ରାସ୍ତାରେ ଯିବାକୁ ବାଧ ହୋଇଥାଏ। ଏହି ରାସ୍ତାରେ ପ୍ରତ୍ୟେକ ଦିନ ପାଖାପାଖି ୧୨-୧୫ ଖଣ୍ଡ ବସ୍ କଟକ ଓ ଭୁବନେଶ୍ୱରକୁ ଯାତାୟାତ କରିବା ବ୍ୟତୀତ ମାଲ ବୋଝେଇ ଟ୍ରକ୍‌ଗୁଡ଼ିକ ମଧ୍ୟ ଯାତାୟାତ କରିଥାଏ। ହସ୍ପିଟାଲ, ବ୍ଲକ, ତହସିଲ, ଥାନା ବ୍ୟତୀତ ଅନ୍ୟ କିଛି କାର୍ଯ୍ୟ ପାଇଁ ସଦର ମହକୁମା ରାଜକନିକାକୁ ଆସିବା ପାଇଁ ଏହି ରାସ୍ତା ହିଁ ସାହା ଭରସା। ଏମିତି କି ଅସରାଏ ବର୍ଷା ହେଲେ ଗାଁରେ ଆଣ୍ଠୁଏ ଉଚ୍ଚର ପାଣି ଜମି ଯାତାୟାତରେ ବ୍ୟାଘାତ ସୃଷ୍ଟି କରୁଛି। ଏମିତିକି ଦୁର୍ଘଟଣା ଘଟୁଛି। ସବୁଦିନ ଛୋଟମୋଟ ଦୁର୍ଘଟଣା ଲୋକଙ୍କ ଦେହସୁଆ ହୋଇଗଲାଣି। ପଥଚାରୀ ଜନସାଧାରଣ, ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରୀଛାତ୍ରମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବର୍ଷାଦିନେ ଏହି ରାସ୍ତାକୁ ଶୀଘ୍ର ମରାମତି ଲାଗି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନୟାଗଡ଼ରେ ବଢୁନି ଶିଶୁକନ୍ୟାଙ୍କ ସଂଖ୍ୟା



ପିସିପିଏନ୍‌ଡିଟି ପରାମର୍ଶ ସମିତି ବୈଠକରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ ।

- ୨୦୨୦ ସର୍ଭେରେ ପୁଣି ନୟାଗଡ଼ ଆଗରେ
- ସୂଚନାଦାତା ପ୍ରୋତ୍ସାହନ ଯୋଜନା ବାଟବଣା
- ପ୍ରୋତ୍ସାହନ ରାଶି ବ୍ୟବସ୍ଥା ସତ୍ତ୍ୱେ ଆଗ୍ରହ ରହୁନି
- ପିସି ପିଏନ୍‌ଡିଟି ଉପରେ କରାଯାଉନି ସଚେତନତା

**ନୟାଗଡ଼ ଅଫିସ,୨୮।୬ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ଶିଶୁକନ୍ୟାଙ୍କ ସଂଖ୍ୟା ବଢୁନି । ୨୦୨୦ ସର୍ଭେକୁ ଅନୁଧ୍ୟାନ କଲେ ନୟାଗଡ଼ ଜିଲା ପୁଣି ରାଜ୍ୟରେ ୧ ନଂ. କୁ ଆସିଛି । ରାଜ୍ୟରେ ୧୦୦୦ ପୁଅରେ ୯୩୧ ଝିଅ ଜନ୍ମ ହୋଇଥିବାବେଳେ ନୟାଗଡ଼ରେ ୮୧୧ ଜନ୍ମ ହୋଇଛନ୍ତି । ଗତ ପ୍ରାୟ ୩ ବର୍ଷ ଭିତରେ ନୟାଗଡ଼, ଭାଡିକିଲା, ଓଡ଼ଗାଁ ଓ ଗଣିଆ ପରି ଅଞ୍ଚଳରେ ଭ୍ରୁଣ ହତ୍ୟା ପରି ଖବର ପୁଣି ଜିଲାକୁ ବଦନାମ କରିଥିଲା । ଏଣୁ ନୟାଗଡ଼ ଜିଲାରେ ଭ୍ରୁଣହତ୍ୟା ଚାଲୁ ରହିଛି ବୋଲି ଅଭିଯୋଗ ହୋଇ ଆସୁଛି। ହେଲେ ସରକାରୀସ୍ତରରେ ଏହାକୁ ମାନିବାକୁ ସମସ୍ତେ ନାରାଜ ।

୨୦୧୫ରୁ ନୟାଗଡ଼ ଜିଲାରେ ବେଟି ବଚାଅ ବେଢ଼ି ପଢ଼ାଅ କାର୍ଯ୍ୟକ୍ରମ ଚାଲୁ ରହିଛି । ପୁଣି ପିସିପିଏନଡିଟି ଆଇନକୁ କଡାକଡ଼ି ପାଳନ କରିବାକୁ ଟ୍ୟାକ୍ସଫୋର୍ସ ରହିଛି । ସବୁ ସତ୍ତ୍ୱେ କାହିଁକି କନ୍ୟାଙ୍କ ସଂଖ୍ୟା କମି ଚାଲିଛି କେହି ଗୁରୁତ୍ୱ ଦେଉ ନାହାନ୍ତି । କନ୍ୟା ସଂଖ୍ୟା ନ ବଢ଼ିବା ଛୋଟିଆ ଘଟଣା ନୁହଁ । ହେଲେ ଏ ଦିଗରେ କେହି ଗୁରୁତ୍ୱ ଦେଉ ନ ଥିବାରୁ ଜିଲା ପଛୁଆ ହୋଇ ଚାଲିଛି । ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୁପଣ କରିବା ଏବଂ ଟେକ୍ନୋଲୋଜିର ଅପବ୍ୟବହାର କରିବା ଦ୍ୱାରା ଲିଙ୍ଗ ଅନୁପାତ ହ୍ରାସ ହେବା, ସାମାଜିକ ବ୍ୟବସ୍ଥାକୁ ବିକୃତ କରିବା ପରି କାରଣ ଦିନକୁ ଦିନ ବଢ଼ି ଚାଲିଛି । ଏଣୁ ରାଜ୍ୟ ପରାମର୍ଶଦାତା କମିଟି ସୁପାରିସ କ୍ରମେ ସୂଚନାଦାତା ପ୍ରୋତ୍ସାହନ ଯୋଜନା ଲାଗୁ କରାଯାଇଛି । ଏ ଯୋଜନାରେ କେଉଁଠି ଭ୍ରୁଣ ହତ୍ୟା ହେଉଛି ବା କରାଯିବାକୁ ଯୋଜନା କରାଯାଉଛି ସେନେଇ ସୂଚନା ଦେଲେ ସୂଚନାଦାତା ପ୍ରୋତ୍ସାହନ ରାଶି ପାଇବାର ରହିଛି । ସୂଚନାଦାତାଙ୍କ ବିବରଣୀ ଗୁପ୍ତ ରଖାଯିବ । ଖବର ସତ୍ୟାସତ୍ୟ ହେଲେ ସୂଚନାଦାତାଙ୍କୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ତିନୋଟି କିସ୍ତିରେ ଦେବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି । ନୟାଗଡ଼ ଜିଲାରେ ଏ ସମ୍ପର୍କରେ ଅଭିଯୋଗ ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ମୋବାଇଲ ନମ୍ବର ୯୪୩୯୯୯୧୪୯୯ରେ ସୂଚନାଦାତା ସୂଚନା ଦେଇପାରିବେ । ତେବେ ସୂଚନାଦାତା ପ୍ରୋତ୍ସାହନ ଯୋଜନା କ'ଣ ଏନେଇ ଜିଲାବାସୀ ଅବଗତ ନୁହନ୍ତି । ସ୍ୱାସ୍ଥ୍ୟ ବିଭାଗ ଅଥବା ଜିଲା ପ୍ରଶାସନ ପକ୍ଷରୁ ଏନେଇ ସଚେତନତା ସୃଷ୍ଟି କରାଯାଉ ନ ଥିବାରୁ ଏପରି ଯୋଜନାରେ କେହି ସୂଚନା ଦେବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି ।

## ପ୍ରହସନ ପାଲଟିଛି ପିସି ପିଏନ୍‌ଡିଟି ପରାମର୍ଶ ସମିତି ବୈଠକ

ଗର୍ଭଧାରଣ ପୂର୍ବ ଏବଂ ଜନ୍ମପୂର୍ବ ଲିଙ୍ଗ ନିରୂପଣ(ଲିଙ୍ଗ ଚୟନ ନିଷୋଧାଦେଶ) ଅଧିନିୟମ ୧୯୯୪(ପିସିପିଏନଡିଟି) ଉପରେ ପରାମର୍ଶ ସମିତିର ଏକ ସମୀକ୍ଷା ବୈଠକ ବୁଧବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ଜିଲାରେ ୧୧ଅଲଟ୍ରାସାଉଣ୍ଡ୍ କ୍ଲିନିକ୍‌ର ସ୍ଥିତି ଏବଂ କାର୍ଯ୍ୟକାରିତା ଉପରେ ଆଲୋଚନା ଏବଂ ସମୀକ୍ଷା କରାଯାଇଥିଲା । ଏଥିରୁ ୭ ଅଲଟ୍ରାସାଉଣ୍ଡ୍ କ୍ଲିନିକ୍ କାର୍ଯ୍ୟକ୍ଷମ ଥିଲାବେଳେ ଅବଶିଷ୍ଟ ୪ ବନ୍ଦ ରହିଥିବା କୁହାଯାଇଥିଲା । ତେବେ ଜିଲାରେ ପୁଣି ନୂତନ ୩ ଅଲଟ୍ରାସାଉଣ୍ଡ୍ କ୍ଲିନିକ୍ ଖୋଲାଯିବା ପାଇଁ ଅନୁମତି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ୩ ଅଲଟ୍ରାସାଉଣ୍ଡ କ୍ଲିନିକ୍ ମଧ୍ୟରେ ଆମ ହସ୍ପିଟାଲରେ ସାମିଲ ହୋଇଥିବା ଦଶପଲ୍ଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ନାଁ ରହିଛି । ଅନ୍ୟପକ୍ଷେ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର ନିରୀକ୍ଷଣ ଓ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଆଲୋଚନା ହୋଇଛି । ତେବେ ପିସିପିଏନଡିଟି ପରାମର୍ଶ ସମିତିର ସମୀକ୍ଷା ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ଆଦୌ ସୂଚନା ଦିଆଯାଉନି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବୈଠକ ସମ୍ପର୍କରେ ଯେଉଁ ସୂଚନା ଦେଉଛନ୍ତି ସେଥିରେ ଠିକ ତଥ୍ୟ ରହୁନି । କେବଳ କିଛି ପୁରୁଣା ତଥ୍ୟକୁ ଦୋହରା ଯାଉଛି । ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କର ନାଁକୁ ଗୁରୁତ୍ୱ ଦେଇ ଲେଖା ଯାଉଛି । ଏହା ଦ୍ୱାରା ଠିକ୍ ତଥ୍ୟ ଜିଲାବାସୀଙ୍କ ପାଖରେ ପହଞ୍ଚି ପାରୁନି । ଏଣୁ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ସମୟରେ ପିସିପିଏନଡିଟି ଉପରେ କରୁଥିବା ପରାମର୍ଶ ସମିତିର ସମୀକ୍ଷା ବୈଠକର ସୁଫଳ ମିଳୁନି ବୋଲି ଅଭିଯୋଗ ହୋଇ ଆସୁଛି ।

## ବାହୁଡାଯାତ୍ରାର ଏପାଖସେପାଖ



### ପାଗଳ କୁକୁର ଆକ୍ରମଣରେ ୮ ଆହତ

**ନୟାଗଡ଼ ଅଫିସ,୨୮ । ୬(ଲୋକନାଥ ମିଶ୍ର):** ନୟାଗଡ଼ ବାହୁଡା ଯାତ୍ରାରେ ପାଗଳ କୁକୁରର ଉତ୍ପାତ ଦେଖିବାକୁ ମିଳିଥିଲା । ଏକ ପାଗଳ କୁକୁର ଜଗନ୍ନାଥ ମନ୍ଦିରଠାରେ ଖେଡପଡାର ଜଣେ ୧୦ ବର୍ଷର ବାଳକଙ୍କୁ କାମୁଡି ଦେଇଥିଲା । ସେହିପରି ଶରଣକୁଳ ଷ୍ଟେଟବ୍ୟାଙ୍କ କର୍ମଚାରୀ ନୟାଗଡ଼ ହାଉସିଂବୋର୍ଡ କଲୋନୀ ବାସିନ୍ଦା ସନ୍ତୋଷ ଷଡ଼ଙ୍ଗୀଙ୍କ ସମେତ ୮ଜଣଙ୍କୁ କାମୁଡିଛି । କୁକୁର କାମୁଡିଥିବା ୮ଜଣ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଯାଇ ଘରକୁ ଫେରିଛନ୍ତି । ଗୁରୁବାର ଠାରୁ ସେମାନେ କୁକୁର କାମୁଡ଼ା ଇଞ୍ଜେକଶନ ନେବେ ବୋଲି ଜଣାପଡିଛି ।

### ପୋଲିସର ଜୁଲମ

ରଥ ଟଣା ପୂର୍ବରୁ ରଥ ଟଣା ଶେଷ ପର୍ଯ୍ୟନ୍ତ ନୟାଗଡ଼ରେ ପୋଲିସର ଜୁଲମ ଦେଖିବାକୁ ମିଳିଥିଲା । ଜଗନ୍ନାଥ ମନ୍ଦିରଠାରୁ ଡିଆରଡିଏକୁ ପଡିଥିବା ରାସ୍ତା ପାଖ ଦେଇ ପୁରୁଣା ସହରକୁ ଯିବାକୁ ପୋଲିସ ଦେଇ ନ ଥିଲା । ଏପରି କି ସ୍ଥାନୀୟ ବାସିନ୍ଦାକୁ ଘରକୁ ଯିବାକୁ ନ ଦେବାରୁ ଚାପା ଉତ୍ତେଜନା ଦେଖା ଦେଇଥିଲା । ଗଣ୍ଡଗୋଳ ହେବା ପରେ କେତେକଙ୍କୁ ଛାଡିଲା । ଅନ୍ୟ କେତେଜଣ ହଇରାଣ ହେଲେ । ପୁଣି କେତେଜଣ ଚିହ୍ନା ମୁହଁଙ୍କ ଜଗନ୍ନାଥଙ୍କ ରଥ ପାଖରେ ବାଇକ ରଖିବାକୁ ଦେଲା । ଆଉ ଅନ୍ୟମାନଙ୍କୁ ବାଇକ ରଖିବାକୁ ସୁଯୋଗ ଦେଲାନି । ପୋଲିସର ପକ୍ଷପାତିତାକୁ ଦେଖି ଅନେକ ସମାଲୋଚନା କରିଥିଲେ ।

### ଭଜନ ସମାରୋହ

ପବିତ୍ର ବାହୁଡା ଯାତ୍ରାରେ ପୁରୁଣା ସହରର ବଡଦଶର୍ଡରେ ଭଜନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଓ ଦାମୋଦର ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ସ୍ଥାନୀୟ କଳାକାର ତଥା ଦୁରଦର୍ଶନ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ, ପ୍ରଦୀପ୍ତ ରଥ, ସୁଶ୍ରୀ ମହାପାତ୍ର, ବିଜୟାନନ୍ଦ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ରଞ୍ଜନ ଦାଶ, ଶିବରାମ ଗାଆଣ, ଯଶୋବନ୍ତ ପଟ୍ଟନାୟକ, ଭୂମିକା ମହାପାତ୍ର, ଗୋପୀନାଥ ସେଠୀ ପ୍ରମୁଖ ଶ୍ରୀଜୀଉଙ୍କ ଉପରେ ଭଜନ ପରିବେଷଣ କରିଥିଲେ ।

### ରଥ ନିର୍ମାଣ ପରେ କାଠ ବଳିଲା

ନୟାଗଡ ପୁରୁଣା ସହରର ଶ୍ରୀ ଜଗନ୍ନାଥ ଜୀଉଙ୍କ ରଥ ନିର୍ମାଣ ଉଦ୍ଦେଶ୍ୟରେ ଶାଳ କାଠ ଦେବାକୁ ନୟାଗଡ ବନବିଭାଗ ମନା କରି ଦେଇଥିଲା । ପୁରୀର ଶ୍ରୀଜୀଉ ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରକୁ ଛାଡିଦେଲେ ଅନ୍ୟ ମନ୍ଦିରର ରଥ ନିର୍ମାଣ ପାଇଁ କାଠ ଦେବାକୁ ପ୍ରୋଭିଜନ ନାହିଁ କହି ଡିଏଫ୍‌ଓ ମନା କରିବା ପରେ ୨୦୨୨ ପରଠାରୁ ଜଗନ୍ନାଥ ପ୍ରେମୀଙ୍କ ମନରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏଭଳିସ୍ଥଳେ ୨୦୨୨ ରଥଯାତ୍ରାରୁ ଭକ୍ତ ଏତେ ପରିମାଣରେ କାଠ ଦାନ କଲେଯେ ନୟାଗଡ ରଥ ପାଇଁ କାଠ ସମସ୍ୟା ଦୂର ହୋଇଗଲା । ୨୦୨୨ରେ ରଥ କାଠ ବଳି ଖତରା ହୋଇଥିଲା । ୨୦୨୩ରେ ପୁଣି ରଥ କାଠ ବଳିଛି । ଏହାର ରକ୍ଷଣାବେକ୍ଷଣ କରା ନ ଗଲେ ଆଗାମୀ ଦିନରେ ପୁଣି କାଠର ଅଭାବ ଦେବ ବୋଲି ଭକ୍ତମାନେ କହିଛନ୍ତି ।

## ବଡ଼ଭାଇ,ଭଉଣୀଙ୍କ ସହ ଫେରିଲେ ମହାପ୍ରଭୁ

**ନୟାଗଡ଼ ଅଫିସ,୨୮।୬ (ଲୋକନାଥ ମିଶ୍ର)**

ନବଦିନାତ୍ମକ ଯାତ୍ରା ସାରି ଆଡପ ମନ୍ଦିରରୁ ଭାଇ ଭଉଣୀଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ଫେରୁଛନ୍ତି ମହାପ୍ରଭୁ । ବାହୁଡା ଯାତ୍ରା ଅବସରରେ ବଡଦାଣ୍ଡ ହୋଇ ପଡିଥିଲା ଭକ୍ତିମୟ । ନୟାଗଡ଼ ସଦରମହକୁମାର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ବାହୁଡାଯାତ୍ରା ବୁଧବାର ମହାସମାରୋହରେ ସମ୍ପନ୍ନ ହୋଇଛି। ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି ସକାଳଧୂପ କରାଯିବା ପରେ ପୂର୍ବାହ୍ନ ସାଢ଼େ ୯ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା । ପୂର୍ବାହ୍ନ ସାଢ଼େ ୧୧ଟାରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ହୋଇଥିଲା। ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଗହଣରେ ନୟାଗଡ଼ ରାଜା ରାମେଶ୍ୱର ପ୍ରସାଦ ସିଂ ଅପରାହ୍ନ ୨ ଟାରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ । ଏହାପରେ ଦ୍ୱିପ୍ରହର ଭୋଗ କରାଯାଇଥିଲା । ଅପରାହ୍ନ ୪ଟାରେ ରଥଟଣା ନୀତି ସମ୍ପନ୍ନ ହୋଇଥିଲା। ପରେ ଭକ୍ତମାନେ ପ୍ରବଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ରଥ ଟାଣିଥିଲେ । ବଳଦେବଜୀଉଙ୍କ ତାଳଧ୍ୱଜ ରଥ ନବନାଲ ମଠ ନିକଟରେ ପହଞ୍ଚିଛି। ତେବେ ଦକ୍ଷିଣକାଳୀ ମନ୍ଦିରଠାରୁ ୫୦ ମିଟର ପରେ ରଥ ଡ୍ରେନ ଉପରେ ଚଢ଼ି ଯାଇଥିଲା । ଡ୍ରେନ ଉପରେ ଦୋକାନ ହୋଇଥିବା ଜଣେ ବ୍ୟବସାୟୀଙ୍କ ଟିଣ ଆଜବେଷ୍ଟସ ଭାଙ୍ଗି ଯାଇଥିଲା । ବଳଭଦ୍ରଙ୍କ ରଥ ରାସ୍ତା କଡେ କଡେ ଚାଲିଥିଲା । ବଡ଼ଦାଣ୍ଡର ମଝିକୁ ଆସୁ ନ ଥିଲା । ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଦକ୍ଷିଣକାଳୀ ମନ୍ଦିର ଛକ ନିକଟରେ ଓ ଜଗନ୍ନାଥଜୀଉଙ୍କ ନନ୍ଦିଘୋଷ ରଥ ବାଲିସାହିର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଲାଗିଯାଇଛି । ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ୍ ଉପସ୍ଥିତି ରହି ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିଥଲେ। ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଓଡ଼ିଆ ଭାଷା,ସାହିତ୍ୟ ବିଭାଗ ପକ୍ଷରୁ ୨ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ।

**ଖଣ୍ଡପଡ଼ା,୨୮।୬ (ଅଜୟ କୁମାର ମହାରଣା)**

କଣ୍ଟିଲେ ନୀଳମାଧବ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ଈଶ୍ୱର ଚନ୍ଦ୍ର ଦାଶ ଓ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଡ.ପବିତ୍ର କୁମାର ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମଙ୍ଗଳବାର ଅନୁଷ୍ଠିତ କଣ୍ଟିଲୋ ନିକଟସ୍ଥ ମା'ନାରାୟଣୀ ପୀଠରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଣଜିତ୍ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ବିଭାଗର ମୁଖ୍ୟ ଅଧ୍ୟାପକଙ୍କ ସୁଖମୟ ଜୀବନ କାମନା କରିଥିଲେ । ଅଧ୍ୟାପିକା ମାନସୀ ଦ୍ୱାରି, ସରଳା ବେହେରା, ଜୟଶ୍ରୀ ସାହୁ, ଅଧ୍ୟାପକ ସୁଜଳ କୁମାର ମହାରଣା, ପ୍ରଭାତ କୁମାର ବେହେରା, ଡ.ଅଶୋକ କୁମାର ପାତ୍ର, ରମେଶ କୁମାର ସାହୁ, ହୃଷିକେଶ ମିଶ୍ର, ଅମୀୟ କୁମାର ସାହୁ, ସୌମ୍ୟ ସୁମନ ସାହୁ, ପ୍ରଶାନ୍ତ କୁମାର ନାୟକ, ସୁମନ୍ତ କୁମାର ଜେନା, ରାଜୀବ କୁମାର ମିଶ୍ର, ଅକ୍ଷୟ କୁମାର ସାହୁ, କାଶୀନାଥ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ସଂପୃକ୍ତ ଅଧ୍ୟାପକମାନଙ୍କ ଶିକ୍ଷା ପ୍ରଦାନ ପଦ୍ଧତି ଓ ଆଚାର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଡ.ନିରୋଦ କୁମାର ମନ୍ତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉଭୟ ଅଧ୍ୟାପକ ଆସନ୍ତା ୩୦ ତାରିଖରେ ଅବସର ନେଉଥିବାରୁ ଆଗାମୀ ଦିନରେ ଶିକ୍ଷାନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କ ସହଯୋଗ କାମନା କରିଥିଲେ। ଅଧ୍ୟାପକ ପବିତ୍ର କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋଡିପଡ଼ାରେ ବାହୁଡ଼ାଯାତ୍ରା

**ନୟାଗଡ଼ ଅଫିସ,୨୮ । ୬(ଲୋକନାଥ ମିଶ୍ର):** ଗୋଡିପଡ଼ା ବଡତେଲିସାହିସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କ ବାହୁଡାଯାତ୍ରା ବୁଧବାର ମହାସମାରୋହରେ ପାଳିତ ହୋଇଛି। ମଙ୍ଗୁଳି ମହାପାତ୍ର ଛେରାପହଁରା କରିଥିଲେ । ବଡତେଲିସାହିସ୍ଥ ଗୁଣ୍ଡିଚା ମନ୍ଦିରରୁ ବାହାରିଥିବା ବାହୁଡା ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଛି । ପୂଜକ ଗଣେଶ୍ୱର ମିଶ୍ର ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ପୀଠରେ ୧୯୯୬ରୁ ଛୋଟଛୋଟ ପିଲାମାନେ ରଥଯାତ୍ରା କରିଆସୁଥିବାବେଳେ ମନ୍ଦିରରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଉଛନ୍ତି ମହନ୍ତସାହିର ଗ୍ରାମବାସୀ। ବଡତେଲିସାହି ଗ୍ରାମବାସୀ ଗୁଣ୍ଡିଚା ମନ୍ଦିରଠାରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଇଥାନ୍ତି । ସେହିପରି ଓଡ଼ଗାଁ ବ୍ଲକର ବଡଗୋରଡା, ଭାଲିଆଡିହି, ବାଉଁଶିଆ, ହରିହରପୁର, କୋତରଙ୍ଗ, ନୟାଗଡ ବ୍ଲକର ବଉଳସାହି, ରଣପୁର ବ୍ଲକର ତଳାରୀବନ୍ଧରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି । ସେହିପରି ନୟାଗଡ଼ ସହରର ୪ ନଂ ୱାର୍ଡର ଆଖଣ୍ଡଳମଣି ସାହିରେ ବସ୍ତିପିଲାମାନେ ରଥ ଟାଣିଥିଲେ ।

## ସୁରକ୍ଷା ଦେଇପାରିଲାନି ନକଲି ଆଧାରକାର୍ଡ

**ନୟାଗଡ଼ ଅଫିସ,୨୮ । ୬ (ଲୋକନାଥ ମିଶ୍ର)**

### ନାବାଳିକା ବିବାହ ପଣ୍ଡ କଲା ପ୍ରଶାସନ

ନକଲି ଆଧାର କାର୍ଡ କରି ଜଣେ ନାବାଳିକାଙ୍କୁ ବିବାହ କରାଇବାକୁ ଉଦ୍ୟମ କରାଯାଇଥିଲା । ହେଲେ ପ୍ରଶାସନ ପକ୍ଷରୁ ଚଢ଼ାଉ ପରେ ନକଲି ଆଧାର କାର୍ଡ ବାଲ୍ୟ ବିବାହକୁ ସୁରକ୍ଷା ଦେଇ ପାରିଲାନି । ବିବାହକୁ ବନ୍ଦ କରାଇ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇ ସଖି କେନ୍ଦ୍ରରେ ରଖା ଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ମହିପୁରର ୨୭ ବର୍ଷର ଅନିଲ ସହ ନୟାଗଡ ସହର ୧୧ ନଂ. ୱାର୍ଡ ଜଣେ ୧୭ ବର୍ଷର ନାବାଳିକାଙ୍କ ବିବାହ ଜୁନ ୨୮ରେ ହେବ ବୋଲି ସ୍ଥିର ହୋଇଥିଲା । ବିବାହ ଶରଣକୁଳ ଝାଡେଶ୍ୱରୀ ମନ୍ଦିରରେ ହେବାର ରହିଥିଲା। ଏଥିପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଥିଲା। ବାଲ୍ୟ ବିବାହକୁ ଲୁଚାଇବା ପାଇଁ କନ୍ୟା ଘର ପକ୍ଷରୁ ଆଧାର କାର୍ଡକୁ ନକଲି କରି ସାବାଳକ କରାଯାଇଥିଲା । ଖବର ପାଇ ନୟାଗଡ ଚାଇଲ୍ଡ ଲାଇନର ଚନ୍ଦ୍ର ଶେଖର ବେହେରା, ବାଲ୍ୟ ବିବାହ ନିଷେଧ ଅଧିକାରୀ ସୌଦାମିନୀ ପଣ୍ଡା, ନୟାଗଡ଼ ଟାଉନ ଥାନା ପୋଲିସ ସହାୟତାରେ ନୟାଗଡ଼ ସହରର ୧୧ ନଂ. ୱାର୍ଡକୁ ଯାଇ ନାବାଳିକାଙ୍କୁ ନିଜ ହେପାଜତକୁ ଆଣିଥିଲେ । ଏହି ସମୟରେ ବର କାର ଯୋଗେ କନ୍ୟାକୁ ନେବାକୁ ଉଦ୍ୟମ କରିଥିଲାବେଳେ ସବୁ କିଛି ଗଡ ବଡ ହୋଇ ଯାଇଥିଲା ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଗୋପାଳପୁର, ୨୮।୬ (ଡ଼ି.ନବୀନ ରାଜ ଆଚାରୀ)**

ବିବାହିତା ମହିଳାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୁଚନା ଅନୁସାରେ, ଗୋଳନ୍ଥରା ଥାନା ଅନ୍ତର୍ଗତ ମଦନ ମୋହନପୁର ଗ୍ରାମର ଜି.ଜଗନ୍ନାଥ ରାଓଙ୍କ ସହିତ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର କେ.ଭୁବନେଶ୍ୱରୀ ୨୦୨୨ ନଭେମ୍ବରରେ ବିବାହ ହୋଇଥିଲା। ବିବାହର କିଛି ଦିନ ପରେ ଭୁବନେଶ୍ୱରୀ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ଏବଂ ପରିବାରରେ ମଧ୍ୟ କଳହ ଲାଗିରହୁଥିଲା। ସୋମବାର ମଧ୍ୟ ରାତ୍ରିରେ ଭୁବନେଶ୍ୱରୀଙ୍କ ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରୀ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ବାପାଘରକୁ ଜଗନ୍ନାଥଙ୍କ ପରିବାର ଜଣାଇଥିଲେ। ବୁଧବାର ବାପାଘର ଲୋକେ ଗ୍ରାମରେ ପହଞ୍ଚିଥିଲେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ ୧୬/୨୩ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସୁନାଚେନ୍ ଲୁଟ୍ ଉଦ୍ୟମ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ)**

ଜଣେ ଯୁବତୀଙ୍କ ଠାରୁ ସୁନା ଚେନ ଲୁଟ ଉଦ୍ୟମ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ କୁକୁଡ଼ାଖଣ୍ଡି କାଲୁଆ ସାହିର ରବୀନ୍ଦ୍ର ଡାକୁଆ ଓରଫ ବେହେରା(୩୨) । ବୁଧବାର ମାମଲା ନଂ ୩୨୫/୨୩ରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ କୁକୁଡ଼ାଖଣ୍ଡିର ପ୍ରଭାସିନୀ ସାହୁ ତାଙ୍କ ଜଣେ ବନ୍ଧୁଙ୍କ ବିବାହ ଭୋଜିରେ ଯୋଗଦେବାକୁ ଯାଉଥିଲେ। ଏହି ସମୟରେ କାଲୁଆ ଛକରେ ଜଣେ ଯୁବକ ତାଙ୍କୁ ଅଟକାଇଥିଲେ। ପ୍ରଭାସିନୀ ପିନ୍ଧିଥିବା ସୁନା ଚେନକୁ ତାଙ୍କ ଲୁଟ କରିବାରେ ଉଦ୍ୟମ କରିଥିଲେ। ପ୍ରଭାସିନୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ଫଳରେ ଅଭିଯୁକ୍ତ ଜଣଙ୍କ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ପ୍ରଭାସିନୀ ସଦର ଥାନାରେ ଅଭିଯୋଗ କରିଥିଲେ।

## ଫେରାର ଅଭିଯୁକ୍ତ ଗିରଫ

**ଆସିକା,୨୮।୬(ସୁରେନ୍ଦ୍ର ନାଥ ସାହୁ)**

ଗାଙ୍ଗପୁର ଥାନା ପଣିବନ୍ଧ ଗ୍ରାମରୁ ବୁଧବାର ପୋଲିସ ଜଣେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଭାସ୍କର ବିଷୋୟୀ। ୧୯୯୮ ମାର୍ଚ୍ଚ ୨୫ରେ ପଣିବନ୍ଧ ଗ୍ରାମର ଘଟିଥିବା ସେହି ଗ୍ରାମର ଧୋବା ସାହୁ ହତ୍ୟା ମାମଲାର ବିଚାର କରି ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ଗତ ମାର୍ଚ୍ଚ ୨୧ରେ ଭାସ୍କରଙ୍କ ସମେତ ୭ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ତେବେ ଦଣ୍ଡାଦେଶ ସମୟରେ ଅଦାଲତରେ ହାଜର ନହୋଇ ଫେରାର ଥିବା ଭାସ୍କରଙ୍କ ବିରୋଧରେ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ପରୱାନା ବଳରେ ପୋଲିସ ତାଙ୍କୁ ଗିରଫ କରିଛି।

## ଫେରାର ନାବାଳକଙ୍କୁ ଧରିଲା ପୋଲିସ

**ବ୍ରହ୍ମପୁର,୨୮।୬ (ସୁବାସ ଚନ୍ଦ୍ର ପାଢ଼ୀ)**

ଏକ ଆକ୍ରମଣରେ ସମ୍ପୃକ୍ତ ଥାଇ ଫେରାର ଥିବା ଜଣେ ନାବାଳକଙ୍କୁ ପୋଲିସ ଧରିଛି। ମାମଲା ନମ୍ବର ୧୨୯/୨୩ରେ ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରିଥିଲା। ଜେଜେବିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ନାବାଳକଙ୍କୁ ବାଳସୁଧର ଗୃହରେ ନେଇ ଛାଡ଼ିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଗତ ମେ ୧୧ ତାରିଖ ରାତି ୮ଟା ସମୟରେ ଗୋଷାଣୀନୂଆଗାଁ ଚଣ୍ଡୀ ମନ୍ଦିର ସାହିର ବାପିନି ସାହୁ ତାଙ୍କ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଦଶଘରିଆ ସାହି ନିକଟରେ ତାଙ୍କୁ କେତେକ ଯୁବକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହାଫଳରେ ବାପିନିଙ୍କ ମୁଣ୍ଡରୁ ରକ୍ତସ୍ରାବ ହେବା ସହ ସେ ତଳେ ପଡ଼ିଯାଇଥିଲି। ଏହାପରେ ଆକ୍ରମଣକାରୀମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ।

## ସୋସିଆଲ ମିଡିଆରେ କେନ୍ଦ୍ରୀୟ ଯୋଜନା ପ୍ରଚାରକୁ ଗୁରୁତ୍ୱ

**ବ୍ରହ୍ମପୁର,୨୮।୬ (ନରସିଂହ ସାହୁ)**

### ଭାଜପା ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀରେ ରେଳ ରାଷ୍ଟ୍ରମନ୍ତ୍ରୀ


ଖବରଦାତା ସମ୍ମିଳନୀରେ ରେଳ ରାଷ୍ଟ୍ରମନ୍ତ୍ରୀ ଓ ଅନ୍ୟମାନେ ।

ବ୍ରହ୍ମପୁର ବିଧାନସଭା ନିର୍ବଚାନ ମଣ୍ଡଳୀସ୍ତରୀୟ ଭାଜପାର ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜୋରଦଶ ଯୋଗ ଦେଇଥିଲେ। ସମବେତ କାର୍ଯ୍ୟକର୍ତ୍ତା ଓ ବରିଷ୍ଠ କର୍ମୀଙ୍କୁ ଆଗାମୀ ସାଧାରଣ ନିର୍ବାଚନ ସମ୍ପର୍କରେ ରଣନୀତି ନେଇ ସଚେତନ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ ବର୍ଷର ସୁଶାସନ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସବୁବର୍ଗର ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ। ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାର ଅଭିଯାନକୁ ବ୍ୟାପକ କରିବାକୁ କେନ୍ଦ୍ରମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ ମନ୍ତ୍ରୀ ଜୋରଦଶ ଗଞ୍ଜାମ ଜିଲାର ଦୁଇଟି ଯାକ ଲୋକସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଅଛନ୍ତି। ତେଣୁ ଚଳିତ ବର୍ଷ ଆରମ୍ଭରୁ ଏକାଧିକ ଥର ଗଞ୍ଜାମ ଓ ଗଜପତି ଜିଲା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ, ମହିଳା ସଶକ୍ତିକରଣ ଓ ଅନ୍ୟ ଯୋଜନାଗୁଡ଼ିକ ସମ୍ପର୍କରେ ସଚେତନ କରାଇଛନ୍ତି। ଆଗାମୀ ଲୋକସଭା ନିର୍ବାଚନରେ ଦଳକୁ ଯେଭଳି ସଫଳତା ମିଳିବ ସେଥିପାଇଁ ନେତା ଓ କର୍ମୀମାନେ ନିଷ୍ଠାପର ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିଭୂତି ଜେନା, ପୂର୍ବତନ ସଭାପତି କାହ୍ନୁ ଚରଣ ପତି, ଜିଲା ସଂଗଠନ ଉପସଭାପତି ସୁନୀଲ ସାହୁ, ସୁବାସ ସାହୁ, ସରୋଜ ସାବତ, ମନୋଜ ପଟ୍ଟନାୟକ ଓ ଅନ୍ୟମାନେ ଏବଂ ବିଭିନ୍ନ ଛାମୁଆ ସଂଗଠନର ନେତ୍ରୀ ଓ ନେତା ଉପସ୍ଥିତ ଥିଲେ। ଜିଲା ପ୍ରଭାରୀ ଅଶୋକ ମିଶ୍ର ଯୋଗ ଦେଇଥିବା ବେଳେ ଗତ ନିର୍ବାଚନର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଅନୁପସ୍ଥିତ ଥିଲେ। ସହରର ପୁରୁଖା ନେତା ଓ କର୍ମୀଙ୍କ ସହ ଏକ ସ୍ୱତନ୍ତ୍ର ବୈଠକରେ ରେଳ ରାଷ୍ଟ୍ରମନ୍ତ୍ରୀ ଯୋଗଦେଇ ସେମାନଙ୍କ ସହ ପ୍ରାତଃ ଭୋଜନରେ ସାମିଲ ହୋଇଥିଲେ। ଲୋକଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ମୌଳିକ ସମସ୍ୟା ବୁଝିବା ଏବଂ ସମାଧାନ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।





କେନ୍ଦ୍ରାପଡ଼ା ଇଚ୍ଛାପୁରସ୍ଥିତ ମାଉସୀ ମା' ଘରୁ ଶ୍ରୀବଳଦେବଜୀଉ, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥଜୀଉଙ୍କୁ ସେବାୟତମାନେ ପହଣ୍ଡିରେ ରଥକୁ ନେଉଛନ୍ତି।

# ଦକ୍ଷିଣମୋଡ଼ ନେଲା ବ୍ରହ୍ମ ତାଳଧ୍ୱଜ ରଥ

**କେନ୍ଦ୍ରାପଡ଼ା, ୨୮।୬ (ଜଗନ୍ନାଥ ଧଳ)**

ତୁଳସୀକ୍ଷେତ୍ରର କ୍ଷେତାଧିପତି ଶ୍ରୀବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ବୁଧବାର ଆରମ୍ଭ ହୋଇଛି। ବାହୁଡ଼ା ଦଶମୀରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସକାଳ ୬ଟାରେ ଇଚ୍ଛାପୁରସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି କରାଯାଇଥିଲା। ସକାଳ ସାଢେ ୮ଟାରେ ଗୋପାଳବଲ୍ଲଭ ଧୂପ, ମଧ୍ୟାହ୍ନରେ ଖେଚୁଡି ଧୂପ ପରେ ସେନାପଟା ଲାଗି କରାଯାଇଥିଲା। ଅପରାହ୍ନ ୨ଟାରେ ଶ୍ରଦ୍ଧାଳୁ ଓ ଜିଲା ପୋଲିସବାହିନୀ ବ୍ରହ୍ମ ତାଳଧ୍ୱଜ ରଥକୁ ଦକ୍ଷିଣମୋଡ଼ ଦେଇଥିଲେ। ସନ୍ଧ୍ୟା ୬ଟାରେ ମନ୍ଦିରର ବାହୁଡ଼ା ଦ୍ୱାର ବାଟ ଦେଇ ଧାଡ଼ି ପହଣ୍ଡିରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯାଇଥିଲା। ଅନ୍ୟାନ୍ୟ ରୀତିନୀତି ଅନୁଯାୟୀ, ଆଳତି ଓ ପୂଜାର୍ଚ୍ଚନା ହୋଇଥିଲା। ତେବେ ଶ୍ରୀଜୀଉଙ୍କ ରଥଯାତ୍ରା ପରମ୍ପରା ଅନୁଯାୟୀ, ଏକାଦଶୀ ତିଥିର ଅପରାହ୍ନ ୨ଟାରେ ରଥ ଟଣାଯିବ ବୋଲି ଶ୍ରୀଜୀଉଙ୍କ ସେବାୟତ ଲଳିତ କୁମାର କର ସୂଚନା ଦେଇଛନ୍ତି। ଟ୍ରଷ୍ଟି ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି, ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କ ଗହଳି ଥିବାରୁ ମନ୍ଦିର ଓ ରଥଦାଣ୍ଡରେ ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।



ବ୍ରହ୍ମ ତାଳଧ୍ୱଜ ରଥକୁ ପ୍ରଶାସନ ଓ ଶ୍ରଦ୍ଧାଳୁ ଲାଗି ଦକ୍ଷିଣ ମୋଡ କରୁଛନ୍ତି।

# ଦୀର୍ଘ ପଥରେ ବାହୁଡ଼ିଲେ ମହାବାହୁ

**ଚଣ୍ଡିଖୋଲ,୨୮।୬ (ପ୍ରଦୀପ୍ତ କୁମାର ପୃଷ୍ଟି):**

ମାଉସୀ ମା'ଘରେ ୯ ଦିନ ରହଣି ପରେ ବାହୁଡ଼ି ଆସିଛନ୍ତି ମହାବାହୁ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଛି ଜାତୀୟ ରାଜପଥ। ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ମାଳିକା ବର୍ଣ୍ଣିତ ଛତିଆର ବାହୁଡ଼ା ଯାତ୍ରା ବେଶ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ଦୀର୍ଘତମ ରଥଦାଣ୍ଡ ବଡ଼ଘୁମୁରିଠାରୁ ଛତିଆ ୧୧ କି.ମି. ଲମ୍ବା ଯାତ୍ରା କରାଯାଇଛି। ପୂର୍ବାହ୍ନ ୧୦ଟା୩୦ରୁ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଛି। ହଜାରହଜାର ଭକ୍ତ ଟାଣି ନେଇଥିଲେ ମହାପ୍ରଭୁଙ୍କ ରଥକୁ। ୧୬ନଂ. ଜାତୀୟ ରାଜପଥର ଛତିଆଠାରୁ କଢେଇ ଛକ ଓ ଏହାପରେ କଢେଇ ଛକଠାରୁ ବଡ଼ ଘୁମୁରୀ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଛତିଆ, ସୋଲର, ଚମ୍ପାପୁର, ବନ୍ଦାଲୋ ଓ ବଡ଼ଘୁମୁରା ପଞ୍ଚାୟତର ଜନ ପ୍ରତିନିଧି ଓ ସମସ୍ତ ସାଧାରଣ ଜନତା ବାହୁଡା ଯାତ୍ରାରେ ସାମିଲ ହୋଇଥିଲେ। ଦର୍ପଣ ତହସିଲଦାର ମାନସ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ବହୁ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋଙ୍କ ଅଧ୍ୟକ୍ଷତାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ପୋଲିସ ଅଧିକାରୀମାନେ ନିୟୋଜିତ ହୋଇଥିଲେ। ରଥ ଆସିବା ସମୟରେ ଜାତୀୟ ରାଜପଥ ଗୋଟିଏ ପାର୍ଶ୍ୱ ବନ୍ଦ ରଖା ଯାଇଥିଲା। ହେଲେ ପୋଲିସର ଅବହେଳା ପାଇଁ ଗୋଟାଏ ଟ୍ରକ ୩ ଟି ସିରିଜ ଦୁର୍ଘଟଣା ଘଟାଇଥିଲା। ଏଥିରେ ୩ ଜଣ ଆହତ ହୋଇଛନ୍ତି। ୬ଲେନ ବିଶିଷ୍ଟ ଏହି ଚଳଚଞ୍ଚଳ ୧୬ ନଂ. ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱ ବନ୍ଦ କରିବା ସମୟରେ ଗାଡି ଚଳାଚଳ ପାଇଁ ଆବଶ୍ୟକ ଟ୍ରାଫିକ ପୋଲିସ ମୁତୟନରେ ଅବ୍ୟବସ୍ଥା ଦେଖାଦେଇଥିଲା।



ବଡ଼ ଘୁମୁରୀ ମାଉସୀ ମା' ମନ୍ଦିରରୁ ୩ ରଥକୁ ଛତିଆ ଅଭିମୁଖେ ନିଆଯାଉଛି।



ପାରାଦୀପ ତୈଳ ବିଶୋଧନାଗାର ଟାଉନଶିପରେ ରଥାରୂଢ଼ ଠାକୁରଙ୍କ ବାହୁଡ଼ା ଯାତ୍ରା।

# ସୁଭଦ୍ରା କ୍ଷେତ୍ରରେ ବାହୁଡ଼ାଯାତ୍ରା

**କୁଜଙ୍ଗ,୨୮।୬(ମନୋଜ ପ୍ରଧାନ)**

ଓଡ଼ିଶାର ସୁଭଦ୍ରା କ୍ଷେତ୍ର ରୂପେ ପରିଚିତ ଗଡ଼କୁଜଙ୍ଗର ପ୍ରଭୁ କୁଞ୍ଜବିହାରୀଙ୍କର ବାହୁଡ଼ା ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନୀତିକାନ୍ତି ପରେ ଠାକୁର ରାଜା ପାରାଦୀପର ବିଧାୟକ ସମ୍ପିତ ରାଉତରାୟ ଛେରାପହଁରା କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତି ରହି ଗୁଣ୍ଡିଚା ମନ୍ଦିରରୁ ପ୍ରଭୁ କୁଞ୍ଜବିହାରୀଙ୍କ ରଥକୁ ଟାଣି ସନ୍ଧ୍ୟାରେ ସିଂହଦ୍ୱାରରେ ପହଞ୍ଚି ଥିଲେ। ବାହୁଡା ଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ଟ୍ରଷ୍ଟି ରାଜେନ୍ଦ୍ର ବେହେରା, ସରପଞ୍ଚ କବିତା ଦାସ, ବିଷ୍ଣୁ ଚରଣ ପ୍ରଧାନ, ଯଦୁନାଥ ଖଟୁଆ, ତମିଲ ପ୍ରଧାନ, ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡା, ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଯାତ୍ରାକୁ ସଫଳ କରାଇ ଥିଲେ।



ରଥାରୂଢ଼ କୁଞ୍ଜବିହାରୀଙ୍କୁ ସନ୍ଧ୍ୟାରେ ସିଂହଦ୍ୱାର ନିକଟରେ ପହଞ୍ଚିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାପି



@ ଚନ୍ଦ୍ରମଣି



@ ଦେବାଶିଷ



@ ଶକ୍ତିଦତ୍ତ



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମ ଥର ଥାଳକୁଡ଼ି ଗ୍ରାମରେ ରଥଟଣା

**ଦଶରଥପୁର,୨୮।୬(ମନୋଜ ପୃଷ୍ଟି):**

ଦଶରଥପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ଥାଳକୁଡ଼ି ପଞ୍ଚାୟତ ଥାଳକୁଡ଼ି ଗ୍ରାମରେ ପ୍ରଥମକରି ରଥଟଣା ହୋଇଛି। ଏଠାରେ ନିର୍ମାଣହୋଇଥିବା ବଳଦେବ ଜୀଉ ମନ୍ଦିରରେ ଥାଳକୁଡି ଗ୍ରାମର କୃଷ୍ଣଚନ୍ଦ୍ର ପୃଷ୍ଟି ଠାକୁର ରାଜା ଭାବେ ନିତିକାନ୍ତି ସମ୍ପନ୍ନ କଲାପରେ ଠାକୁରଙ୍କ ବାହୁଡା ଯାତ୍ରା ଆରମ୍ଭ ହୋଇଥିଲା। ରଥ ଯାତ୍ରା ଦିନ ତିନି ଠାକୁରଙ୍କ ରଥକୁ ଶ୍ରଦ୍ଧାଳୁ ଟାଣିଟାଣି ମଙ୍ଗଳପୁରସ୍ଥିତ ଅସ୍ଥାୟୀ ମାଉସୀ ମା' ମନ୍ଦିର ପାଖରେ ବିରାଜମାନ କରାଇଥିଲେ। ୯ ଦିନ ଧରି ମାଉସୀ ମା' ମନ୍ଦିରରେ ଭଜନ, କୀର୍ତ୍ତନ କରାଯାଇଥିଲା। ରଥଟଣା କାର୍ଯ୍ୟକ୍ରମରେ ଥାଳକୁଡି ଗ୍ରାମର ସମସ୍ତେ ସହଯୋଗ କରିଥିବା ବଳଦେବଜୀଉ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବିରିପଟା ପଞ୍ଚାୟତସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ର ନାରୀଗାଁଠାରେ ଅନୁଷ୍ଠିତ ବାହୁଡା ଯାତ୍ରାରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ୍ ଯୋଗଦେଇ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନକରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ସେହିପରି ଏହି ବ୍ଲକ୍‌ର ନିଜାମପୁର ପଞ୍ଚାୟତ କୋଟପୁର ଏବଂ ମଲ୍ଲିକାପୁର ପଞ୍ଚାୟତ ମଲ୍ଲିକାପୁରଠାରେ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଛି। ମଙ୍ଗଳପୁର ଆଇଆଇସି ପବିତ୍ର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ରଥଟଣା ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## ଚନ୍ଦନ ଶ୍ରୀକ୍ଷେତ୍ରରେ ଯୋଗଦେଲେ ରାଜସ୍ୱ ମନ୍ତ୍ରୀ



# ଧାନକୁଦ ପୀଠରେ ଚତୁର୍ଦ୍ଧା ମୂର୍ତ୍ତି

**ବିରିଡି,୨୮।୬(ପ୍ରଶାନ୍ତ କୁମାର ରାଉତ)**

ବିରିଡି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ବୁଧବାର ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହାଜିପୁରସ୍ଥିତ ମାଳିକା ପ୍ରସିଦ୍ଧ ମହାପୁରୁଷ ପଞ୍ଚସଖାଙ୍କ ସାଧନାର କ୍ଷେତ୍ର ଧାନକୁଦ ପୀଠରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ହୋଇଯାଇଛି। ଏହି ଉପଲକ୍ଷେ ପ୍ରଭାତରୁ ଦ୍ୱାରଫିଟା, ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସକାଳ ଧୂପ, ସେନାପଟା ଲାଗି, ମଙ୍ଗଳାର୍ପଣ, ଟାହିଆ ବିଜେ, ପହଣ୍ଡି, ମଦନମୋହନ ବିଜେ, ମନ୍ଦିର ଆଚାର୍ଯ୍ୟଙ୍କ ରଥ ପରିକ୍ରମା, ମୁକ୍ତିମଣ୍ଡପ, ବାହୁଡ଼ା ପହଣ୍ଡିରେ ପ୍ରଭୁ ସୁଦର୍ଶନ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଚିତାଲାଗି, ରଥରେ ବେଦମନ୍ତ୍ର ପାଠ, ଧାନକୁଦ ମନ୍ଦିରର ଶଙ୍କରାଚାର୍ଯ୍ୟ ଅରକ୍ଷିତ ବାବାଙ୍କ ରଥ ପରିକ୍ରମା, ମନ୍ଦିର ରାଜା ପ୍ରମୋଦକୁମାର ନନ୍ଦୀଙ୍କ ଦ୍ୱାରା ଛେରା ପହଁରା କରାଯିବା ପରେ ଚାରମାଳ ଫିଟା, ଘୋଡା, ସାରଥି ଲାଗିଥିଲା। ମନ୍ଦିରର ବିଶ୍ୱାବସୁ ବିଭୁଦ ସାହୁଙ୍କ ନେତୃତ୍ୱରେ ଦଇତାପତିମାନଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ମାଉସୀ ମା' ମନ୍ଦିରରୁ ରଥକୁ ଟାଣି ଟାଣି ମନ୍ଦିର ପାଖରେ ରଖିଥିଲେ।



ରଥାରୂଢ ଚତୁର୍ଦ୍ଧା ମୂର୍ତ୍ତି।

# ସିସିଟିଭି ନଜରରେ ନୟାଗଡ଼ ସହର


ସିସିଟିଭି ବ୍ୟବସ୍ଥାକୁ ଜିଲାପାଳ ଓ ଏସ୍‌ପି ମିଳିତଭାବେ ଉଦ୍‌ଘାଟନ କରୁଛନ୍ତି।


ସିସିଟିଭିରେ ସହରର ଦୃଶ୍ୟ।

- ସିସିଟିଭି କଣ୍ଟ୍ରୋଲ ରୁମ୍, ଅତିଥି ଭବନ ଉଦ୍‌ଘାଟିତ
- ଉଦ୍‌ଘାଟନ କଲେ ଜିଲାପାଳ, ଏସ୍‌ପି
- ଅପରାଧ ନିୟନ୍ତ୍ରଣ କରିବାରେ ହେବ ସହାୟକ
- ସ୍ଥାନାନ୍ତରିତ ହେଲା ନୟାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ
- ପର୍ଯ୍ୟାୟକ୍ରମେ ପ୍ରତି ଥାନା ଅଞ୍ଚଳରେ ଲାଗିବ ସିସିଟିଭି

**ନୟାଗଡ଼,୨୮।୬(ଲୋକନାଥ ମିଶ୍ର)**

ନୟାଗଡ଼ ସହରକୁ ବୁଧବାର ଠାରୁ ଜଗିଲା ସିସିଟିଭି । ଏନେଇ ନୟାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ସିସିଟିଭି କଣ୍ଟ୍ରୋଲ ରୁମ୍ ଓ ପୋଲିସ ଅତିଥି ଭବନ ଉଦ୍‌ଘାଟିତ ହୋଇଛି । ଏହାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଏସ୍‌ପି ଅଲେଖ ଚନ୍ଦ୍ର ପହି ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି । ସିସିଟିଭି କିପରି କାର୍ଯ୍ୟ କରୁଛି ଜିଲାପାଳ ଓ ଏସ୍‌ପି ମିଳିତ ଭାବେ ଏହାର ତଦାରଖ କରିଥିଲେ । ସିସିଟିଭି କଣ୍ଟ୍ରୋଲ ରୁମ୍ ଓ ପୋଲିସ ଅତିଥି ଭବନ ଉଦ୍‌ଘାଟନ ପରେ ନୟାଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ନୟାଗଡ଼ ଟାଉନ ଥାନାଠାରୁ ୫୦ ମିଟର ଦୂରତାକୁ ଘୁଞ୍ଚି ଯାଇଛି । ବର୍ତ୍ତମାନ ନୟାଗଡ଼ ସହରରେ ୬୮ଟି ସିସିଟିଭି ଲାଗିଛି । ତେବେ ଏଥିରୁ ୫୮ଟି କାର୍ଯ୍ୟ କରୁଛି । ପର୍ଯ୍ୟାୟ କ୍ରମେ ଏହା ନୟାଗଡ଼ର ବିଭିନ୍ନ ଥାନା ଅଞ୍ଚଳରେ ଲାଗିବାର ପ୍ରସ୍ତାବ ରହିଛି । ଅପରପକ୍ଷେ ସିସିଟିଭି ଲାଗିବା ପରେ ସହରରୁ ଚୋରି, ଡକାୟତି. ଦୁର୍ଘଟଣା ପରି ବିଭିନ୍ନ ଘଟଣା, ଦୁର୍ଘଟଣା ଓ ଅପରାଧକୁ ସିସିଟିଭି କଣ୍ଟ୍ରୋଲ ରୁମ୍ ନିୟନ୍ତ୍ରଣ କରିବାରେ ସହାୟକ ହେବ । ଯାହାକି ପୋଲିସ ତଦନ୍ତକୁ ସୁବିଧା କରାଇବ । ଏ ଅବସରରେ ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ଼ ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ ଓ ଶରଣକୁଳ ଏସ୍‌ଡିପିଓ କିରଣ ହେମ୍ବ୍ରମ, ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତି ଜେନା, ଇଟାମାଟି ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ, ବିଭିନ୍ନ ଥାନା ଅଧିକାରୀ, ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ନୟାଗଡ଼ର ଗଳିକନ୍ଦିରେ, ବସଷ୍ଟାଣ୍ଡରେ ଲାଗିଛି ସିସିଟିଭି । ଟାଉନ ଥାନା ଏରିଆରେ ୬୮ ଟି ସିସିଟିଭି ଲାଗିଥିବାବେଳେ ୫୮ଟି କାର୍ଯ୍ୟକ୍ଷମ ଅଛି। ଅବଶିଷ୍ଟ କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ଚାଲିଛି।

## ଭାପୁର,ପଦ୍ମାବତୀରେ ବାହୁଡା ଯାତ୍ରା




**ଭାପୁର,୨୮।୬ (ଭରତ କୁମାର ବେହେରା):** ଭାପୁର ବ୍ଲକର ପଦ୍ମାବତୀ ଏବଂ ଭାପୁରରେ ବୁଧବାର ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଉସୀ ମା'ଙ୍କ ଘରୁ ଶ୍ରୀଜୀଉ ନିଜ ମନ୍ଦିରକୁ ଫେରିଛନ୍ତି। ଭାପୁର ବଜାର ଓ ପଦ୍ମାବତୀ ଗ୍ରାମରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା । ଭାପୁରରେ ବାଇପାସ୍ ନିକଟସ୍ଥ ହନୁମାନ ମନ୍ଦିର ନିକଟରୁ ଆୟୋଜିତ ବାହୁଡା ଯାତ୍ରାରେ ନାରାୟଣ ଷଡ଼ଙ୍ଗୀ, ସୁରେଶ ଚନ୍ଦ୍ର ପଣ୍ଡା, ଆର୍ତ୍ତବନ୍ଧୁ ତ୍ରିପାଠୀ,ବଜ୍ରବନ୍ଧୁ ମିଶ୍ର, କେଳୁଚରଣ ନନ୍ଦ, ପୀତବାସ ମହାପାତ୍ର , ରଘୁନାଥ ନନ୍ଦ ପୂଜାର୍ଚ୍ଚନା କରିଥିବା ବେଳେ ଛେରାପହଁରା କରିଥିଲେ ସାଧୁ ଚରଣ ସିଂ ଓ ଡାହୁକ ଦାୟିତ୍ୱ ତୁଲାଇଥିଲେ ଜିତେନ୍ଦ୍ର କୁମାର ସାହୁ। ମାଜିଷ୍ଟ୍ରେଟ ଭାବେ ତହସିଲଦାର ଲଗ୍ନଜିତ ବେହେରା ଉପସ୍ଥିତ ଥିଲେ। ଭାପୁର ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗର କର୍ମଚାରୀ ଓ ପୋଲିସ ବାହିନୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ । ଭାପୁର ବଜାରରେ ଖବରଦାତା ପ୍ରଭାତ କୁମାର ବରାଡଙ୍କ ନେତୃତ୍ୱରେ ଏବଂ ମୋ ମାଟି ଭାପୁର ଅନୁଷ୍ଠାନ ତରଫରୁ ଓ ସୁନାଖଳା ଗ୍ରାମର ଜଗନ୍ନାଥ କ୍ଲବ୍ ସହଯୋଗରେ ଜନସାଧାରଣଙ୍କୁ ଦିନ ତମାମ ଦହି ପାଣି ବଣ୍ଟନ କରାଯାଇଥିଲା। ସେହିପରି ପଦ୍ମାବତୀ ବାହୁଡ଼ା ଯାତ୍ରାରେ ମୋ ମାଟି ଭାପୁର ଅନୁଷ୍ଠାନ ଦ୍ୱାରା ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ ଓ ଗୁଡୁ କୁମାର ବେହେରାଙ୍କ ନେତୃତ୍ୱରେ ମା' ଭଟ୍ଟାରିକା ସେବା ସଂଘ ବଡତଳସାହି ସହଯୋଗରେ ଦହି ପାଣି ବଣ୍ଟନ କରାଯାଇଥିଲା।

# ସିଂହଦ୍ୱାରରେ ପହଞ୍ଚିଲା ତାଳଧ୍ୱଜ ରଥ

**ରଣପୁର,୨୮।୬ (ସୁକାନ୍ତ କିଶୋର ଡାକୁଆ)**

ବୁଧବାର ବାହୁଡ଼ା ଯାତ୍ରା ଅବସରରେ ଶ୍ରୀଜୀଉ ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ତାଳଧ୍ୱଜ ରଥ ସିଂହଦ୍ୱାରରେ ପହଞ୍ଚି ଥିଲା ବେଳେ ମହିଳାମାନେ ମା'ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଟାଣି ସିଂହଦ୍ୱାର ଅଭିମୁଖେ ଯାଉଥିଲେ । ହେଲେ ରାତି ହୋଇଯିବାରୁ ରଥ ଟଣା ବନ୍ଦ ହୋଇଥିଲା । ଫଳରେ ମା'ସୁଭଦ୍ରାଙ୍କ ରଥ ଅଧାବାଟରେ ଅଟକି ରହିଛି । ଗୁରୁବାର ପୁଣି ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବେ । ହେଲେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇ ପାରି ନ ଥିଲା । ଗୁରୁବାର ଉଭୟ ରଥକୁ ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଇବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ବାଟରେ ଲକ୍ଷ୍ମୀ ନାରାୟଣ ଭେଟ ହେବ । ଶୁକ୍ରବାର ରତ୍ନ ସିଂହସନକୁ ତିନି ଠାକୁର ଫେରିବେ । ବୁଧବାର ବାହୁଡ଼ା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଇଥିଲା । ଗୁରୁବାର ଏକାଦଶୀ ତିଥିରେ ତିନିରଥ ଉପରେ ଶ୍ରୀଜୀଉମାନଙ୍କ ରୁପାବେଶ ହେବ ।

ବୁଧବାର ଗୁଣ୍ଡିଚା ମନ୍ଦିରରୁ ପୂଜାପଣ୍ଡାମାନେ ୩ଘଣ୍ଟା ବିଳମ୍ବରେ ନୀତିକାନ୍ତି ଶେଷ କରିଥିଲେ । ଏହାପରେ ଅପରାହ୍ନ ୧.୩୦ରେ ଆରମ୍ଭ ହୋଇଥିଲା ପହଣ୍ଡି । ଅପରାହ୍ନ ୩ଟାରେ ତିନି ଠାକୁର ରଥାରୁଢ଼ ହୋଇଥିଲେ । ଏହାପରେ ରାଜା ଦିଲୀପ ଚନ୍ଦ୍ର ସିଂହଦେଓଙ୍କୁ ନିମନ୍ତ୍ରଣ କରାଯାଇଥିଲା । ସେ ଏକ ସୁଶୋଭିତ ପାଲିଙ୍କିରେ ଆସି ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ତିନି ରଥରେ ଛେରାପହଁରା କରିଥିଲେ । ଏହାପରେ ଅପରାହ୍ନ ୪.୩୦ରେ ରଥ ଟଣା ଆରମ୍ଭ ହୋଇଥିଲା । ପାଗ ଅନୁକୂଳ ଥିବାରୁ ଭକ୍ତମାନେ ତାଳଧ୍ୱଜ ରଥକୁ ଟାଣିବା ଆରମ୍ଭ କରିଥିଲେ । ହେଲେ ବଡ଼ଠାକୁରଙ୍କ ରଥ ଆରମ୍ଭରୁ ରହି ରହି ଚାଲିଥିଲା । ସନ୍ଧ୍ୟା୬ଟାରେ ଦର୍ପଦଳନ ରଥକୁ ମହିଳାମାନେ ଟାଣିବା ଆରମ୍ଭ କରିଥିଲେ । ସନ୍ଧ୍ୟା୬.୩୦ରେ ସୁଭଦ୍ରାଙ୍କ ଥର ଅଧାବାଟରେ ଅଟକି ରହିଥିଲା । ସେଠାରେ ମା'ଙ୍କ ଅଧର ପଣା ଭୋଗ କରାଯାଇଥିଲା । ଏହାପରେ ରଥଟଣାକୁ ସେଠାରେ ବନ୍ଦ କରାଯାଇଥିଲା। ଗୁରୁବାର ସଏକାଦଶୀ ତିଥିରେ ଗୁଣ୍ଡିଚା ମନ୍ଦିର ନିକଟ ପଞ୍ଚୁଦୋଳ ପଡ଼ିଆରେ ରଣପୁର ଟାଉନ କ୍ଲବ ତରଫରୁ ଭଜନ ସମାରୋହ ସନ୍ଧ୍ୟାରେ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାର ଆଗଧାଡ଼ିର କଣ୍ଠଶିଳ୍ପୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ଲବର ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି ।


ତାଳଧ୍ୱଜ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

### ମହିଳାମାନେ ଟାଣିଲେ ଦର୍ପଦଳନ

# ନୟାଗଡ଼ ଡିଭିଜନରେ ବଢୁଛି ବିଦ୍ୟୁତ୍ ଅବ୍ୟବସ୍ଥା

**ନୟାଗଡ଼,୨୮।୬(ଲୋକନାଥ ମିଶ୍ର)**

- ସମାଧାନ ପାଇଁ ନିର୍ବାହୀଯନ୍ତ୍ରୀଙ୍କୁ ଭେଟିଲା ହେମେନ୍ଦ୍ର ସେନା

ନୟାଗଡ଼ ଡିଭିଜନରେ ଲୋଭୋଲଟେଜ ସହ ବାରମ୍ବାର ବିଦ୍ୟୁତ୍ କାଟ ଲାଗି ରହିଛି। ପୁଣି ବିଦ୍ୟୁତ୍ ବିଭାଗରେ ନାନା ଅବ୍ୟବସ୍ଥାରେ ଚାଲିଛି। ଏହାର ସମାଧାନ କରିବା ଉଦ୍ଦେଶ୍ୟରେ ହେମେନ୍ଦ୍ର ସେନାର ନୟାଗଡ଼ ସାଧାରଣ ସମ୍ପାଦକ ଶେଖ ଅବଦୁଲ ଆହାଦଙ୍କ ନେତୃତ୍ୱରେ ସିନ୍ଦୁରିଆ ସରପଞ୍ଚ ପ୍ରମୋଦ କୁମାର ବେହେରା, ସୂର୍ଯ୍ୟମଣି ବେହେରା, ମଲ୍ଲିକ ମହମ୍ମଦ ମୁବସିର, ପ୍ରତାପ ଚନ୍ଦ୍ର ନାୟକ, ଶେଖ ନୁରୁଲ ଅମିନ ପ୍ରମୁଖ ୬ ଜଣିଆ ଦଳ ଟିପିସିଓଡିଏଲର ନିର୍ବାହୀଯନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ନୟାଗଡ଼ରେ ଆଉ ଏକ ଗ୍ରୀଡ ଷ୍ଟେଶନ ସ୍ଥାପନା ସହ ଭୂତଳ କେବୁଲ ବ୍ୟବସ୍ଥା କରାଯାଉ। ପ୍ରିପେଡ ମିଟର ବ୍ୟବସ୍ଥା ଲାଗୁ କରା ନ ଯାଉ। ବିଦ୍ୟୁତ୍ ଉପଭୋକ୍ତାଙ୍କ ନିମନ୍ତେ ସ୍ୱତନ୍ତ୍ର ଅଭିଯୋଗ ନମ୍ବର ରଖାଯାଉ। ଖାଲିଥିବା ଲାଇନ୍ସ ମ୍ୟାନ ପଦବୀ ପୂରଣ କରାଯାଉ ପରି ଦାବି ରହିଥିଲା। ଉତ୍ତରରେ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର କହିଥିଲେ, କାଳବୈଶାଖୀ ଓ ଓଭରଲୋଡ଼ ଯୋଗୁ ବିଦ୍ୟୁତ୍‌ସମସ୍ୟା ଦେଖା ଦେଇଛି। ପୁଣି ଗ୍ରୀଡ ଷ୍ଟେଶନ ସ୍ଥାପନ ଓପିଟିସିଏଲ ଅଧୀନରେ ଆସୁଥିବାରୁ ଏ ନେଇ ପ୍ରସ୍ତାବ ଦିଆଯାଇଛି। ଭୂତଳ କେବୁଲ ମଧ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଆସୁ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ପ୍ରେପେଡ ମିଟର ସାଧାରଣ ଉପଭୋକ୍ତାଙ୍କ ନିମନ୍ତେ ଲାଗୁ କରାଯାଇନାହିଁ। ସେହିପରି ଲାଇନମ୍ୟାନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ହୋଇ ସାରିଛି ବୋଲି ସେ କହିଛନ୍ତି।


ନିର୍ବାହୀ ଯନ୍ତ୍ରୀଙ୍କ ସହ ହେମେନ୍ଦ୍ର ସେନାର କର୍ମୀମାନେ ଆଲୋଚନା କରୁଛନ୍ତି।

# ଖଣ୍ଡପଡ଼ାରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା


ଶ୍ରଦ୍ଧାଳୁମାନେ ରଥକୁ ଟାଣୁଛନ୍ତି ।

**ଖଣ୍ଡପଡ଼ା,୨୮।୬(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ାରେ ଶ୍ରୀଜୀଉମାନଙ୍କ ବାହୁଡ଼ା ଯାତ୍ରା ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ଠାକୁର ଜନ୍ମବେଦୀରେ ୭ ଦିନ ରହଣି ପରେ ବୁଧବାର ଶ୍ରୀଜୀଉମାନେ ରତ୍ନବେଦୀକୁ ବିଜେ ହେଉଛନ୍ତି । ବୁଧବାର ଏହି ଅବସରରେ ଖଣ୍ଡପଡ଼ା, ଖଳିସାହି. ମର୍ଦ୍ଦରାଜପୁର ଓ କୁମ୍ଭାରପଡ଼ା ଗ୍ରାମରେ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଖଣ୍ଡପଡ଼ା ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ମହିମାମେରୁ ଓ ରାଜ ପରିବାର ପକ୍ଷରୁ ପରିଚାଳିତ ଏକକ ଜଗନ୍ନାଥ ପୃଥକ୍ ରଥରେ ଅପରାହ୍ନ ପ୍ରାୟ ୬ଟାରେ ବାହାରି ବଡଦାଣ୍ଡର ଖଣ୍ଡପଡା ଥାନା ନିକଟରେ ଅଟକି ରହିଛନ୍ତି। ପାରମ୍ପରିକ ପ୍ରଥା ଅନୁଯାୟୀ ଗଡ଼ଜାତ ଖଣ୍ଡପଡ଼ା ଅଞ୍ଚଳରେ ୩ଦିନ ଧରି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ। ବାହୁଡ଼ା ଯାତ୍ରାର ପ୍ରଥମ ଦିନରେ ଭକ୍ତମାନେ ଗୁଣ୍ଡିଚା ଘରଠାରୁ କିଛିବାଟ ପର୍ଯ୍ୟନ୍ତ ୨ରଥକୁ ଟାଣି ଥାଆନ୍ତି । ପାଗ ଅନୁକୂଳ ଥିବାରୁ ଆଖପାଖ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମରେ ବଡ଼ଦାଣ୍ଡ ଉତ୍ସବ ମୁଖର ହୋଇଉଠିଥିଲା । ସନ୍ଧ୍ୟା ସମୟରେ ବିଗ୍ରହଙ୍କ ଆଳତୀ ଦର୍ଶନ ନିମନ୍ତେ ରଥ ସମ୍ମୁଖରେ ଲୋକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ରଥାରୁଢ଼ ବିଗ୍ରହଙ୍କ ନିକଟରେ ଅଧରପଣା ଲାଗି କରାଯାଇଥିଲା । ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଜଳଛତ୍ର ଓ ଦହିପଣା ବ୍ୟବସ୍ଥା କରାଯାଇଥିଲା । ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୯୪ ବ୍ୟାଚ୍ ସହପାଠୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ, ଗୋଟିପୁଅ ନୃତ୍ୟ ଓ ପାଲା ପରିବେଷଣ କରାଯାଇଥିଲା । ଏହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପରିଚାଳନା ନିମନ୍ତେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ପୋଲିସ ଟିମ୍‌କୁ ମୁତୟନ କରାଯାଇଥିଲା । ଖଣ୍ଡପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ବାହୁଡ଼ା ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ଶୁକ୍ରବାର ସନ୍ଧ୍ୟାରେ ଲକ୍ଷ୍ମୀ ନାରାୟଣ ଭେଟ ସହ ଚଳିତ ବର୍ଷର ବାହୁଡ଼ା ଯାତ୍ରା ଶେଷ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପାଠ ପଢ଼ିଲେ ଗରିବ ଛାତ୍ରୀ

### ସହଯୋଗର ହାତ ବଢ଼ାଇଲେ ସମ୍ବିତ୍



**ନୟାଗଡ଼,୨୮।୬(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ପଞ୍ଚାୟତ ଦୁର୍ଗା ଚରଣ ଚିଲିକା ହାୟର ସେକେଣ୍ଡାରୀ ସ୍କୁଲରେ କ୍ରୀଷ୍ଣା ରଣବିଜୁଳି ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ଗତବର୍ଷ କ୍ରୀଷ୍ଣା ମାଟ୍ରିକ ପରୀକ୍ଷାରେ ୪୩୭ ନମ୍ବର ରଖି ପାସ୍ କରିଥିଲେ। ଉଚ୍ଚଶିକ୍ଷା ପାଇଁ ଦାରିଦ୍ର୍ୟ ବାଧକ ସାଜିଥିଲା। କଲେଜରେ ପାଠ ପଢ଼ିବାକୁ ଆଗ୍ରହୀ ଥିଲେ ମଧ୍ୟ ପଢ଼ି ପାରୁ ନ ଥିଲେ। ଖବରପାଇ ଆଇଟିଡିସିର ଚେୟାରମ୍ୟାନ ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ଚାନ୍ଦପୁର କଲେଜରେ ଆଡମିଶନ କରାଇଛନ୍ତି। ଭବିଷ୍ୟତରେ ପାଠପଢ଼ା ଖର୍ଚ୍ଚ ବହନ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ସମ୍ବିଦ କହିଛନ୍ତି, କୌଣସି ମେଧାବୀ ଛାତ୍ରୀଛାତ୍ର ଶିକ୍ଷା ପାଇଁ ଅଭାବ ଆଗରେ ଯେପରି ମୁଣ୍ଡ ନୁଆଁଇବେ ନାହିଁ। ସେମାନଙ୍କୁ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାପି


@ ଚନ୍ଦ୍ରମଣି


@ ଦେବାଶିଷ


@ ଶକ୍ତିଦତ୍ତ


@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦଶପଲ୍ଲାରେ ଜିଲାପାଳଙ୍କ ଜନଶୁଣାଣି

**ନୟାଗଡ଼,୨୮।୬(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ବିଡିଓ, ତହସିଲଦାର ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିକୁ ୬୦ ଅଭିଯୋଗ ଆସିଥିବାବେଳେ ୪୦ଟି ବ୍ୟକ୍ତିଗତ, ୪ଟି ସାମୁହିକ ଥିଲା। ତେବେ ୨୭ଟି ମାମଲାର ତତ୍କାଳ ସମାଧାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୧୪ଜଣ ଓ ରେଡକ୍ରସରୁ ୨ଜଣ ସହାୟତା ପାଇଛନ୍ତି।


ଜନଶୁଣାଣି ଶିବିରରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ।




ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଙ୍ଗଳବାର କାଶୀପୁରଠାରେ ଆରୋମା ପାର୍କର ଉଦ୍‌ଘାଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବିଭିନ୍ନ ହିତାଧିକାରୀଙ୍କୁ ପ୍ଲଟ୍ ଆବଣ୍ଟନ ସହ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧାମିଙ୍କ ସମେତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ଉତ୍ତରାଖଣ୍ଡର ବିଧାୟକ ଏବଂ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଟାଟା ଏଆଇଏର ଡିଜିଟାଲ ଅଭିଯାନ

ନୂଆଦିଲ୍ଲୀ,୨୮ା୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ତଥା ସ୍ୱତନ୍ତ୍ର ଡିଜିଟାଲ ଅଭିଯାନ 'ଯାଦୁଇ ପକେଟ୍ କା ସିକ୍ରେଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯେଉଁଥିରେ ପିଲାମାନଙ୍କ ସ୍ୱପ୍ନ ପୂରଣ କରିବାରେ ବାପାଙ୍କ ବାସ୍ତବ ଗୋପନୀୟତାକୁ ମଧ୍ୟ ବିଶେଷ ଭାବେ ଉନ୍ମୋଚନ କରାଯାଇଛି। ସେହି ଭାବନାରୁ ମ୍ୟାଜିକ ପକେଟ୍ ଅଭିଯାନର ପରିକଳ୍ପନା କରାଯାଇଛି। ଏହି ଡିଜିଟାଲ ସିନେମା ଶେଷରେ ବାର୍ତ୍ତା ଦିଆଯାଇଛି ଯେ ଟାଟା ଏଆଇଏର ଫର୍ଚ୍ୟୁନ୍ ଗ୍ୟାରେଣ୍ଟି ପ୍ଲସ୍ ସେଭିଂ ପ୍ଲାନ୍ ଜରିଆରେ ଏହି ଯାଦୁ ସମ୍ଭବ ଯାହା ପଲିସି ଅବଧି ସାରାରେ ଗ୍ୟାରେଣ୍ଟି ନିୟମିତ ଆୟ ପ୍ରଦାନ କରୁଛି। ଏ ସମ୍ପର୍କରେ ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସର ଚିଫ୍ ମାର୍କେଟିଂ ଅଫିସର ଗିରୀଶ କାଲ୍‌ରା କହିଛନ୍ତି, ପରିବାରର ଆୟକାରୀ ସଦସ୍ୟ ଭାବେ ଜଣେ ବାପା ନୀରବରେ ବହୁ ତ୍ୟାଗ କରିଥାଏ।

## ପିଏନ୍‌ବି ପକ୍ଷରୁ ହିନ୍ଦୀ କାର୍ଯ୍ୟଶାଳା, ପ୍ରତିଯୋଗିତା




ଭୁବନେଶ୍ୱର,୨୮ା୬

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ 'ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ଜୁନ୍ ତ୍ରୈମାସିକ ବୈଠକ ତଥା କର୍ମଚାରୀମାନଙ୍କ ପାଇଁ ରାଜଭାଷା ନୀତି ଏବଂ ନିୟମ ସମ୍ପର୍କିତ ଏକ ହିନ୍ଦୀ କାର୍ଯ୍ୟଶାଳା ଏବଂ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳର ମୁଖ୍ୟ ଅଜିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ରାଜଭାଷା କାର୍ଯ୍ୟାନ୍ୱୟନ ସମିତି'ର ଜୁନ୍ ତ୍ରୈମାସର ପ୍ରଥମ ବୈଠକରେ ମଣ୍ଡଳ କାର୍ଯ୍ୟାଳୟ ଏବଂ ଏହାର ନିୟନ୍ତ୍ରଣାଧୀନ ଶାଖା କାର୍ଯ୍ୟାଳୟଗୁଡ଼ିକରେ ରାଜଭାଷା କାର୍ଯ୍ୟାନ୍ୱୟନ ସ୍ଥିତିର ସମୀକ୍ଷା କରାଯାଇଥିଲା। ବରିଷ୍ଠ ପ୍ରବନ୍ଧକ (ରାଜଭାଷା) ଆନନ୍ଦ କୁମାର ମିଶ୍ର ଏକ ପିପିଟି ପ୍ରସ୍ତୁତ କରି ଏହା ମାଧ୍ୟମରେ ରାଜଭାଷା ବିଭାଗ, ଗୃହ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଜଭାଷା ନୀତିର ପ୍ରଚାର ଓ ପ୍ରସାରରେ ୧୨ 'ପ୍ର' ର ନୀତି, ରାଜଭାଷାର ସାମ୍ବିଧାନିକ ସ୍ଥିତି, ଅଧିନିୟମ ଏବଂ ନିୟମାବଳୀର ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟଶାଳା ଶେଷରେ ବିଷୟ ସମ୍ବନ୍ଧିତ ଏକ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ଅଶ୍ୱିନୀ ପଟେଲ, ଶକ୍ତିଧର ଝା ଏବଂ ରଶ୍ମିତା ଭୋଇଙ୍କୁ ରାଜଭାଷା ମଣ୍ଡଳ ମୁଖ୍ୟ ଏବଂ ମୁଖ୍ୟ ପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଆଜିଠାରୁ ଡିଏସ୍‌ଏସ୍‌ର ୨୬ତମ ସଂସ୍କରଣ

ଭୁବନେଶ୍ୱର,୨୮ା୬

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଦୁବାଇର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ଦୁବାଇ ସମର ସର୍‌ପ୍ରାଇଜ (ଡିଏସ୍‌ଏସ୍)ର ଶୁଭାରମ୍ଭ ହେବାକୁ ଯାଉଛି। ଏପରିକି ୨୦୨୩ ଜୁନ୍ ୨୯ରୁ ଡିଏସ୍‌ଏସ୍‌ର ୨୬ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି। ଉଲ୍ଲେଖଯୋଗ୍ୟ, ଦୁବାଇର ଫେଷ୍ଟିଭାଲ ଏବଂ ରିଟେଲ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଡିଏସ୍‌ଏସ୍‌ର ୨୬ତମ ସଂସ୍କରଣ ୨୦୨୩ ଜୁନ୍ ୨୯ରୁ ଆରମ୍ଭ ହୋଇ ୨୦୨୩ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଉକ୍ତ ପ୍ରଦର୍ଶନୀ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଦୀର୍ଘ ୨ମାସରୁ ଅଧିକ ସମୟ (୬୭ ଦିନ) ର ନିରୋଳା ମଜା ଓ ଉତ୍ସାହ ସହିତ କନ୍‌ସର୍ଟ, ଇଭେଣ୍ଟ ଓ ଚିତ୍ତାକର୍ଷକ ଅନୁଭୂତି ହାସଲ କରିପାରିବେ। ସେହିଭଳି ଡିଏସ୍‌ଏସ୍‌ର ଉଦ୍‌ଘାଟନୀ ଉତ୍ସବ କୋକାକୋଲା ମଇଦାନଠାରେ ୨୦୨୩ ପାଳନ କରାଯିବ। ଏପରିକି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ହୁସେନ ଅଲୀ ଜସମି ଓ କାଦିମ ଅଲ ସାହିର ମୁଖ୍ୟ ଆକର୍ଷଣ ସାଜିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜୁଲାଇ ୨ ସନ୍ଧ୍ୟା ୮ ଘଟିକାଠାରୁ ଆରମ୍ଭ ହେବ। ବିଶେଷକରି ପ୍ଲାଟିନମଲିଷ୍ଟ, ଦୁବାଇ କ୍ୟାଲେଣ୍ଡର ଓ କୋକାକୋଲା ଆରିନା ସାଇଟ ଏଇଡି ୧୫୦ଠାରୁ ଟିକେଟ କ୍ରୟ କରାଯାଇପାରିବ। ସେହିପରି ସାଉଦି ଆରବର କିମ୍ବଦନ୍ତୀ ମହମ୍ମଦ ଅବୋଦା ମଧ୍ୟ ଉକ୍ତ ଉତ୍ସବରେ ଏକ ଅବିଶ୍ୱସନୀୟ ପ୍ରଦର୍ଶନ କରିବେ। ଏହି ଆଇକନିକ୍ ଗାୟକଙ୍କୁ ଦେଖିବା ପାଇଁ ଏଇଡି ୨୯୫ରୁ ପ୍ଲାଟିନମଲିଷ୍ଟରେ ଟିକେଟ କ୍ରୟ କରାଯାଇପାରିବ। ଅପରପକ୍ଷରେ ଡିଏସ୍‌ଏସ୍‌ର ପ୍ରଯୋଜକ ର୍‌ୟାକ୍‌ବ୍ୟାଙ୍କ ମାଷ୍ଟରକାର୍ଡ ଏବଂ ବିଭିନ୍ନ ଷ୍ଟ୍ରାଟେଜିକ ପାର୍ଟନରଙ୍କ ସହାୟତାରେ ଅନ୍ତର୍ଭୁକ୍ତ ଏଆଇ ଫୁଟାଏମ ମଲସ, ଏଆଇ ସିଫ,ଏଆଇ ଜାରୁନି ଗ୍ରୁପ୍, ଏଡବ୍ଲୁ ରୋଷ୍ଟାମାନି ଗ୍ରୁପ୍, ବ୍ଲୁ ୱାଟରସ, ସିଟିୱାକ, ଏମିରଟସ ଏୟାରଲାଇନ, ଏନକ, ଇଟିସଲଟ,ନାକେଲ ମଲ୍, ଡ୍ରାଗନ ଓ ଆଉଟଲେଟ୍ ଭିଲେଜ ପ୍ରମୁଖ ରହିଛନ୍ତି।

## ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଶୁଖିଲା ରାଶନ ବଣ୍ଟନ

ଭୁବନେଶ୍ୱର,୨୮ା୬ (ଅଭୟ ଦାଶ)




ଓଡ଼ିଶାର ବାଲେଶ୍ୱର ଜିଲା ଅନ୍ତର୍ଗତ ବାହାନଗାଠାରେ ଘଟିଥିବା ଦୁଃଖଦ ରେଳ ଦୁର୍ଘଟଣାର ମୃତକ ଓ ଗୁରୁତର ଆହତଙ୍କ ପରିବାର ସଦସ୍ୟମାନଙ୍କୁ ସହାୟତା ଉଦ୍ୟମ ଜାରି ରଖି ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ପୀଡ଼ିତ ପରିବାରଙ୍କୁ ଶୁଖିଲା ରାଶନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଭଦ୍ରକ ଜିଲାରୁ ଆରମ୍ଭ କରାଯାଇଛି। ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିବା ୧୦ ସୂତ୍ରୀ ରିଲିଫ୍ ଯୋଜନାର ଏକ ଅଂଶ ଭାବେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିଶେଷକରି ପୀଡ଼ିତଙ୍କ ପରିବାରକୁ ୬ମାସର ଶୁଖିଲା ରାଶନ ସାମଗ୍ରୀ ସମେତ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଆଶ୍ୱସ୍ତି ପାଇଁ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ଫାଉଣ୍ଡେସନ ପୂର୍ବରୁ ଘୋଷଣା କରିଥିଲା ବେଳେ ଭଦ୍ରକ ସହରରେ ସମ୍ପୃକ୍ତ ଜିଲାର ପୀଡ଼ିତମାନଙ୍କ ପରିବାର ସଦସ୍ୟ ରିଲାଏନ୍ସ ଫାଉଣ୍ଡେସନଠାରୁ ଶୁଖିଲା ରାଶନ ସାମଗ୍ରୀ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଜରୁରିକାଳୀନ ସେକ୍ସନର ଜିଲା ପ୍ରକଳ୍ପ ଅଧିକାରୀ ଅମ୍ଳାନ କୁମାର ସେନାପତି ଓ ଏସ୍‌ଇଏଡିଏର ସହାୟକ ସଚିବ ଅଞ୍ଜନ କୁମାର ଚାନ୍ଦଙ୍କ ସମେତ ରିଲାଏନ୍ସ ଫାଉଣ୍ଡେସନ ବିପର୍ଯ୍ୟୟ ପରିଚାଳନା ଟିମ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିଭଳି ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ଜିଲାରେ ରହିଥିବା ପୀଡ଼ିତଙ୍କ ପରିବାରବର୍ଗଙ୍କୁ ୬ମାସର ଶୁଖିଲା ରାଶନ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯିବ। ଅପରପକ୍ଷରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରହିଥିବା ଏହି ଟ୍ରେନ୍ ଦୁର୍ଘଟଣାର ପୀଡ଼ିତ ପରିବାରଗୁଡ଼ିକ ଚିହ୍ନଟ କରିବା ଲାଗି ରିଲାଏନ୍ସ ଫାଉଣ୍ଡେସନ ବିଭିନ୍ନ କର୍ତ୍ତୃପକ୍ଷ ଓ ସରକାରୀ ଏଜେନ୍ସିମାନଙ୍କ ସହ ମିଶି କାର୍ଯ୍ୟ କରୁଛି। ଏହା ପରେ ଘରକୁ ଘର ଯାଇ ପ୍ରତ୍ୟେକଙ୍କର ବ୍ୟକ୍ତିବିଶେଷ ଆବଶ୍ୟକତାର ଅନୁଶୀଳନ କରାଯାଉଛି।

## ହୋଣ୍ଡା ଆକ୍ଟିଭାର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୨୮ା୬

ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ସ୍କୁଟର ବ୍ରାଣ୍ଡ୍ ହୋଣ୍ଡା ଆକ୍ଟିଭା ନିକଟରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ହୋଣ୍ଡା ଆକ୍ଟିଭା ୩ କୋଟି ଯାନ ବିକ୍ରିର ଏକ ଐତିହାସିକ ରେକର୍ଡ ସ୍ଥାପନ କରିଛି, ଏହି ଉଲ୍ଲେଖନୀୟ ଉପଲବ୍ଧି ଭାରତୀୟ ସ୍କୁଟର ବଜାରରେ ହୋଣ୍ଡା ଆକ୍ଟିଭାର ଆଧିପତ୍ୟ ଓ ଭରସାଯୋଗ୍ୟ ଯାନ ପାଲଟିଛି। ବିଶେଷ କରି ଭାରତୀୟ ବଜାରରେ ଶ୍ରେଷ୍ଠ ମାନର ଦୁଇଚକିଆ ଯାନ ଗମନାଗମନ ସୁବିଧା ପ୍ରଦାନ କରିବାରେ ହୋଣ୍ଡା ଆକ୍ଟିଭାର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ, ୨୦୦୧ ରେ ହୋଣ୍ଡା ଆକ୍ଟିଭାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଥିଲା। ହେଲେ ଦୀର୍ଘ ୨୨ ବର୍ଷର ଯାତ୍ରାରେ ହୋଣ୍ଡା ଆକ୍ଟିଭା ଅନେକ ମାଇଲଖୁଣ୍ଟ ହାସଲ ସହ ଅତୁଳନୀୟ ସଫଳତା ଆଡ଼କୁ ଅଗ୍ରସର ହୋଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍‌ର ସଭାପତି, ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସୁତ୍ସୁମୁ ଓଟାନି କହିଛନ୍ତି, ହୋଣ୍ଡା ଆକ୍ଟିଭାର ଏହି ଉଲ୍ଲେଖନୀୟ ଯାତ୍ରାକୁ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ ଯୋଗେଶ ମାଥୁର କହିଛନ୍ତି, ସ୍କୁଟର ଶିଳ୍ପର ବିପ୍ଲବକୁ ଆଗକୁ ବଢ଼ାଇବା ପ୍ରତି ଆମର ରହିଥିବା ଉତ୍ସର୍ଗୀକୃତ ମନୋଭାବକୁ ଏହି ମାଇଲଖୁଣ୍ଟ ସୁଦୃଢ଼ କରୁଛି ଏବଂ ଆକ୍ଟିଭା ବ୍ରାଣ୍ଡ୍ ଓ ଏଚ୍‌ଏମ୍‌ଏସ୍‌ଆଇ ଉପରେ ଭରସା ପ୍ରକଟ କରିଥିବା ୩ କୋଟି ଭାରତୀୟଙ୍କୁ ଆମେ ଧନ୍ୟବାଦ ଜଣାଉଛୁ।

ଫୁର୍‌ସତ୍



## ଭାରତରୁ ପ୍ରତିନିଧିତ୍ୱ କରିବେ ସୋନମ

**ଲଣ୍ଡନ:** ବ୍ରିଟେନ୍-ଇଣ୍ଡିଆ ୱିକ୍ ୨୦୨୩ ରିସେପ୍ସନ୍‌ରେ ଯୋଗ ଦେବା ଲାଗି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ବଲିଉଡ୍ ଅଭିନେତ୍ରୀ ସୋନମ କପୁରଙ୍କୁ ନିମନ୍ତ୍ରଣ କରିଛନ୍ତି। ଖବର ମୁତାବକ ଆୟୋଜିତ ରିସେପ୍ସନ୍ କାର୍ଯ୍ୟକ୍ରମରେ ଭାରତ ପକ୍ଷରୁ ସୋନମ ପ୍ରତିନିଧିତ୍ୱ କରିବେ। ଏହାପୂର୍ବରୁ ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ରାଜ୍ୟାଭିଷେକ ଅବସରରେ ସୋନମ ଏକମାତ୍ର ବଲିଉଡ୍ ଅଭିନେତ୍ରୀ ଭାବେ ଯୋଗଦେଇଥିଲେ। ବ୍ରିଟେନ୍-ଇଣ୍ଡିଆ ୱିକ୍ ୨୦୨୩ ରିସେପ୍ସନ୍ କାର୍ଯ୍ୟକ୍ରମ ଋଷି ସୁନକ ହୋଷ୍ଟ କରୁଛନ୍ତି। ୨୬ରୁ ଆରମ୍ଭ ହୋଇଥିବା ରିସେପ୍ସନ୍ ୩୦ ପର୍ଯ୍ୟନ୍ତ ଚାଲିବ। ସ୍ୱାମୀ ଆନନ୍ଦ ଆହୁଜା, ପୁଅ ବାୟୁ ସହିତ ସୋନମ ଏବେ ଲଣ୍ଡନରେ ରହୁଛନ୍ତି। ପୂର୍ବରୁ ଚାର୍ଲ୍ସଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ଯୋଗଦେଇ ସୋନମ ଭାରତ ସମ୍ପର୍କରେ ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ଦିନରେ ସୋନମ ଶୋମ ମଖିଜାଙ୍କ ଫିଲ୍ମ 'ବ୍ଲାଇଣ୍ଡ'ରେ ନଜର ଆସିବେ। ଏଥିରେ ପୂରବ କୋହଲି, ବିନୟ ପାଠକ, ଶୁଭମ ସରଫ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ ।

## ସାମାଜିକ ଉନ୍ନତି ପାଇଁ ପରିସଂଖ୍ୟାନ

**ସା**ମାଜିକ ଉନ୍ନତି ପାଇଁ ପରିସଂଖ୍ୟାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିସଂଖ୍ୟାନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଭାରତରେ ପ୍ରତିବର୍ଷ ୨୯ ଜୁନ୍‌ରେ ଜାତୀୟ ପରିସଂଖ୍ୟାନ ଦିବସ ପାଳନ କରାଯାଇଥାଏ। ଏହିଦିନ କିମ୍ବଦନ୍ତୀ ଭାରତୀୟ ପରିସଂଖ୍ୟାନ ବିଶେଷଜ୍ଞ ପି.ସି. ମାହାଲାନୋବିସଙ୍କ ଜନ୍ମ ଦିବସକୁ ସ୍ମରଣ କରିଥାଏ। ପ୍ରତିବର୍ଷ ଜାତୀୟ ପରିସଂଖ୍ୟାନ ଦିବସରେ ଭାରତ ସରକାର ଏହି ଦିନ ପାଳନ ପାଇଁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଭାରତରେ ଜାତୀୟ ପରିସଂଖ୍ୟାନ ଦିବସ ପ୍ରଥମେ ୨୦୦୭ରେ ପାଳନ କରାଯାଇଥିଲା। ଏନେଇ ୫ ଜୁନ୍ ୨୦୦୭ରେ ଇଣ୍ଡିଆନ ଗେଜେଟରେ ଏକ ଘୋଷଣା ପ୍ରକାଶ ପାଇଲା। ସେବେଠାରୁ ସାମାଜିକ ଉନ୍ନତି ପାଇଁ ସରକାରୀ



ପରିସଂଖ୍ୟାନର ମହତ୍ତ୍ୱ ବିଷୟରେ ଜନସାଧାରଣଙ୍କ ଲାଗି ସଚେତନତା ସୃଷ୍ଟି କରିବା ପାଇଁ ପରିସଂଖ୍ୟାନ ଦିବସରେ ସେମିନାର, ଆଲୋଚନାଚକ୍ର, ବିତର୍କ ଏବଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।

ଭାରତ ସରକାର ପରିସଂଖ୍ୟାନକୁ ସମ୍ମାନ ଦେବା ପାଇଁ ମାହାଲାନୋବିସଙ୍କ ଜନ୍ମଦିନକୁ ଚୟନ କରିଥିଲେ। ଜାତୀୟ ପରିସଂଖ୍ୟାନ ଦିବସର ଉଦ୍ଦେଶ୍ୟ ହେଉଛି ଭାରତର ଅର୍ଥନୈତିକ ଯୋଜନାରେ ଅବଦାନ ପାଇଁ ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମାହାଲାନୋବିସଙ୍କୁ ସମ୍ମାନିତ କରିବା। ଜାତୀୟ ପରିସଂଖ୍ୟାନ ଦିବସରେ ପରିସଂଖ୍ୟାନ ଶିକ୍ଷାକୁ ଆଗକୁ ବଢ଼ାଇବା ଏବଂ ଏହାର ମହତ୍ତ୍ୱ ପ୍ରତି ଧ୍ୟାନ ଦେବା ପାଇଁ ଭାରତ ସରକାର ଏହି କାର୍ଯ୍ୟକ୍ରମଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି।

### ଜାତୀୟ ପରିସଂଖ୍ୟାନ ଦିବସ

ପ୍ରତିବର୍ଷ ପରିସଂଖ୍ୟାନ ଦିବସ ସମସାମୟିକ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଥିମ ସହିତ ପାଳନ କରାଯାଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ପରିସଂଖ୍ୟାନ ଦିବସର ବିଷୟବସ୍ତୁ ହେଉଛି 'ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ନଜର ରଖିବା ପାଇଁ ଜାତୀୟ ସୂଚକ ଫ୍ରେମୱାର୍କ ସହିତ ରାଜ୍ୟ ସୂଚକ ଫ୍ରେମୱାର୍କର ସହଯୋଗିତା'(ଆଲାଇନମେଣ୍ଟ ଅଫ ଷ୍ଟେଟ ଇଣ୍ଡିକେଟର ଫ୍ରେମୱାର୍କ ୱିଥ୍ ନ୍ୟାଶନାଲ ଇଣ୍ଡିକେଟର ଫ୍ରେମୱାର୍କ ଫର ମନିଟରିଂ ସସଟେନବୁଲ ଡେଭଲପମେଣ୍ଟ ଗୋଲସ୍)।

## ୧,୬୩୯ କୋଟିର ଘର

**ବର୍ନ:** ସୁଇଜରଲାଣ୍ଡରେ ବିଶ୍ୱର ସବୁଠୁ ଦାମୀ ଘର ୨୦୦ ନିୟୁତ ଡଲାର (ପାଖାପାଖି ୧,୬୩୯ କୋଟି)ରେ କିଣି ଚର୍ଚ୍ଚାକୁ ଆସିଛନ୍ତି ଭାରତୀୟ ବଂଶୋଦ୍ଭବ ପଙ୍କଜ ଓସ୍ୱାଲ ଏବଂ ସ୍ତ୍ରୀ ରାଧିକା ଓସ୍ୱାଲ। ୪୩୦,୦୦୦ ସ୍କୋୟାର୍ ଫୁଟ୍‌ର ଏହି ଘରକୁ ପୂର୍ବରୁ ଗ୍ରୀସ୍ ବ୍ୟବସାୟୀ ଆରିଷ୍ଟଟଲ୍ ଓନାସିସ୍‌ଙ୍କ ଝିଅ କ୍ରିଷ୍ଟିନା ଓନାସିସ୍ କିଣିଥିଲେ। ଓସ୍ୱାଲ ଗ୍ରୁପ୍ ଗ୍ଲୋବାଲ ନାଁରେ ପଙ୍କଜଙ୍କର ଏକ କମ୍ପାନୀ ରହିଛି। ପଙ୍କଜ ପେଟ୍ରୋକେମିକାଲ୍ସ, ରିୟଲ ଇଷ୍ଟେଟ୍, ଫର୍ଟିଲାଇଜର୍ସ ଏବଂ ଖଣି କାରବାର କରନ୍ତି। ବିଶ୍ୱର ଏହି ସବୁଠୁ ଦାମୀ ଘରର ଇଣ୍ଟେରିୟର ବଦଳାଯିବ, ଯାହାପାଇଁ ପଙ୍କଜ ଡିଜାନର ଜିଓଫ୍ରି ୱିଲକରଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ୨୦୧୩ରେ ଅଷ୍ଟ୍ରେଲିଆରୁ



ଓସ୍ୱାଲଙ୍କ ପରିବାର ସୁଇଜରଲାଣ୍ଡ ଆସିଥିଲା। ବଡ଼ ଝିଅ ବସୁନ୍ଧରା ଓସ୍ୱାଲ (୨୪) କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିବାବେଳେ ସାନ ଝିଅ ରିଧି ଓସ୍ୱାଲ (୧୯) କେମିକାଲ ଇଞ୍ଜିନିୟରିଂ ଛାତ୍ରୀ।

## ସେନାରେ ରବି କିଶନଙ୍କ ଝିଅ ଈଶିତା

**ମୁମ୍ବାଇ:** ଜଣାଶୁଣା ଅଭିନେତା ରବି କିଶନଙ୍କ ଝିଅ ଈଶିତା ଶୁକ୍ଲା ସେନାରେ ଯୋଗ ଦେଇଛନ୍ତି । ବିବାଦୀୟ ଅଗ୍ନିବୀର ଯୋଜନା ଅନ୍ତର୍ଗତ ଈଶିତା ଆର୍ମିରେ ଜଏନ୍ କରିବାର ସୁଯୋଗ ପାଇଛନ୍ତି। ଏ ନେଇ ଭାଜପା ନେତା ରବି କିଶନ ଝିଅ ଈଶିତାଙ୍କ ଫଟୋ ଟୁଇଟରରେ ଶେୟାର କରିଛନ୍ତି। ଈଶିତାଙ୍କ ବୟସ ୨୧ ବର୍ଷ ହୋଇଥିବାବେଳେ ସେ ଦିଲ୍ଲୀ ଡିରେକ୍ଟୋରେଟର '୭ ଗାର୍ଲ ବାଟାଲିଅନ୍' କାଡେଟ୍ ବୋଲି ରବି ଶେୟାର କରିଥିବା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଝିଅ ଈଶିତାଙ୍କୁ ନେଇ ରବିଙ୍କୁ ସୋସିଆଲ ମିଡିଆ ୟୁଜର୍ସ ଖୁବ୍ ପ୍ରଶଂସା କରିବା ଆରମ୍ଭ କରିଛନ୍ତି। ରବିଙ୍କର ଆଉ ୩ ଜଣ ପିଲା ଅଛନ୍ତି ସେମାନେ ହେଲେ ରିଭା, ତିନସ୍କ ଏବଂ ସକ୍ଷମ। ରିଭା ଆକ୍ଟିଂରେ ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି। ଭୋଜପୁରୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ରବି କିଶନ (୫୩) ବେଶ୍ ଲୋକପ୍ରିୟ ଅଭିନେତା। ଏହାଛଡ଼ା ସେ ତାମିଲ, ତେଲୁଗୁ ଏବଂ ଅନେକ ହିନ୍ଦୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।



## ୮ ଫୁଟ୍‌ର ଆଇଫୋନ୍

ନ୍ୟୁୟର୍କ

୮ ଫୁଟ୍‌ର ଆଇଫୋନ୍‌କୁ ନେଇ ଏବେ ନ୍ୟୁୟର୍କର ୟୁଟ୍ୟୁବର ମଥେଉ ବିମ୍ ଚର୍ଚ୍ଚାକୁ ଆସିଛନ୍ତି। ଆଇ-ଫୋନ୍ ୧୪ ପ୍ରୋ ମାକ୍ସର ଏହି ମଡେଲ ସାଧାରଣ ଫୋନ୍ ଭଳି କାମ କରୁଛି। ଫୋନ୍‌ରେ କ୍ୟାମେରା ଥିବାବେଳେ ସେଲ୍‌ଫି ପାଇଁ ଫ୍ରଣ୍ଟ କ୍ୟାମେରା ମଧ୍ୟ ରହିଛି। ସାଧାରଣ ଫୋନ୍ ଭଳି ଅନ୍ୟ ଫିଚର୍ସ ମଧ୍ୟ ଏହି ଫୋନ୍‌ରେ ରହିଛି। କିନ୍ତୁ ଜଣଙ୍କ ପକ୍ଷେ ଏହାକୁ ଟେକି ନେବା ସହଜ ନୁହେଁ। ଫୋନ୍‌ଟି ଖୁବ୍ ଭାରି । ଏହି ବିରାଟକାୟ ଫୋନ୍‌ରେ ସେଲ୍‌ଫି ନେବା କଷ୍ଟକର ବୋଲି ବିମ୍ କହିଛନ୍ତି। ୨୦୨୦ରେ ଜେଡ୍‌ଏଚ୍‌ସି ନାମରେ ଜଣେ ୟୁଟ୍ୟୁବର




୬ ଫୁଟ୍‌ର ମୋବାଇଲ୍ ତିଆରି କରି ରେକର୍ଡ କରିଥିଲେ। ପୂର୍ବ ରେକର୍ଡକୁ ଭାଙ୍ଗିବାକୁ ଯାଇ ବିମ୍ ୮ ଫୁଟ୍‌ର ଫୋନ୍ ତିଆରି କରିଥିବା କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଲିସା
ପରିବାରବର୍ଗ


ଗୁଡୁଲୁ
ପରିବାରବର୍ଗ


ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓସିଏଲ୍: ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ପାନ୍ଥର୍ସ ଦଳ।

ଭୁବନେଶ୍ୱର, ୨୮।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ରେ ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ୨୦ ଓଭର ବିଶିଷ୍ଟ ହୋଇଥିଲା। ବୁଧବାର ଅନୁଷ୍ଠିତ ରୋମାଞ୍ଚହୀନ ଫାଇନାଲରେ ପାନ୍ଥର୍ସ ୭ ଉଇକେଟରେ ଓଡ଼ିଶା ଚିତାସ୍‌କୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚିତାସ୍ ୧୮.୪ ଓଭରରେ ମାତ୍ର ୮୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ କିଷାନ ରଥ ସର୍ବାଧିକ ୩୬ ରନ କରିଥିଲେ। ବିପକ୍ଷ ଦଳର ବାଦଲ ବିଶ୍ୱାଳ ୪ଟି ଓ ଅଭିଷେକ ଯାଦବ ୨ଟି ଉଇକେଟ ନେଇଥିଲେ। ଜବାବରେ ପାନ୍ଥର୍ସ ୧୩.୩ ଓଭରରେ ୩ ଉଇକେଟ ହରାଇ ୯୧ ରନ ସଂଗ୍ରହ କରି ନେଇଥିଲା। ସନ୍ଦୀପ ପଟ୍ଟନାୟକ ୪୦ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ଚିତାସ୍‌ର ଶୁଭମ୍ ନାୟକ ୨ଟି ଉଇକେଟ ପାଇଥିଲେ। ଓଡ଼ିଶା ପାନ୍ଥର୍ସର ବାଦଲ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଅଭିଷେକ ଯାଦବ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ଆକାରରେ ଏ ଦୁହିଁଙ୍କୁ ଯଥାକ୍ରମେ ୪,୦୦୦ ଓ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଓଡ଼ିଶା ଚିତାସ୍‌ର ଗୌରବ ଚୌଧାରୀ ଶ୍ରେଷ୍ଠ ବ୍ୟାଟର, ଓଡ଼ିଶା ଲାୟନ୍ସର ପ୍ରଦୀପ ପ୍ରଧାନ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଫଳରେ ଗୌରବ ରେଡ୍ କ୍ୟାପ୍ ଓ ପ୍ରଦୀପ ଗ୍ରୀନ୍ କ୍ୟାପ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଓଡ଼ିଶା ରଣଜୀ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ଓ ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ ଅତିଥିଭାବେ ଯୋଗ ଦେଇଥିଲେ। ଉଭୟଙ୍କୁ ଓସିଏ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନସିଲ ସଦସ୍ୟ ରାକେଶ ମହାନ୍ତି, ସଦସ୍ୟ ଧୀରେନ ପଲେଇ, ଶିବବ୍ରତ ମଲିକ ଓ ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ଦିବସରେ ବୋଲରଙ୍କ ପ୍ରାଧାନ୍ୟ

## ଦୁଲୀପ ଟ୍ରଫି: କେନ୍ଦ୍ରାଞ୍ଚଳ ବନାମ ପୂର୍ବାଞ୍ଚଳ

ଅଲୁର, ୨୮।୬

ଘରୋଇ କ୍ରିକେଟର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର କ୍ୱାର୍ଟର ଫାଇନାଲ ବୁଧବାର କେନ୍ଦ୍ରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ଏଠାରେ ଆରମ୍ଭ ହୋଇଛି। ମ୍ୟାଚର ପ୍ରଥମ ଦିବସରେ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଫଳରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ ୭୧.୪ ଓଭରରେ ୧୮୨ରେ ସୀମିତ ରହିଥିବାବେଳେ ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହାର ବେଳକୁ ପୂର୍ବାଞ୍ଚଳ ୨ ଉଇକେଟ ହରାଇ ୩୨ ରନ ସଂଗ୍ରହ କରିଛି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ପୂର୍ବାଞ୍ଚଳ ଆହୁରି ୧୫୦ ରନ ପଛରେ ରହିଛି।

### ମୁରାସିଂଙ୍କୁ ୫ ଉଇକେଟ

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା କେନ୍ଦ୍ରାଞ୍ଚଳ। ବିବେକ ସିଂ ଓ ହିମାଂଶୁ ମନ୍ତ୍ରୀ ଦଳକୁ ଭଲ ଆରମ୍ଭ ଦେଇଥିଲେ ହେଁ ଏହାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ କେନ୍ଦ୍ରାଞ୍ଚଳ ଇନିଂସ ଅଧିକ ସମୟ ତିଷ୍ଠିପାରି ନ ଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ତ୍ରିପୁରାର ଡାହାଣହାତୀ ମିଡିୟମ ପେସର ମଣିଶଙ୍କର ମୁରାସିଂ ଚମତ୍କାର ବୋଲିଂ କରି କେନ୍ଦ୍ରାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ଓପନିଂ ଯୋଡ଼ି ଭାଙ୍ଗିବା ସହ ୫ ଉଇକେଟ ସଫଳତା ପାଇଥିଲେ। ତାଙ୍କ ବୋଲିଂ ଫିଗର ଥିଲା ୨୦-୩-୪୨-୫। ଓପନିଂ ଯୋଡ଼ିରେ ୩୯ ରନ ଯୋଗ ହେବା ପରେ ବିବେକ ସିଂ (୨୧ ରନ)ଙ୍କୁ କ୍ଲିନ୍ ବୋଲ୍ଡ କରି ପୂର୍ବାଞ୍ଚଳକୁ ବ୍ରେକ୍ ଥ୍ରୁ ଦେଇଥିଲେ ମୁରାସିଂ। ହିମାଂଶୁ ମନ୍ତ୍ରୀ ୨୯ ରନକରି ରନ୍‌ଆଉଟ ହୋଇ ଯାଇଥିଲେ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚର୍ଚ୍ଚିତ ଚେହେରା ରିଙ୍କୁ ସିଂ ଦଳ ପକ୍ଷରୁ ସର୍ବାଧିକ ୩୮ ରନ କରିଥିଲେ। ଉଇକେଟ କିପର ଉପେନ୍ଦ୍ର ଯାଦବ ୨୫ ରନର ଯୋଗଦାନ ଦେଇଥିବାବେଳେ ଅନ୍ୟ କୌଣସି ବ୍ୟାଟର ୨୦ ରନ ସ୍ପର୍ଶ କରିପାରି ନ ଥିଲେ। ଅଧିନାୟକ ଶିବମ୍ ମାଭି ୧୬ରନକରି ଅପରାଜିତ ରହିଥିଲେ। ମୁରାସିଂଙ୍କ ବ୍ୟତୀତ ପୂର୍ବାଞ୍ଚଳ ପକ୍ଷରୁ ଶାହାବାଜ ଅହମଦ ୨ଟି ଏବଂ ଇଶାନ ପୋରେଲ ଓ ଶାହାବାଜ ନଦୀମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ନିରାଶ କଲେ ଶାନ୍ତନୁ

ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଶାନ୍ତନୁ ମିଶ୍ର ସୁଯୋଗ ପାଇଥିବାବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ବାହାରେ ରହିଥିଲେ। ତେବେ ଶାନ୍ତନୁ ସୁଯୋଗର ସଦ୍‌ବ୍ୟବହାର କରି ନ ପାରି ନିରାଶ କରିଥିଲେ।


ମଣିଶଙ୍କର ମୁରାସିଂ

ସେ ଇନିଂସ ଓପନ କରି ୩୧ ବଲ୍‌ରୁ ୧ ଚୌକା ସହାୟତାରେ ମାତ୍ର ୬ ରନ କରିଥିବାବେଳେ ଦ୍ରୁତ ବୋଲର ଆଭେସ ଖାଁଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଥିଲେ। ପୂର୍ବାଞ୍ଚଳ ଇନିଂସ ଆରମ୍ଭରେ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିବା ପୂର୍ବରୁ ଆଭେସଙ୍କ ଶିକାର ହୋଇଥିଲେ। ଫଳରେ ଶୂନ୍ୟ (୦)ରେ ପ୍ରଥମ ଉଇକେଟ ହରାଇଥିବା ପୂର୍ବାଞ୍ଚଳ ୧୯ ରନରେ ଦ୍ୱିତୀୟ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ସୁଦୀପ କୁମାର ଘରମି ୧୯ ଓ ଶାହାବାଜ ନଦୀମ ୬ ରନରେ ଅପରାଜିତ ରହିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଭେସ ଖାଁ ୨ଟି ଯାକ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ: ୧୮୨/ଅଲ୍‌ଆଉଟ (ରିଙ୍କୁ ସିଂ-୩୮, ହିମାଂଶୁ ମନ୍ତ୍ରୀ-୨୯, ଉପେନ୍ଦ୍ର ଯାଦବ-୨୫, ମଣିଶଙ୍କର ମୁରାସିଂ-୫/୪୨, ଶାହାବାଜ ଅହମଦ-୨/୪୨, ଇଶାନ ପୋରେଲ-୧/୧୬, ଶାହାବାଜ ନଦୀମ-୧/୫୨)। ପୂର୍ବାଞ୍ଚଳ ପ୍ରଥମ ଇନିଂସ: ୩୨/୨।

# ଉତ୍ତରାଞ୍ଚଳ ୩୦୬/୬


ଧ୍ରୁବ ସୋରେ

**ବେଙ୍ଗାଲୁରୁ, ୨୮।୬:** ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ମ୍ୟାଚର ପ୍ରଥମ ଦିବସରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ଶତକ ହାସଲ କରିଥିବା ଓପନର ଧ୍ରୁବ ସୋରେ ୨୧୧ ବଲ୍‌ରୁ ୧୩୫ (୨୨ ଚୌକା) ରନ କରି ଆଉଟ ହୋଇଥିବାବେଳେ ନିଶାନ୍ତ ସିନ୍ଧୁ ୭୬ ଓ ପୁଲକିତ ନାରଙ୍ଗ ୨୩ ରନରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଚୋପ୍ରା ୩୨ ଓ ପ୍ରଭସିମରନ ସିଂ ୩୧ ରନ କରିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ବୋଲରଙ୍କ ମଧ୍ୟରେ ଫେଇରୋଇଜାମ ଜୋତିନ ଓ ଏଲ୍.କିଶାନ ସିଙ୍ଘା ୨ଟି ଲେଖାଏ ଏବଂ ଦୀପୁ ସାଙ୍ଗମା ଓ ଇମ୍‌ଲିୱାତି ଲେମତୁର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

# ଉତ୍ତର ପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ବିଜୟୀ

## ଜାତୀୟ ଜୁନିୟର ମହିଳା ହକି

ଭୁବନେଶ୍ୱର, ୨୮।୬
(ତପନ ସ୍ୱାଇଁ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୧୩ଶ ଜାତୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୩ ମ୍ୟାଚରେ ଉତ୍ତର ପ୍ରଦେଶ, ଛତିଶଗଡ଼ ଓ ଦିଲ୍ଲୀ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ଉତ୍ତର ପ୍ରଦେଶ ୧୮-୦ ଗୋଲରେ ଦାଦ୍ରା ଓ ନଗର ହାବେଳିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଖୁଶି ରାଠୋର ୨, ୩, ୩୨, ୪୩ ଓ ୫୭ତମ ମିନିଟରେ ଏବଂ ଅଧିନାୟିକା ହିନା ବାନୋ ୧୮, ୨୨, ୪୫, ୪୬ ଓ ୬୦ତମ ମିନିଟରେ ୫ଟି ଲେଖାଏ ଗୋଲ ଦେଇଥିଲେ। ଦିବ୍ୟା ୧୦ ଓ ୫୯, ସୁନୀତା କୁମାରୀ ୩୭ ଓ ୪୫, ପୀତାମ୍ବରୀ କୁମାରୀ ୫୦ ଓ ୫୪ ମିନିଟରେ ୨ଟି ଲେଖାଏ ଏବଂ କାଞ୍ଚନ କୁମାରୀ ୨୬ ଓ ପୁଷ୍ପାଞ୍ଜଳି ସୋନକର ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚରେ ଛତିଶଗଡ଼ ୧୯-୦ରେ ବିହାରକୁ ପରାସ୍ତ କରିଛି। ଦଳ ପକ୍ଷରୁ ଗୀତା ଯାଦବ ୭, ୨୮, ୪୭, ୪୮ ଓ ୫୭ତମ ମିନିଟରେ ୫ଟି, ଆଞ୍ଚଲ ସାହୁ ୨୨, ୪୪ ଓ ୫୩ତମ ମିନିଟରେ ୩ଟି, ଅଞ୍ଜଳି ୧୯ ଓ ୫୧, ମମତେଶ୍ୱରୀ ଲାହାରେ ୨୫ ଓ ୩୪, ଶିବାନୀ ଦିବାକର ୩୨ ଓ ୩୩ତମ ମିନିଟରେ ୨ଟି ଲେଖାଏ ଏବଂ ଅନିଶା ସାହୁ ୨୪, ଜନଭି ଯାଦବ ୧୧, ମୋନିକା ତିର୍କୀ ୩୧, ରଜନୀ ସାହୁ ୪୪ ଓ ସୁନୀତା କୁମାରୀ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସଂଘର୍ଷପୂର୍ଣ୍ଣ ତୃତୀୟ ମ୍ୟାଚରେ ଦିଲ୍ଲୀ ୩-୨ ଗୋଲରେ କେରଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଆଂଶିକା ୭ମ, ଶୁଭମ୍ ୧୫ ଓ ସାନା ୪୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କେରଳର ଅନ୍‌ସା ଜୋସେଫ ୪୩ ଓ ୫୦ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ପରିଶୋଧ କରିଥିଲେ।


ଉତ୍ତର ପ୍ରଦେଶ ଏବଂ ଦାଦ୍ରା ଓ ନଗର ହାବେଳି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶାର ମୀରାରାଣୀଙ୍କୁ ଗୁରୁଦାୟିତ୍ୱ

## ଜାତୀୟ ସିନିୟର ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର, ୨୮।୬
(ତପନ ସ୍ୱାଇଁ)

ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଜମ୍ମୁରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟ ସିନିୟର ରିଦମିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା। ଆଗାମୀ ଏସୀୟ କ୍ରୀଡ଼ା ପାଇଁ ଚୟନ ଟ୍ରାଏଲ୍ ଭାବେ ଏହି ପ୍ରତିଯୋଗିତା ପରିଗଣିତ ହେଉଛି। ଅର୍ଥାତ୍ ଏଥିରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଆସନ୍ତା ଏସୀୟ କ୍ରୀଡ଼ାପାଇଁ ମନୋନୀତ ହୋଇପାରିବେ। ଏହା ବ୍ୟତୀତ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକ ପାଇଁ ଏହି ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ର୍‍ୟାଙ୍କିଂ ତାଲିକା ମଧ୍ୟ ପ୍ରସ୍ତୁତ କରାଯିବ। ଜମ୍ମୁ ପ୍ରତିଯୋଗିତାର ସୁପରିଚାଳନା ପାଇଁ ଭାରତୀୟ ଜିମ୍ନାଷ୍ଟିକ୍ସ ମହାସଂଘ ପକ୍ଷରୁ ଏକ ୧୬ ଜଣିଆ ବିଚାରକ ମଣ୍ଡଳୀ ଗଠନ କରାଯାଇଛି। ଏହି ତାଲିକାରେ ଓଡ଼ିଶାରୁ ଏକମାତ୍ର ଜଜ୍ ଭାବେ ମୀରାରାଣୀ ଦାସ ସ୍ଥାନ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ୍ସ ସଙ୍ଘ ଓ ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ଅଶୋକ ସାହୁ , ନରହରି ସେଠୀ, ଗୁରୁପ୍ରସାଦ ପଟ୍ଟନାୟକ ଓ ଜେ. ଏମ୍. ସ୍ପୋର୍ଟସ ଏକାଡେମୀର ଯଶୋବନ୍ତ ଦାସ, ଅତିଶ ରାଉତ, ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ମୀରାରାଣୀ ଭୁବନେଶ୍ୱରରେ ଥିବା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଚେୟାରମ୍ୟାନ ଅଛନ୍ତି।


ମୀରାରାଣୀ ଦାସ


**Birthday Wish**



May you be gifted with life's biggest joys and never-ending bliss. After all, you yourself are a gift to earth, so you deserve the best.
"Happy birthday Jeet"
Best Wishes From- Papa, Mama, Chachu, Chachi, Juhi, Chintu, Pinu, Rishi. mausa, Mausi, Maa, Aae
D-0685

# Classified Everyday
0674-2580101, 2549949


REAL ESTATE

**SALE**

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753.
D-75122

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279.
D-74875

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Newly open Relax, Refresh Paras Aurvedic SPA at Bhubaneswar. 9124433891.
D-0633

Newly open health benefits SPA special offer @ 799 Jaydev Vihar. 8018429809.
D-75121

Herbal full body massage by smart/expert therapist. Contact: 9040171280.
D-74699

Spa Kerala body massage only best Therapist @699/-Bhubaneswar. 9337672475.
D-0678

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019.
D-75125

Newly open Salon/SPA with expert therapist (health benefits). 8114322659.
D-75123

Newly healthcare benefited SPA experience Therapist, Bhubaneswar. Please visit this SPA. 7749034655.
D-75124

**LOST**

ମୁଁ ଶ୍ରଦ୍ଧାଞ୍ଜଳି ପଣ୍ଡା, ଘର ଢେଙ୍କାନାଳ ସ୍ଥିତ ଭାପୁର। ଗତ ୨୩।୦୬।୨୦୨୩ ତାରିଖରେ ମୋର ସିଏଲ୍‌ସି ସାର୍ଟିଫିକେଟ୍ ଭାପୁର ବଜାର ଯିବା ରାସ୍ତାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ସିଏଲ୍‌ସି ସାର୍ଟିଫିକେଟ୍ ପାଆନ୍ତି, ତେବେ ୯୪୩୯୨୩୪୦୧୪ ଓ ୭୯୭୮୮୩୨୮୨ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।
ଧ-୦୬୮୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

Before the Notary Public, Sambalpur, I, Sulekha Bouddha (40), D/o- Kulamani Suna, Kainsir, P.O.-Sankarma, P.S.- Ainthapali, Sambalpur, I changed my surname from Behera to Bouddha. Henceforth I shall be known as Sulekha Bouddha for all purposes.
D-0684

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ୱଶ୍ରୀମୁଖ ନାଏକ
ଅବସରପ୍ରାପ୍ତ ପୋଲିସ ଆଇଆଇସି
ଟିଟିଗୁଡ଼ା ହାଇସ୍କୁଲପଡ଼ା, ଜୁନାଗଡ଼, କଳାହାଣ୍ଡି
ଆବିର୍ଭାବ: ୦୪।୦୪।୧୯୬୦
ତିରୋଧାନ: ୨୦।୦୬।୨୦୨୩
ତୁମର ସ୍ନେହ-ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପ୍ରତି ଚିର ସ୍ମରଣୀୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ତମର ଭାଇ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା ଓ ପରିବାରବର୍ଗ।
ଧ-୦୬୮୬

**Shradhanjali**



Birth- Durgastami-1975
Death Bada- Ekadasi- 2005 June
Baba Soyuz,
You have left me from Bada Ekadasi 2005, I always remember and pray the lord for your peaceful rest eternally. May God rest you eternal peace, may God grant peace
Bapa P.N. Sethi
D-0681

**ସପ୍ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓Mrunal Kanta Swain (Titu)
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ : ୧୯.୧୦.୧୯୫୭ (ରମା ଏକାଦଶୀ)
ତିରୋଧାନ : ୧୫.୦୭.୨୦୧୬ (ଶୟନ ଏକାଦଶୀ)
ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ, ପିତରି ପ୍ରିତିମାପନେ ପ୍ରିୟନ୍ତେ ସର୍ବଦେବତା। ବାପା, ଆକାଶ ପରି ବ୍ୟାପ୍ତ, ସମୁଦ୍ର ପରି ଗଭୀର ଥିଲା ଆପଣଙ୍କ ଉପସ୍ଥିତି, ଆପଣ ଜଣେ ଦାୟିତ୍ୱସମ୍ପନ୍ନ ଏବଂ ସମୟାନୁବର୍ତ୍ତିତା ଥିଲେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଯେଉଁଠି ଭି ଥାଆନ୍ତୁ ଆର୍ଶୀବାଦ ସର୍ବଦା ପ୍ରଦାନ କରୁଥାନ୍ତୁ।
ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆଦିତ୍ୟ, ଲିସା-ବିବେକ, ଟିସା-ତରୁଣ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୪୪୭

# ପୂଜା ଯାହା ଚାହୁଁଥିଲେ...

କଥାରେ ଅଛି-ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗ୍‌ଡେ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ସମାଜସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା ହେଗ୍‌ଡେ କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକେ ବୁଝିବାକୁ ନାରାଜ। ଏପରିକି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡ଼ିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏଭଳି ଏକ ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା। ପୂଜାଙ୍କର ବଲିଉଡ କ୍ୟାରିୟର ଆରମ୍ଭ ହୋଇଥିଲା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋରୁ (୨୦୧୬)।


ପୂଜା ହେଗ୍‌ଡେ

# ସବୁ ଗୁଜବ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ନାମୀ ଅଭିନେତ୍ରୀ ତାପସୀ ପାନ୍ନୁଙ୍କ ଟେନ୍‌ସନ ବଢ଼ିଯାଇଛି। କାରଣ କ'ଣ ଜାଣନ୍ତି ? ଶୁଣିବାକୁ ମିଳୁଛି ଯେ, ସେ କୁଆଡେ ଏକ ସିନେମା ପାଇଁ ଅଧିକ ପାରିଶ୍ରମିକ ଦାବି କରୁଛନ୍ତି। ହେଲେ ଯେତେବେଳେ ଏକଥା ତାଙ୍କ କାନରେ ପଡିଲା ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ନେଇ ସଫେଇ ଦେଇ ତାପସୀ କହନ୍ତି, ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଆସିଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲି। ଏହି କାହାଣୀରେ କିଛି ପରିବର୍ତ୍ତନ ପାଇଁ ପ୍ରଯୋଜକ ବ୍ୟସ୍ତ ଅଛନ୍ତି। ହେଲେ ଚାରିଆଡେ ଆଲୋଚନା ହେଉଛି ଯେ, ମୁଁ କୁଆଡ ଏହି ନୂଆ ଫିଲ୍ମ ପାଇଁ ଡବଲ ପାରିଶ୍ରମିକ ଦାବି କରୁଛି। ଏହା ସମ୍ପୂର୍ଣ୍ଣ ମିଛ। ଆଉ ଯେଉଁ ଆଲୋଚନା ହେଉଛି ତାହା ଗୁଜବ। ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ସେଥିରେ ଯେଉଁ ପରିବର୍ତ୍ତନ କରାଯାଉଛି ସେ ନେଇ ସେମାନେ ମୋ ସହ ମଧ୍ୟ ଯୋଗାଯୋଗରେ ଅଛନ୍ତି। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମ୍ୟୁନରେଶନକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ।'


ତାପସୀ

ପରଦାରେ

## ପ୍ରିୟେ, ତୁ ମୋର ସିଏ


'ପ୍ରିୟେ ତୁ ମୋର ସିଏ' ଫିଲ୍ମରେ ଅମ୍ଲାନ-ଏଲିନା

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ସିନେମା 'ପ୍ରିୟେ, ତୁ ମୋର ସିଏ' ଆଜି ପରଦା ଉପରକୁ ଆସୁଛି। ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନ, କମେଡ଼ି ମଧ୍ୟ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଝିଲିକ୍। ଏହାର ନାୟକ ଭୂମିକାରେ ଅମ୍ଲାନ ଅଭିନୟ କରିଛନ୍ତି ଏବଂ ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଏଲିନା। ବବି ମିଶ୍ର, ସୋମା ଭୌମିକ, ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥ୍ୱୀରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାଂଶୁ ସାହୁ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମ ସମ୍ପର୍କରେ ଝିଲିକ୍ କହନ୍ତି, 'ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଏଥିରୁ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ଦୃଢ଼ ଆଶା ରହିଛି। ସିନେମାଟିଏ ନିର୍ମାଣ କରିବା ସମୟରେ କାହାଣୀ, କଳାକାର ଚୟନ, ସଙ୍ଗୀତ ଏବଂ ପିକ୍ଚରାଇଜେଶନକୁ ସବୁବେଳେ ଗୁରୁତ୍ୱ ଦେଇଥାଏ।' ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ଜଣାପଡିବ।

# ଆଲିୟାଙ୍କ ଫିଟ୍‌ନେସ ଟିପ୍ସ

ଆଲିୟା ଭଟ୍ଟ ଏବେ ବୁଲି ବୁଲି ଗୋଟିଏ ଜିନିଷ ବାଣ୍ଟୁଛନ୍ତି। ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି। କଥା କ'ଣ କି ଆଲିୟା ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ନିକଟରେ ଶପିଂ କରିବା ସମୟରେ କେତେ ଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କଫି ପବ୍‌କୁ। ସେଠାରେ କଫିର ମଜା ନେବା ସହ ଫିଟ୍‌ନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ। ଏ ସମ୍ପର୍କରେ ଆଲିୟା କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟ୍‌ନେସ ପ୍ରତି ଧ୍ୟାନ ଦେବା ଜରୁରୀ। ନ ହେଲେ ଅଯଥାରେ ଆମକୁ ରୋଗ ମାଡ଼ି ବସିବ। ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ। ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ। ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି।' ଆଲିୟାଙ୍କ ଅଭିନୀତ 'ରକି ଔର ରାଜା କି ପ୍ରେମ କାହାନୀ' ଚଳିତ ବର୍ଷ ଜୁଲାଇ ୨୮ରେ ରିଲିଜ ହେବାକୁ ଯାଉଛି। କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣବୀର ସିଂ। ଅନ୍ୟପକ୍ଷରେ ଏହି ଫିଲ୍ମରେ ଧର୍ମେନ୍ଦ୍ର, ଜୟା ବଚ୍ଚନ ଏବଂ ସବାନା ଆଜମୀଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଆଲିୟା

# କର୍ତ୍ତବ୍ୟ ବଡ଼ କଥା

ଭାଇ-ଭାଇ ଭିତରେ ସମ୍ପର୍କ ଅତି ନିବିଡ଼। ହେଲେ ପରିସ୍ଥିତିରେ ପଡ଼ି ଏହି ସମ୍ପର୍କ ଭିନ୍ନ ରୂପ ନେଇଥାଏ। ତେବେ ନିଜ କର୍ତ୍ତବ୍ୟରୁ ଓହରି ଯାଇନି ବଡ଼ ଭାଇ। ଆକ୍ସନ, ରୋମାଣ୍ଟିକ ଓ ସସ୍‌ପେନ୍ସ ଭରା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର : ଦ ଡ୍ରେଷ୍ଟ୍ରୟର'। ଖାସ୍ କଥା ହେଲା ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଲିଡ୍ ରୋଲ୍‌ରେ ଦେବା ଏବଂ ଦିବ୍ୟା ଅଭିନୟ କରୁଥିବା ବେଳେ ସିଦ୍ଧାନ୍ତ ମହାପାତ୍ରଙ୍କୁ ଟାଇଟଲ ଭୂମିକାରେ ଦେଖିବାକୁ ମିଳିବ। ଏହାର ପ୍ରଯୋଜନା କରିଛନ୍ତି ଅରବିନ୍ଦ ସାହୁ। ଦେବା ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଅଭିନୟ କରିଥିବା ବେଳେ ଦିବ୍ୟା ଜଣେ ସ୍କୁଲ ଶିକ୍ଷୟିତ୍ରୀ ରୋଲ୍‌ରେ ଦେଖାଦେବେ। ଦେବା ନିଶାକୁ ଜୀବନର ସର୍ବସ୍ୱ ଭାବି ଚାଲୁଥିବା ବେଳେ ଦେଖାହୁଏ ଦିବ୍ୟା ସହିତ। ଦୁହେଁ ଦୁହିଁଙ୍କୁ ଭଲ ପାଇଁ ବସନ୍ତି। ବଦଳିଯାଏ


'ଶଙ୍କର' ଫିଲ୍ମରେ ଦେବା-ସିଦ୍ଧାନ୍ତ

ଦେବାର ଜୀବନଶୈଳୀ। ତାପରେ କ'ଣ ଘଟେ ତାହା ସିନେମାରେ ଦେଖିବାକୁ ପାଇବେ। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ଆଶାବାଦୀ ଅଛନ୍ତି ଶିବ। ସେ ଏହାପୂର୍ବରୁ 'ବିଶ୍ୱରୂପ' ଏବଂ 'ଗୁରୁଦେବ' ଫିଲ୍ମରେ ଅଭିନୟ କରିସାରିଛନ୍ତି। କୁନା ତ୍ରିପାଠୀ, କେ.କେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୂପୁର ଘୋଷ୍ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

# ସାମାନ୍ୟ ଭୁଲ୍ ପାଇଁ...

ମଣିଷ ଜୀବନରେ ଭୁଲ୍ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ବେଳେବେଳେ ଏକ ଭୁଲ୍‌ର ପରିଣାମ ଭୟଙ୍କର ହୋଇଥାଏ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥାରେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବେସାହାରା'। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଦ୍ୱିତୀୟ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଯୋଗୀ' ଫେମ୍ ନିର୍ଦ୍ଦେଶକ ନିରଞ୍ଜନ ବେହେରା। ''ଏହା ଏକ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ମଦ କିପରି ଦୁଇଟି ପରିବାରକୁ ସମସ୍ୟା ମୁହଁକୁ ଠେଲିଦେଉଛି ତାହା ଏଥିରେ ଦେଖିବାକୁ ମିଳିବ ବୋଲି କହନ୍ତି ନିରଞ୍ଜନ।'' ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଦୀପ 'ପ୍ରେମ ପାଇଁ ମହାଭାରତ' ଶୀର୍ଷକ ସିନେମା ପ୍ରଯୋଜନା କରିଥିଲେ, ଯାହା ଦର୍ଶକଙ୍କ ମନକୁ ଛୁଇଁପାରିଥିଲା। ତେବେ ଏହି ଫିଲ୍ମରେ ଜ୍ୟୋତି-ସୁପ୍ରିୟାଙ୍କ ଯୋଡି କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।


'ବେସାହାରା' ଫିଲ୍ମରେ ଜ୍ୟୋତି-ସୁପ୍ରିୟା

# ଗୁରୁଦାୟିତ୍ୱ

କଙ୍ଗନା ରାଣାୱତଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ରିଲିଜ ଅପେକ୍ଷାରେ ଥିବା ସିନେମା 'ଏମରଜେନ୍ସି'ରେ ତାଙ୍କୁ ଦର୍ଶକ ନୂଆ ଅବତାରରେ ଦେଖିବାକୁ ପାଇବେ। ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନକାଳରେ ଜାରି ହୋଇଥିବା ଏମରଜେନ୍ସିକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରେ ସେ ଇନ୍ଦିରା ଗାନ୍ଧୀ ଭୂମିକାରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଦେଉଛନ୍ତି। ତା'ସହ ଏହାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। କେବଳ ସେତିକି ନୁହେଁ, ରେନୁ ପିଟ୍ଟିଙ୍କ ସହ ସେ ଏହାର ପ୍ରଯୋଜନା ମଧ୍ୟ କରିଛନ୍ତି। ଏହି ଫିଲ୍ମରେ କଙ୍ଗନାଙ୍କ ବ୍ୟତୀତ ଅନୁପମ ଖେର, ଶ୍ରେୟାଶ ତଲପାଡେ, ମହିମା ଚୌଧୁରୀ ଏବଂ ମିଲନ୍ଦ ସୋନମ ମଧ୍ୟ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜି.ଭି. ପ୍ରକାଶ କୁମାର। ଏ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। କାରଣ ଏକାଧାରରେ ଏହାର ପ୍ରଯୋଜନା, ନିର୍ଦ୍ଦେଶନା ଏବଂ ମୁଖ୍ୟ ଭୂମିକାରେ ଅଭିନୟ କରିବା ଛୋଟ କଥା ନୁହେଁ। କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୨୪ରେ ପରଦା ଉପରକୁ ଆସିବ।


କଙ୍ଗନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୯/୨୦୨୩ Bhubaneswar, Thursday, June 29/ 2023



ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଅଂଶଗ୍ରହଣ କରି ପ୍ରଥମଥର ପାଇଁ ୮ ପଦକ ହାସଲ କରିଥିବା ଓଡ଼ିଶା ଆଥଲେଟ୍‌ଙ୍କୁ ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ଓ ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଦିଲ୍ଲୀ ଷ୍ଟାଡିୟମ ନବୀକରଣ ପାଇଁ ୨୫ କୋଟି

**କ୍ରିକେଟ ବିଶ୍ୱକପ୍ ୨୦୨୩**

ନୂଆଦିଲ୍ଲୀ, ୨୮।୬(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୩ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଭାରତରେ ଅନୁଷ୍ଠିତ ହେବ। ଭାରତର ଭିନ୍ନ ଭିନ୍ନ ୧୦ ସହରରେ ସମୁଦାୟ ୪୮ ମ୍ୟାଚ ଖେଳାଯିବ। ଅହମଦାବାଦ, ହାଇଦ୍ରାବାଦ, ଧର୍ମଶାଳା, ଦିଲ୍ଲୀ, ଚେନ୍ନାଇ, ଲକ୍ଷ୍ନୌ, ପୁଣେ, ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା ଭଳି ୧୦ଟି ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳାଯିବ। ୱାର୍ମଅପ୍ ମ୍ୟାଚ୍‌ଗୁଡ଼ିକ ହାଇଦ୍ରାବାଦ, ଥିରୁଭାନନ୍ତପୁରମ୍ ଓ ଗୁଆହାଟୀରେ ଖେଳାଯିବ। ତେବେ ବିଶ୍ୱକପ ପୂର୍ବରୁ ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମ ଉନ୍ନତୀକରଣ ପାଇଁ ନିଷ୍ପତ୍ତି ନେଇଛି ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ(ଡିଡିସିଏ)। ବିସିସିଆଇ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କେବଳ ଦିଲ୍ଲୀ ନୁହେଁ ବରଂ ହାଇଦ୍ରାବାଦ, କୋଲକାତା, ମୁମ୍ବାଇ ଓ ମୋହାଲି ଭଳି ଷ୍ଟାଡିୟମଗୁଡ଼ିକର ମଧ୍ୟ ନବୀକରଣ କରାଯିବ। ଅରୁଣ ଜେଟଲୀ ଷ୍ଟାଡିୟମର ନବୀକରଣ ପାଇଁ ୨୦-୨୫କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଦିଲ୍ଲୀରେ ଖେଳାଯାଇଥିଲା। ମ୍ୟାଚ୍ ସମୟରେ ଶୌଚାଳୟକୁ ନେଇ ଅନେକ ଦର୍ଶକ ଅଭିଯୋଗ କରିଥିଲେ।

## ୱାର୍ନର, ସ୍ମିଥ୍‌ଙ୍କ ଅର୍ଦ୍ଧଶତକ

**ଆଶେସ୍ ଟେଷ୍ଟ**

ଲଣ୍ଡନ, ୨୮।୬

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ଡେଭିଡ୍ ୱାର୍ନର ଓ ଷ୍ଟିଭେନ୍ ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଦୃଢ଼ ସ୍ଥିତିରେ ରହିଛି। ଟସ୍ ଜିତି ଇଂଲଣ୍ଡ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମ ଦିନର ଖବର ପ୍ରସ୍ତୁତ ସୁଦ୍ଧା ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୨୩୦ ରନ୍ ସଂଗ୍ରହ କରିଛି। ଲର୍ଡ୍ସର ଘାସୁଆ ପିଚ୍‌ରେ ଇଂଲଣ୍ଡ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ବଲ୍ ସୁଇଂ ହେଉଥିବା ବେଳେ ଗୋଟିଏ ପଟରୁ ଉସ୍‌ମାନ ଖ୍ୱାଜା ଡିଫେଣ୍ଡ କରୁଥିବା ବେଳେ ଡେଭିଡ୍ ୱାର୍ନର କାଉଣ୍ଟର ଆଟାକ୍ କରିଥିଲେ। ଖ୍ୱାଜା ୭୦ ବଲ୍ ଖେଳି ୧୭ ରନ୍ କରିଥିବା ବେଳେ ୱାର୍ନର ୮୮ ବଲ୍‌ରୁ ୬୬ ରନ୍ କରିଥିଲେ। ୨୪ତମ ଓଭରରେ ପଦାର୍ପଣକାରୀ ଜୋସ୍ ଟଙ୍ଗଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ ଖ୍ୱାଜା। ଆଉଟ ହେବା ପୂର୍ବରୁ ପ୍ରଥମ ଉଇକେଟରେ ୱାର୍ନରଙ୍କ ସହିତ ସେ ୭୩ ରନ୍ ଯୋଡ଼ିଥିଲେ। ଲଞ୍ଚ ପରେ ୱାର୍ନର ନିଜ ଚିରାଚରିତ ଢଙ୍ଗରେ ବ୍ୟାଟିଂ କରିଥିଲେ। ଦଳୀୟ ସ୍କୋର ୯୬ ରନ୍‌ରେ ସେ ଟଙ୍ଗଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହି ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା।



ପଡ଼ିଆ ମଧ୍ୟରେ 'ଜଷ୍ଟ ଷ୍ଟପ୍ ଅଏଲ' ସଂସ୍ଥାର ଜଣେ ସଦସ୍ୟ।

ଚତୁର୍ଥ ଉଇକେଟରେ ମାର୍ନସ ଲାବୁଶେନ୍(୪୭) ଓ ଷ୍ଟିଭ୍ ସ୍ମିଥ୍(୫୨*)ଙ୍କ ମଧ୍ୟରେ ୧୦୨ ରନ୍‌ର ଭାଗୀଦାରି ହୋଇଥିଲା। ଲାବୁଶେନ୍ ୯୩ ବଲ୍ ଖେଳି ୭ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ସ୍ମିଥ୍୧୦୪ ବଲ୍ ଖେଳି ୬ ଚୌକା ମାରିଛନ୍ତି। ଦଳୀୟ ସ୍କୋର ୧୯୮ରେ ଲାବୁଶେନ୍‌ଙ୍କୁ ଆଉଟ କରି ଓଲି ରବିନ୍‌ସନ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଖବର ପ୍ରସ୍ତୁତ ବେଳକୁ ଷ୍ଟିଭ୍ ସ୍ମିଥ୍(୫୨) ଓ ଟ୍ରାଭିସ୍ ହେଡ୍(୨୬) ରନ୍‌ରେ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡ ପକ୍ଷରୁ ଜୋଶ୍ ଟଙ୍ଗ ଦୁଇଟି ଓ ଓଲି ରବିନ୍‌ସନ୍ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୬୧ ଓଭରରେ ୨୩୦/୩ (ଡେଭିଡ୍ ୱାର୍ନର-୬୬, ମାର୍ନସ୍ ଲାବୁଶେନ୍-୪୭, ଷ୍ଟିଭ୍ ସ୍ମିଥ୍-୫୨*, ଜୋଶ ଟଙ୍ଗ-୨/୪୮, ଓଲି ରବିନ୍‌ସନ୍-୧/୩୭)।

### 'ଜଷ୍ଟ ଷ୍ଟପ୍ ଅଏଲ' ପକ୍ଷରୁ ପ୍ରତିବାଦ

ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଆଶେସ୍ ଟେଷ୍ଟରେ ପରିବେଶ ସୁରକ୍ଷା ଉପରେ କାମ କରୁଥିବା ସଂସ୍ଥା 'ଜଷ୍ଟ ଷ୍ଟପ୍ ଅଏଲ' ପକ୍ଷରୁ ପ୍ରତିବାଦ କରାଯିବା କାରଣରୁ ଖେଳ ୫ ମିନିଟ ପାଇଁ ବନ୍ଦ ରହିଥିଲା। ଦୁଇ ଜଣ ପ୍ରତିବାଦକାରୀ ପଡିଆ ମଧ୍ୟକୁ ପଶି ଆସି ପିଚ୍ ଖରାପ କରିବାକୁ ପ୍ରୟାସ କରିଥିଲେ। ଜଣଙ୍କୁ ଇଂଲଣ୍ଡ ଉଇକେଟ କିପର ଜନି ବେୟାରଷ୍ଟୋ କାନ୍ଧରେ ଉଠାଇ ୫୦ ମିଟର ନେଇ ଯାଇଥିଲେ। ସେଠାରୁ ସୁରକ୍ଷା କର୍ମୀ ତାଙ୍କୁ ନେଇଥିଲେ। ଅନ୍ୟ ଜଣଙ୍କୁ ପିଚ୍ ଉପରକୁ ଆସିବାକୁ ରୋକିଥିଲେ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର ଓ ଇଂଲଣ୍ଡର ବେନ୍ ଷ୍ଟୋକ୍ସ। ଦ୍ୱିତୀୟ ପ୍ରତିବାଦକାରୀ ଜଣଙ୍କ କିଛି କମଳା ରଙ୍ଗର ପାଉଡର ପକାଇଥିଲେ ମଧ୍ୟ ଏହା ପିଚ୍‌ରେ ପଡି ନ ଥିଲା। ପୋଲିସ୍ ପକ୍ଷରୁ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି।

## ଅର୍ମଣ୍ଡ ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ

ଓଷ୍ଟ୍ରାଭା (ଚେକ୍ ରିପବ୍ଲିକ୍), ୨୮।୬(ପି.ଟି.)

ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଗୋଲ୍ଡେନ୍ ସ୍ପାଇକ୍ ମିଟ୍‌ରେ ବିଶ୍ୱରେକର୍ଡ ନିଜ ନାମରେ କରିଛନ୍ତି ସ୍ୱିଡେନ୍‌ର ପୋଲଭଲ୍ଟର ଅର୍ମଣ୍ଡ ଡୁପ୍ଲାଣ୍ଟିସ୍। ମଙ୍ଗଳବାର ବିଶ୍ୱରେକର୍ଡ ସହିତ ସେ ୬.୧୨ ମିଟର ଦୂରତା ହାସଲ କରିବାରେ ସମର୍ଥ ହୋଇଥିଲେ। ୨୩ ବର୍ଷୀୟ ଏହି ଖେଳାଳି ଜଣକ ପୂର୍ବରୁ ଚଳିତ ମାସରେ ନେଦରଲାଣ୍ଡ୍‌ସର ହେଙ୍ଗେଲୋରେ ୬.୧୧ ମିଟର ସହିତ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ବିଶ୍ୱରେକର୍ଡ କରିଥିଲେ। ନିଜର ପ୍ରଥମ ପ୍ରୟାସରେ ସେ ୬.୧୨ ମିଟର ଦୂରତା ହାସଲ କରିଥିବା ବେଳେ ପରବର୍ତ୍ତୀ ପ୍ରୟାସରେ ୬.୧୭ ମିଟର ଦୂରତାରେ ବିଫଳ ହୋଇଥିଲେ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରୟାସ କରିଥିଲି। ତେବେ ଆଗାମୀ ଦିନରେ ୬.୧୭ ମିଟର ଦୂରତା ହାସଲ କରିବା ନେଇ ଡୁପ୍ଲାଣ୍ଟିସ୍ ପ୍ରକାଶ କରିଥିଲେ। ଆମେରିକାରେ ଜନ୍ମିତ ଏହି ଆଥ୍‌ଲେଟ ଜଣକ ଏହା ପୂର୍ବରୁ ଏକ କ୍ଲେରମଣ୍ଟ-ଫେରାଣ୍ଡ ଇନ୍‌ଡୋର ମିଟ୍‌ରେ ୬.୨୨ ମିଟର ଦୂରତା ହାସଲ କରିବାର ବିଶ୍ୱରେକର୍ଡ ମଧ୍ୟ ନିଜ ନାମରେ ରଖିଛନ୍ତି।

ଏହି ଟୁର୍ନାମେଣ୍ଟରେ ବିଶ୍ୱରେକର୍ଡଧାରୀ ଆମେରିକୀୟ ଶଟ୍‌ପୁଟର ର୍‌ୟାନ୍ କ୍ରାଉଜର ୨୨.୬୩ ମିଟର ନିଜର ଗୋଲ୍ଡେନ୍ ସ୍ପାଇକ୍ ରେକର୍ଡ ଭାଙ୍ଗିଛନ୍ତି। ଅଲିମ୍ପିକ ଚାମ୍ପିୟନ ପୁଏର୍ଟୋରିକୋର ୧୦୦ ମିଟର ବାଧାଦୌଡ ଧାବିକା ଜସ୍ମିନ କାମାକୋ କ୍ୱିନ୍ ୧୨.୪୨ ସେକେଣ୍ଡର ସମୟ ନେଇ କ୍ରମାଗତ ଦ୍ୱିତୀୟ ବର୍ଷ ବିଜୟୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଅକାନି ସିମ୍ବିନ ୯.୯୮ ସେକେଣ୍ଡର ସମୟ ସହିତ ପୁରୁଷ ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୨୦୦ ମିଟର ସ୍ପ୍ରିଣ୍ଟରେ ଦକ୍ଷିଣ ଆଫ୍ରିକାର ଲୁକ୍ସୋଲୋ ଆଡାମ୍ସ ୨୦.୨୨ ସେକେଣ୍ଡ ନେଇ ବିଜୟୀ ହୋଇଛନ୍ତି। ଜାମ୍ବିଆର ମୁଜାଲା ସାମୁକୋଙ୍ଗା ୪୫.୦୫ ସେକେଣ୍ଡ ସମୟ ନେଇ ୪୦୦ ମିଟର ରେସ୍ ବିଜୟୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଜାକିଥ୍ ନେନେ ୪୫.୨୨ ସେକେଣ୍ଡର ସମୟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପୁରୁଷ ଡିସ୍‌କସ ଥ୍ରୋରେ ସ୍ଲୋଭେନିଆର କ୍ରିଷ୍ଟିଆନ୍ କେହ ୬୮.୫୫ ମିଟର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

**ଗୋଲ୍ଡେନ୍ ସ୍ପାଇକ୍ ମିଟ୍**



ଅର୍ମଣ୍ଡ ଡୁପ୍ଲାଣ୍ଟିସ୍

## ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ, ୨୮।୬ (ପି.ଟି.)

ନୂଆଦିଲ୍ଲୀର କର୍ଣ୍ଣି ସିଂ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଶ୍ରୀୟଙ୍କା ଷଡଙ୍ଗୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ପଞ୍ଚମ ଦିନରେ ଶ୍ରୀୟଙ୍କାଙ୍କ ବ୍ୟତୀତ ଅଲିମ୍ପିଆନ୍ ମନୁ ଭାକେର ଓ ମଧ୍ୟ ପ୍ରଦେଶର ଗୋଲ୍ଡି ଗୁଜ୍ଜର ମଧ୍ୟ ନିଜ ନିଜ ଇଭେଣ୍ଟରେ ପ୍ରଥମ ସ୍ଥାନରେ ରହିଛନ୍ତି। ୧୦ ମିଟର ଏୟାର ରାଇଫଲ୍ ଟି-୬ ବର୍ଗରେ ଶ୍ରୀୟଙ୍କା ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ମହିଳା ୨୫ ମିଟର ପିସ୍ତଲର ଟି୬ ବର୍ଗରେ ମନୁ ଓ ୫୦ ମିଟର ପୁରୁଷ ରାଇଫଲ ୩ ପୋଜିସନର ଟି-୫ ବର୍ଗରେ ଗୋଲ୍ଡି ପ୍ରଥମ ସ୍ଥାନ ହାସଲ କରିଛନ୍ତି।

**ନ୍ୟାଶନାଲ ଟ୍ରାଏଲ୍ସ**

୧୦ ମିଟର ଏୟାର ରାଇଫଲ୍ ଟି-୬ ବର୍ଗରେ ଶ୍ରୀୟଙ୍କା ୬୩୨.୧ ପଏଣ୍ଟ ସ୍କୋର କରିଥିଲେ। ଏହା ସହିତ ଚତୁର୍ଥ ଖେଳାଳି ଭାବରେ ସେ ନ୍ୟାଶନାଲ ଟ୍ରାଏଲ୍ସରୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଇନାଲ ରାଉଣ୍ଡର ପ୍ରଥମ ସିରିଜ୍‌ରୁ ୫୩ ପଏଣ୍ଟ ସହିତ ଆରମ୍ଭ କରିଥିବା ବେଳେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଫାଇନାଲରେ ସେ ୨୫୩.୧ ପଏଣ୍ଟ ହାସଲ କରିଥିବା ବେଳେ ଟି-୫ ବର୍ଗର ବିଜେତା ରମିତା ୨୫୨.୪ ଓ ନାନ୍ସି ୨୩୦.୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ।

ଅଲିମ୍ପିଆନ୍ ମନୁ ଯୋଗ୍ୟତା ପର୍ଯ୍ୟାୟରେ ୫୯୧ ପଏଣ୍ଟ ସହିତ ଏକ ନମ୍ବର ସ୍ଥାନରେ ରହିଥିଲେ। ଫାଇନାଲରେ ୩୯ ପଏଣ୍ଟ ସ୍କୋର କରିବା ସହିତ ବିଶ୍ୱରେକର୍ଡରୁ ମାତ୍ର ୧ ପଏଣ୍ଟ ପଛରେ ରହି ଯାଇଥିଲେ। ରାହି ସର୍ନୋବତ୍ ୩୭ ପଏଣ୍ଟ ସହିତ ଦ୍ୱିତୀୟ ଓ ଅଭିଦ୍ନ୍ୟ ଅଶୋକ ପାଟିଲ ୩୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଥିଲେ। ୫୦ ମିଟର ପୁରୁଷ ରାଇଫଲ ୩ ପୋଜିସନରେ ଗୋଲ୍ଡି ଯୋଗ୍ୟତା ପର୍ଯ୍ୟାୟରେ ୬୦୦ରୁ ୫୮୬ ପଏଣ୍ଟ ସ୍କୋର କରିଥିଲେ। ଫାଇନାଲରେ ସେ ୪୫୪.୫ ପଏଣ୍ଟ ସ୍କୋର କରିଥିବା ବେଳେ ହିମାଚଳର ସୂର୍ଯ୍ୟପ୍ରତାପ ସିଂ ବଂସ୍ଥୁ ୪୫୩.୭ ଓ ଭାରତୀୟ ନୌସେନାର ନୀରଜ କୁମାର ୪୪୩.୫ ପଏଣ୍ଟ ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।



ରମିତା, ଶ୍ରୀୟଙ୍କା ଷଡ଼ଙ୍ଗୀ ଓ ନାନ୍‌ସି।

## ୱିମ୍ବେଲଡନ୍ ପାଇଁ ଅଲକାରାଜ୍, ସ୍ୱିଟେକ୍ ପ୍ରଥମ ସିଡ୍

**ୱିମ୍ବେଲଡନ୍, ୨୮।୬ (ପି.ଟି.):** ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡନ୍ ପାଇଁ ବୁଧବାର ସିଡେଡ୍ ଖେଳାଳିଙ୍କ ତାଲିକା ପ୍ରକାଶ ପାଇଛି। ସ୍ପେନ୍‌ର କାର୍ଲୋସ୍ ଅଲକାରାଜଙ୍କୁ ପୁରୁଷ ବର୍ଗରେ ଓ ମହିଳା ବର୍ଗରେ ଇଗା ସ୍ୱିଟେକଙ୍କୁ ପ୍ରଥମ ସିଡ୍‌ର ମାନ୍ୟତା ମିଳିଛି। ପୋଲାଣ୍ଡର ୨୨ ବର୍ଷୀୟ ଇଗା ସ୍ୱିଟେକ୍ ୪ଟି ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଥିବା ବେଳେ ଚଳିତ ସେପ୍ଟେମ୍ବରରେ ପ୍ରଥମ ଥର ପାଇଁ ହାର୍ଡକୋର୍ଟରେ ୟୁଏସ୍ ଓପନ ବିଜୟୀ ହୋଇଥିଲେ। ତେବେ ଗ୍ରାସ୍ କୋର୍ଟରେ ତାଙ୍କର ବିଜୟ ରେକର୍ଡ ୫-୩ ରହିଛି। ଏପ୍ରିଲ୍ ୨୦୨୨ରୁ ନମ୍ବର ୱାନ ରହିଥିବା ବେଳେ ଏହି ଟୁର୍ନାମେଣ୍ଟରେ ସଫଳ ହେବା ନେଇ ଆଶା ରଖିଛନ୍ତି। ଗ୍ରାସ୍‌କୋର୍ଟରେ ସଫଳ ହେବା ତାଙ୍କ ପାଇଁ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି।

## ଭାରତ-ଲେବାନନ, କୁଏଟ୍-ବାଂଲାଦେଶ

**ସାଫ୍ ଚାମ୍ପିୟନଶିପ୍ ସେମିଫାଇନାଲ**

ବେଙ୍ଗାଲୁରୁ, ୨୮।୬

ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଭାରତ ଓ ଲେବାନନ ମଧ୍ୟରେ ମୁକାବିଲା ହେବ। ଦ୍ୱିତୀୟ ସେମିରେ କୁଏଟକୁ ଭେଟିବ ବାଂଲାଦେଶ। ବୁଧବାର ଅନୁଷ୍ଠିତ ଗ୍ରୁପ୍ 'ବି'ର ୨ଟି ଲିଗ୍ ମ୍ୟାଚରେ ଲେବାନନ ୧-୦ ଗୋଲରେ ମାଳଦ୍ୱୀପକୁ ଏବଂ ବାଂଲାଦେଶ ୩-୧ ଗୋଲରେ ଭୁଟାନକୁ ପରାସ୍ତ କରିଛି। ବିଜୟ ଫଳରେ ଲେବାନନ ଗ୍ରୁପ୍ 'ବି'ରେ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ପାଇଛି। ଫଳରେ ଗ୍ରୁପ୍‌ର ଶୀର୍ଷ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବାଂଲାଦେଶ ୩ ମ୍ୟାଚରୁ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ର ଅନ୍ୟ ୨ ଦଳ ମାଳଦ୍ୱିପ ଓ ଭୁଟାନର ଅଭିଯାନ ଶେଷ ହୋଇଛି। ଭାରତ ଗ୍ରୁପ୍ 'ଏ'ରେ ଅପରାଜେୟ ରହିଥିଲେ ହେଁ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୬ ପଏଣ୍ଟ ପାଇଥିଲା। ଏହି ଗ୍ରୁପ୍‌ର ଅନ୍ୟତମ ଦଳ କୁଏଟ୍ ମଧ୍ୟ ୬ ପଏଣ୍ଟ ସହ ଲିଗ୍ ପର୍ଯ୍ୟାୟ ଶେଷ କରିଥିଲା। ତେବେ ପ୍ରଦର୍ଶନ ଭିତ୍ତିରେ କୁଏଟ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନ ପାଇଥିଲା। ଫଳରେ ଗ୍ରୁପ୍ 'ଏ'ର ଦ୍ୱିତୀୟ ଦଳ ଭାରତ ଓ ଗ୍ରୁପ୍ 'ବି'ର ପ୍ରଥମ ଦଳ ଲେବାନନ ମଧ୍ୟରେ ସେମିଫାଇନାଲ ହେବା ସ୍ପଷ୍ଟ ହୋଇ ଯାଇଥିଲା। ଜୁଲାଇ ୧ ତାରିଖରେ ଭାରତ ଓ ଲେବାନନ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ। ଅପରାହ୍ନ ୩ଟାରେ ପ୍ରଥମ ସେମିଫାଇନାଲରେ କୁଏଟକୁ ଭେଟିବ ବାଂଲାଦେଶ।

ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ଓ ଲେବାନନ ପରସ୍ପରକୁ ୨ ଥର ଭେଟିଥିଲେ। ଏଥିରୁ ଲିଗ୍ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିବାବେଳେ ଫାଇନାଲରେ ଲେବାନନକୁ ୨-୦ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ତେଣୁ ଆଗାମୀ ସେମିଫାଇନାଲରେ ଭାରତର ପଲା ନିଶ୍ଚିତ ଭାରି ରହିବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ